ଧରିତ୍ରୀ
DHARITRI
51 Years
ଭୁବନେଶ୍ୱର, ଶନିବାର, ଏପ୍ରିଲ ୫/୨୦୨୫ (୧୪ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, April 5/2025 Page 14 ₹ 7.00
୫୧ଶ ଭାଗ ୧୩୦ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 51 ISSUE 130 ମୂଲ୍ୟ ₹୭/-



## 'ଖତ୍‌ରୋଁ କା ଖିଲାଡି ୧୫': ମଲ୍ଲିକାଙ୍କୁ ନେଇ ଚର୍ଚ୍ଚା

ଷ୍ଟଣ୍ଟ ରିୟଲିଟି ଶୋ' 'ଖତ୍‌ରୋଁ କା ଖିଲାଡି'ର ୧୫ଶ ସିଜନ୍‌ରେ ଅଭିନେତ୍ରୀ ମଲ୍ଲିକା ଶେରାୱତଙ୍କୁ ଦେଖିବାକୁ ମିଳିପାରେ ବୋଲି ରିପୋର୍ଟ ପ୍ରକାଶ ପାଇଛି। ୧୨

୧୪

## ପାଣ୍ଡ୍ୟାଙ୍କୁ ୫ଉଇକେଟ ସଫଳତା

ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ ବିପକ୍ଷ ଆଇପିଏଲ୍ ମ୍ୟାଚରେ ୫ ଉଇକେଟ ସଫଳତା ହାସଲ କରିଛନ୍ତି ମୁମ୍ବାଇ ଇଣ୍ଡିଆନ୍ସ ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟା।






# ଓଡ଼ିଶାରେ ୧୧ରୁ 'ଆୟୁଷ୍ମାନ'

**ଭୁବନେଶ୍ୱର, ୪।୪(ସୁନିତ୍ ମିଶ୍ର)**

ଆସନ୍ତା ୧୧ ତାରିଖରେ ଓଡ଼ିଶାରେ ଆୟୁଷ୍ମାନ୍-ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା କାର୍ଯ୍ୟକାରୀ ହେବ। କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ୩ ଦିନିଆ ଓଡ଼ିଶା ଗସ୍ତରେ ଆସି ଏହି ଯୋଜନାର ଶୁଭାରମ୍ଭ କରିବେ ବୋଲି ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ସୂଚନା ଦେଇଛନ୍ତି। ମନମୋହନ ଗଣମାଧ୍ୟମକୁ ସୂଚନା ଦେଇ ଶୁକ୍ରବାର କହିଛନ୍ତି, ନଡ୍ଡା ୧୦ ତାରିଖ ବିଳମ୍ବିତ ରାତିରେ ଓଡ଼ିଶାରେ ପହଞ୍ଚିବେ। ୧୧ ତାରିଖରେ ଆୟୁଷ୍ମାନ୍ ☞ପୃଷ୍ଠା-୪




କୋଲକାତାରେ ଶୁକ୍ରବାର ୱାକ୍‌ଫ ସଂଶୋଧନ ବିଲ୍ ବିରୋଧରେ ମୁସଲମାନ ସମ୍ପ୍ରଦାୟ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

# ୱାକ୍‌ଫ ବିଲ୍‌କୁ ଜୋରଦାର ବିରୋଧ

- **କୋଲକାତା, ଚେନ୍ନାଇ, ଅହମଦାବାଦରେ ବିକ୍ଷୋଭ**
- **ବିଲ୍‌ର ସାମ୍ବିଧାନିକ ବୈଧତାକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ**


**କୋଲକାତା/ ଚେନ୍ନାଇ/ ନୂଆଦିଲ୍ଲୀ, ୪।୪**

ପାର୍ଲାମେଣ୍ଟରେ ବହୁଚର୍ଚ୍ଚିତ ୱାକ୍‌ଫ ବିଲ୍ ଗୃହୀତ ହେବା ପରେ ଏହାର ପ୍ରତିବାଦରେ କୋଲକାତା, ଚେନ୍ନାଇ ଏବଂ ଅହମଦାବାଦରେ ଶୁକ୍ରବାର ଜୋର୍‌ଦାର ବିକ୍ଷୋଭ ହୋଇଛି। ମୁସଲମାନ ସମ୍ପ୍ରଦାୟର ନମାଜ ପାଠ ପରେ ହଜାର ହଜାର ଲୋକ ରାସ୍ତାକୁ ଓହ୍ଲାଇଥିଲେ। ପଶ୍ଚିମବଙ୍ଗ ରାଜଧାନୀ କୋଲକାତାରେ ବହୁସଂଖ୍ୟାରେ ଲୋକେ ଜାତୀୟ ପତାକା ଧରି ସାଧାରଣ ସଭା ସ୍ଥଳରେ ଏକାଠି ହେବା ସହ ଆମେ ୱାକ୍‌ଫ ସଂଶୋଧନକୁ ପ୍ରତ୍ୟାଖ୍ୟାନ କରୁଛୁ ଏବଂ ଏହି ବିଲ୍‌କୁ ବାତିଲ କରାଯାଉ ବୋଲି ଦାବି କରିଥିଲେ। ୱାକ୍‌ଫ ସୁରକ୍ଷା ମିଳିତ ଫୋରମ୍ ପକ୍ଷରୁ ଅଧିକାଂଶ ବିକ୍ଷୋଭର ଆୟୋଜନ କରାଯାଇଥିଲା। ସେହିପରି ଅହମଦାବାଦରେ ବହୁସଂଖ୍ୟାରେ ଲୋକେ ବିକ୍ଷୋଭରେ ସାମିଲ ହୋଇଥିବାବେଳେ ପୋଲିସ ବଳପୂର୍ବକ ସେମାନଙ୍କୁ ଘଉଡ଼ାଇବାକୁ ଉଦ୍ୟମ କରିଥିଲା। ଚେନ୍ନାଇରେ ମଧ୍ୟ ଅନୁରୂପ ☞ପୃଷ୍ଠା-୪

# ଅଭିନେତା ମନୋଜ କୁମାରଙ୍କ ପରଲୋକ

**ମୁମ୍ବାଇ, ୪।୪**

ହିନ୍ଦୀ ସିନେମା ଜଗତର ବର୍ଷିଆନ ଅଭିନେତା ମନୋଜ କୁମାରଙ୍କର ୮୭ ବର୍ଷ ବୟସରେ ପରଲୋକ ହୋଇଯାଇଛି। ମୁମ୍ବାଇସ୍ଥିତ କୋକିଲାବେନ୍ ଧୀରୁଭାଇ ଅମ୍ବାନୀ ହସ୍ପିଟାଲରେ ଶୁକ୍ରବାର ଭୋର୍ ୩ଟା ୩୦ରେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ହୃଦ୍‌ଘାତରେ ତାଙ୍କର ମୃତ୍ୟୁ ହୋଇଥିବା ନେଇ ହସ୍ପିଟାଲ ପକ୍ଷରୁ କୁହାଯାଇଛି। ସେ ଗତ କିଛିମାସ ଧରି ଡିକମ୍ପେନସେଟେଡ୍ ଲିଭର ସିରୋସିସ୍ ରୋଗରେ ପୀଡ଼ିତ ଥିଲେ। ସ୍ୱାସ୍ଥ୍ୟ ବିଗିଡ଼ିବାରୁ ତାଙ୍କୁ ଗତ ଫେବୃଆରୀ ୨୧ରେ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ବହୁ ବିଶିଷ୍ଟ ବ୍ୟକ୍ତି ମୁମ୍ବାଇ ଜୁହୁସ୍ଥିତ ତାଙ୍କ ବାସଭବନକୁ ଯାଇ ମନୋଜଙ୍କ ଶେଷଦର୍ଶନ କରିଛନ୍ତି। ଶନିବାର ସକାଳେ ଜୁହୁସ୍ଥିତ ହଂସ ଶ୍ମଶାନରେ ମନୋଜଙ୍କ ଅନ୍ତିମ ସଂସ୍କାର କରାଯିବ।



୧୯୩୭ ଜୁଲାଇ ୨୪ରେ ବ୍ରିଟିଶ୍ ରାଜ୍ ଚାଲିଥିବାବେଳେ ମନୋଜ ବର୍ତ୍ତମାନର ପାକିସ୍ତାନର ଆବୋଟ୍ଟାବାଦ ସହରରେ ଜନ୍ମ ହୋଇଥିଲେ। ତାଙ୍କର ମୂଳ ନାମ ହରିକୃଷ୍ଣ ଗିରି ଗୋସ୍ୱାମୀ ଥିଲା। 'ଉପକାର', 'ପୂର୍ବ ଔର ପଶ୍ଚିମ', 'ରୋଟି କପଡ଼ା ଔର ମକାନ', 'କ୍ରାନ୍ତି', 'ଦୋ ବଦନ', 'ହରିୟାଲୀ ଔର ରାସ୍ତା', 'ଗୁମନାମ' ଆଦି ଅନେକ ହିଟ୍ ଫିଲ୍ମ ସେ ଦେଇଥିଲେ। ୧୯୬୫ ଭାରତ-ପାକିସ୍ତାନ ଯୁଦ୍ଧକୁ ନେଇ ୧୯୬୭ରେ ରିଲିଜ୍ ହୋଇଥିବା ଦେଶାତ୍ମବୋଧ ଚଳଚ୍ଚିତ୍ର 'ଉପକାର'ରେ ମନୋଜଙ୍କ ଭାରତ କୁମାର ଚରିତ୍ର ଘରେ ଘରେ ତାଙ୍କୁ ଲୋକପ୍ରିୟ କରାଇଥିଲା। ତାଙ୍କ ମୃତ୍ୟୁକୁ ନେଇ ବଲିଉଡ୍‌ରେ ଶୋକର ଛାୟା ଖେଳିଯାଇଛି। ମନୋଜ ଅନେକ ପ୍ରତିଷ୍ଠିତ ପୁରସ୍କାରରେ ମଧ୍ୟ ସମ୍ମାନିତ ହୋଇଛନ୍ତି। ତାଙ୍କ ନାମରେ ରାଷ୍ଟ୍ରୀୟ ଫିଲ୍ମ ପୁରସ୍କାର ଏବଂ ଭିନ୍ନ ଭିନ୍ନ ଶ୍ରେଣୀରେ ୭ଟି ଫିଲ୍ମ ଫେୟାର ପୁରସ୍କାର ମଧ୍ୟ ରହିଛି। ଭାରତୀୟ ଚଳଚ୍ଚିତ୍ର ଜଗତ ପ୍ରତି ମନୋଜଙ୍କ ଅବଦାନକୁ ଦୃଷ୍ଟିରେ ରଖି ୧୯୯୨ରେ ତାଙ୍କୁ ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ କରାଯାଇଥିଲା। ୨୦୧୫ରେ ସେ ଭାରତୀୟ ଚଳଚ୍ଚିତ୍ର ଜଗତର ସର୍ବୋଚ୍ଚ ପୁରସ୍କାର ଦାଦା ସାହେବ ଫାଲ୍‌କେ ପୁରସ୍କାରରେ ପୁରସ୍କୃତ ହୋଇଥିଲେ। ମନୋଜଙ୍କ ମୃତ୍ୟୁରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୋକ ବ୍ୟକ୍ତ କରି କହିଛନ୍ତି, ଭାରତୀୟ ଚଳଚ୍ଚିତ୍ର ପ୍ରତି ତାଙ୍କ ଅବଦାନ ଅତୁଳନୀୟ। ସେ ପିଢ଼ି ପରେ ପିଢ଼ି ଧରି କଳାକାରମାନଙ୍କ ପାଇଁ ପ୍ରେରଣା ହୋଇ ରହିବେ। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି, ମନୋଜଙ୍କ ଦେଶାତ୍ମବୋଧ ଚଳଚ୍ଚିତ୍ରଗୁଡ଼ିକର ପ୍ରଭାବ ଆଜିବି ଲୋକଙ୍କ ହୃଦୟରେ ରହିଛି।

# ଜାତି ଗଲା, ପେଟ ପୂରିଲାନି

## ବିଜେଡିର ବିଭାଜିତ ଆଭିମୁଖ୍ୟ, କଂଗ୍ରେସ କହିଲା ଡିଲ୍ ହୋଇଛି

ସଂସଦରେ ଗୁରୁବାର ବିଳମ୍ବିତ ରାତିରେ ମଞ୍ଜୁରୀ ଲାଭ କରିଥିବା କେନ୍ଦ୍ରର ୱାକ୍‌ଫ ସଂଶୋଧନ ବିଲ୍, ୨୦୨୫ ଉପରେ ବିଜେଡିର ବିଭାଜିତ ଆଭିମୁଖ୍ୟକୁ ନେଇ ଓଡ଼ିଶା ରାଜନୀତି ସରଗରମ ହୋଇଛି। ରାଜ୍ୟ ସଭାରେ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ସଦସ୍ୟଙ୍କ ସଂଖ୍ୟା ୧୧୭ ଥିବାବେଳେ ଏହି ବିବାଦୀୟ ବିଲ୍‌କୁ ପାରିତ କରାଇବା ପାଇଁ ୧୧୯ ସଦସ୍ୟଙ୍କ ସମର୍ଥନ ଆବଶ୍ୟକ ଥିଲା। କିନ୍ତୁ ଶେଷରେ ୱାକ୍‌ଫ ବିଧେୟକ ସପକ୍ଷରେ ୧୨୮ ଓ ବିରୋଧରେ ୯୫ ଭୋଟ ପଡ଼ିଥିଲା। ବିଜେଡି ଭଳି ଅଣଏନ୍‌ଡିଏ ଏବଂ ଅଣଇଣ୍ଡିଆ ଦଳଗୁଡ଼ିକର କେତେଜଣ ସଦସ୍ୟଙ୍କ ଭିତିରି ସମର୍ଥନ ଯୋଗୁ ବିଲ୍ ପାରିତ ହୋଇଥିବା ଚର୍ଚ୍ଚା ହେଉଛି। ବିଜେଡିରେ ଆହୁରି ଆଲୋଚନା ହେଉଛି ଯେ, ଉକ୍ତ ବିଲ୍ ବିରୋଧରେ ରାଜ୍ୟ ସଭାରେ ଭୋଟ ଦେବା ପାଇଁ ପୂର୍ବରୁ ଦଳର ସଭାପତି ନବୀନ ପଟ୍ଟନାୟକ ୭ ସଦସ୍ୟଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି କ୍ରମେ ମୁଜିବୁଲ୍ଲା (ମୁନ୍ନା) ଖାଁ ଏହା ବିରୋଧରେ ଭୋଟ ଦେଇଥିବାବେଳେ ସସ୍ମିତ ପାତ୍ର କିନ୍ତୁ ବିଲ୍ ସପକ୍ଷରେ ମତଦାନ କରିଥିଲେ। ଅନ୍ୟପକ୍ଷେ ଦଳର ପରିବର୍ତ୍ତିତ ଆଭିମୁଖ୍ୟକୁ ନେଇ ଅସନ୍ତୁଷ୍ଟ ହୋଇ ଦେବାଶିଷ ସାମନ୍ତରାୟ ମତଦାନରୁ ବିରତ ରହିଥିବା କହିଛନ୍ତି। ଦଳ ଭିତରେ ନବୀନଙ୍କ ନିର୍ଦ୍ଦେଶକୁ ଅବଜ୍ଞା ସହ ଭିନ୍ନମତ ପ୍ରକାଶ ପାଇବା ପରେ ନେତାଙ୍କ ମଧ୍ୟରେ କମ୍ପନ ସୃଷ୍ଟି ହୋଇଛି। ଏଭଳି ସମୟରେ ନିଜ ସ୍ଥିତି ମଜଭୁତ୍ କରିବା ଲକ୍ଷ୍ୟରେ ଥିବା କଂଗ୍ରେସକୁ ମାଗଣାରେ ଆଉ ଏକ ଅସ୍ତ୍ର ମିଳିଯାଇଛି। ପୂର୍ବର ଭାଜପା ଓ ବିଜେଡି ମେଣ୍ଟ ଏବେ ମଧ୍ୟ ବଳବତ୍ତର ରହିଥିବା କହି କଂଗ୍ରେସ ୨ ପୂର୍ବତନ ମେଣ୍ଟ ସହଯୋଗୀଙ୍କୁ ସମାଲୋଚନା କରିଛି। ବର୍ତ୍ତମାନ ରାଷ୍ଟ୍ରପତିଙ୍କ ଅନୁମୋଦନ ଅପେକ୍ଷାରେ ଥିବା ୱାକ୍‌ଫ ବିଲ୍‌କୁ ନେଇ ବିଜେଡିର ଅସ୍ପଷ୍ଟ ମତ ଆଗକୁ ଦଳ ପାଇଁ କ୍ଷତିକାରକ ହୋଇପାରେ ବୋଲି କୁହାଯାଉଛି। ବିଜେଡିର ଏଭଳି ଆଭିମୁଖ୍ୟକୁ ଦେଖି ରାଜନୈତିକ ବିଶ୍ଳେଷକ କହିଲେଣି, ଦଳର ଜାତି ଗଲା, ତଥାପି ପେଟ ପୂରିଲାନି।

**ଭୁବନେଶ୍ୱର, ୪।୪(ସୁନିତ୍ ମିଶ୍ର)**

ରାଜ୍ୟ ସଭାରେ ଗୁରୁବାର ୱାକ୍‌ଫ ବିଲ୍ ପାରିତ ହୋଇଯାଇଛି। ୱାକ୍‌ଫ ବିଲ୍‌କୁ ନେଇ ବିଜେଡି ଶେଷ ମୁହୂର୍ତ୍ତରେ ରଖିଥିବା ଆଭିମୁଖ୍ୟ ପାଇଁ ସବୁଆଡୁ ସମାଲୋଚନା ଆରମ୍ଭ ହୋଇଗଲାଣି। ନିଜର ଘନିଷ୍ଠଙ୍କ ସ୍ୱାର୍ଥ ବଞ୍ଚାଇବା ପାଇଁ ବିଜେଡି ସଭାପତି ନବୀନ ପଟ୍ଟନାୟକ ଦଳକୁ ଯେଉଁଭଳି ବ୍ୟବହାର କରିଦେଲେ ବୋଲି କୁହାଯାଉଛି, ତାକୁ ନେଇ ବିଜେଡି ଭିତରେ ଏକ ପ୍ରକାର କମ୍ପନ ସୃଷ୍ଟି ହୋଇଛି। ୨୦୨୪ ନିର୍ବାଚନରେ ବିଜେଡି ଶାସନରୁ ଯିବା ପରେ ଯେଉଁ କେତେଜଣ ନେତା ସବୁ କଥା ଭୁଲି ଦଳକୁ ମଜଭୁତ କରିବେ ବୋଲି ଆଗଭର ହୋଇ ବାହାରିଥିଲେ ଏହି ଦୃଶ୍ୟ ଦେଖିବା ପରେ ସେମାନଙ୍କ ଚିନ୍ତା ଚେତନା ବଦଳିଯାଇଛି। ଜଣଙ୍କ ସ୍ୱାର୍ଥରକ୍ଷା କରିବାକୁ ଯେଉଁ ପଦକ୍ଷେପ ନବୀନ ନେଇଛନ୍ତି, ସେଥିରେ ବିଜେଡିର ବ୍ୟାପକ କ୍ଷତି ହୋଇଗଲା ବୋଲି ଦଳର ନେତାମାନେ କୁହାକୁହି ହେବା ଆରମ୍ଭ କରିଦେଲେଣି। ୩ ଥର ବିଭିନ୍ନ ଜାଗାରେ ଏହି ବିଲ୍‌କୁ ବିରୋଧକରିବା ଲାଗି ମତ ରଖିଥିବା ନବୀନ କାହିଁକି ଦଳର ଆଭିମୁଖ୍ୟ ବଦଳାଇଲେ ବୋଲି ବରିଷ୍ଠ ନେତାମାନେ ପ୍ରଶ୍ନ କରିବା ବେଳକୁ ବିଜେଡି ସଭାପତି ଖ୍ରୀଷ୍ଟିଆନ-ମୁସଲମାନ ଗପ ଶୁଣାଇବା ଆରମ୍ଭ କରିଛନ୍ତି। ହେଲେ ସୂଚନା ଅନୁଯାୟୀ, ନବୀନଙ୍କ ଭିତରେ ସୃଷ୍ଟି ହୋଇଥିବା ଦ୍ୱନ୍ଦ୍ୱ ପାଇଁ ଏବେ ଜାତି ଗଲା ହେଲେ ପେଟ ପୂରିଲାନି ବୋଲି କେତେଜଣ ଦଳୀୟ ନେତା ମତ ଦେଲେଣି।

ସୂଚନା ମୁତାବକ, ରାଜ୍ୟ ସଭା ସଦସ୍ୟମାନଙ୍କୁ ୱାକ୍‌ଫ ବିଲ୍ ବିରୋଧରେ ଆଭିମୁଖ୍ୟ ରଖିବା ଲାଗି ନବୀନ ପ୍ରଥମରୁ ନିର୍ଦ୍ଦେଶ ଦେଇଥିଲେ। ଏ କଥା ଦଳର ଏମ୍‌ପି ସସ୍ମିତ ପାତ୍ର ମଧ୍ୟ କହିଥିବାର ଭିଡିଓ ସର୍ବସମ୍ମୁଖରେ ବୁଲୁଥିବା ବେଳେ ଅନ୍ୟ ଜଣେ ଏମ୍‌ପି ମୁଜିବୁଲ୍ଲା ଖାଁ ମଧ୍ୟ ସମାନ କଥା ଦୋହରାଇଛନ୍ତି। ଯେତେବେଳେ ମୁସଲମାନ ମାନଙ୍କ ଇଦ୍ ପର୍ବରେ ଯୋଗଦେବା ଲାଗି ନବୀନଙ୍କୁ ସେମାନେ ନିମନ୍ତ୍ରଣ ଦେବାକୁ ନବୀନ ନିବାସ ଆସିଥିଲେ ସେତେବେଳେ ମଧ୍ୟ ଦଳର ସଭାପତି ବିଲ୍‌କୁ ବିରୋଧ କରିବା କଥା କହିଥିଲେ। ଏହାପରେ ଇଦ୍ ପର୍ବରେ ଯୋଗଦେବା ବେଳେ ମଧ୍ୟ ନବୀନ ବିଲ୍‌କୁ ବିରୋଧକରିବା କଥା କହିଥିଲେ। ହେଲେ ସୂତ୍ରରୁ ମିଳିଥିବା ସୂଚନା ମୁତାବକ, କିଛିଦିନ ତଳେ ନବୀନ ନିବାସକୁ ଜଣେ କେନ୍ଦ୍ରମନ୍ତ୍ରୀ ଫୋନ୍ କରିଥିଲେ। ୱାକ୍‌ଫ ବିଲ୍‌କୁ ସମର୍ଥନ ଦେବା ଲାଗି ତାଙ୍କ ଏମ୍‌ପିମାନଙ୍କୁ ନିର୍ଦ୍ଦେଶ ଦେବା ନେଇ କେନ୍ଦ୍ରମନ୍ତ୍ରୀ ଜଣଙ୍କ ନବୀନଙ୍କ ଘନିଷ୍ଠ ସହଯୋଗୀଙ୍କୁ କହିଥିଲେ। ଏହାପରେ ନବୀନ ଓ ତାଙ୍କ ସହଯୋଗୀ ଦିଲ୍ଲୀ ଯିବା କଥା ସମସ୍ତଙ୍କୁ ଜଣା। କେନ୍ଦ୍ରମନ୍ତ୍ରୀଙ୍କ କଥାକୁ କାର୍ଯ୍ୟକାରୀ କରିବା ଲାଗି ନିଜ ସ୍ୱୀର ଭିଆର୍‌ଏସ୍ କଥାକୁ କାର୍ଯ୍ୟକାରୀ କରାଇବାରେ ନବୀନଙ୍କ ସହଯୋଗୀ ମଧ୍ୟ ସଫଳ ହୋଇଗଲେ। ଏହାପରେ ହଠାତ୍ ବିଲ୍‌କୁ ନେଇ ବିଜେଡି ତା'ର ଭିନ୍ନ ମତ ଦେବା ଆରମ୍ଭ କରିଦେଲା। ସସ୍ମିତଙ୍କ ଏକ୍ସ ଆକାଉଣ୍ଟରେ ବିବେକାନୁଯାୟୀ ବିଲ୍ ଉପରେ ଭୋଟ ଦେବା ନେଇ ଦଳ ନିଷ୍ପତ୍ତି କରିଥିବା କୁହାଗଲା। ☞ପୃଷ୍ଠା-୪

No. T-

## ଓଡ଼ିଶା ସରକାର
## ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ

ଏତଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆସନ୍ତା **ତା୦୭.୦୪.୨୦୨୫ ରିଖ (ସୋମବାର)** ଦିନ ଅନୁଷ୍ଠିତ ହେବାକୁ ଥିବା ଜିଲ୍ଲାସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ପାଇଁ ଅନଲାଇନ ପଞ୍ଜୀକରଣ **ତା ୦୪.୦୪.୨୦୨୫ ରିଖ ଦିବା ୧୧ ଘଟିକାଠାରୁ** ଆରମ୍ଭ ହେବ । ଏଥିନିମନ୍ତେ, ଆଗ୍ରହୀ ଜନସାଧାରଣ ଜନଶୁଣାଣି ପୋର୍ଟାଲ (**https://janasunani.odisha.gov.in/**) ମାଧ୍ୟମରେ ଜିଲ୍ଲାପାଳ ଏବଂ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କୁ ସାକ୍ଷାତ କରିବା ପାଇଁ ପଞ୍ଜୀକରଣ କରିପାରିବେ । ଜନସାଧାରଣ ପଞ୍ଜୀକରଣ ପ୍ରାପ୍ତିସ୍ୱୀକାରପତ୍ର, ବ୍ୟକ୍ତିଗତ ପରିଚୟ ପତ୍ର ତଥା ନିଜର ଅଭିଯୋଗ ପତ୍ର ସହ ଦର୍ଶାଯାଇଥିବା ସ୍ଥାନରେ ନିର୍ଦ୍ଧାରିତ ସମୟରେ ଉପସ୍ଥିତ ରହି ନିଜର ଅଭିଯୋଗ ଜିଲ୍ଲାପାଳ ଏବଂ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କୁ ଜଣାଇପାରିବେ । ଏତଦ୍ ଭିନ୍ନ, ଅଣପଞ୍ଜୀକୃତ ଆବେଦନକାରୀମାନଙ୍କର ଅଭିଯୋଗ ପତ୍ରଗୁଡ଼ିକୁ ଯୁଗ୍ମ ଶୁଣାଣି ଶିବିରରେ ସିଧାସଳଖ ଗ୍ରହଣ କରାଯାଇପାରିବ ।

**ନିର୍ଦ୍ଦେଶକ, ସାଧାରଣ ଅଭିଯୋଗ-ତଥା-ସ୍ୱତନ୍ତ୍ର ଶାସନ ସଚିବ**
**ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ**

OIPR-09014/11/0081/2425


**ଆଜିର ସମ୍ପାଦକୀୟ**

**ବିଚିତ୍ର ନିଯୁକ୍ତି**

**ଆଜିର ମନ୍ତବ୍ୟ**

"ପାର୍ଲାମେଣ୍ଟରେ ୱାକ୍‌ଫ ବିଲ୍ ଗୃହୀତ ହେବା ସାମାଜିକ-ଅର୍ଥନୈତିକ ନ୍ୟାୟ, ସ୍ୱଚ୍ଛତା ଏବଂ ସମାବେଶୀ ଅଭିବୃଦ୍ଧି ପାଇଁ ଭାରତର ସାମୂହିକ ଅଭିଯାନର ଏକ ଐତିହାସିକ ମୁହୂର୍ତ୍ତ।

-ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ



## ସଂକ୍ଷେପରେ

### ୱକ୍ଫ ବିଲ୍‌କୁ ନେଇ ଜେଡିୟୁରେ ଫାଟ

**ଇସ୍ତଫା ଦେଲେଣି ୫ ନେତା**

ନୂଆଦିଲ୍ଲୀ,୪।୪

ୱକ୍ଫ ସଂଶୋଧନ ବିଲ୍‌କୁ ସମର୍ଥନ ନେଇ ନୀତୀଶ କୁମାରଙ୍କ ସଂଯୁକ୍ତ ଜନତା ଦଳ (ଜେଡିୟୁ)ରେ ଫାଟ ସୃଷ୍ଟି ହୋଇଛି। ଦଳୀୟ ନିଷ୍ପତ୍ତିରେ ଅସନ୍ତୋଷ ବ୍ୟକ୍ତ କରି ଜେଡିୟୁର ୫ ନେତା ଇସ୍ତଫା ଦେଲେଣି। ଇସ୍ତଫା ଦେଇଥିବା ନେତାମାନେ ହେଲେ ରାଜୁ ନୟାର, ତାବ୍‌ରେଜ ସିଦ୍ଦିକି ଅଲିଗ୍, ମହମ୍ମଦ ଶାହନୱାଜ ମଲିକ, ମହମ୍ମଦ କାସିମ ଅନ୍‌ସାରୀ ଏବଂ ନଦିମ୍ ଅଖତର। ଶାହନୱାଜ ଏବଂ ଅନ୍‌ସାରୀ ଗୁରୁବାର ଇସ୍ତଫା ଦେଇଥିବାବେଳେ ନଦିମ୍, ରାଜୁ ଏବଂ ତାବ୍‌ରେଜ ଶୁକ୍ରବାର ଦଳ ଛାଡ଼ିଛନ୍ତି। ମୁସଲମାନମାନେ ବିରୋଧ କରୁଥିବା ବିଲ୍ ସପକ୍ଷରେ ଜେଡିୟୁ ଭୋଟ ଦେବା ଗଭୀର ଆଘାତ ଦେଇଛି ବୋଲି ରାଜୁ ନୟାର ତାଙ୍କ ଇସ୍ତଫାପତ୍ରରେ ଉଲ୍ଲେଖ କରିଛନ୍ତି। ସେ ଜେଡିୟୁ ଯୁବମୋର୍ଚ୍ଚାର ରାଜ୍ୟ ସମ୍ପାଦକ ପଦ ଏବଂ ଦଳର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଛନ୍ତି।

### ଏମ୍ପୁରାନ୍ ନିର୍ମାତାଙ୍କ କାର୍ଯ୍ୟାଳୟରେ ଇଡି ଚଢ଼ାଉ

କୋଚି,୪।୪

ବିଦେଶ ବିନିମୟ ପରିଚାଳନା ଆଇନ (ଫେମା) ଉଲ୍ଲଂଘନ ଅଭିଯୋଗରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ଚାଲାଇଥିବା ତଦନ୍ତର ଅଂଶବିଶେଷ ସ୍ୱରୂପ ଏମ୍ପୁରାନ୍ ନିର୍ମାତା କେରଳ ବ୍ୟବସାୟୀ ଗୋକୁଲମ୍ ଗୋପାଳନଙ୍କ ଗୋକୁଲମ୍ ଗ୍ରୁପର ଚେନ୍ନାଇ ଏବଂ କେରଳରେ ଥିବା କାର୍ଯ୍ୟାଳୟ ଉପରେ ଶୁକ୍ରବାର ଚଢ଼ାଉ କରିଛି। କୋଚି ଏବଂ ଚେନ୍ନାଇରେ ଥିବା ଇଡି କାର୍ଯ୍ୟାଳୟର ଅଧିକାରୀମାନେ ମୋଟ ୨୧ଟି ସ୍ଥାନରେ ରେଡ୍ କରିଥିଲେ। କେତେଜଣ ପ୍ରବାସୀ ଭାରତୀୟଙ୍କ ସହ ହୋଇଥିବା ବେଆଇନ କାରବାରରେ ୧,୦୦୦ କୋଟି ଟଙ୍କାର ଫେମା ଉଲ୍ଲଂଘନ ଅଭିଯୋଗ ହୋଇଥିଲା।



ଗୋକୁଲମ୍ ଗୋପାଳନ

### ନେପାଳରେ ଭୂକମ୍ପ, ଉତ୍ତର ଭାରତରେ ଝଟ୍‌କା

କାଠମାଣ୍ଡୁ/ନୂଆଦିଲ୍ଲୀ,୪।୪

ନେପାଳରେ ଶୁକ୍ରବାର ରାତି ୭ଟା ୫୨ ମିନିଟ୍ ସମୟରେ ୫.୦ ତୀବ୍ରତାର ଭୂକମ୍ପ ହୋଇଛି। ଏହାର କମ୍ପନ ଉତ୍ତର ଭାରତର ବିଭିନ୍ନ ଭାଗରେ ଅନୁଭୂତ ହୋଇଛି। ୨୦ କିଲୋମିଟର ଗଭୀରରେ ଭୂକମ୍ପର କେନ୍ଦ୍ରବିନ୍ଦୁ ଥିବା ନ୍ୟାସନାଲ ସେଣ୍ଟର ଫର୍ ସିସ୍‌ମୋଲୋଜି ପକ୍ଷରୁ କୁହାଯାଇଛି। ତେବେ ଭୂକମ୍ପଜନିତ କ୍ଷୟକ୍ଷତି ସମ୍ପର୍କରେ ଜଣାପଡ଼ି ନାହିଁ। ସୂଚନାଯୋଗ୍ୟ, ଗତମାସ ୨୮ରେ ମ୍ୟାନମାରରେ ଭୟାବହ ଭୂକମ୍ପରେ ୩,୦୦୦ରୁ ଊର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ଘଟିଥିବାବେଳେ ୪,୫୦୦ ଆହତ ହୋଇଥିଲେ।

# ଭାରତର ଜିଡିପି ୫୦ ବେସିସ୍ ପଏଣ୍ଟ ଖସିବ



### ଆମେରିକା ଟାରିଫ୍‌ର ପ୍ରଭାବକୁ ନେଇ ବିଶେଷଜ୍ଞଙ୍କ ଆକଳନ

ନୂଆଦିଲ୍ଲୀ,୪।୪

ଭାରତରୁ ଆମଦାନୀ ସାମଗ୍ରୀ ଉପରେ ଆମେରିକାର ଟ୍ରମ୍ପ ପ୍ରଶାସନ ୨୬ ପ୍ରତିଶତ ଶୁଳ୍କ ଲଗାଇଥିବାରୁ ଦେଶର ଜିଡିପି ଅଭିବୃଦ୍ଧି ୫୦ ବେସିସ୍ ପଏଣ୍ଟ ହ୍ରାସ ପାଇ ୬ ପ୍ରତିଶତରେ ରହିବ ବୋଲି ବିଶେଷଜ୍ଞମାନେ ପୂର୍ବାନୁମାନ କରିଛନ୍ତି। ଏଥିସହିତ ଆମେରିକା ସହ ଭାରତର ରପ୍ତାନି ମଧ୍ୟ ୨ରୁ ୩ ପ୍ରତିଶତ କମିଯିବ ବୋଲି ସେମାନେ ମତ ଦେଇଛନ୍ତି। ତେବେ ଭାରତ ଆମେରିକାରୁ ଶକ୍ତି ଏବଂ ଉଚ୍ଚ ପ୍ରଯୁକ୍ତି ଉପାଦାନ ଆମଦାନୀ ବଢ଼ାଇ ଏହି ପ୍ରଭାବକୁ କମ୍ କରିପାରିବ ବୋଲି ବିଶେଷଜ୍ଞମାନେ ପ୍ରସ୍ତାବ ଦେଇଛନ୍ତି। ଇଣ୍ଡ୍‌-ରା ଇଣ୍ଡିଆର ମୁଖ୍ୟ ନୀତି ଉପଦେଷ୍ଟା ଡି.କେ. ଶ୍ରୀବାସ୍ତବ କହିଛନ୍ତି, ଭାରତର ମୋଟ ଘରୋଇ ଉତ୍ପାଦ (ଜିଡିପି) ଉପରେ ସର୍ବାଧିକ ପ୍ରତିକୂଳ ପ୍ରଭାବ ୫୦ ବେସିସ୍ ପଏଣ୍ଟଠାରୁ ଅଧିକ ହେବନାହିଁ। ଚଳିତ ଆର୍ଥିକ ବର୍ଷରେ ଭାରତର ଜିଡିପି ଅଭିବୃଦ୍ଧି ୬.୫ ପ୍ରତିଶତ ରହିବ ବୋଲି ପୂର୍ବରୁ ଆକଳନ କରାଯାଇଥିବାବେଳେ ଏହା ଏବେ ୬ ପ୍ରତିଶତକୁ ଖସିଆସିପାରେ ବୋଲି ସେ ପୂର୍ବାନୁମାନ କରିଛନ୍ତି। (ବାଦ୍ ପଡ଼ିଥିବା ସାମଗ୍ରୀକୁ ବିଚାରକୁ ନେବା ପରେ) ଆମେରିକା ରପ୍ତାନି ହେଉଥିବା ଭାରତୀୟ ସାମଗ୍ରୀ ଉପରେ ଯଦି ଟାରିଫ୍ ୨୦% ବଢ଼େ, ତେବେ ଜିଡିପି ୩୫ରୁ ୪୦ ବେସିସ୍ ପଏଣ୍ଟ ହ୍ରାସ ପାଇବ ବୋଲି ଷ୍ଟାଣ୍ଡର୍ଡ ଚାର୍ଟର୍ଡ ବ୍ୟାଙ୍କର ଭାରତ ମୁଖ୍ୟ ଅର୍ଥନୀତି ଗବେଷକ ଅନୁଭୂତି ସହାୟ କହିଛନ୍ତି। ତେବେ ଚୂଡ଼ାନ୍ତ ପ୍ରଭାବ ଭାରତ ଏବଂ ଆମେରିକା ଉପରେ ବାଣିଜ୍ୟ କାରବାର ଚୁକ୍ତିନାମା ଉପରେ ନିର୍ଭର କରୁଛି। ତେବେ ଭାରତ ତୁଳନାରେ ଅନ୍ୟ ଏସୀୟ ଦେଶଗୁଡ଼ିକ ଟାରିଫ ଯୋଗୁ ଅଧିକ ପ୍ରଭାବିତ ହେବେ। କାରଣ ସେହି ଦେଶଗୁଡ଼ିକ ଉପରେ ଆମେରିକା ଅଧିକ ଟାରିଫ୍ ଲଗାଇଛି। ଆମେରିକାର ଶୁଳ୍କ ବୃଦ୍ଧି ଦେଶର ବିନିମୟ ହାର ଉପରେ ଅନୁକୂଳ ପ୍ରଭାବ ପକାଇପାରେ। କାରଣ ମୁଦ୍ରାସ୍ଫୀତି ବଢ଼ିବା ଯୋଗୁ ଆମେରିକାରେ ଡଲାର ଚାପରେ ରହିବ ବୋଲି ଶ୍ରୀବାସ୍ତବ କହିଛନ୍ତି।

### ଆମେରିକା ସାମଗ୍ରୀ ଉପରେ ୩୪% ଶୁଳ୍କ ଲଗାଇଲା ଚାଇନା

ବେଜିଂ,୪।୪


ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଚାଇନାରୁ ଆମଦାନୀ ସାମଗ୍ରୀ ଉପରେ ୩୪ ପ୍ରତିଶତ ପାରସ୍ପରିକ ଶୁଳ୍କ ଲଗାଇବାକୁ ଘୋଷଣା କରିବାର ଦିନକ ପରେ ବେଜିଂ ମଧ୍ୟ ସେଯାକୁ ସେଯା ନୀତି ଗ୍ରହଣ କରିଛି। ଆମେରିକାରୁ ଆମଦାନୀ ହେଉଥିବା ସାମଗ୍ରୀ ଉପରେ ଚାଇନା ମଧ୍ୟ ୧୦ ତାରିଖରୁ ୩୪ ପ୍ରତିଶତ ଟାରିଫ୍ ଲଗାଇବ ବୋଲି ଶୁକ୍ରବାର କହିଛି। ଆମେରିକାରୁ ଆମଦାନୀ ହେଉଥିବା ସମସ୍ତ ସାମଗ୍ରୀ ଉପରେ ଅତିରିକ୍ତ ଭାବେ ୩୪% ଟାରିଫ ଲାଗୁ ହେବ ବୋଲି ଚାଇନା ବହିର୍ବ୍ୟାପାର ମନ୍ତ୍ରଣାଳୟ କହିଛି। ବେଜିଂର ବାଣିଜ୍ୟ ମନ୍ତ୍ରଣାଳୟ ମଧ୍ୟ ଗାଡୋଲିନିୟମ ଭଳି ୭ଟି ରେୟାର ଆର୍ଥ ଉପାଦାନ ଉପରେ ବାଣିଜ୍ୟ କଟକଣା ଲଗାଇଛି। ଏହା ବ୍ୟତୀତ ଟ୍ରମ୍ପଙ୍କ ରେସିପ୍ରୋକାଲ ଟାରିଫକୁ ବିରୋଧ କରି ବେଜିଂ ବିଶ୍ୱ ବାଣିଜ୍ୟ ସଂଗଠନ (ଡବ୍ଲ୍ୟୁଟିଓ)ରେ ମାମଲା ଦାଏର କରିଛି। ଟ୍ରମ୍ପ ବୁଧବାର ଭାରତ ସମେତ ବାଣିଜ୍ୟ ସହଯୋଗୀ ରାଷ୍ଟ୍ରଗୁଡ଼ିକ ଉପରେ ୧୦ରୁ ୫୦ ପ୍ରତିଶତ ପର୍ଯ୍ୟନ୍ତ ଟାରିଫ ଲାଗୁ କରି ବୈଶ୍ୱିକ ସ୍ତରରେ ବାଣିଜ୍ୟ ଯୁଦ୍ଧକୁ ଇନ୍ଧନ ଯୋଗାଇଛନ୍ତି।

# ଶେଷ ହେଲା ବଜେଟ ଅଧିବେଶନ

### ସଂସଦର ଉଭୟ ଗୃହ ଅନିର୍ଦ୍ଦିଷ୍ଟ କାଳ ପାଇଁ ମୁଲତବୀ

ନୂଆଦିଲ୍ଲୀ,୪।୪

ଜାନୁଆରୀ ୩୧ରୁ ଆରମ୍ଭ ହୋଇଥିବା ପାର୍ଲାମେଣ୍ଟର ବଜେଟ ଅଧିବେଶନ ଶୁକ୍ରବାର ଶେଷ ହୋଇଛି। ସଂସଦର ଉଭୟ ଗୃହକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ମୁଲତବୀ ଘୋଷଣା କରାଯାଇଛି। ଶୁକ୍ରବାର କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧୀଙ୍କ ମନ୍ତବ୍ୟକୁ ନେଇ ଗୃହରେ ହଟ୍ଟଗୋଳ ହେବା ସହ ମୁଲତବୀ ରଖାଯାଇଥିଲା। ମଧ୍ୟାହ୍ନ ୧୨ଟାରେ ଗୃହକାର୍ଯ୍ୟ ଆରମ୍ଭ ହେବାମାତ୍ରେ ବାଚସ୍ପତି ଓମ୍ ବିର୍ଲା ଗୃହକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ମୁଲତବୀ ରଖାଗଲା ବୋଲି ଘୋଷଣା କରିଥିଲେ। ବଜେଟ ଅଧିବେଶନରେ ଲୋକ ସଭାରେ ୧୬ଟି ବିଲ୍ ଗୃହୀତ ହୋଇଥିବାବେଳେ ଗୃହ ୧୧୮ ପ୍ରତିଶତ ଫଳପ୍ରଦ ହୋଇଥିବା ବିର୍ଲା କହିଛନ୍ତି। ବିଭିନ୍ନ ମନ୍ତ୍ରଣାଳୟର ଖର୍ଚ୍ଚଦାବି ସମେତ ଅର୍ଥ ବିଲ୍ ଗୃହୀତ ହୋଇଥିଲା। ରାଷ୍ଟ୍ରପତି ଶାସନ ଲାଗୁ ହୋଇଥିବା ମଣିପୁର ପାଇଁ ମଧ୍ୟ ସ୍ୱତନ୍ତ୍ର ବଜେଟ ଗୃହର ଅନୁମୋଦନ ଲାଭ କରିଥିଲା। ଅଧିବେଶନର ଶେଷ ଭାଗରେ ୱକ୍ଫ ସଂଶୋଧନ ବିଲ୍ ଉପରେ ଉଭୟ ଗୃହରେ ଦୀର୍ଘ ୨୭ ଘଣ୍ଟାର ବିତର୍କ ପରେ ଏହା ଗୃହୀତ ହୋଇଥିଲା। ଲୋକ ସଭାରେ ବିଲ୍ ସପକ୍ଷରେ ୨୮୮ ଏବଂ ବିରୋଧରେ ୨୩୨ ଭୋଟ ଯାଇଥିବାବେଳେ ରାଜ୍ୟ ସଭାରେ ସପକ୍ଷରେ ୧୨୮ ଏବଂ ବିରୋଧରେ ୯୫ ଭୋଟ ପଡ଼ିଥିଲା।



ତେବେ ବିନା ଆଲୋଚନାରେ ୱକ୍ଫ ବିଧେୟକ ପାରିତ ହେବା ଦୁର୍ଭାଗ୍ୟଜନକ ଏବଂ ଗୃହ ମର୍ଯ୍ୟାଦା ବିରୋଧୀ ବୋଲି କଂଗ୍ରେସ ନେତ୍ରୀ ସୋନିଆ କହିବାରୁ ବାଚସ୍ପତି ଏନେଇ ଦେଇଥିବା ମନ୍ତବ୍ୟକୁ ବିରୋଧକରି ବିପକ୍ଷ ଦଳର ସଦସ୍ୟମାନେ ସ୍ଲୋଗାନ ଦେଇଥିଲେ। ପଶ୍ଚିମବଙ୍ଗର ୨୫,୭୦୦ ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀଙ୍କ ନିଯୁକ୍ତିକୁ ସୁପ୍ରିମକୋର୍ଟ ରଦ୍ଦ କରିବାକୁ ନେଇ ରାଜ୍ୟ ସଭାରେ ଶୁକ୍ରବାର ଶାସକ ଦଳର ସଦସ୍ୟମାନେ ହୋହଲ୍ଲା କରିଥିଲେ। ହଟ୍ଟଗୋଳ ଜାରି ରହିବାରୁ ରାଜ୍ୟ ସଭା ଅଧ୍ୟକ୍ଷ ଜଗଦୀପ୍ ଧନ୍‌ଖଡ଼ ଗୃହକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ମୁଲତବୀ ଘୋଷଣା କରିଥିଲେ।



ୱକ୍ଫ ସଂଶୋଧନ ବିଲ୍‌କୁ ବିରୋଧ କରି ଶୁକ୍ରବାର ଅହମଦାବାଦରେ ବିକ୍ଷୋଭ କରୁଥିବା ଲୋକଙ୍କୁ ପୋଲିସ ଉଠାଇ ନେଉଛି।

# କୂଅରେ ଖସିଲା ଟ୍ରାକ୍ଟର-ଟ୍ରଲି, ୮ ମହିଳା ମୃତ

ଛତ୍ରପତି ସମ୍ଭାଜିନଗର, ୪।୪ (ପି.ଟି.)

ମହାରାଷ୍ଟ୍ରର ନାନ୍ଦେଡ଼ ଜିଲ୍ଲାସ୍ଥିତ ଲିମ୍ବଗାଓଁ ଥାନା ଅନ୍ତର୍ଗତ ଓଲେଗାଓଁ ଗ୍ରାମରେ ଏକ ଟ୍ରାକ୍ଟର-ଟ୍ରଲି ନିୟନ୍ତ୍ରଣ ହରାଇ କୂଅରେ ପଡ଼ିଯିବାରୁ କ୍ଷେତରେ କାମ କରୁଥିବା ୮ ଜଣ ଶ୍ରମିକଙ୍କର ମୃତ୍ୟୁ ଘଟିଛି। ଘଟଣାସ୍ଥଳରେ ପୋଲିସ ଓ ଅଗ୍ନିଶମ ବାହିନୀ ପହଞ୍ଚି ଉଦ୍ଧାର କାର୍ଯ୍ୟ କରିଥିବାବେଳେ ୨ ଜଣଙ୍କୁ ଜୀବିତ ଉଦ୍ଧାର କରାଯାଇଥିଲା। ସେହିପରି ଘଟଣାସ୍ଥଳରୁ ୮ ମୃତଦେହକୁ ମଧ୍ୟ ଜବତ କରାଯାଇଥିଲା। ଉକ୍ତ ଟ୍ରାକ୍ଟର-ଟ୍ରଲିରେ ୧୦ ମହିଳା କ୍ଷେତକୁ କାମ କରିବାକୁ ଯାଉଥିଲେ ବୋଲି ଜିଲ୍ଲା ସୂଚନା ଅଧିକାରୀ (ଡିଆଇଓ) ପ୍ରବୀଣ ତାକେ କହିଛନ୍ତି। ଉକ୍ତ କୂଅ ପାଣିରେ ଭରପୂର ଥିବା ସେ କହିଛନ୍ତି।

# ସଂଖ୍ୟାଲଘୁଙ୍କ ସୁରକ୍ଷା ପ୍ରସଙ୍ଗ ଉଠାଇଲେ ମୋଦି

### ବ୍ୟାଙ୍କକ୍‌ରେ ୟୁନୁସ୍‌ଙ୍କ ସହ ବୈଠକ

ବ୍ୟାଙ୍କକ୍,୪।୪(ପି.ଟି.)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁକ୍ରବାର ବାଂଲାଦେଶ ଅନ୍ତରୀଣ ସରକାରର ମୁଖ୍ୟ ଉପଦେଷ୍ଟା ମହମ୍ମଦ ୟୁନୁସ୍‌ଙ୍କ ସହ ଆଲୋଚନା କରିଛନ୍ତି। ଏହି ଅବସରରେ ସେ ବାଂଲାଦେଶରେ ହିନ୍ଦୁଙ୍କ ସମେତ ସଂଖ୍ୟାଲଘୁମାନଙ୍କ ସୁରକ୍ଷାକୁ ନେଇ ଭାରତର ଉଦ୍‌ବେଗ ସମ୍ପର୍କରେ ୟୁନୁସ୍‌ଙ୍କୁ ଜଣାଇଥିଲେ। ବାଂଲାଦେଶ ସରକାର ହିନ୍ଦୁଙ୍କ ବିରୋଧରେ ଅତ୍ୟାଚାର ମାମଲାଗୁଡ଼ିକର ଉପଯୁକ୍ତ ତଦନ୍ତ କରିବା ସହ ସେମାନଙ୍କ ସୁରକ୍ଷା ସୁନିଶ୍ଚିତ କରିବ ବୋଲି ମୋଦି ଆଶାବ୍ୟକ୍ତ କରିଛନ୍ତି। ବିମ୍‌ଷ୍ଟେକ୍ (ବେ ଅଫ୍ ବେଙ୍ଗଲ୍ ଇନିସିଏଟିଭ୍ ଫର୍ ମଲ୍ଟିସେକ୍ଟରାଲ ଟେକ୍ନିକାଲ ଆଣ୍ଡ ଇକୋନମିକ କୋ-ଅପରେଶନ) ରାଷ୍ଟ୍ରଗୋଷ୍ଠୀ ବୈଠକରେ ଯୋଗଦେବା ପାଇଁ ଉଭୟ ନେତା ଥାଇଲାଣ୍ଡ ଆସିଛନ୍ତି। ଗତବର୍ଷ ଅଗଷ୍ଟରେ ଶେଖ୍ ହାସିନା କ୍ଷମତାଚ୍ୟୁତ ହେବା ପରେ ୟୁନୁସ୍ ଅନ୍ତରୀଣ ସରକାରର ମୁଖ୍ୟ ଉପଦେଷ୍ଟା ହୋଇଛନ୍ତି। ୟୁନୁସ୍‌ଙ୍କ ସହ ମୋଦିଙ୍କର ଏହା ପ୍ରଥମ ବୈଠକ। ପରିବେଶକୁ ଖରାପ କଲା ଭଳି ବାକ୍‌ପଟୁତାରୁ ଦୂରେଇ ରହିବାକୁ ପ୍ରଧାନମନ୍ତ୍ରୀ ୟୁନୁସ୍‌ଙ୍କୁ କହିଥିବା ବହିର୍ବ୍ୟାପାର ସଚିବ ବିକ୍ରମ ମିଶ୍ରି ସୂଚନା ଦେଇଛନ୍ତି। ଗଣତାନ୍ତ୍ରିକ, ଶାନ୍ତିପୂର୍ଣ୍ଣ, ପ୍ରଗତିଶୀଳ ବାଂଲାଦେଶ ପ୍ରତି ଭାରତର ସମର୍ଥନ ଜାରି ରହିବ ବୋଲି ମୋଦି ଦୋହରାଇଛନ୍ତି।



ବ୍ୟାଙ୍କକ୍‌ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ବାଂଲାଦେଶ ଉପଦେଷ୍ଟା ମହମ୍ମଦ ୟୁନୁସ୍।

# ତାମିଲନାଡୁର ଏନ୍‌ଇଇଟି ବିରୋଧୀ ବିଲ୍‌କୁ ସ୍ୱୀକୃତି ଦେଲାନି କେନ୍ଦ୍ର

ଚେନ୍ନାଇ,୪।୪(ପି.ଟି.)

ତାମିଲନାଡୁକୁ ଏନ୍‌ଇଇଟି (ଜାତୀୟ ଯୋଗ୍ୟତା ତଥା ପ୍ରବେଶିକା ପରୀକ୍ଷା)ରୁ ବାଦ୍ ଦେବା ପାଇଁ ରାଜ୍ୟ ବିଧାନସଭାରେ ଗୃହୀତ ପ୍ରସ୍ତାବକୁ ସ୍ୱୀକୃତି ଦେବାକୁ କେନ୍ଦ୍ର ସରକାର ମନା କରିଦେଇଛନ୍ତି। ରାଷ୍ଟ୍ରପତିଙ୍କ ଅନୁମୋଦନ ପାଇଁ ପଠାଯାଇଥିବା ଏହି ପ୍ରସ୍ତାବ ଖାରଜ ହେବା ସଂଘବାଦରେ ଏକ କଳା ଅଧ୍ୟାୟ ବୋଲି ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍ କହିଛନ୍ତି। ତେବେ ନ୍ୟାସନାଲ ଇଲିଜିବିଲିଟି କମ୍ ଏଣ୍ଟ୍ରାନ୍ସ ଟେଷ୍ଟ ଉଚ୍ଛେଦ ଲାଗି ରାଜ୍ୟ ସଂଘର୍ଷ ଜାରି ରଖିବ ବୋଲି ଷ୍ଟାଲିନ୍ କହିବା ସହ ଏନେଇ ୯ ତାରିଖରେ ବିଧାୟକ ଦଳ ନେତାମାନଙ୍କ ବୈଠକ ଡାକିଛନ୍ତି। ଏନ୍‌ଇଇଟି ବଦଳରେ ରାଜ୍ୟରେ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ମାର୍କ ଆଧାରରେ ଡାକ୍ତରୀ ପାଠ୍ୟକ୍ରମରେ ନାମଲେଖା ପାଇଁ ଅନୁମତି ଦେବା ନିମନ୍ତେ ବିଲ୍‌ରେ ପ୍ରସ୍ତାବ ରଖାଯାଇଥିଲା। ୨୦୨୧ରେ ବିଲ୍ ତାମିଲନାଡୁ ବିଧାନସଭାରେ ଗୃହୀତ ହୋଇଥିବାବେଳେ ରାଜ୍ୟପାଳ ଆର୍.ଏନ୍. ରବି ପ୍ରତିବାଦ ଜଣାଇବାରୁ ତା' ପରବର୍ଷ ପୁନର୍ବାର ପାରିତ ହୋଇଥିଲା। ଅନ୍ୟପକ୍ଷରେ ଜାତୀୟ ସ୍ତରର ପରୀକ୍ଷା ଉଚ୍ଛେଦ ପାଇଁ ମୁଖ୍ୟମନ୍ତ୍ରୀ ରାଜନୀତି କରୁଥିବା ଏଆଇଏଡିଏମ୍‌କେ ମୁଖ୍ୟ ତଥା ବିରୋଧୀ ଦଳ ନେତା ଏଡାପାଡି କେ. ପାଲାନିସ୍ୱାମୀ ଅଭିଯୋଗ କରିଛନ୍ତି। ଲୋକଙ୍କୁ ବିଭ୍ରାନ୍ତ କରାଯାଉଛି। ସେମାନେ ୨୦୨୬ ବିଧାନସଭା ନିର୍ବାଚନରେ ଡିଏମ୍‌କେ ଏହାର ଉପଯୁକ୍ତ ଜବାବ ଦେବେ ବୋଲି ପାଲାନିସ୍ୱାମୀ କହିଛନ୍ତି।

# ଘୋଷ୍ଟ ରାଇଟରରୁ 'ଭାରତ କୁମାର'

ମୁମ୍ବାଇ

ବଲିଉଡ୍‌ର ପ୍ରସିଦ୍ଧ ଅଭିନେତା ମନୋଜ କୁମାରଙ୍କର ଶୁକ୍ରବାର ପରଲୋକ ହୋଇଯାଇଛି। ତାଙ୍କ ମୃତ୍ୟୁରେ ବଲିଉଡ୍‌ରେ ଶୋକର ଛାୟା ଖେଳିଯାଇଛି। ସେ କେବଳ ଅଭିନେତା ନ ଥିଲେ ବରଂ ଜଣେ ସଫଳ ନିର୍ଦ୍ଦେଶକ, ସ୍କ୍ରିପ୍ଟ ରାଇଟର, ଲିରିକ୍ସ ଏବଂ ଏଡିଟର ମଧ୍ୟ ଥିଲେ। ୧୯୩୭ ଜୁଲାଇ ୨୪ରେ ମନୋଜ ଆବୋଟାବାଦ ସହରରେ ଜନ୍ମ ହୋଇଥିଲେ। ସେତେବେଳେ ତାଙ୍କ ନାମ ହରିକୃଷ୍ଣ ଗିରି ଗୋସ୍ୱାମୀ ରଖାଯାଇଥିଲା। ତେବେ ଦେଶ ବିଭାଜନ ବେଳେ ୧୦ ବର୍ଷ ବୟସରେ ସେ ପରିବାର ସହ ଦିଲ୍ଲୀ ଚାଲିଆସିଥିଲେ। ୧୯୪୯ରେ ରିଲିଜ୍ ହୋଇଥିବା 'ଶବ୍‌ନମ୍' ଫିଲ୍ମରେ ଦିଲୀପ 'ମନୋଜ କୁମାର' ଭାବେ ଏକ ଚରିତ୍ର କରିଥିଲେ, ଯାହା ବେଶ୍ ପ୍ରସିଦ୍ଧି ଲାଭ କରିଥିଲା। ସେତେବେଳେ ମନୋଜ ତାଙ୍କ ସ୍କୁଲ ନାମକୁ ବଦଳାଇ ହରିକୃଷ୍ଣ ଗିରି ଗୋସ୍ୱାମୀରୁ 'ମନୋଜ କୁମାର' କରିଥିଲେ। ମନୋଜ ଦିଲ୍ଲୀର ହିନ୍ଦୁ କଲେଜରୁ କଳାରେ ସ୍ନାତକ ଡିଗ୍ରୀ ହାସଲ କରିଥିଲେ। ଏହାପରେ ସେ ଚଳଚ୍ଚିତ୍ରରେ ନିଜ ଭାଗ୍ୟ ପରୀକ୍ଷା କରିବାକୁ ନିଷ୍ପତ୍ତି ନେଇଥିଲେ। ତେବେ ମୁମ୍ବାଇ ଆସି ତାଙ୍କୁ ପ୍ରଥମେ କିଛି ମାସ ପାଇଁ ସଂଘର୍ଷ କରିବାକୁ ପଡ଼ିଥିଲା। ସେ ବିଭିନ୍ନ ଷ୍ଟୁଡିଓ ପାଇଁ ଘୋଷ୍ଟ ରାଇଟର ଭାବେ କାମ କରୁଥିଲେ। ସେତେବେଳେ ତାଙ୍କୁ ପ୍ରତି ଦୃଶ୍ୟ ପିଛା ୧୧ ଟଙ୍କା ମିଳୁଥିଲା। ୧୯୫୭ରେ ରିଲିଜ୍ ହୋଇଥିବା 'ଫେଶନ ବ୍ରାଣ୍ଡ' ଫିଲ୍ମ ସହ ସେ ତାଙ୍କ ଅଭିନୟ କ୍ୟାରିୟରର ଡେବ୍ୟୁ କରିଥିଲେ। ତେବେ ଏହାପରେ ମନୋଜ ଆଉ ପଛକୁ ଫେରି ନ ଥିଲେ। 'ଉପକାର', 'ପୂର୍ବ ଔର ପଶ୍ଚିମ', 'ରୋଟି କପଡ଼ା ଔର ମକାନ', 'କ୍ରାନ୍ତି', 'ଦୋ ବଦନ', 'ହରିୟାଲୀ ଔର ରାସ୍ତା', 'ଗୁମନାମ' ଆଦି ଅନେକ ହିଟ୍ ଫିଲ୍ମରେ ସେ ତାଙ୍କ ଅଭିନୟର ଯାଦୁ ଦେଖାଇ ଦର୍ଶକଙ୍କୁ ବିମୋହିତ କରି ପାରିଥିଲେ।



**ମନୋଜ କୁମାର**
ଜନ୍ମ: ୨୪ ଜୁଲାଇ ୧୯୩୭
ତିରୋଧାନ: ୪ ଏପ୍ରିଲ ୨୦୨୫

### ଦେଶାତ୍ମବୋଧ ଚଳଚ୍ଚିତ୍ର ଲୋକପ୍ରିୟତାର ଶୀର୍ଷରେ ପହଞ୍ଚାଇଥିଲା

ମନୋଜ ତାଙ୍କ ଦେଶାତ୍ମବୋଧ ଚଳଚ୍ଚିତ୍ର ପାଇଁ ଘରେ ଘରେ ଲୋକପ୍ରିୟତା ହାସଲ କରିଥିଲେ। 'ଉପକାର', 'ପୂର୍ବ ଔର ପଶ୍ଚିମ', 'କ୍ରାନ୍ତି' ପରି ଦେଶାତ୍ମବୋଧ ଫିଲ୍ମରେ ମନୋଜଙ୍କ ଅଭିନୟ ତାଙ୍କୁ ୭୦ ଓ ୮୦ ଦଶକରେ ଲୋକପ୍ରିୟତାର ଶୀର୍ଷରେ ପହଞ୍ଚାଇଥିଲା। ୧୯୬୫ ଭାରତ, ପାକିସ୍ତାନ ଯୁଦ୍ଧ ସମୟରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଲାଲ ବାହାଦୁର ଶାସ୍ତ୍ରୀ 'ଜୟ ଯବାନ, ଜୟ କିଷାନ'ର ସ୍ଲୋଗାନ ଦେଇଥିଲେ। ଏହି ସ୍ଲୋଗାନକୁ ଆଧାର କରି ଏବଂ ଭାରତ, ପାକିସ୍ତାନ ଯୁଦ୍ଧକୁ ନେଇ ଏକ ଫିଲ୍ମ ନିର୍ମାଣ କରିବାକୁ ଲାଲ୍ ବାହାଦୁର ମନୋଜଙ୍କୁ ଅନୁରୋଧ କରିଥିଲେ। ୧୯୬୭ରେ ମନୋଜ ନିର୍ଦ୍ଦେଶକ ଭାବେ ଡେବ୍ୟୁ କରିବା ସହ ୧୯୬୫ରେ ହୋଇଥିବା ଭାରତ, ପାକିସ୍ତାନ ଯୁଦ୍ଧକୁ ନେଇ 'ଉପକାର' ଫିଲ୍ମ ଆଣିଥିଲେ। ଫିଲ୍ମରେ ଭାରତ କୁମାର ଚରିତ୍ରରେ ସେ ଅଭିନୟ କରିଥିଲେ, ଯେଉଁ ନାମରେ ସେ ଘରେ ଘରେ ପରିଚୟ ପାଇଥିଲେ।

### ଥିଲେ ସଫଳ ନିର୍ଦ୍ଦେଶକ

୧୯୬୭ରେ 'ଉପକାର' ଫିଲ୍ମରେ ପ୍ରଥମଥର ପାଇଁ ନିର୍ଦ୍ଦେଶନା ଦେବା ପରେ ମନୋଜ ଜଣେ ସଫଳ ନିର୍ଦ୍ଦେଶକ ଭାବେ ହିନ୍ଦୀ ସିନେମା ଇଣ୍ଡଷ୍ଟ୍ରିରେ ପରିଚୟ ପାଇଥିଲେ। 'ଉପକାର' ଫିଲ୍ମ ପାଇଁ ସେ ଶ୍ରେଷ୍ଠ ନିର୍ଦ୍ଦେଶକ ଭାବେ ୧୯୬୮ରେ ଫିଲ୍ମ ଫେୟାର ଆୱାର୍ଡ ଜିତିଥିଲେ। ଶ୍ରେଷ୍ଠ ଫିଲ୍ମ, ଶ୍ରେଷ୍ଠ ସଂଳାପ ଓ ଶ୍ରେଷ୍ଠ କାହାଣୀ ଶ୍ରେଣୀରେ 'ଉପକାର'କୁ ଫିଲ୍ମ ଫେୟାର ଆୱାର୍ଡ ମିଳିଥିଲା। ସେହିପରି ତାଙ୍କ ନିର୍ଦ୍ଦେଶିତ 'କଳିଯୁଗ ଔର ରାମାୟଣ (୧୯୮୭)', 'କ୍ଲର୍କ (୧୯୮୯)', ମଇଦାନ ଏ ଜଙ୍ଗ (୧୯୯୫), ଜୟ ହିନ୍ଦ (୧୯୯୯) ମଧ୍ୟ ହିଟ୍ ହୋଇଥିଲା।

### ଶାହରୁଖଙ୍କ ସହ ରହିଥିଲା ବିବାଦ

୨୦୦୭ରେ ରିଲିଜ୍ ହୋଇଥିବା 'ଓମ୍ ଶାନ୍ତି ଓମ୍' ଫିଲ୍ମକୁ ନେଇ ଅଭିନେତା ଶାହରୁଖ୍ ଖାନ୍‌ଙ୍କ ସହ ମନୋଜ କୁମାରଙ୍କ ବିବାଦ ଦେଖାଦେଇଥିଲା। ଫରାହ ଖାନ୍‌ଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମର ଏକ ଦୃଶ୍ୟରେ ଶାହରୁଖ ମନୋଜଙ୍କ ଶୈଳୀକୁ ନକଲ କରିଥିଲେ, ଯାହାକୁ ନେଇ ମନୋଜ ଆପତ୍ତି ଉଠାଇଥିଲେ। ତେଣୁ ସେ ଫରାହ ଓ ଶାହରୁଖଙ୍କ ବିରୋଧରେ ୧୦୦ କୋଟି ଟଙ୍କାର ମାନହାନି ମକଦ୍ଦମା ରୁଜୁ କରିଥିଲେ। ତେବେ ପରବର୍ତ୍ତୀ ସମୟରେ ଏହି ପ୍ରସଙ୍ଗକୁ ନେଇ ଉଭୟ ଫରାହ ଓ ଶାହରୁଖ୍ ମନୋଜଙ୍କୁ କ୍ଷମା ମାଗିଥିଲେ।

### ଶେଷ ଦର୍ଶନକଲେ ସେଲିବ୍ରିଟି

ଅଭିନେତା ମନୋଜ କୁମାରଙ୍କ ଜୁହୁସ୍ଥିତ ବାସଭବନରେ ଶୁକ୍ରବାର ବହୁ ସେଲିବ୍ରିଟି ତାଙ୍କ ଶେଷ ଦର୍ଶନ କରିଛନ୍ତି। ବର୍ଷୀୟାନ ଅଭିନେତା ଧର୍ମେନ୍ଦ୍ର, ଅଭିନେତା ଚଙ୍କି ପାଣ୍ଡେ, ଅଭିନେତ୍ରୀ ଭାଗ୍ୟଶ୍ରୀ ପ୍ରମୁଖ ମନୋଜଙ୍କ ବାସଭବନରେ ପହଞ୍ଚି ତାଙ୍କୁ ଶୋକ ସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି।



୨୦୧୨ରେ ଇଶା ଦେଓଲଙ୍କ ବିବାହ ଉତ୍ସବରେ ହେମାମାଳିନୀ ଓ ଧର୍ମେନ୍ଦ୍ରଙ୍କ ସହ ମନୋଜ।



୨୦୧୦ରେ ଫାଲ୍କେ ରତ୍ନ ଆୱାର୍ଡ ଇଭେଣ୍ଟରେ ଭେଟେରାନ ଅଭିନେତା ଦେବାନନ୍ଦ ଓ ପ୍ରାନ୍‌ଙ୍କ ସହ ମନୋଜ।

# ବାଣିଜ୍ୟ ପ୍ରତିଷ୍ଠାନର ନାମଫଳକ ସ୍ପଷ୍ଟ ଓଡ଼ିଆରେ ଲେଖିବାକୁ ଆହ୍ୱାନ

ଭୁବନେଶ୍ୱର,୪।୪(ବନ୍ଦନା ସେଠୀ)

ଓଡ଼ିଆ ପକ୍ଷ ପାଳନ ଅବସରରେ ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗ ପକ୍ଷରୁ ଶୁକ୍ରବାର ମାଷ୍ଟରକ୍ୟାଣ୍ଟିନ ଛକରେ ଓଡ଼ିଆ ନାମଫଳକ ଅଭିଯାନ ସଚେତନତା ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ଏବଂ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମ ସିଂଖୁଣ୍ଟିଆ ପଦଯାତ୍ରାକୁ ଉଦ୍‌ଘାଟନ କରି ରାଜ୍ୟର ବ୍ୟବସାୟୀ ଭଉଣୀଭାଇମାନେ ଦୋକାନ ଓ ବାଣିଜ୍ୟ ପ୍ରତିଷ୍ଠାନର ନାମଫଳକ ଓଡ଼ିଆରେ ସ୍ପଷ୍ଟ ଭାବେ ଲେଖିବାକୁ ଆହ୍ୱାନ ଦେଇଥିଲେ। ମାତୃଭାଷା ହେଉଛି ଗୋଟିଏ ଜାତିର ଅସ୍ତିତ୍ୱ ଓ ଭବିଷ୍ୟତ। ତେଣୁ ଆମ ମାତୃଭାଷା ଓଡ଼ିଆର ବ୍ୟାପକ ପ୍ରଚାର ପ୍ରସାର ଓ ଠିକ୍ ବ୍ୟବହାର ଉପରେ ରାଜ୍ୟ ସରକାର ବିଶେଷ ପଦକ୍ଷେପ ନେଉଛନ୍ତି। ଏଥିପାଇଁ ଏପ୍ରିଲ ୧ରୁ ୧୪ ତାରିଖ ପର୍ଯ୍ୟନ୍ତ ରାଜ୍ୟବ୍ୟାପୀ ଓଡ଼ିଆ ପକ୍ଷ ପାଳନ ହେଉଛି। ଏହି ଅବସରରେ ରାଜ୍ୟର ସମସ୍ତ ଦୋକାନ ଓ ବାଣିଜ୍ୟ ପ୍ରତିଷ୍ଠାନର ନାମଫଳକ ସ୍ପଷ୍ଟ ଭାବେ ଓଡ଼ିଆ ଭାଷାରେ ଲେଖିବା ସୁନିଶ୍ଚିତ କରିବା ପାଇଁ ରାଜ୍ୟରେ ବ୍ୟାପକ ଅଭିଯାନ ଆରମ୍ଭ ହୋଇଥିବା ମନ୍ତ୍ରୀ କହିଥିଲେ। ସେହିପରି ଓଡ଼ିଶା ଦୋକାନ ଓ ବାଣିଜ୍ୟିକ ପ୍ରତିଷ୍ଠାନ ଆଇନ (୧୯୫୬) ଅନୁଯାୟୀ ସ୍ପଷ୍ଟ ଓଡ଼ିଆ ଭାଷାରେ ନାମଫଳକ ଲେଖିବା ବାଧ୍ୟତାମୂଳକ। ଖିଲାପକାରୀଙ୍କ ବିରୋଧରେ ମକଦ୍ଦମା ରୁଜୁ ସହ ଜରିମାନା ଆଦାୟ ଭଳି ଦଣ୍ଡବିଧାନ ରହିଛି। ନିୟମ ଉଲ୍ଲଂଘନ କଲେ ସେମାନଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ତେଣୁ ଯେଉଁମାନେ ଏପର୍ଯ୍ୟନ୍ତ ନିଜ ଦୋକାନ ଓ ବାଣିଜ୍ୟ ପ୍ରତିଷ୍ଠାନଗୁଡ଼ିକରେ ଓଡ଼ିଆ ଭାଷାରେ ନାମଫଳକ ଲେଖି ନାହାନ୍ତି, ସେମାନେ ଯଥାଶୀଘ୍ର ଏଥିପ୍ରତି ଯତ୍ନବାନ୍ ହୁଅନ୍ତୁ ବୋଲି ମନ୍ତ୍ରୀ କହିଥିଲେ।

ପଦଯାତ୍ରାରେ ଶ୍ରମ ଆୟୁକ୍ତ ଇନ୍ଦ୍ରମଣି ତ୍ରିପାଠୀ, ବିଭାଗୀୟ ଅତିରିକ୍ତ ଶାସନ ସଚିବ ରାଜେଶ ଅଗ୍ରୱାଲ, ଡିଭିଜନାଲ ଶ୍ରମ ଆୟୁକ୍ତ ଅଜୟ କୁମାର ପ୍ରଧାନ, ଯୁଗ୍ମ ଶ୍ରମ ଆୟୁକ୍ତ ପ୍ରଣବ କୁମାର ପାତ୍ର, ଅତିରିକ୍ତ ଶ୍ରମ ଆୟୁକ୍ତ ଘାସିରାମ ଟୁଡୁ ଓ ମଦନମୋହନ ପାଇକ, ଖୋର୍ଦ୍ଧା ଉପଜିଲାପାଳ ମନୋରଞ୍ଜନ ସାହୁ ସାମିଲ ହୋଇଥିଲେ। ମହିଳା ଓ ପୁରୁଷମାନେ ପ୍ଲାକାର୍ଡ ଧରି ମାଷ୍ଟରକ୍ୟାଣ୍ଟିନ ଛକରୁ ରାମମନ୍ଦିର ଓ ରାମମନ୍ଦିର ଛକଠାରୁ ମାଷ୍ଟରକ୍ୟାଣ୍ଟିନ ପର୍ଯ୍ୟନ୍ତ ପଦଯାତ୍ରାରେ ଯାଇ ଓଡ଼ିଆରେ ନାମଫଳକ ସମ୍ବନ୍ଧୀୟ ସଚେତନତା ସୃଷ୍ଟି କରିଥିଲେ। ପଦଯାତ୍ରାରେ ସଚେତନତା ରଥ ସାମିଲ ହୋଇଥିଲା। ନୟାପଲ୍ଲୀ ଦୁର୍ଗାମଣ୍ଡପ, ଲିଙ୍ଗରାଜ ଷ୍ଟେଶନ ଓ କଳ୍ପନା ଛକଠାରେ ମଧ୍ୟ ଓଡ଼ିଆ ନାମଫଳକ ଅଭିଯାନ ସମ୍ବନ୍ଧୀୟ ବ୍ୟାପକ ସଚେତନତା କରାଯାଇଥିଲା।

## ଓଡ଼ିଆ ନାମଫଳକ ଅଭିଯାନ ସଚେତନତା ପଦଯାତ୍ରା



ମାଷ୍ଟରକ୍ୟାଣ୍ଟିନ ଛକରୁ ବାହାରିଥିବା ସଚେତନତା ରଥ ଓ ଶୋଭାଯାତ୍ରା।

# ଘୋଷଣାରେ ସୀମିତ ନଦୀଭିତ୍ତିକ ବନ୍ଦର

ପାରାଦୀପ,୪।୪(ଶରତ ରାଉତ)

ଆଜି ହେଉଛି ବିଶ୍ୱ ନୌବାଣିଜ୍ୟ ଦିବସ। ନୌବାଣିଜ୍ୟ ଓଡ଼ିଶାର ପ୍ରାଚୀନ ପରମ୍ପରା ମଧ୍ୟରେ ଅନ୍ୟତମ ବୋଲି କୁହାଯାଏ। ପଣ୍ୟ କାରବାରରେ ବୃହତ୍ ବନ୍ଦର ମଧ୍ୟରେ ପାରାଦୀପ ବନ୍ଦର ଦେଶର ୧ ନଂ. ବନ୍ଦର ଭାବେ ସ୍ଥାନ ପାଇଛି। ଏହାସତ୍ତ୍ୱେ ନୌବାଣିଜ୍ୟର ବିକାଶ ପାଇଁ ରାଜ୍ୟରେ ଅନେକ କାର୍ଯ୍ୟ ଏବେ ବି ବାକି ରହିଛି। ନଦୀଭିତ୍ତିକ ବନ୍ଦର ଘୋଷଣାରେ ସୀମିତ ଥିଲାବେଳେ ଓଡ଼ିଶାର ଏକମାତ୍ର ନୌବାଣିଜ୍ୟ ଶିକ୍ଷାନୁଷ୍ଠାନର ପୁନରୁଦ୍ଧାର ହୋଇପାରିନାହିଁ।

ସମ୍ପ୍ରତି ଦେଶର ୯୫ ପ୍ରତିଶତ ପଣ୍ୟ କାରବାର ଜଳପଥରେ ହେଉଛି। ଏହା ଦେଶର ଅର୍ଥନୀତି ମଧ୍ୟରୁ ୭୦ ଭାଗ। ଜଳପଥରେ ପଣ୍ୟ କାରବାରକୁ ନୌବାଣିଜ୍ୟ କୁହାଯାଏ। ଓଡ଼ିଶାରୁ ଆରମ୍ଭ ହୋଇଥିବା ପ୍ରାଚୀନ ପରମ୍ପରାରକୁ ମନେ ପକାଇବା ପାଇଁ ପ୍ରତିବର୍ଷ କାର୍ତ୍ତିକ ପୂର୍ଣ୍ଣିମାରେ ଡଙ୍ଗା ଭସାଇ ବୋଇତ ବନ୍ଦାଣ ଉତ୍ସବ ପାଳନ କରାଯାଏ। ଏହାବାଦ୍ ଏପ୍ରିଲ୍ ୫ରେ ସରକାରୀଭାବେ ଜାତୀୟ ନୌବାଣିଜ୍ୟ ଦିବସ ପାଳନ କରାଯାଏ। ଶନିବାର ୬୧ତମ ନୌବାଣିଜ୍ୟ ଦିବସ ଦେଶର ସମସ୍ତ ବନ୍ଦରରେ ପାଳନ କରାଯାଉଛି।

ଏହି ଦିବସ ପାଳନ କରିବା ସମ୍ପର୍କରେ ଅବସରପ୍ରାପ୍ତ କ୍ୟାପଟେନ ପ୍ରେମାନନ୍ଦ ରାଉତ କୁହନ୍ତି,୧୯୧୯ରେ ଭାରତର ସିଣ୍ଡିଆ ସିଷ୍ଟମ ନାଭିଗେଶନ କମ୍ପାନୀ ପକ୍ଷରୁ ପ୍ରଥମ କରି ଏକ ପଣ୍ୟବାହୀ ଜାହାଜ ଏସ୍‌ଏସ୍ ଲୟାଲିଟି ବମ୍ବେରୁ ଲଣ୍ଡନ ସଫଳତାର ସହ ଯାତ୍ରା କରିଥିଲା। ସେହି ସ୍ମୃତିରେ ଏପ୍ରିଲ ୫କୁ ନୌବାଣିଜ୍ୟ ଦିବସ ଭାବେ ପାଳନ କରାଯାଉଛି। ଏହି ଦିବସରେ ଜାହାଜର ନାବିକମାନଙ୍କ ପାଇଁ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ କରାଯାଏ। ଚଳିତ ଥର ରାଜ୍ୟର ପାରାଦୀପ ବନ୍ଦର ମଧ୍ୟରେ କାମ କରୁଥିବା ବିଭିନ୍ନ କମ୍ପାନୀ ଯଥା ଷ୍ଟିଭେଡର୍ସ ସଂସ୍ଥା, ଏଜେଣ୍ଟ, ସାମୁଦ୍ରିକ କମ୍ପାନୀଗୁଡ଼ିକରେ ସପ୍ତାହେ ବ୍ୟାପୀ ସଚେତନତା କାର୍ଯ୍ୟକ୍ରମ କରାଯିବ।

ଦେଶର ସର୍ବାଧିକ ଖଣିଜ ସମ୍ପଦ ଓଡ଼ିଶାରେ ରହିଛି। ସେହି ଖଣିଜ ପଦାର୍ଥ ଲୁହାପଥର, କୋଇଲା, ଚୂନପଥର, ବକ୍ସାଇଟ, ଫେରୋକ୍ରୋମ, ଚାର୍ଜକ୍ରୋମ ଆଦି ବିଦେଶକୁ ରପ୍ତାନି ଓ ଆମଦାନୀ ହେଉଛି। ସେଥିରେ ପାରାଦୀପ ବନ୍ଦରର ପ୍ରମୁଖ ଭୂମିକା ରହିଛି। ଦେଶର ୧୨ଟି ବୃହତ୍ ବନ୍ଦର ମଧ୍ୟରେ ଏବେ ଏହି ବନ୍ଦର ୧ନମ୍ବର ସ୍ଥାନରେ ରହିଛି। ରାଜ୍ୟର ୪୮୨ କିମି ଉପକୂଳରେ ଏକଦା ୧୨ରୁ ଅଧିକ ବନ୍ଦର ଥିଲା ବୋଲି ନୌବାଣିଜ୍ୟ ପରମ୍ପରା କିମ୍ବଦନ୍ତୀରୁ ଜଣାଯାଏ। ମାତ୍ର ସମୟାନୁକ୍ରମେ ସେଗୁଡ଼ିକ ବନ୍ଦ ହୋଇଯାଇଛି।

୧୯୬୨ରେ ପାରାଦୀପ ବନ୍ଦର ପ୍ରତିଷ୍ଠା ହୋଇଥିଲା। ଏଠାରେ କାରବାର ବୃଦ୍ଧି ପାଇବା ପରେ ରାଜ୍ୟରେ ଅଧିକ ବନ୍ଦର କରିବା ପାଇଁ ପୂର୍ବତନ ସରକାର ଘୋଷଣା କରିଥିଲେ।

ସେଗୁଡ଼ିକ ହେଲା ଗଞ୍ଜାମ ଜିଲାର ଗୋପାଳପୁର, ସୁଭଦ୍ରାପୁର, ପାଲୁର, ପୁରୀ ଜିଲାର ଅସ୍ତରଙ୍ଗ, ଭଦ୍ରକ ଜିଲାର ଧାମରା, କେନ୍ଦ୍ରାପଡା ଜିଲାର ହୁକିତୋଳା। ସେଥିରୁ ଗୋପାଳପୁର ଓ ଧାମରା ବନ୍ଦର ଏବେ ସୁଦ୍ଧା ହୋଇଛି। ଅନ୍ୟ ବନ୍ଦର ପାଇଁ ଘୋଷଣା ହୋଇଥିଲେ ମଧ୍ୟ ଏପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇନାହିଁ। ଏହାବାଦ୍ ୧୨ଟି ନଦୀଭିତ୍ତିକ ବନ୍ଦର ହେବ ବୋଲି କୁହାଯାଇଥିଲା। ସେଥିମଧ୍ୟରୁ କେବଳ ଗୋଟିଏ ପାରାଦୀପର ଇଫ୍‌କୋ କାରଖାନା ପଛପଟ ମହାନଦୀରେ ହୋଇଛି। ଏହାମଧ୍ୟ ପୂର୍ଣ୍ଣ ମାତ୍ରାରେ କାର୍ଯ୍ୟକ୍ଷମ ହୋଇନାହିଁ। ମହାନଦୀ, ବ୍ରାହ୍ମଣୀ, ବୈତରଣୀ, ସୁବର୍ଣ୍ଣରେଖା, ବୁଢ଼ାବଳଙ୍ଗ, ଋଷିକୁଲ୍ୟା ମୁହାଣ ନିକଟରେ ବନ୍ଦର ହେବାର ଭଲ ଭିତ୍ତିଭୂମି ଅଛି ବୋଲି ପୂର୍ବତନ ଉପସଂରକ୍ଷକ କ୍ୟାପଟେନ ଅତୁଲ୍ୟ ମହାପାତ୍ର କହିଛନ୍ତି। ତାହା ମଧ୍ୟ ଏପର୍ଯ୍ୟନ୍ତ ହୋଇପାରିନାହିଁ। ରାଜ୍ୟରେ ନୂତନ ସରକାର ଆସିଲା ପରଠାରୁ ଆଉ ବନ୍ଦର ସମ୍ପର୍କରେ ଚର୍ଚ୍ଚା ହେଉନାହିଁ।

ଓଡ଼ିଶାର ଏକମାତ୍ର ନୌବାଣିଜ୍ୟ ଶିକ୍ଷାନୁଷ୍ଠାନ (ଓଡ଼ିଶା ମେରିଟାଇମ ଏକାଡେମୀ) ପାରାଦୀପରେ ଅଛି। ସେଠାରେ ପାଠପଢ଼ିବା ପାଇଁ ବର୍ଷକୁ ୮୦ଟି ସିଟ୍ ରହିଛି। ସେଥିରେ ରାଜ୍ୟ ଓ ଅନ୍ୟ ରାଜ୍ୟର ୪୦ ଜଣ ଲେଖାଏ ପିଲା ପଢ଼ିବାର ବ୍ୟବସ୍ଥା ରହିଛି। କିନ୍ତୁ ସେଠାରେ ଝିଅମାନଙ୍କ ପଢ଼ିବା ପାଇଁ ଏପର୍ଯ୍ୟନ୍ତ ସୁବିଧା ହୋଇନାହିଁ। ୧୯୯୨ରୁ ଉକ୍ତ ଶିକ୍ଷାନୁଷ୍ଠାନ ଆରମ୍ଭ ହୋଇଥିଲା। ମାତ୍ର ଏପର୍ଯ୍ୟନ୍ତ ତା'ର ବିକାଶ ହୋଇନାହିଁ। ସରକାର ଶିଳ୍ପ ସଂସ୍ଥାର ବିକାଶ ପାଇଁ ଘୋଷଣା କରୁଛନ୍ତି। କିନ୍ତୁ ବନ୍ଦର ବିକାଶ ଉପରେ ନୀରବତା ଅବଲମ୍ବନ କରୁଛନ୍ତି। ଏଥିରେ ଅର୍ଥନୀତିରେ ସୁଧାର କିପରି ହେବ ବୋଲି ଆଲୋଚନା ହେଉଛି। ଦେଶର ୭୫୧୬ କିମି ଉପକୂଳରେ ଏବେ ସରକାରୀ ଭାବେ ୧୨ଟି ବୃହତ୍‌ବନ୍ଦର ଓ ୨୦୦ରୁ ଅଧିକ ଛୋଟ ମଧ୍ୟମ ବନ୍ଦର ରହିଛି। ଏହାର ବିକାଶ ପାଇଁ କେନ୍ଦ୍ର ସରକାର ସାଗରମାଳା ଯୋଜନା ଆରମ୍ଭ କରିଛନ୍ତି। କିନ୍ତୁ କେବେ ଅଧିକ ବନ୍ଦର ଓ ଜାହାଜ ଚଳାଚଳ ହେବ ତାହା ଦେଖିବାକୁ ରହିଲା।


ପାରାଦୀପ ବନ୍ଦର ପୋତାଶ୍ରୟ

## ଆଜି ଜାତୀୟ ନୌବାଣିଜ୍ୟ ଦିବସ

# ଫଳକରେ ଓଡ଼ିଆ ବନାନ ତ୍ରୁଟି




ସୁନାବେଢ଼ା/ସେମିଳିଗୁଡା,୪।୪ (କୃତ୍ତିବାସ ପ୍ରଧାନ/ବାସୁଦେବ ବରାଡ଼)

ଓଡ଼ିଆ ଭାଷାର ପ୍ରଚାର ପ୍ରସାର ପାଇଁ ସରକାର ବିଭିନ୍ନ ପଦକ୍ଷେପ ନେଉଛନ୍ତି। କିନ୍ତୁ ଏହାର ସୁଫଳ ମିଳୁ ନ ଥିବା କୋରାପୁଟ ଜିଲାର ବିଭିନ୍ନ ସ୍ଥାନରେ ଲାଗିଥିବା ଫଳକରୁ ଜଣାପଡୁଛି। ଏହି ଫଳକଗୁଡ଼ିକରେ ଓଡ଼ିଆ ବନାନରେ ତ୍ରୁଟି ରହିଛି।

କେନ୍ଦ୍ର ସରକାରଙ୍କ ଭାରତ ମାଳା ଯୋଜନାରେ ରାୟପୁରରୁ ବିଶାଖାପାଟଣା ପର୍ଯ୍ୟନ୍ତ ୬ ଥାକିଆ ରାସ୍ତା ନିର୍ମାଣ କାର୍ଯ୍ୟ ଜୋରସୋରରେ ଚାଲିଛି। କୋରାପୁଟ ଜିଲାର ବିଭିନ୍ନ ଅଞ୍ଚଳ ଦେଇ ଯାଇଥିବା ଏହି ରାସ୍ତା ପାର୍ଶ୍ୱରେ ଚିହ୍ନଟ ପାଇଁ ସ୍ଥାନ ଗୁଡିକର ନାମ ଫଳକ ଲଗାଯାଇଛି। ଫଳକ ଗୁଡ଼ିକ ଓଡ଼ିଆ ଓ ଇଲିଂଶରେ ଲେଖା ରହିଛି। କିନ୍ତୁ ଅନେକ ଫଳକରେ ଓଡ଼ିଆ ନାଁ ଗୁଡିକରେ ତ୍ରୁଟି ପରିଲକ୍ଷିତ ହୋଇଛି। ଫଳକରେ କୁନ୍ଦୁଲି ବଦଳରେ କୁଣ୍ଡୁଲି ଓ ପଟ୍ଟାଙ୍ଗି ବଦଳରେ ପୋଟାଙ୍ଗି ରହିଥିବାରୁ ପ୍ରତିକ୍ରିୟା ପ୍ରକାଶ ପାଇଛି। ଏ ପର୍ଯ୍ୟନ୍ତ ବ୍ୟବସାୟିକ ପ୍ରତିଷ୍ଠାନଗୁଡ଼ିକରୁ ଇଂଲିଶ ନାମ ଫଳକ ହଟାଇବାରେ ସରକାର ବିଫଳ ହୋଇଥିବା ବୁଦ୍ଧିଜୀବି ପ୍ରକାଶ କରିଛନ୍ତି। ପୂର୍ବ ସରକାର ଏଥିପାଇଁ ନିୟମ ସହ ଦଣ୍ଡ ବିଧାନ ବ୍ୟବସ୍ଥା କରିଥିଲେ। କିନ୍ତୁ କାର୍ଯ୍ୟକାରୀ ହୋଇପାରୁ ନାହିଁ। ଓଡ଼ିଆରେ ନାମ ଫଳକ ଲଗାଇବାକୁ ଶୁକ୍ରବାର ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସ୍କୁଲ ଛାତ୍ରୀଛାତ୍ର ବିଭିନ୍ନ ପ୍ଲାକାର୍ଡ ଓ ବ୍ୟାନର ଧରି ସହର ପରିକ୍ରମା କରିଥିଲେ। ଅନ୍ୟ ରାଜ୍ୟଗୁଡ଼ିକ ଆଞ୍ଚଳିକ ଭାଷାକୁ ପ୍ରାଧାନ୍ୟ ଦେଉଥିବା ବେଳେ ଓଡ଼ିଶାରେ ଏହାର ବ୍ୟତିକ୍ରମ ହେଉଥିବା ବୁଦ୍ଧିଜୀବୀ କହିଛନ୍ତି।

ଏ ସମ୍ପର୍କରେ କୋରାପୁଟ ଜିଲାପାଳ ଭି.କୀର୍ତ୍ତିଭାସନଙ୍କୁ ପଚାରିବାରୁ ହୋଇଥିବା ତ୍ରୁଟି ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରିବା ସହ ସ୍ଥାନୀୟ ବ୍ୟକ୍ତିଙ୍କ ସହଯୋଗରେ ସେଥିରେ ସୁଧାର କରାଯିବ ବୋଲି ସେ କହିଛନ୍ତି।

# ତରଭୁଜ ଚାଷକରି ଶିକ୍ଷକ ଲକ୍ଷପତି

କେନ୍ଦୁଝର,୪।୪(ନରେଶ ଚନ୍ଦ୍ର ପଟ୍ଟନାୟକ)

ପେସାରେ ଶିକ୍ଷକ, ନିଶା ତାଙ୍କର ଚାଷ। ଶିକ୍ଷକ ଚାକିରି ପରେ ବି କୁଳ ବେଉସାକୁ ଭୁଲି ପାରିନାହାନ୍ତି। ଚାକିରି ସହ ତରଭୁଜ ଚାଷକରି ଅନେକ ଲକ୍ଷ ଟଙ୍କା ରୋଜଗାର କରୁଛନ୍ତି। ସେ ହେଲେ କେନ୍ଦୁଝର ଜିଲା ସଦର ବ୍ଲକ୍ ଅନ୍ତର୍ଗତ ନୂଆଗାଁ ପଞ୍ଚାୟତ ନରସିଂହପୁର ମୁଣ୍ଡାସାହିର ଶିକ୍ଷକ ସତ୍ୟଜିତ ଲାଗୁରୀ। ୧୧ ଏକର ଜମିରେ ତରଭୁଜ ଚାଷ କରି ଲକ୍ଷପତି ହେବା ସହ ଅନ୍ୟମାନଙ୍କ ପାଇଁ ଉଦାହରଣ ସାଜିଛନ୍ତି। ସତ୍ୟଜିତ୍ ସଦର ବ୍ଲକ୍ ଅନ୍ତର୍ଗତ ମହାଦେଇଯୋଡ଼ା ପ୍ରାଥମିକ ବିଦ୍ୟାଳୟରେ ଓ ତାଙ୍କ ସ୍ତ୍ରୀ କେନ୍ଦ୍ରାପଡ଼ା ଜିଲାରେ ଶିକ୍ଷକତା କରନ୍ତି। ସେ ୩ ବର୍ଷ ଧରି ତରଭୁଜ ଚାଷ କରି ଭଲ ରୋଜଗାର କରୁଛନ୍ତି। ଗୋଲ, ଲମ୍ବା କିରଣ ଆଦି ୨ ପ୍ରକାରର ତରଭୁଜ ଚାଷ ପାଇଁ ଡିସେମ୍ବରରେ ମଞ୍ଜି ଆଣିଥିଲେ। ନୂଆ ମୋଲଚିଂ ପଦ୍ଧତିରେ ଚାଷ କରିବାକୁ ପ୍ରଥମେ ଟ୍ରେ ଯୋଗେ ଭଲ ତରଭୁଜ ବିହନ ଚାରା ପକାଇଥିଲେ। ପରେ ଶ୍ରମିକଙ୍କୁ ଲଗାଇ କ୍ଷେତରେ ଚାରାରୋପଣ କରି ସେ ୪ ଲକ୍ଷ ଟଙ୍କା ଖର୍ଚ୍ଚ କରିଥିଲେ। ଏବେ କ୍ଷେତରେ କଳାରଙ୍ଗର ଗୋଲ ତରଭୁଜ ଫଳିଛି। ଭଲ କିସମର ତରଭୁଜ ଚାଷ ହୋଇଥିବାରୁ ଜିଲା ସମେତ ରାଜ୍ୟ ବାହାର ବିହାର, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ ଆଦିର ବ୍ୟବସାୟୀ ଗାଡ଼ି ଯୋଗେ କ୍ଷେତରୁ ତରଭୁଜ କିଣି ନେଉଛନ୍ତି। ଗତ ଏକ ମାସ ମଧ୍ୟରେ ସେ ପ୍ରାୟ ୭ ଲକ୍ଷ ଟଙ୍କାର ତରଭୁଜ ବିକ୍ରି କରିଥିବା କହିଛନ୍ତି।


ସତ୍ୟଜିତ ଲାଗୁରୀ



# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ରାୟ ରାମାନନ୍ଦ ସ୍ମୃତି ପରିଷଦ ପକ୍ଷରୁ ସଙ୍ଗୀତ ଆସର ଓ ଆଲୋଚନାଚକ୍ର, ସ୍ଥାନ: ବୁଦ୍ଧ ମନ୍ଦିର ନୂତନ ସଭାଗୃହ, ଖାରବେଳ ନଗର, ସମୟ: ସକାଳ ୯ଟା ୩୦।
- ଗ୍ରାଜୁଏଶନ ଡେ, ସ୍ଥାନ: ଏନ୍ଏମ୍ଆଇଇଟି କଲେଜ ପରିସର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ସୂର୍ଯ୍ୟଜ୍ୟୋତି କଳାକେନ୍ଦ୍ରର ତୃତୀୟ ବାର୍ଷିକ ନୃତ୍ୟ ଉତ୍ସବ ଏବଂ ସୌରପ୍ରଭା ସମ୍ମାନ-୨୦୨୫, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ଅପରାହ୍ନ ୫ଟା।
- ନାବିକ ସଂଘ ଓଡ଼ିଶା ପକ୍ଷରୁ ଜାତୀୟ ସାମୁଦ୍ରିକ ଦିବସ କାର୍ଯ୍ୟକ୍ରମ, ସ୍ଥାନ: ଦ ଏଆର୍ସି, ଆଇବିଏଲ୍ ହାଉସ୍, ସାଇ ମନ୍ଦିର ଅପରପାର୍ଶ୍ୱ, ଟଙ୍କପାଣି ରୋଡ୍, ସମୟ: ସନ୍ଧ୍ୟା ୭ଟା।

## କଟକ

- ୫୪ତମ ନିଖିଳ ଉତ୍କଳ ଶ୍ରୀ ଅରବିନ୍ଦ ଷ୍ଟଡି ସର୍କଲ ସମ୍ମିଳନୀର ଦ୍ୱିତୀୟ ସନ୍ଧ୍ୟା, ସ୍ଥାନ: କଟକ ମାତୃଭବନ ପରିସର, ସମୟ: ସନ୍ଧ୍ୟା ୫ଟା ୩୦।
- ନାଟ୍ୟ ନିର୍ଦ୍ଦେଶକ ଉମେଶ ଦାଶଙ୍କ ନିର୍ଦ୍ଦେଶିତ ନାଟକ ପରିବେଷଣର ଦ୍ୱିତୀୟ ସନ୍ଧ୍ୟା, ସ୍ଥାନ: ଜନତା ରଙ୍ଗମଞ୍ଚ, ବାଙ୍କାବଜାର, ସମୟ: ସନ୍ଧ୍ୟା ୭ଟା ୩୦।

## ଖୋର୍ଦ୍ଧା

- ଶ୍ରୀରାମଚରିତ ନବାହ୍ନ ପାରାୟଣ, ସ୍ଥାନ: ବେଗୁନିଆ ଦୁର୍ଗାମଣ୍ଡପ, ସମୟ: ସକାଳ ୭ଟା।
- .ପ୍ରବଚନ, ଜ୍ଞାନଯଜ୍ଞ ଓ ଆଧ୍ୟାତ୍ମିକ ସମାରୋହ, ସ୍ଥାନ: ବେଗୁନିଆ ଦୁର୍ଗାମଣ୍ଡପ, ସମୟ: ସନ୍ଧ୍ୟା ୭ଟା ୩୦।

## ଭଦ୍ରକ

- ଓଡ଼ିଆ ପକ୍ଷ ଅବସରରେ ଗଣଦୌଡ଼, ସ୍ଥାନ: ଚୁଡ଼ାମଣି ଲବଣ ତୀର୍ଥ, ବାସୁଦେବପୁର, ସମୟ: ସକାଳ ୬ଟା।
- ମା' ବାସନ୍ତୀ ଦୁର୍ଗାଙ୍କ ଅଷ୍ଟମୀ ପୂଜା, ସ୍ଥାନ: ତିହିଡ଼ି, ସମୟ: ସକାଳ ୭ଟା।
- ୧୦୮ ହନୁମାନ ଚାଳିଶା ପାଠ, ସ୍ଥାନ: ଗାନ୍ଧୀପଡ଼ିଆ, ଭଦ୍ରକ, ସମୟ: ସକାଳ ୯ଟା।
- ଶ୍ରୀରାମ ନବମୀ ଉପଲକ୍ଷେ ଯଜ୍ଞ, ସ୍ଥାନ: ପଞ୍ଚମୁଖୀ ହନୁମାନ ମନ୍ଦିର ପରିସର, ବାସୁଦେବପୁର, ସମୟ: ସକାଳ ୯ଟା।
- ବାସନ୍ତୀ ଦୁର୍ଗା ମହାଷ୍ଟମୀ ପୂଜା ଉତ୍ସବ, ସ୍ଥାନ: ଚରମ୍ପା, ସମୟ: ଅପରାହ୍ନ ୫ଟା।
- ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଗାନ୍ଧୀପଡ଼ିଆ, ଭଦ୍ରକ, ସମୟ: ସନ୍ଧ୍ୟା ୬ଟା।
- ଶ୍ରୀରାମ ଚରିତ ମାନସ ଜ୍ଞାନଯଜ୍ଞ ପାରାୟାଣ ଓ ପ୍ରବଚନ ସନ୍ଧ୍ୟା, ସ୍ଥାନ: ଲୋକନାଥ ମନ୍ଦିର ପରିସର, ଭଦ୍ରକ, ସମୟ: ସନ୍ଧ୍ୟା ୬ଟା।
- ଶ୍ରୀରାମ ଚରିତ ମାନସ, ପ୍ରବଚନ, ପ୍ରତିଭା ସମ୍ବର୍ଦ୍ଧନା ସଭା, ସ୍ଥାନ: ଲକ୍ଷ୍ମୀଦାସପୁରର ଅଯୋଧ୍ୟା, ବାସୁଦେବପୁର, ସମୟ: ସନ୍ଧ୍ୟା ୭ଟା।
- ନାଟ୍ୟ ମହୋତ୍ସବ ଉଦ୍ଯାପନୀ, ସ୍ଥାନ: ରଘୁନାଥପୁର, ଭଣ୍ଡାରିପୋଖରୀ, ସମୟ: ରାତି ୯ଟା।
- ରାତ୍ରକାଳୀନ କ୍ରିକେଟ ଟୁର୍ନାମେଣ୍ଟ ଉଦ୍ଯାପନୀ, ସ୍ଥାନ: ନପଙ୍ଗ, ଭଣ୍ଡାରିପୋଖରୀ, ସମୟ: ରାତି ୯ଟା।

## କେନ୍ଦୁଝର

- ଐତିହାସିକ ଗଣଦୌଡ଼, ସ୍ଥାନ: ପୁରୁଣା ସହର ଶ୍ରୀ ବଳଦେବଜୀଉ ମନ୍ଦିର, କେନ୍ଦୁଝର ଗଡ, ସମୟ: ପ୍ରାତଃ ୫ଟା ୩୦।
- ବନଦୁର୍ଗାଙ୍କ ଅଷ୍ଟମୀ ପୂଜା, ସ୍ଥାନ: କେନ୍ଦୁଝର ପୁରୁଣା ସହର ରାଜବାଟି, ସମୟ: ପୂର୍ବାହ୍ନ ୧୦ଟା।

## ମୟୂରଭଞ୍ଜ

- ୫୨ତମ ମା' ବାସନ୍ତୀ ପୂଜାର ମହାଷ୍ଟମୀ ପୂଜା, ସ୍ଥାନ:ଭୀମଦା ବଡ଼ସାହି ବ୍ଲକ,ସମୟ: ସକାଳ ୭ଟା।
- ମା' ଭୈରବୀଙ୍କ ପୀଠରେ ମହାଷ୍ଟମୀ ପୂଜା, ସ୍ଥାନ:ମଧୁବନ, ବାରିପଦା,ସମୟ: ସକାଳ ୭ଟା।
- ୧୩ତମ ବାସନ୍ତୀ ପୂଜାର ମହାଷ୍ଟମୀ ପୂଜା, ସ୍ଥାନ:ଭବେଶ୍ୱର ଶିବ ମନ୍ଦିର ବାଘଡ଼ାରୋଡ୍, ବାରିପଦା,ସମୟ: ସକାଳ ୭ଟା।
- ୭୨ତମ ବାସନ୍ତୀ ପୂଜାର ମହାଷ୍ଟମୀ ପୂଜା, ସ୍ଥାନ:ଶୁନଗଡ଼ିଆ, ବାରିପଦା,ସମୟ: ସକାଳ ୭ଟା।
- ବାସନ୍ତୀ ପୂଜାର ମହାଷ୍ଟମୀ ପୂଜା, ସ୍ଥାନ:ବୀରେଶ୍ୱରପୁର, ବଡ଼ସାହି,ସମୟ: ସକାଳ ୮ଟା।
- ଅଷ୍ଟମ ପ୍ରହର ନାମଯଜ୍ଞ ଉପଲକ୍ଷେ ନଗର କୀର୍ତ୍ତନ ଓ ଦଧିଭଞ୍ଜନ,ସ୍ଥାନ:ବାଉଁଶଦା ସଙ୍କୀର୍ତ୍ତନ ମଣ୍ଡପ, ସାରସକଣା, ସମୟ: ଅପରାହ୍ନ ୧ଟା।
- ଆମ ସୀମାନ୍ତ ମହୋତ୍ସବ ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ସାର୍ବଜନୀନ ଦୁର୍ଗାପୂଜା ମଣ୍ଡପ, ଝାରପୋଖରିଆ, ସମୟ: ଅପରାହ୍ନ ୫ଟା।
- ବିଜିପୁର ଗ୍ରାମୀଣ ମହୋତ୍ସବ,ସ୍ଥାନ: ବିଜିପୁର ବାସନ୍ତୀ ପଡ଼ିଆ, ଜିବିନଗର, ସମୟ: ସନ୍ଧ୍ୟା ୭ଟା।
- ଶ୍ରୀରାମଚରିତ ମାନସ(ତୁଳସୀ ରାମାୟଣ),ସ୍ଥାନ:ମାଣତ୍ରୀ ଶୈବପୀଠ ବଡ଼ସାହି,ସମୟ:ସନ୍ଧ୍ୟା ୭ଟା।
- ଅଷ୍ଟମ ପ୍ରହର ନାମଯଜ୍ଞର ଅଧିବାସ, ସ୍ଥାନ:ତାଡ଼ କି, ଡୁକୁରା, ଖୁଣ୍ଟା,ସମୟ: ସନ୍ଧ୍ୟା ୭ଟା।
- ବାସନ୍ତୀ ପୂଜା ଉପଲକ୍ଷେ ସନ୍ଧି ପୂଜା,ସ୍ଥାନ: ଚିତ୍ରଡ଼ା ଜଗନ୍ନାଥ ମନ୍ଦିର ପରିସର, ମୋରଡ଼ା, ସମୟ:ସନ୍ଧ୍ୟା ୭ଟା ୩୩ ।
- ରାଜାଲୋକା ଶ୍ରୀରାମ ମନ୍ଦିର ପ୍ରତିଷ୍ଠା ଉତ୍ସବ ଉପଲକ୍ଷେ ବୈଦିକ ମଙ୍ଗଳାଚରଣ, ଘୃତଯଜ୍ଞ ଓ ପୂର୍ଣ୍ଣାହୁତି ପ୍ରଦାନ ଏବଂ ରାମ ନବମୀ ଉପଲକ୍ଷେ ଷୋହଳ ପ୍ରହର ନାମଯଜ୍ଞ,ସ୍ଥାନ: ଶ୍ରୀରାମ ମନ୍ଦିର, ରାଜାଲୋକା, ସାରସକଣା, ସମୟ: ରାତି ୧୦ଟା।

## ଗଞ୍ଜାମ

- ରାଜମ୍ମା ଠାକୁରାଣୀଙ୍କ ଦ୍ୱିବାର୍ଷିକ ଯାତ୍ରା, ସ୍ଥାନ: ଧୋବାପଲ୍ଲୀ, ଆସିକା ବ୍ଲକ, ସମୟ: ସକାଳ ୭ଟା।
- ପଞ୍ଚୁଦଣ୍ଡ ମହାମିଳନ, ସ୍ଥାନ: ବାଲୁଙ୍କେଶ୍ୱର ବିହାର, କଲେଜ ଛକ, ଆସିକା, ସମୟ: ପୂର୍ବାହ୍ନ ୧୦ଟା।

## ଗଜପତି

- ଆଶୁ ଚିକିତ୍ସା ତାଲିମ ଶିବିର, ସ୍ଥାନ: ଏସ୍ଏସ୍ଡି ହାଇସ୍କୁଲ ମୋହନା, ସମୟ: ଅପରାହ୍ନ ୩ ଟା।

## ଢେଙ୍କାନାଳ

- ଓଡ଼ିଆ ପକ୍ଷ ପାଳନ ଅବସରରେ ଗଣଦୌଡ଼, ସ୍ଥାନ: ବଳରାମ ମନ୍ଦିର ସମ୍ମୁଖ, ସମୟ: ସକାଳ ସାଢ଼େ ୫ଟା।

## ଜଗତ୍‌ସିଂହପୁର

- ପାରାଦୀପ ବନ୍ଦର ମେରାଇନ ବିଭାଗ ପକ୍ଷରୁ ଜାତୀୟ ନୌବାଣିଜ୍ୟ ଦିବସ କାର୍ଯ୍ୟକ୍ରମ,ସ୍ଥାନ: ମେରାଇନ ବର୍ଥ, ବନ୍ଦର ନିଷିଦ୍ଧାଞ୍ଚଳ,ପାରାଦୀପ, ସମୟ: ପୂର୍ବାହ୍ନ ୧୦ଟା।
- ରେଳୱେ ବିଭାଗ କର୍ମଚାରୀ ୟୁନିୟନ ପକ୍ଷରୁ ଆର୍ଥିକ ବର୍ଷ ଉପଲକ୍ଷେ ବନ୍ଧୁମିଳନ, ସ୍ଥାନ: ଜୟଦେବ ଭବନ, ବଡ଼ପଡ଼ିଆ, ପାରାଦୀପ, ସମୟ: ସନ୍ଧ୍ୟା ୬ଟା।

## କେନ୍ଦ୍ରାପଡ଼ା

- ମା' ବାସନ୍ତୀ ଦେବୀ ସାଂସ୍କୃତିକ ପରିଷଦ ପକ୍ଷରୁ ମା' ବାସନ୍ତୀ ଦେବୀଙ୍କ ପୂଜା ମହୋତ୍ସବ, ସ୍ଥାନ: ନାଉକୋଣା, ରାଜନଗର, ସମୟ: ସକାଳ ୬ଟା।
- ଉଦ୍ୟମ ସ୍ୱେଚ୍ଛାସେବୀ ସଙ୍ଗଠନ ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: ମହାବୀର ହନୁମାନ ମନ୍ଦିର, ଗରାପୁର, କେନ୍ଦ୍ରାପଡ଼ା, ସମୟ: ସକାଳ ୭ଟା।
- ଶ୍ରୀସଙ୍କଟମୋଚନ ହନୁମାନ ଦେବଙ୍କ ନବ କଳେବର ଓ ପ୍ରତିଷ୍ଠା ଉତ୍ସବ, ସାଧୁସନ୍ଥଙ୍କ ପ୍ରବଚନ ସଭା, ସ୍ଥାନ: ସଂସାରଫଳ, ରାଜନଗର, ସମୟ: ସନ୍ଧ୍ୟା ୬ଟା।
- ଶ୍ରୀରାମଚରିତ ମାନସ ପାରାୟଣ ଓ ପ୍ରବଚନ ଜ୍ଞାନଯଜ୍ଞ, ସ୍ଥାନ: ହନୁମାନ ମନ୍ଦିର, ଗରାପୁର, କେନ୍ଦ୍ରାପଡ଼ା ସହର, ସମୟ: ସନ୍ଧ୍ୟା ୭ଟା।

## ଯାଜପୁର

- କ୍ରୀଡ଼ା ଓ ଯୁବସେବା ବିଭାଗ ପକ୍ଷରୁ ଐତିହ୍ୟ ଗଣଦୌଡ଼, ସ୍ଥାନ: ଯାଜପୁର ଗୌତମ ବୁଦ୍ଧ ସଂସ୍କୃତି ଭବନ, ସମୟ: ସକାଳ ୭ଟା।
- ଗୋକର୍ଣ୍ଣିକା ସାହିତ୍ୟ ସମାଜର ସୁବର୍ଣ୍ଣ ଜୟନ୍ତୀ ସମାରୋହ, ସ୍ଥାନ: ଧର୍ମଶାଳା ବ୍ଲକର ଶାନ୍ତି ବଜାର ନିକଟ ମିଡୋଜ୍ କୋଟୱାର୍ଡ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
- ଧର୍ମଶାଳା ସବ୍‌ରେଜିଷ୍ଟ୍ରାର କାର୍ଯ୍ୟାଳୟରେ ବାଦିପାଲା, ସ୍ଥାନ: ଧର୍ମଶାଳା ସବ୍‌ରେଜିଷ୍ଟ୍ରାର ପାଲା ମଣ୍ଡପ ପରିସର, ସମୟ: ସନ୍ଧ୍ୟା ୬ଟା।
- ପୂର୍ଣ୍ଣଅନୁଦାନପ୍ରାପ୍ତ ବିଦ୍ୟାଳୟ ଶିକ୍ଷକ ସଂଘ ଯାଜପୁରର ସ୍ୱାଗତ ସମ୍ବର୍ଦ୍ଧନା ପର୍ବ, ସ୍ଥାନ: ଧର୍ମଶାଳା ବ୍ଲକର ଜାରକା ଉଚ୍ଚ ବିଦ୍ୟାଳୟ ପରିସର, ସମୟ: ଅପରାହ୍ନ ୨ଟା୩୦ ମିନିଟ୍।

## ନୟାଗଡ଼

- ଓଡ଼ିଆ ପକ୍ଷ ଅବସରରେ ଐତିହ୍ୟ ଗଣଦୌଡ଼, ସ୍ଥାନ: ନୟାଗଡ଼ ପୁରୁଣା ସହର ଜଗନ୍ନାଥ ମନ୍ଦିରଠାରୁ ପଠାଣି ସାମନ୍ତ ଜିଲା ସଂସ୍କୃତି ଭବନ, ସମୟ: ସକାଳ ୬ଟା ୧୫।
- ୨ୟ ବୈଷ୍ଣୋଦେବୀଙ୍କ ପୀଠରେ ଶକ୍ତି ଓ ଉପାସନାର ମହାପର୍ବ ନବରାତ୍ରିର ନବମ ଦିବସରେ ମହାଷ୍ଟମୀ ପର୍ବ, ସ୍ଥାନ: ଓଡ଼ଗାଁ ବ୍ଲକର ଜାମୁକୋଣ ପାହାଡ଼, ସମୟ: ସକାଳ ୮ଟା।
- ୨ୟ ଅଯୋଧ୍ୟାରେ ଶ୍ରୀରାମ ଜନ୍ମୋତ୍ସବ, ନବାହ୍ନ ପାରାୟଣର ଅଷ୍ଟମ ଦିବସ, ସ୍ଥାନ: ଭାପୁର ବ୍ଲକର ଫତେଗଡ଼ ପୁରୁଷୋତ୍ତମ ପ୍ରଭୁ ଶ୍ରୀରାମ ମନ୍ଦିର, ସମୟ: ସକାଳ ୯ଟା।
- ବାସନ୍ତୀକ ଦୁର୍ଗାପୂଜାର ୨ୟ ଦିବସ, ସ୍ଥାନ: ଖଣ୍ଡପଡ଼ା ବ୍ଲକର ଜଗନ୍ନାଥପ୍ରସାଦର ଦରଦା ଗାଁ, ସମୟ: ସକାଳ ୯ଟା।
- ବୀର ବଜରଙ୍ଗବାଲୀଙ୍କ ଅଶୋକାଷ୍ଟମୀ ଯାତ୍ରା, ସ୍ଥାନ: ଶରଣକୁଳ ଲଡୁବାବାଙ୍କ ମନ୍ଦିର ସମ୍ମୁଖ ହନୁମାନ ମନ୍ଦିର, ସମୟ: ସକାଳ ୧୦ଟା।
- ୧୫ ଦିନିଆ ଦଣ୍ଡପର୍ବର ସପ୍ତମ ଦିବସ, ସ୍ଥାନ: ଖଣ୍ଡପଡ଼ା ବ୍ଲକର କୁମ୍ଭାରପଡ଼ା, ସମୟ: ଅପରାହ୍ନ ୨ଟା।
- ୧୫ ଦିନିଆ ଦଣ୍ଡପର୍ବର ସପ୍ତମ ଦିବସ, ସ୍ଥାନ: ଖଣ୍ଡପଡ଼ା ବ୍ଲକର ସିଦ୍ଧାମୂଳା, ସମୟ: ଅପରାହ୍ନ ୨ଟା।
- ୧୫ ଦିନିଆ ଦଣ୍ଡପର୍ବର ସପ୍ତମ ଦିବସ, ସ୍ଥାନ: ଖଣ୍ଡପଡ଼ା ବ୍ଲକର ରୟତ ଡ଼ୋଲମରା, ସମୟ: ଅପରାହ୍ନ ୨ଟା।
- ୨ୟ ଅଯୋଧ୍ୟାରେ ଶ୍ରୀରାମ ଜନ୍ମୋତ୍ସବ ଓ ନବାହ୍ନ ପାରାୟଣ ଅବସରରେ ପ୍ରବଚନରେ ଅଙ୍ଗଦ ଚିଟାଉ ଓ ରାବଣ ବଧ, ସ୍ଥାନ: ଭାପୁର ବ୍ଲକର ଫତେଗଡ ପୁରୁଷୋତ୍ତମ ପ୍ରଭୁ ଶ୍ରୀରାମ ମନ୍ଦିର, ସମୟ: ସନ୍ଧ୍ୟା ୬ଟା।

## ରାୟଗଡ଼ା

- ଓଡ଼ିଆ ପକ୍ଷ ପାଳନ ଅବସରରେ ୱାକାଥନ କାର୍ଯ୍ୟକ୍ରମ, ସ୍ଥାନ: କାଳି ମନ୍ଦିର ଛକଠାରୁ ସଦ୍‌ଭାବନା ସ୍ପୋର୍ଟ୍ସ କମ୍ପ୍ଲେକ୍ସ, ରାୟଗଡ଼ା, ସମୟ: ସକାଳ ୫ଟା ୩୦ ।
- ରାମ ନବମୀ ଉପଲକ୍ଷେ କଳସ ଯାତ୍ରା, ସ୍ଥାନ: ଜାମଗୁଡ଼ାସ୍ଥିତ ତ୍ରିନାଥ ମନ୍ଦିର, ଟିକିରି, ସମୟ: ଅପରାହ୍ନ ୪ ଟା ।

## ନବରଙ୍ଗପୁର

- ଓଡ଼ିଆ ପକ୍ଷ ପାଳନ ଅବସରରେ ଗଣଦୌଡ଼, ସ୍ଥାନ: ନବରଙ୍ଗପୁର ସଦାଶିବ ତ୍ରିପାଠୀ ପାର୍କରୁ ପୋଲିସ ପଡ଼ିଆ ପର୍ଯ୍ୟନ୍ତ, ସମୟ: ସକାଳ ୬ଟା।

## କୋରାପୁଟ

- ଓଡ଼ିଶା ପକ୍ଷ ନେଇ ଗଣ ଦୌଡ଼, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, କୋରାପୁଟ, ସମୟ: ସକାଳ ୬ଟା।
- ଶାବର ଶ୍ରୀକ୍ଷେତ୍ରରେ ମା' ବିମଳାଙ୍କ ମହାଗୌରୀ ବେଶ, ସ୍ଥାନ:ଶାବର ଶ୍ରୀକ୍ଷେତ୍ର, କୋରାପୁଟ, ସମୟ: ସକାଳ ୭ଟା।
- ଓଡ଼ିଶା ଦିବସ ପକ୍ଷ ପାଳନ, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଦଶମନ୍ତପୁର, ସମୟ: ପୂର୍ବାହ୍ନ ୧୧ଟା।
- ଶ୍ରୀରାମ ନବମୀ ଓ ବାର୍ଷିକ ଉତ୍ସବ, ସ୍ଥାନ: ଏଇଏଫ୍ କଲୋନୀ,ସୁନାବେଡ଼ା, ସମୟ: ଅପରାହ୍ନ ୫ଟା।

## ସମ୍ବଲପୁର

- ଚୈତ୍ର ନବରାତ୍ରୀ ଅଷ୍ଟମୀ ପୂଜା, ସ୍ଥାନ: ଭୂତାପଡା ସ୍ଥିତ ମାଁ ମଙ୍ଗଳା ମନ୍ଦିର, ସମୟ: ସକାଳ ୮ଟା
- ରାମଚଣ୍ଡୀ ମନ୍ଦିର ପ୍ରତିଷ୍ଠା ଅବସରରେ ଦେବୀଙ୍କ ମହାସ୍ନାନ, ପ୍ରାଣପ୍ରତିଷ୍ଠା, ସ୍ଥାନ:ଭତରା ସ୍ଥିତ ଶଙ୍କରମଠ ପରିସର, ସ୍ଥାନ:ପୂର୍ବାହ୍ନ ୧୦ ଟା।
- ମିଷ୍ଟର ଆଣ୍ଡ ମିସ ଇଣ୍ଡିଆ ପ୍ରତିଯୋଗୀଙ୍କ ସମଲେଇ ମନ୍ଦିର ପରିଦର୍ଶନ, ସ୍ଥାନ: ସମଲେଇ ମନ୍ଦିର, ସମୟ: ପୂର୍ବାହ୍ନ ୮ଟା
- ମିଷ୍ଟର ଆଣ୍ଡ ମିସ ଇଣ୍ଡିଆ ପ୍ରତିଯୋଗିତା ଆରମ୍ଭ, ସ୍ଥାନ:ପିଏଚଡି ପଡିଆ, ସମୟ:ଅପରାହ୍ନ ୫ଟା।

## ବଲାଙ୍ଗୀର

- ବଲାଙ୍ଗୀର ଚାମ୍ପିୟନ୍ସ ଲିଗ୍ ୨୦୨୫, ସ୍ଥାନ: ଗାନ୍ଧୀ ଷ୍ଟାଡ଼ିୟମ, ବଲାଙ୍ଗୀର, ସମୟ: ଅପରାହ୍ନ ୫ଟା।
- ଲୋଇସିଂହାରେ ବାସନ୍ତିକ ଦୁର୍ଗାପୂଜା ଉପଲକ୍ଷେ ଝାମୁଯାତ୍ରା, ସ୍ଥାନ: ଲୋଇସିଂହା ଦୁର୍ଗାମଣ୍ଡପ, ସମୟ: ସନ୍ଧ୍ୟା ୫ଟା ୩୦ ମିନିଟ।

## ରାଉରକେଲା

- ଅଶୋକାଷ୍ଟମୀ ପୂଜା, ସ୍ଥାନ: ଜଗଦା ମା' ବାଟ ମଙ୍ଗଳା ମନ୍ଦିର, ସମୟ: ସକାଳ ୬ଟା।
- ବାସନ୍ତିକ ନବରାତ୍ର ଅଷ୍ଟମୀ ପୂଜା, ସ୍ଥାନ: ସେକ୍ଟର-୩ ପଡ଼ିଆ, ସମୟ: ସକାଳ ୭ଟା।
- ସେକ୍ଟର-୬ରେ ବାସନ୍ତୀ ପୂଜନୋତ୍ସବ, ସ୍ଥାନ: ସେକ୍ଟର-୬, ସମୟ: ସକାଳ ୮ଟା।
- ଭାଜପା ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ସେକ୍ଟର-୩ ଭାଜପା କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଓଡିଶା ଭାଷା ବିକାଶ ମଞ୍ଚ ପକ୍ଷରୁ ସାହିତ୍ୟ ଆଲୋଚନାଚକ୍ର, ସ୍ଥାନ: ସେକ୍ଟର-୪, କଲଚରାଲ ଏକାଡେମୀ, ସମୟ: ସନ୍ଧ୍ୟା ୬ଟା ୩୦।
- ବାସନ୍ତିକ ପରିଷଦ ପକ୍ଷରୁ ପାଲା ମହୋତ୍ସବ, ସ୍ଥାନ: ସେକ୍ଟର-୩ ପଡ଼ିଆ, ସମୟ: ସନ୍ଧ୍ୟା ୬ଟା।
- ଶାରଳା ସାଂସ୍କୃତିକ ପରିଷଦ ପକ୍ଷରୁ ବାଦୀପାଲା, ସ୍ଥାନ: ସେକ୍ଟର-୬, ସମୟ: ସନ୍ଧ୍ୟା ୬ଟା ୩୦।

## ସୁନ୍ଦରଗଡ଼

- ଇନଭେଷ୍ଟିଚ୍ୟୁର ସେରିମୋନି, ସ୍ଥାନ:କୁଆଁରମୁଣ୍ଡା ଡନବସ୍କୋ ସ୍କୁଲ ପରିସର, ସମୟ: ସକାଳ ୭ଟା।
- ଜିଲାସ୍ତରୀୟ ନିଃଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର, ସ୍ଥାନ: ସୁନ୍ଦରଗଡ଼ ସରକାରୀ ମେଡ଼ିକାଲ କଲେଜ ଓ ହସ୍ପିଟାଲ, ସମୟ: ସକାଳ ୮ଟା।
- ଶଙ୍କର୍ଷଣ ନାଏକ ମେମୋରିଆଲ ପାରିଜାତ ଜୈବ ବିବିଧ ଉଦ୍ୟାନର ଉଦ୍‌ଘାଟନ ସମାରୋହ, ସ୍ଥାନ: ବନଦୁର୍ଗା ବିହାର ନିକଟ, ସମୟ: ସକାଳ ୮ଟା ୩୦।

## ବରଗଡ଼

- ସମଲେଶ୍ୱରୀଙ୍କ ବାସନ୍ତୀକ ପୂଜନୋତ୍ସବ, ସ୍ଥାନ: ସମଲେଶ୍ୱରୀ ମନ୍ଦିର, ବରଗଡ଼, ସମୟ: ସକାଳ ୭ଟା।
- ବାସନ୍ତୀକ ନବ ଦିନାତ୍ମକ ପୂଜା ମହୋତ୍ସବ, ସ୍ଥାନ: ଶ୍ୟାମାକାଳୀ ମନ୍ଦିର, ବରଗଡ଼, ସମୟ: ସକାଳ ୭ଟା।
- ବାସନ୍ତୀକ ନବରାତ୍ର ଦୁର୍ଗାପୂଜା, ସ୍ଥାନ: ଦୁର୍ଗା ମନ୍ଦିର ପରିସର, ସୋହେଲା,ସମୟ: ସକାଳ ୭ଟା।

## କଳାହାଣ୍ଡି

- ଓଡ଼ିଆ ପକ୍ଷ ପାଳନ ଅବସରରେ ଗଣଦୌଡ଼, ସ୍ଥାନ: ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ଛକଠାରୁ ଘୋଡାଘାଟ ଛକ, ସମୟ: ସକାଳ ୬ଟା ୩୦।
- ସମାଜବାଦୀ ପାର୍ଟି ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର, ସ୍ଥାନ: ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ଅଫିସ, ସମୟ: ପୂର୍ବାହ୍ନ ୧୧ଟା।
- ଚୈତ୍ର ଘଣ୍ଟ ଯାତ୍ରା ପଞ୍ଚମ ଦିନରେ ଦୁର୍ଗା ପରିବାର ପକ୍ଷରୁ ସ୍ୱତନ୍ତ୍ର ପୂଜା, ସ୍ଥାନ: ଥୁଆମୂଳ ରାମପୁର ବ୍ଲକର ଜାମଖୋଲା ପଡ଼ା, ସମୟ: ସନ୍ଧ୍ୟା ୬ଟା ୩୦।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଦୁଃସ୍ଥାନରେ ଗ୍ରହଯୁଦ୍ଧ ଯୋଗୁ ଯାତ୍ରା, ଅର୍ଥ ସମ୍ପର୍କ, ପାରିବାରିକ ବ୍ୟତିକ୍ରମ ଦେଖାଦେଇପାରେ।କୋଣାଧିପ ରବି ଅଷ୍ଟମସ୍ଥ ଯୋଗୁ ପଦସ୍ଥ ବ୍ୟକ୍ତିଙ୍କ ସହିତ ଭୁଲ୍ ବୁଝାମଣାର ଆଶଙ୍କା ରହିଛି। ଅଟକି ରହିଯାଇଥିବା କାର୍ଯ୍ୟ ତ୍ୱରାନ୍ୱିତ ହେବାରେ ଚନ୍ଦ୍ରଙ୍କ ଦୃଷ୍ଟି ସାହାଯ୍ୟ କରିବ। ଆବଶ୍ୟକତା ଅନୁଯାୟୀ ଗୃହକୁ ସୌଖୀନ ପଦାର୍ଥ ଆଣିପାରନ୍ତି।

**ବୃଷ** ସୁଖଭାବରେ ଚନ୍ଦ୍ର ଥିବାରୁ ହସି ହସି କଥା କହିବେ ଏବଂ କର୍ମାରମ୍ଭ ପାଇଁ ଅନୁକୂଳତା ପ୍ରାପ୍ତ ହେବ। ଘର ତିଆରି, ଯାନ ମରାମତି, ଦୋକାନର ଉନ୍ନତୀକରଣ ଓ ସଭାସମିତି କ୍ଷେତ୍ରରୁ ଉପକୃତ ହେବେ। ମାତ୍ର ପ୍ରତ୍ୟେକ କ୍ଷେତ୍ରରେ ଟେନସନ୍ କିଛି ମାତ୍ରାରେ ଲାଗିରହିବ। ନିଜ ସହ ଭଲ ସମ୍ପର୍କ ରଖୁନଥିବା ଲୋକମାନେ ବିରୁଦ୍ଧାଚରଣ କରିପାରନ୍ତି।

**ମିଥୁନ** ବୁଧଙ୍କ ବଳହୀନତା କାରଣରୁ ସତର୍କତା କିମ୍ବା ଅନ୍ୟମନସ୍କତା ହେତୁ ଟଙ୍କା, ପଇସା, ଦରକାରୀ କାଗଜପତ୍ର ହଜାଇ ଦେଇପାରନ୍ତି। ସହକର୍ମୀ, ଭାଇ କିମ୍ବା ପଡ଼ୋଶୀଙ୍କ ସହ ଅଶାନ୍ତ ପରିସ୍ଥିତି ସୃଷ୍ଟି ହୋଇପାରେ। ଆଜି ଯାହା କରିବେ ଅବଶ୍ୟ କ୍ଷତି ହେବନି,ମାତ୍ର ଏକ ସଂଘର୍ଷମୟ ପରିସ୍ଥିତିର ସାମ୍ନା କରିବାକୁ ପଡ଼ିବ।

**କର୍କଟ** ଆଜି ମାନସିକ ସ୍ଥିତି ଭଲ ନ ଥିଲେ ମଧ୍ୟ କାମରେ ଅବହେଳା କରିବେ ନାହିଁ। ମଙ୍ଗଳଙ୍କ ଦୁର୍ବଳତାରୁ ପ୍ରତ୍ୟେକ କ୍ଷେତ୍ରରେ ପଛେଇ ରହିବେ। ସମ୍ମୁଖରେ ନ କହି ପଛରେ କେହି ସମାଲୋଚନା କରିବେ। ଆର୍ଥିକ ଦିଗଟି ଭଲ ରହିବ ଏବଂ ପଦସ୍ଥ ବ୍ୟକ୍ତିଙ୍କ ଅନୁକମ୍ପା ପାଇବେ। ଶନିଙ୍କ ଦୁଷ୍ଟଭାବରୁ କଚେରି ମାମଲା ମନ୍ଥର ହୋଇପାରେ।

**ସିଂହ** କର୍ମସ୍ଥାନରେ ବୃହସ୍ପତି ଆପଣଙ୍କ ଗୃହନିର୍ମାଣ, ଯାନବାହନ, ପାରିବାରିକ ଶାନ୍ତି କ୍ଷେତ୍ରରେ ସହାୟକ ହେବେ। ବୁଧଙ୍କ ପ୍ରଭାବରେ ବନ୍ଧୁ ବିରୋଧୀ ହେବେ ଏବଂ ଅର୍ଥ ସଂକଟ ଲାଗି ରହିପାରେ। ବିଭିନ୍ନ ସମସ୍ୟା ରହିଥିଲେ ମଧ୍ୟ କୌଣସି କାମ ଅଟକିବ ନାହିଁ। ଶିଳ୍ପ, ବାଣିଜ୍ୟରୁ ଭଲ ଲାଭ ପାଇବେ କିନ୍ତୁ ବିବାଦରୁ ଦୂରେଇ ରହିବା ଭଲ ହେବ।

**କନ୍ୟା** ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣାଧୀନ ରହିବ କିନ୍ତୁ ବ୍ୟୟଭାର ବୃଦ୍ଧି ପାଇବା ସମ୍ଭାବନା ରହିଛି। ହାତରେ ଧନ ନଥିଲେ ମଧ୍ୟ କୌଣସି ଆବଶ୍ୟକତା ଅପୂରଣୀୟ ରହିବନାହିଁ। ଶତ୍ରୁତା କରୁଥିବା ଲୋକମାନେ ମଧ୍ୟ ମିତ୍ରତା ସାଜିବା ପାଇଁ ଚେଷ୍ଟିତ ହେବେ। ପ୍ରକାଶନ, ପ୍ରଶାସନ, ରଚନାତ୍ମକ କ୍ଷେତ୍ରରେ ଶୁଭଫଳ ପାଇବାର ଆଶା ରହିଛି।

**ତୁଳା** ଗୁରୁଙ୍କ କୃପାଦୃଷ୍ଟିରୁ ବୈଷୟିକ ଅଭିବୃଦ୍ଧି ସାଙ୍ଗକୁ ସମସ୍ତ କାର୍ଯ୍ୟ ସାଧନ କରିବେ। ଅସୁସ୍ଥତା ଅନୁଭବ କଲେ ମଧ୍ୟ ବିଶେଷ ଅସୁବିଧା ହେବ ନାହିଁ। ସାହିତ୍ୟ, ପ୍ରଶାସନ, ସଭାସମିତି, ସାମ୍ବାଦିକତା ଓ ରାଜନୈତିକ ସ୍ତରରେ ପ୍ରଂଶସିତ ହେବେ। ଚିତ୍ରା ନକ୍ଷତ୍ରର ସବୁ ସୁବିଧା ଥିଲେ ମଧ୍ୟ ଅବହେଳା କାରଣରୁ ସୁଯୋଗ ହରାଇବେ।

**ବିଛା** ଦେହ କିମ୍ବା ମନ କମ୍‌ଜୋର୍ ରହିଥିଲେ ମଧ୍ୟ କୌଣସି କ୍ଷେତ୍ରରେ ପଛକୁ ଫେରିବେ ନାହିଁ। କୌଣସି ଘଟଣା ନ ବୁଝି ପଡ଼ୋଶୀ କ୍ରୋଧ ପ୍ରକାଶ କରିବାର ସୂଚନା ରହିଛି। ବ୍ୟବସାୟ, ବାଣିଜ୍ୟ ଓ ପରିବହନ ପାଇଁ ବିଶେଷ ଅସୁବିଧା ହେବ ନାହିଁ। ପାରିବାରିକ ଜୀବନ ସୁଖ ସନ୍ତୋଷରେ କଟିବ।

**ଧନୁ** ଚନ୍ଦ୍ରଙ୍କ ଦୃଷ୍ଟିଜନିତ ବିଭିନ୍ନ ସମସ୍ୟା ହେତୁକ ମାନସିକ ସ୍ଥିତି ବିପନ୍ନଜନିତ ଟେନ୍ସନ ଲାଗିରହିବ। ପ୍ରତ୍ୟେକ କ୍ଷେତ୍ରରେ ସଫଳତା ପାଇବେ ଅବଶ୍ୟ ଖର୍ଚ୍ଚର ମାତ୍ରା ବୃଦ୍ଧି ପାଇପାରେ। ଅଧିକାଂଶ ସମୟ କାର୍ଯ୍ୟବ୍ୟସ୍ତତା ହେତୁ ଶାରୀରିକ ସୁସ୍ଥତା ବ୍ୟାହତ ହୋଇପାରେ। ପରିବାରରେ ନିଜର ମନୋଭାବକୁ ହଠାତ୍ ପ୍ରକାଶ କରିବା ଠିକ୍ ହେବନାହିଁ।

**ମକର** ଆଜିର ଗ୍ରହସ୍ଥିତି ଭଲ ହେତୁ ଦିନଟି ଭଲରେ ଅତିବାହିତ ହେବ। ଅର୍ଥଲାଭ, କାର୍ଯ୍ୟସିଦ୍ଧି, ପାରିବାରିକ ସୌଖ୍ୟ ଓ ମିତ୍ରମାନଙ୍କ ସମାଗମରୁ ଖୁସି ରହିବେ। କର୍ମକ୍ଷେତ୍ରରେ ଅନ୍ୟମାନଙ୍କ ମତକୁ ସମ୍ମାନ ଦେଇ ପ୍ରଶଂସିତ ହେବେ। ବୈବାହିକ ସମ୍ପର୍କ ପରିପ୍ରେକ୍ଷୀରେ ନୂତନ ବନ୍ଧୁସମ୍ପର୍କ ସ୍ଥାପନ ହେବା କାରଣରୁ ଖୁସି ରହିପାରନ୍ତି।

**କୁମ୍ଭ** କର୍ମକ୍ଷେତ୍ରରେ ଅଥବା ଯେଉଁଠି ଯାହା କହିବେ ତାହା ଠିକ୍ ଭାବେ କାର୍ଯ୍ୟକାରୀ ହେବ। ବିଦ୍ୟମାନ ସ୍ଥିତିରୁ ସହସା ମୁକ୍ତି ମିଳିବ ଓ ପ୍ରତ୍ୟେକ କ୍ଷେତ୍ରରେ ବିଜୟଲାଭ ଅବଶ୍ୟମ୍ଭାବୀ। ନୂଆ ଯୋଜନା ସକାଶେ ବନ୍ଧୁଙ୍କ ପରାମର୍ଶ ଆବଶ୍ୟକ ମନେ କରିବେ। ନୀଚ ସଂସର୍ଗରୁ ଦୂରେଇ ରୁହନ୍ତୁ ଅନ୍ୟଥା ଅପବାଦର ବୋଝ ମୁଣ୍ଡାଇବାକୁ ପଡ଼ିବ।

**ମୀନ** ମନ ଯେମିତି ଉଚ୍ଚ ଆପଣଙ୍କ ଆଜିର କାମ ମଧ୍ୟ ତଦନୁରୂପ ହେବାରୁ ସବୁଠି ପ୍ରଶଂସାର ପାତ୍ର ହେବେ। ବାଣିଜ୍ୟ, ପରିବହନ କ୍ଷେତ୍ରରେ ସ୍ଥିରତା ଫେରିପାଇବେ। ରାଜନୀତି ଓ ସାଂଗଠନିକ ସ୍ତରରେ ଉଚ୍ଚକର୍ତ୍ତୃପକ୍ଷଙ୍କ ଚାପର ସମ୍ମୁଖୀନ ହେବେ। ସଭାସମିତିରେ ସଫଳତା ହାସଲ କରିବେ କିନ୍ତୁ ଅପ୍ରିୟ ସତ୍ୟ ଭାଷଣରୁ ନିବୃତ୍ତ ରହିବା ଭଲ।

ଆଜି ଏପ୍ରିଲ୍ ୫ ତାରିଖ, ସମତା ଦିବସ, ରାଷ୍ଟ୍ରୀୟ ନୌସେନା ଦିବସ, ରାଷ୍ଟ୍ରୀୟ ସାମୁଦ୍ରିକ ଦିବସ, ଜଗଜୀବନରାମଙ୍କ ଜୟନ୍ତୀ, ଚୈତ୍ର ଶୁକ୍ଳପକ୍ଷର ଅଶୋକାଷ୍ଟମୀ, ଶନିବାର। ଶ୍ରୀଲିଙ୍ଗରାଜ ଦେବଙ୍କ ରୁକୁଣା ରଥଯାତ୍ରା, ପିଠେ ବାସନ୍ତିକ ମହାନବମୀ, ରାଶି ନକ୍ଷତ୍ର-ପୁନର୍ବସୁ/ମିଥୁନ, ଅଷ୍ଟମୀର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ, ଦିବା ଘ.୧୦।୧୬ ଗତେ ଘ.୦୧।୦୩ ମଧ୍ୟେ ଶୁଦ୍ଧ ଶୁଭବେଳା।ସକାଳଘ.୦୮।୪୫ ଗତେଘ.୧୦।୧୬ ମଧ୍ୟେରାହୁକାଳ।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଦକ୍ଷିଣ ଦୁଆରିଆ ଘର**
**ଯେ ନ ପଶିଲା ସେ ପଶିଲା**
**କାହାକୁ କରିବି ପର।**

ପ୍ରବେଶ ଦ୍ୱାର ଦକ୍ଷିଣ ଦିଗରେ ଥିଲେ, ଘରକୁ ବନ୍ଧୁ ଓ ଅତିଥିଙ୍କ ଆଗମନ ଅଧିକ ହୁଏ। ଜନସମ୍ପର୍କ ବୃଦ୍ଧିପାଇଥାଏ। ସମସ୍ତଙ୍କ ସହ ସଦ୍‌ଭାବ ରହୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଦୋଳ ଯାଏ ଭାତ**
**ବିଭା ଯାଏ ପାଠ।**

କୃଷିଧାନ ଦୋଳ ପରେ ନିଅଣ୍ଟିଆ ଅବସ୍ଥା ସୃଷ୍ଟି କରେ। ସେମିତି ବିଭାଘର ପରେ ପାଠର ଆଉ ସେତେଟା ଆବଶ୍ୟକତା ପଡ଼ି ନ ଥାଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ



ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

ପ୍ରଥମ ପୃଷ୍ଠାରୁ...

## ଜାତି ଗଲା, ପେଟ ....

ଏକଥା ସତ ଯେ, ସସ୍ମିତଙ୍କର ଏତେ ସାହସ ନାହିଁ ଦଳର ନିଷ୍ପତ୍ତି ନିଜ ଇଚ୍ଛାରେ କହିଦେବେ। ହେଲେ ସସ୍ମିତ ଏହି ପୋଷ୍ଟ କରିବା ପୂର୍ବରୁ ରେଳମନ୍ତ୍ରୀ ବିଜେଡିର ସବୁ ରାଜ୍ୟ ସଭା ସଦସ୍ୟଙ୍କୁ ଭେଟି ବିଲ୍‌କୁ ସମର୍ଥନ ଦେବା ଲାଗି କହିଥିଲେ। ଏକଥା ମଧ୍ୟ ବହୁ ରାଜ୍ୟ ସଭା ସଦସ୍ୟ ସ୍ୱୀକାର କରିଛନ୍ତି। ହେଲେ ବିଜେଡିର ଭିନ୍ନମତକୁ ସବୁ ଏମ୍‌ପି ଗ୍ରହଣ କରିପାରି ନାହାନ୍ତି। ଜଣେ ଏମ୍‌ପି ନିଜ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି, ସସ୍ମିତ ଏବଂ ସୁଲତା ଦେଓ ବିଲ୍ ସପକ୍ଷରେ ଭୋଟ ଦେଇଥିବା ବେଳେ ମୁନ୍ନା ଖାଁ, ମାନସ ମଙ୍ଗରାଜ, ଶୁଭାଶିଷ ଖୁଣ୍ଟିଆ ଏବଂ ନିରଞ୍ଜନ ବିଶି ବିପକ୍ଷରେ ଭୋଟ୍ ଦେଇଛନ୍ତି। ଅନ୍ୟପଟେ ଦେବାଶିଷ ସାମନ୍ତରାୟ ଭୋଟ ବର୍ଜନ କରିଥିବା କହିଛନ୍ତି। ହେଲେ ଏଭଳି କରିବା ଦ୍ୱାରା କେନ୍ଦ୍ରର ଭାଜପା ସମର୍ଥିତ ଏନ୍‌ଡିଏ ସରକାର ନା ଇଣ୍ଡିଆ ମେଣ୍ଟ କାହାକୁ ମଧ୍ୟ ଖୁସି କରିବାରେ ନବୀନଙ୍କ ସହଯୋଗୀ ସଫଳ ହୋଇପାରିନାହାନ୍ତି, କେବଳ ନିଜ କାର୍ଯ୍ୟ ହାସଲ କରିପାରିଛନ୍ତି।

ବିଲ୍‌ବାବଦରେ ଏଭଳି ଆଭିମୁଖ୍ୟ ପରେ ଦଳର ବରିଷ୍ଠ ନେତାମାନେ ବିରକ୍ତିଭାବ ପ୍ରକାଶକରି ଶଙ୍ଖ ଭବନଠାରେ ଏକାଠି ହୋଇଛନ୍ତି। ସେଠାରେ ଦଳର ଆଭିମୁଖ୍ୟ କାହିଁକି ଏପରି ରହିଲା ବୋଲି ଦଳର ସଭାପତିଙ୍କୁ ପଚାରିବେ ବୋଲି ସମସ୍ତଙ୍କ ଭିତରେ ମତ ପ୍ରକାଶ ପାଇଛି। ଏପରିକି କେତେଜଣ ନେତା ଦରକାର ପଡ଼ିଲେ କିଛି ବଡ ପଦକ୍ଷେପ ନେବା ଭଳି କଥା ସେହି ସମୟରେ ଉଠାଇଥିବା ଜଣାଇଛନ୍ତି। ଏହାପରେ ଯେତେବେଳେ ବରିଷ୍ଠ ନେତା ପ୍ରସନ୍ନ ଆଚାର୍ଯ୍ୟ, ଶଶିଭୂଷଣ ବେହେରା, ରଘୁନାଥ ସାହୁ, ପଦ୍ମନାଭ ବେହେରା, ଦେବୀପ୍ରସାଦ ମିଶ୍ର ପ୍ରମୁଖ ଶୁକ୍ରବାର ସନ୍ଧ୍ୟାରେ ନବୀନ ନିବାସ ଯାଇଛନ୍ତି। ସେମାନଙ୍କୁ ଖ୍ରୀଷ୍ଟିଆନ-ମୁସଲମାନ ପାଠ ପଢ଼ାଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ନବୀନ ବରିଷ୍ଠ ନେତାମାନଙ୍କୁ ଏହି ଅବସରରେ କହିଥିଲେ, ସେ କେବେହେଲେ ଏହି ବିଲ୍‌କୁ ବିରୋଧ କରିବା କଥା ନିଜ ମୁହଁରେ କହିନାହାନ୍ତି। ରାଜ୍ୟରେ ୨.୧୭ ପ୍ରତିଶତ ଖ୍ରୀଷ୍ଟିଆନ ଏବଂ ୧.୭ ପ୍ରତିଶତ ମୁସଲମାନ ଅଛନ୍ତି। ତେଣୁ ବିଲ୍‌କୁ ସମର୍ଥନ କଲେ ଖ୍ରୀଷ୍ଟିଆନମାନଙ୍କ କ୍ଷତି ହେବ ବୋଲି କହିଛନ୍ତି। ଏହାସହ ବର୍ତ୍ତମାନ ସମୟରେ ଏହି ବିଷୟକୁ ନେଇ ଦଳକୁ ବଞ୍ଚାଅ ବୋଲି କୁଆଡ଼େ ନବୀନ କହିଥିବା ଜଣାପଡ଼ିଛି। ନବୀନଙ୍କ ମୁହଁରୁ ଏଭଳି କଥା ଶୁଣିବା ପରେ ବରିଷ୍ଠ ନେତାମାନେ ବାହାରେ ଆସି ଭିନ୍ନ ଗପ ଆରମ୍ଭ କରିଦେଇଛନ୍ତି। ଦଳ ସଭାପତିଙ୍କ ଘନିଷ୍ଠ ସହଯୋଗୀ ନିଜକୁ ବଞ୍ଚାଇବା ଲାଗି ଏଭଳି କଥା ନବୀନଙ୍କ ମୁହଁରୁ କୁହାଇ ଯେଉଁ ପାଠ ପଢ଼ାଇବାକୁ ଚେଷ୍ଟା କରୁଛି ଦଳ ଉପରୁ ତୃଣମୂଳସ୍ତରରୁ ଲୋକଙ୍କ ବିଶ୍ୱାସ ଉଠିଯିବ ବୋଲି ମତ ପ୍ରକାଶ ପାଇବା ଆରମ୍ଭ ହେଲାଣି।

## ୱାକ୍‌ଫ ବିଲ୍‌କୁ ଜୋରଦାର ...


ଦୃଶ୍ୟ ଦେଖିବାକୁ ମିଳିଛି। ଅଭିନେତା ବିଜୟଙ୍କ ଦଳ ତାମିଲାଗା ଭେଟ୍ରି କାଝାଗାମ (ଟିଭିକେ) ପକ୍ଷରୁ ରାଜ୍ୟବ୍ୟାପୀ ଆନ୍ଦୋଳନ ଘୋଷଣା କରାଯାଇଥିଲା। ଟିଭିକେ କର୍ମୀମାନେ ଚେନ୍ନାଇ ସମେତ କୋଏମ୍ବାଟୁର, ତିରୁଚିରାପଲ୍ଲୀ ଆଦି ବିଭିନ୍ନ ସହରରେ ଏକାଠି ହୋଇ ୱାକ୍‌ଫ ବିଲ୍ ବିରୋଧରେ ସ୍ଲୋଗାନ ଦେଇଥିଲେ।

ଲୋକ ସଭାରେ ବୁଧବାର ୧୨ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ବିତର୍କ ପରେ ୱାକ୍‌ଫ ସଂଶୋଧନ ବିଧେୟକ ଗୃହୀତ ହୋଇଥିଲା। ଲୋକ ସଭାରେ ବିଲ୍ ସପକ୍ଷରେ ୨୮୮ ଭୋଟ ପଡ଼ିଥିବାବେଳେ ବିରୋଧରେ ୨୩୨ ଜଣ ଭୋଟ ଦେଇଥିଲେ। ସେହିପରି ଗୁରୁବାର ପାଖାପାଖି ୧୪ ଘଣ୍ଟାର ଆଲୋଚନା ପରେ ବିଳମ୍ବିତ ରାତିରେ ବିଲ୍‌କୁ ମଞ୍ଜୁରୀ ମିଳିଥିଲା। ଉଚ୍ଚ ସଦନରେ ବିଲ୍‌କୁ ୧୨୮ ଭୋଟ ମିଳିଥିବାବେଳେ ଏହା ବିରୋଧରେ ୯୫ ଭୋଟ ପଡ଼ିଥିଲା। ବିପକ୍ଷ ଦଳଗୁଡ଼ିକର ତୀବ୍ର ବିରୋଧ ସତ୍ତ୍ୱେ ବିଲ୍ ପାର୍ଲାମେଣ୍ଟର ଅନୁମୋଦନ ଲାଭ କରିସାରିଥିବାରୁ ରାଷ୍ଟ୍ରପତିଙ୍କ ମଞ୍ଜୁରୀ ପରେ ଆଇନରେ ପରିଣତ ହେବ। ତେବେ ଏହାର ପ୍ରତିବାଦରେ ସଂଖ୍ୟାଲଘୁ ସମ୍ପ୍ରଦାୟର ସଦସ୍ୟମାନେ କୋଲକାତାର ପାର୍କ ସର୍କସ କ୍ରସିଂଠାରେ ଶୁକ୍ରବାର ବିକ୍ଷୋଭ କରିବା ସହ ତୁରନ୍ତ ବିଲ୍ ପ୍ରତ୍ୟାହାର ପାଇଁ ଦାବି କରିଛନ୍ତି। ଦେଶକୁ ବିଭାଜନ କରିବା ପାଇଁ ଏହି ବିଲ୍ ଭାଜପାର ଏକ ଚାଲ୍ ବୋଲି ସେମାନେ ଅଭିଯୋଗ କରିଛନ୍ତି। ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ମଧ୍ୟ ଅନୁରୂପ ଅଭିଯୋଗ କରିଛନ୍ତି। ଆମେ ରାଜ୍ୟର ମୁସଲମାନମାନଙ୍କୁ ସେମାନଙ୍କ ସମ୍ପତ୍ତି ହରାଇବାକୁ ଦେବୁ ନାହିଁ। କେନ୍ଦ୍ରରେ ନୂଆ ସରକାର ଆସିଲେ ଏହି ବିଲ୍‌କୁ ଅକାମୀ କରିବା ନିମନ୍ତେ ସଂଶୋଧନ ଅଣାଯିବ ବୋଲି ସେ କହିଛନ୍ତି। ବିକ୍ଷୋଭ ଯୋଗୁ ସହରରେ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହୋଇଛି।

ଅନ୍ୟପକ୍ଷରେ ୱାକ୍‌ଫ ସଂଶୋଧନ ବିଲ୍ ସାମ୍ବିଧାନିକ ବ୍ୟବସ୍ଥାର ଉଲ୍ଲଂଘନ କରୁଥିବା ଦର୍ଶାଇ କଂଗ୍ରେସ ଏମ୍‌ପି ମହମ୍ମଦ ଜାୱେଦ ଶୁକ୍ରବାର ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସେହିପରି ଏଆଇଏମ୍ଆଇଏମ୍ ଅଧ୍ୟକ୍ଷ ଅସାଦୁଦ୍ଦିନ ଓୱାଇସି ମଧ୍ୟ ବିଲ୍‌କୁ ବିରୋଧକରି ସର୍ବୋଚ୍ଚ ଅଦାଲତରେ ପିଟିଶନ ଦାଏର କରିଛନ୍ତି। କଂଗ୍ରେସ ଏମ୍‌ପି ତାଙ୍କ ଆବେଦନରେ ଦର୍ଶାଇଛନ୍ତି ଯେ, ବିଲ୍ ୱାକ୍‌ଫ ସମ୍ପତ୍ତି ଏବଂ ସେଗୁଡ଼ିକର ପରିଚାଳନା ଉପରେ ମନମାନି କଟକଣା ଲଦିଦେଇଛି। ଏଥିରେ ମୁସଲମାନ ସମ୍ପ୍ରଦାୟର ଧର୍ମୀୟ ସ୍ୱାଧୀନତାକୁ ଅଣଦେଖା କରାଯାଇଥିବା ସେ ଅଭିଯୋଗ କରିଛନ୍ତି। ଆଇନଜୀବୀ ଅନସ ତନ୍ୱିରଙ୍କ ଜରିଆରେ ଦାଏର ହୋଇଥିବା ଏହି ବିଲ୍‌ରେ ମୁସଲମାନ ସମ୍ପ୍ରଦାୟ ପ୍ରତି ପାତର ଅନ୍ତର କରାଯାଇଥିବା ଅଭିଯୋଗ ହୋଇଛି। ସେହିପରି ଓୱାଇସି ତାଙ୍କ ପିଟିଶନରେ ଦର୍ଶାଇଛନ୍ତି, ୱାକ୍‌ଫ (ସଂଶୋଧନ) ବିଲ୍, ୨୦୨୫ରେ ରହିଥିବା ବ୍ୟବସ୍ଥା ମୁସଲମାନ ତଥା ମୁସ୍‌ଲିମ୍ ସମ୍ପ୍ରଦାୟର ମୌଳିକ ଅଧିକାରର ଉଲ୍ଲଂଘନ। ୱାକ୍‌ଫ ବିଲ୍ ବିରୋଧରେ ଡିଏମ୍‌କେ ସର୍ବୋଚ୍ଚ ଅଦାଲତଙ୍କ ଦ୍ୱାରସ୍ଥ ହେବ ବୋଲି ଗୁରୁବାର ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍ ଘୋଷଣା କରିଥିଲେ। କଂଗ୍ରେସ ମଧ୍ୟ ଖୁବ୍‌ଶୀଘ୍ର ବିଲ୍‌ର ସାମ୍ବିଧାନିକ ବୈଧତାକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିବ ବୋଲି ଦଳର ସାଧାରଣ ସମ୍ପାଦକ ଜୟରାମ ରମେଶ ଶୁକ୍ରବାର କହିଥିଲେ।

## ଓଡ଼ିଶାରେ ୧୧ରୁ ...

ଭାରତ ଯୋଜନାର ଶୁଭାରମ୍ଭ କରିବେ। ସେ ସିପେଟ୍ ଏବଂ ଏମ୍‌ସ ଯିବା କାର୍ଯ୍ୟକ୍ରମ ରହିଛି। ସେହିଦିନ ବିଧାୟକମାନଙ୍କ ଟ୍ରେନିଂ କାର୍ଯ୍ୟକ୍ରମରେ ଯୋଗଦେବେ। ଏହାପରେ ୧୨ ତାରିଖରେ ସେ ଫେରିଯିବେ ବୋଲି ମନମୋହନ କହିଛନ୍ତି। ସୂଚନାଯୋଗ୍ୟ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କଟକ ସତ୍ୟଭାମାପୁର କାର୍ଯ୍ୟକ୍ରମରେ ଯୋଗଦେଇ ୨ ସପ୍ତାହ ଭିତରେ ଆୟୁଷ୍ମାନ୍ ଭାରତ ଯୋଜନାର ଶୁଭାରମ୍ଭ ହେବ ବୋଲି ସେ କହିଥିଲେ। ରାଜ୍ୟର ୩ କୋଟି ୫୨ ଲକ୍ଷ ଲୋକ ସ୍ୱାସ୍ଥ୍ୟବୀମାର ସୁଫଳ ପାଇବେ। ଏହି ଯୋଜନାରେ ରାଜ୍ୟ ଭିତରେ ଏବଂ ବାହାରେ ୨୯ ହଜାର ହସ୍ପିଟାଲରେ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯିବ। ପୂର୍ବ ସରକାର ସମୟରେ ୯ ଶହ ହସ୍ପିଟାଲରେ ସ୍ୱାସ୍ଥ୍ୟସେବା ମିଳୁଥିବା ବେଳେ ଆୟୁଷ୍ମାନ୍ ଯୋଜନାକୁ ରାଜନୈତିକ ଉଦ୍ଦେଶ୍ୟରେ ଲାଗୁ କରାଉ ନ ଥିଲେ। ଗତ ମାର୍ଚ୍ଚ ୨୧ରେ ରାଜ୍ୟରେ ଆୟୁଷ୍ମାନ୍ ଭାରତ ଯୋଜନାକୁ କ୍ୟାବିନେଟ୍ ମଞ୍ଜୁରୀ ମିଳିଥିଲା। ଏନେଇ ଗୃହରେ ମୁଖ୍ୟମନ୍ତ୍ରୀ ସୂଚନା ଦେଇଥିଲେ। ରାଜ୍ୟରେ ଆୟୁଷ୍ମାନ୍ ଭାରତ-ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ମିଳିତ ଭାବେ ଲାଗୁହେବ। ଏହି ଯୋଜନାରେ ମହିଳାଙ୍କୁ ବାର୍ଷିକ ୧୦ ଲକ୍ଷ ଏବଂ ପୁରୁଷଙ୍କୁ ୫ ଲକ୍ଷ ଟଙ୍କାର ମାଗଣା ଚିକିତ୍ସା ସୁବିଧା ମିଳିବ। ଓଡ଼ିଶାର ଅଧିକ ୬ ଲକ୍ଷ ନୂଆ ହିତାଧିକାରୀ ଏଥିରେ ସାମିଲ ହେବା ଆଶା କରାଯାଉଛି। ଏହାସହ ୭୦ ବର୍ଷରୁ ଅଧିକ ବ୍ୟକ୍ତିଙ୍କ ପାଇଁ ଆୟୁଷ୍ମାନ୍ ବୟୋବନ୍ଦନ ଯୋଜନା ଲାଗୁ କରାଯିବ।




# କଳାପଥର ଖାଦାନରେ ଟେଣ୍ଡର ଫିକ୍ସିଂ

**ଯାଜପୁର ଜିଲାରେ କଳାପଥର, ବାଲି ଭଳି ଲଘୁ ଖଣିଜ ଖାଦାନ ଲିଜ୍ ନିମନ୍ତେ ବଡ଼ଧରଣର ଟେଣ୍ଡର ଫିକ୍ସିଂ ହୋଇଛି। ଅନେକ ଆବେଦନକାରୀ ସମ୍ପର୍କୀୟ ବିଡରଙ୍କୁ ଢାଲ କରି ଶାଗମାଛ ଦରରେ ଖାଦାନ ଅକ୍ତିଆର କରିଥିବାବେଳେ ସେମାନଙ୍କ ଉଦ୍ଦେଶ୍ୟ ସଫଳ କରିବା ପାଇଁ ପ୍ରଶାସନିକ ଅଧିକାରୀମାନେ ସହଯୋଗୀ ସାଜିଛନ୍ତି। ଏଭଳି ଉପାୟରେ ଗତ ପ୍ରାୟ ୧୦ ବର୍ଷ ମଧ୍ୟରେ ଧର୍ମଶାଳା ତହସିଲ ଅଞ୍ଚଳରେ ଟେଣ୍ଡର ଫିକ୍ସିଂ କରାଯାଇ ବିଡର ଚୟନରେ ବ୍ୟାପକ ଅନିୟମିତତା ହୋଇଛି। ଗତ ବୁଧବାର ବିଧାନସଭାରେ ଉପସ୍ଥାପିତ ଭାରତର ମହାଲେଖା ନିୟନ୍ତ୍ରକ ଓ ପରୀକ୍ଷକ (ସିଏଜି)ଙ୍କ ରିପୋର୍ଟରୁ ଏହା ଜଣାପଡ଼ିଛି। ଫଳରେ ରାଜ୍ୟ ସରକାର ବହୁ କୋଟି ଟଙ୍କାର ରାଜସ୍ୱ ହରାଇଛନ୍ତି।**



ଯାଜପୁର,୪।୪
(ହର୍ଷବର୍ଦ୍ଧନ ବେହେରା)

ଲଘୁ ଖଣିଜ ଖାଦାନ ଲିଜ୍ ପାଇଁ ଓଡ଼ିଶା ମାଇନର ମିନେରାଲ କନସେସନ୍ (ଓଏମ୍‌ଏମ୍‌ସି) ଅଧିନିୟମ-୨୦୧୬ର ନିୟମ ୨୭(୨) ଅନୁଯାୟୀ କ୍ଷମତାପନ୍ନ ଅଧିକାରୀଙ୍କ ଦ୍ୱାରା ଟେଣ୍ଡର ବିଜ୍ଞପ୍ତି ଜାରି ହୋଇଥାଏ। ଏଥିପାଇଁ ଇଚ୍ଛୁକ ଆବେଦନକାରୀ ଆବଶ୍ୟକ କାଗଜପତ୍ର ସଂଲଗ୍ନ କରି ଏକ ବନ୍ଦ ଲଫାପାରେ ଆବେଦନ କରିପାରିବେ। ଏହି କ୍ରମରେ ସର୍ବୋଚ୍ଚ ମୂଲ୍ୟ ଉଲ୍ଲେଖ କରିଥିବା ଆବେଦନକାରୀଙ୍କୁ ଲିଜ୍ ଦିଆଯାଇଥାଏ। ହେଲେ ଯାଜପୁର ଜିଲାରେ ଖାଦାନ ଲିଜ୍ ପାଇଁ ଯେଉଁଭଳି ଟେଣ୍ଡର ଫିକ୍ସିଂ ହୋଇଛି, ସେଥିରୁ ସରକାରୀ ଆଇନ ବ୍ୟବସ୍ଥା ମୂଲ୍ୟହୀନ ହୋଇପଡ଼ିଛି।

ସିଏଜି ସମୀକ୍ଷାରେ ଲକ୍ଷ୍ୟ କରାଯାଇଛି ଯେ, କେତେକ ସ୍ଥଳେ ପ୍ରଥମ ଏବଂ ଦ୍ୱିତୀୟ ସର୍ବୋଚ୍ଚ ବିଡରମାନେ ପରସ୍ପର ସମ୍ପର୍କୀୟ ଥିଲେ। ସେମାନଙ୍କ ବ୍ୟକ୍ତିଗତ ବିବରଣୀ ଏବଂ ଆବାସିକ ଠିକଣାରୁ ଏହା ଜଣାପଡ଼ିଥିଲା। ସମସ୍ତ ମାମଲାରେ ତହସିଲଦାର ସର୍ବୋଚ୍ଚ ବିଡରଙ୍କୁ ଚୟନକରି ୧୫ ଦିନ ମଧ୍ୟରେ ସେମାନଙ୍କ ସମ୍ମତି ଜଣାଇବା ପାଇଁ ସେମାନଙ୍କୁ ଚିଠି ପ୍ରଦାନ କରିଥିଲେ। ହେଲେ ନିଜ ସମ୍ପର୍କୀୟ ତଥା ଦ୍ୱିତୀୟ ବିଡରଙ୍କୁ ସୁଯୋଗ ଦେବାକୁ ଯାଇ ସର୍ବୋଚ୍ଚ ବିଡରମାନେ ଟେଣ୍ଡର ପ୍ରକ୍ରିୟାରୁ ଓହରି ଯାଇଥିଲେ। ଫଳସ୍ୱରୂପ ତହସିଲଦାର ସର୍ବୋଚ୍ଚ ବିଡ୍ ପରିବର୍ତ୍ତେ ଦ୍ୱିତୀୟ ବିଡ୍‌କୁ ଚୟନ କରିଥିଲେ। ଏଥିଯୋଗୁ ସରକାର ଘନମିଟରର ପିଛା ପ୍ରାୟ ୧୪୦ରୁ ୧୦୪୫ ଟଙ୍କା ଯାଏ କମ୍ ପାଇଥିଲେ। ଏଭଳି ଅନିୟମିତତା କାରଣରୁ ଲିଜ୍ ହୋଇଥିବା ଖାଦାନଗୁଡ଼ିକରେ ପ୍ରତିଯୋଗିତାମୂଳକ ମୂଲ୍ୟ ପାଇବାରୁ ସରକାର ବିଫଳ ହୋଇଥିଲେ। ଅନ୍ୟପକ୍ଷେ ସର୍ବୋଚ୍ଚ ବିଡର ଭାବେ ମନୋନୀତ ହେବା ପରେ ଟେଣ୍ଡର ପ୍ରକ୍ରିୟାରୁ ଓହରିଯିବା ଏବଂ ଜିଲା ପ୍ରଶାସନ ସେମାନଙ୍କ ବିରୋଧରେ

**ଯାଜପୁର ଜିଲା**

**ସମ୍ପର୍କୀୟ ବିଡରଙ୍କୁ ଢାଲ କରି ରାଜସ୍ୱ ଲୁଟ**

କୌଣସି ଦଣ୍ଡର ବ୍ୟବସ୍ଥା ନ କରିବା ଯୋଗୁ ସରକାର ରାଜସ୍ୱ ହରାଇଥିଲେ। ଏହାଦ୍ୱାରା ୩ଟି ବାଲି ଓ କଳାପଥର ଖାଦାନରେ ୫ ବର୍ଷର ଲିଜ୍ ଅବଧି ମଧ୍ୟରେ ୭୨,୭୫୩ ଘନମିଟର ଲଘୁ ଖଣିଜ ପଦାର୍ଥର ଉତ୍ତୋଳନ ପାଇଁ ୧.୧୮ କୋଟି ଟଙ୍କା ରାଜସ୍ୱ ନଷ୍ଟ ହେଲା ବୋଲି ସିଏଜି ରିପୋର୍ଟରେ ଦର୍ଶାଯାଇଛି। ଏହି ୩ଟି ଖାଦାନ କେବଳ ଉଦାହରଣ ମାତ୍ର, ଏକାଧିକ ଖାଦାନରେ ଏଭଳି ଟେଣ୍ଡର ଅନିୟମିତତା କରି ଲିଜ୍‌ଧାରୀମାନେ ମାଲାମାଲ ହୋଇଥିବା ସନ୍ଦେହ କରାଯାଇଛି। ତଥାପି ସମ୍ପୃକ୍ତ ତହସିଲଦାର ଉଚ୍ଚ କର୍ତ୍ତୃପକ୍ଷଙ୍କ ନଜରକୁ ଆଣି ନ ଥିଲେ।

ଟେଣ୍ଡର ଜାଲିଆତିକୁ ନେଇ ସିଏଜି ଉଲ୍ଲେଖ କରିଥିବା ତଥ୍ୟ ଅନୁଯାୟୀ, ଯାଜପୁର ଜିଲା ଧର୍ମଶାଳା ତହସିଲ ଅଧୀନ ଆରୁହା କଳାପଥର ଖାଦାନ ୧ ପାଇଁ ୨୦୧୭-୧୮ ନିମନ୍ତେ ସର୍ବୋଚ୍ଚ ବିଡ୍ ଘନମିଟର ପିଛା ୨୨୦ ଟଙ୍କା ରହିଥିଲା। ଏହାର ଦ୍ୱିତୀୟ ସର୍ବୋଚ୍ଚ ବିଡ୍ ୮୦ ଟଙ୍କା ହୋଇଥିବାରୁ ଘନମିଟର ପିଛା ୧୪୦ ଟଙ୍କାର ପାର୍ଥକ୍ୟ ହୋଇଥିଲା। ଏଥିଯୋଗୁ ୯୫ ଲକ୍ଷ ୪୯ ହଜାର ୬୮୦ ଟଙ୍କା କ୍ଷତି ହୋଇଥିଲା। ସେହିପରି ୨୦୧୮-୨୦୧୯ରୁ ୨୦୨୨-୨୩ ଯାଏ ବରଦା କଳାପଥର ଖାଦାନ ୧ ନିମନ୍ତେ ହୋଇଥିବା ଟେଣ୍ଡର ପ୍ରକ୍ରିୟାରେ ସର୍ବୋଚ୍ଚ ବିଡ୍ ୧୧,୯୫ ଟଙ୍କା ରହିଥିଲାବେଳେ ଦ୍ୱିତୀୟ ସର୍ବୋଚ୍ଚ ବିଡ୍ ମାତ୍ର ୧୫୦ ଟଙ୍କା ରହିଥଲା। ଏଥିରେ ସର୍ବୋଚ୍ଚ ବିଡର ଓହରିଯିବା ପରେ ଦ୍ୱିତୀୟ ବିଡରଙ୍କୁ ଲିଜ୍ ସୁଯୋଗ ମିଳିଥିଲା। ଫଳରେ ସରକାର ୭୬ ଲକ୍ଷ ୭୪ ହଜାର ୪୮୦ ଟଙ୍କା କ୍ଷତି ସହିଥିଲେ। ଏହାସହ ବୁଦ୍ଧ ବାଲୁକା ନଦୀ ଭାଗବତପୁର ବାଲି ଖାଦାନ ପାଇଁ (୨୦୧୮-୧୯ରୁ ୨୦୨୨-୨୩ ପର୍ଯ୍ୟନ୍ତ) ହୋଇଥିବା ଟେଣ୍ଡର ପ୍ରକ୍ରିୟାରେ ସର୍ବୋଚ୍ଚ ବିଡ୍ ୨,୧୦୧ ଟଙ୍କା ରହିଥିଲାବେଳେ ଦ୍ୱିତୀୟ ସର୍ବୋଚ୍ଚ ବିଡ୍ ୧,୫୭୫ ଟଙ୍କା ଥିଲା। ଏଥିଯୋଗୁ ସରକାର ୨୭ ଲକ୍ଷ ୬୫ ହଜାର ୭୦୮ ଟଙ୍କା କ୍ଷତିରେ ପଡ଼ିଥିଲେ। ଏହାବାଦ୍ ଜିଲାର ରାହାଡ଼ପୁର କଳାପଥର ଖାଦାନ ଲିଜ୍ ପାଇଁ ୨୦୧୬ରୁ ୨୦୨୧ ପର୍ଯ୍ୟନ୍ତ ୫ ବର୍ଷ ଲାଗି ଟେଣ୍ଡର ଆମନ୍ତ୍ରଣ କରାଯାଇଥିଲା। ଏଥିରେ ୪ ଜଣ ବିଡରଙ୍କ ମଧ୍ୟରୁ ସର୍ବାଧିକ ବିଡର ମୂଳ ବ୍ୟାଙ୍କ ଗ୍ୟାରେଣ୍ଟି ପରିବର୍ତ୍ତେ ତାହାର ଏକ ଫଟୋ କପି ଦାଖଲ କରିଥିଲେ। ଏହି କାରଣରୁ ଉକ୍ତ ବିଡରଙ୍କ ଆବେଦନ ପ୍ରତ୍ୟାଖ୍ୟାନ କରାଯିବା ବଦଳରେ ତହସିଲଦାର ତାଙ୍କ ସପକ୍ଷରେ ଲିଜ୍ ଚୂଡ଼ାନ୍ତ କରିଥିଲେ। ଏହାପରେ ୨୦୧୭-୧୮ ବର୍ଷ ପାଇଁ ୧.୧୩ କୋଟି ସରକାରୀ ଦେୟ ଜମା କରିବାକୁ ବିଡରଙ୍କୁ ବାରମ୍ବାର ଚିଠି କରାଯାଇଥିଲା। କିନ୍ତୁ ବିଡର ମାତ୍ର ୪୩.୯୭ ଲକ୍ଷ ଟଙ୍କା ଜମା କରି କଳାପଥର ଖନନ କରିଥିଲେ। ଯେହେତୁ ଉପଯୁକ୍ତ ଭାବେ ବ୍ୟାଙ୍କ ଗ୍ୟାରେଣ୍ଟି ଦାଖଲ ହୋଇ ନ ଥିଲା, ତହସିଲଦାର ଧାର୍ଯ୍ୟ ଦେୟ ଜମା କରିବାକୁ ଚାପ ପ୍ରୟୋଗ କରି ନ ପାରିବାରୁ ୬୯.୨୭ ଲକ୍ଷ ଟଙ୍କା ଅନାଦାୟ ରହିଥିଲା। ପରବର୍ତ୍ତୀ ସମୟରେ ସୁଧ ଟଙ୍କାକୁ ମିଶାଇ ୧.୪୯ କୋଟି ଟଙ୍କା ଲିଜ୍‌ଧାରୀ ଜମା କରି ନ ଥିଲେ ବି ତହସିଲଦାର ତାଙ୍କ ବିରୋଧରେ କୌଣସି ପଦକ୍ଷେପ ଗ୍ରହଣ କରି ନ ଥିଲେ। ଏଭଳି ଭାବେ ଏକାଧିକ ଖାଦାନ ଖନନରେ ଅଯୋଗ୍ୟ ବିଡର ଚୟନ ଯୋଗୁ ରାଜ୍ୟ ସରକାର ବହୁ କୋଟି ଟଙ୍କାର ରାଜସ୍ୱ ହରାଇଛନ୍ତି ବୋଲି ସିଏଜି ରିପୋର୍ଟରେ ଉଲ୍ଲେଖ କରାଯାଇଛି।

## ଓଡ଼ିଶା ପାଇଁ ୨ ରେଳ ପ୍ରକଳ୍ପ ମଞ୍ଜୁର ହୋଇଥିବାରୁ ଧନ୍ୟବାଦ ଜଣାଇଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୪।୪(ସୁନିତ୍ ମିଶ୍ର)

କେନ୍ଦ୍ର ସରକାରଙ୍କ ଅର୍ଥନୈତିକ ବ୍ୟାପାର ସମ୍ପର୍କିତ କ୍ୟାବିନେଟ୍ କମିଟି (ସିସିଇଏ) ବର୍ତ୍ତମାନ ସାରା ଦେଶରେ ୪ଟି ରେଳ ପ୍ରକଳ୍ପ ମଞ୍ଜୁର କରିଥିବା ବେଳେ ସେଥିରୁ ୨ଟି ପ୍ରକଳ୍ପ ଓଡ଼ିଶା ପାଇଁ ଉଦ୍ଦିଷ୍ଟ। ଓଡ଼ିଶାର ଏହି ଦୁଇଟି ପ୍ରକଳ୍ପ ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁକ୍ରବାର ତାଙ୍କ ଏକ୍ସରେ ପୋଷ୍ଟକରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଓଡ଼ିଶାର ବିକାଶ ପ୍ରତି ପ୍ରଧାନମନ୍ତ୍ରୀଙ୍କ ଫୋକସ ରହିଆସିଛି ଏବଂ କେନ୍ଦ୍ର ସରକାର ନିୟମିତ ଭାବେ ଓଡ଼ିଶା ପ୍ରତି ଯେଉଁଭଳି ଗୁରୁତ୍ୱପୂର୍ଣ୍ଣ ବିକାଶ ପ୍ରକଳ୍ପ ମଞ୍ଜୁର କରୁଛନ୍ତି, ଏହା ତା'ର ପ୍ରମାଣ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ମାର୍ଗଦର୍ଶନରେ ଓଡ଼ିଶା ନିଶ୍ଚିତ ଭାବେ ଦେଶର ଏକ ଗ୍ରୋଥ୍ ଇଞ୍ଜିନ ଭାବେ ବିକଶିତ ହେବ ବୋଲି ସେ ମତ ଦେଇଛନ୍ତି। ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ମଧ୍ୟ ମୁଖ୍ୟମନ୍ତ୍ରୀ ଧନ୍ୟବାଦ ଦେଇଛନ୍ତି। ଏହି ୨ ପ୍ରକଳ୍ପ ହେଉଛି ସମ୍ବଲପୁର-ଜରପଡ଼ା(ତାଳଚେର, ଅନୁଗୋଳ) ତୃତୀୟ ଓ ଚତୁର୍ଥ ଲାଇନ୍ ଏବଂ ଝାରସୁଗୁଡ଼ା-ଶାସନ(ସମ୍ବଲପୁର) ତୃତୀୟ ଓ ଚତୁର୍ଥ ଲାଇନ୍। ସମ୍ବଲପୁର-ଜରପଡ଼ା ପ୍ରକଳ୍ପ ପାଇଁ ୩,୯୧୭ କୋଟି ଟଙ୍କା ବିନିଯୋଗ ହେବାକୁ ଥିବାବେଳେ ଝାରସୁଗୁଡ଼ା-ଶାସନ ପ୍ରକଳ୍ପ ପାଇଁ ୧,୧୮୭ କୋଟି ଟଙ୍କା ବିନିଯୋଗ ହେବ। ଉଭୟ ପ୍ରକଳ୍ପ ପାଇଁ ୫,୧୦୪ କୋଟି ଟଙ୍କା ବିନିଯୋଗ ହେବ। ଏହି ମଲ୍ଟିଟ୍ରାକ୍ ପ୍ରକଳ୍ପଗୁଡିକ ଦ୍ୱାରା ସମ୍ବଲପୁର, ଅନୁଗୋଳ ଓ ଝାରସୁଗୁଡ଼ା ଜିଲାରେ ରେଳ ପରିବହନ କ୍ଷେତ୍ରରେ ବ୍ୟାପକ ଗତିଶୀଳତା ଆସିବ। ଏହି ପ୍ରକଳ୍ପଗୁଡିକ ରେଳ ପରିଚାଳନାକୁ ସହଜ କରିବା ସହ ଭିଡ଼ ହ୍ରାସ କରିବ। ପ୍ରଧାନମନ୍ତ୍ରୀଙ୍କ ପିଏମ୍ ଗତିଶକ୍ତି ଜାତୀୟ ମାଷ୍ଟର ପ୍ଲାନ୍ ଅନୁଯାୟୀ ମଲ୍ଟି ମୋଡାଲ ସଂଯୋଗ ପାଇଁ ଏହି ପ୍ରକଳ୍ପଗୁଡିକ କାର୍ଯ୍ୟକାରୀ କରାଯିବ।

# ଆଜି ଶ୍ରୀଲିଙ୍ଗରାଜଙ୍କ ରୁକୁଣା ରଥଯାତ୍ରା

ପୁରୁଣା ଭୁବନେଶ୍ୱର,୪।୪(ସୁବାସ ଚନ୍ଦ୍ର ପ୍ରଧାନ)

**ଅପରାହ୍ଣ ୩ଟା ୩୦ରେ ରଥଟଣା**



ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ରୁକୁଣା ରଥଯାତ୍ରା ଶନିବାର ଅନୁଷ୍ଠିତ ହେବ। ଏନେଇ ମନ୍ଦିର ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ଶୁକ୍ରବାର ବିଳମ୍ବିତ ରାତିରେ ରଥଖଳାରେ ଥିବା ରୁକୁଣା ରଥ ପ୍ରତିଷ୍ଠା କାର୍ଯ୍ୟ ମଧ୍ୟ ବିଧି ମୁତାବକ ସମ୍ପନ୍ନ ହୋଇଛି। ଦୈନିକ ନୀତି ଠାକୁରାଣୀ ସନ୍ଧ୍ୟା ଧୂପ, ନବପତ୍ରିକା ପୂଜା ସରିବା ପରେ ପତ୍ରୀ ସେବକ ଘଣ୍ଟ, କାହାଳି ଓ ମଶାଲ ସହିତ ମୁକ୍ତେଶ୍ୱର ମନ୍ଦିରକୁ ଯାତ୍ରା କରିଥିଲେ। ସେଠାରେ ମନ୍ଦିର ପରିସରରେ ଥିବା ମରୀଚି କୁଣ୍ଡରୁ ୨ଘଡ଼ା(ମାଠିଆ) ପାଣି ଆଣାଯାଇ ରଥଖଳା ନିକଟରେ ଥିବା ରଥ ପ୍ରତିଷ୍ଠା ମଣ୍ଡପରେ ରଖାଯାଇଥିଲା। ଏହାପରେ ମନ୍ଦିର ପୁରୋହିତ ମନୋରଞ୍ଜନ ଦାଶ ଏବଂ ପୁରୀ ରାଜଗୁରୁଙ୍କ ସହ କ୍ଷେତ୍ରବାସୀ ବ୍ରାହ୍ମଣ ସେବାୟତ ରଥ ପ୍ରତିଷ୍ଠା କାର୍ଯ୍ୟ ଆରମ୍ଭ କରିଥିଲେ। ରାଜଗୁରୁ କର୍ତ୍ତାଭାବେ ପ୍ରତିଷ୍ଠା କାର୍ଯ୍ୟ ସମ୍ପାଦନ କରିଥିଲେ। ଏହାପରେ ରଥରେ ପତାକା ଓ ରଥ ବସ୍ତ୍ର ତଥା କପଡ଼ା ଲଗାଯାଇଥିଲା। ପାଳିଆ ପୂଜାପଣ୍ଡା ସେବକ ଦକ୍ଷିଣିଘରୁ ଶ୍ରୀଲିଙ୍ଗରାଜଙ୍କ ପ୍ରତିନିଧି ପଞ୍ଚବକ୍ତ୍ରଙ୍କୁ ଧରି ରଥ ଉପରେ ପହଞ୍ଚିଥିଲେ। ଏହାପରେ ପତ୍ରୀ ସେବକ ଠା' କରିସାରିବା ପରେ ପଞ୍ଚ ଉପଚାରରେ ଭୋଗ ନୈବେଦ୍ୟ କରାଯାଇ ଆଳତି କରାଯାଇଥିଲା। ସୂଚନାଥାଉ କି, ରଥ ନିର୍ମାଣ କାର୍ଯ୍ୟ ତଦାରଖ ନିମନ୍ତେ ପଞ୍ଚବକ୍ତ୍ର ରଥକୁ ଯାଇଥିଲେ। ଏହାପରେ ପଞ୍ଚବକ୍ତ୍ର ମନ୍ଦିରକୁ ବିଜେ କରିଥିଲେ। ପରେ ବଡ଼ସିଂହାର କରାଯାଇ ମନ୍ଦିର ପହୁଡ଼ ପଡ଼ିଥିଲା।

# ଆମ୍ବୁଲାନ୍ସରେ ଅକ୍ସିଜେନ୍ ସିଲିଣ୍ଡର ବିସ୍ଫୋରଣ, ବୃଦ୍ଧା ଗୁରୁତର

**ପ୍ରସୂତି ମହିଳାଙ୍କ ସହ ଯାଆଁଳା ଶିଶୁକନ୍ୟା ଅଳ୍ପକେ ବର୍ତ୍ତିଲେ**

ଟିଟିଲାଗଡ଼,୪।୪(ଶରତ ମିଶ୍ର)

ଶୁକ୍ରବାର ମଧ୍ୟାହ୍ନରେ ବଲାଙ୍ଗୀର ଜିଲା ଟିଟିଲାଗଡ଼ସ୍ଥିତ ପିପିଲପଦରଠାରେ ଥିବା ମାତୃ ଓ ଶିଶୁ ଚିକିତ୍ସାଳୟ ପରିସରରେ ଏକ ଅଘଟଣ ଘଟିଛି। ଏକ ୧୦୮ ଆମ୍ବୁଲାନ୍ସରେ ହଠାତ୍ ଅକ୍ସିଜେନ୍ ଗ୍ୟାସ୍ ସିଲିଣ୍ଡର ବିସ୍ଫୋରଣ ଘଟିବାରୁ ଦୁତୀୟା ଯାନୀ ନାମ୍ନୀ ଜଣେ ମହିଳା ଗୁରୁତର ହୋଇଛନ୍ତି। ଏକ ଦମ୍ପତିଙ୍କ ନବଜାତ ଯାଆଁଳା ଶିଶୁ କନ୍ୟାକୁ ମାତୃ ଓ ଶିଶୁ ଚିକିତ୍ସାଳୟରୁ ବଲାଙ୍ଗୀର ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର ସମୟରେ ଏହି ଘଟଣା ଘଟିଥିଲା। ବିସ୍ଫୋରଣରେ ଆହତ ମହିଳା ଜଣକ ନବଜାତକଙ୍କ ଜେଜେମା' ବୋଲି ଜଣାଯାଇଛି। ତାଙ୍କ ଦୁଇ ଗୋଡ଼ ନିଆଁରେ ପୋଡ଼ିଯିବା ସହ ଶରୀରର ଅନେକ ସ୍ଥାନରେ ଆଘାତ ଲାଗିଛି। ତେବେ ୨ ଶିଶୁ କନ୍ୟା ଓ ପ୍ରସୂତି ମହିଳା ଜଣକ ଅଳ୍ପକେ ମୃତ୍ୟୁମୁଖରୁ ବର୍ତ୍ତି ଯାଇଛନ୍ତି। ଅପରପକ୍ଷରେ ଶିଶୁକନ୍ୟାଙ୍କୁ ବଞ୍ଚାଇବାକୁ ଯାଇ ପିତା ଋଷବ ଯାନୀ ସାମାନ୍ୟ ଆହତ ହୋଇଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ଋଷବଙ୍କ ଘର ମୁରିବାହାଲ ବ୍ଲକ୍ ଟିକିନିବାହାଲୀ ଗାଁରେ। ତାଙ୍କ ସ୍ତ୍ରୀ ରାଧାଙ୍କ ପ୍ରସବ ଯନ୍ତ୍ରଣା ହେବା ଯୋଗୁ ସେ ଗୁରୁବାର ମଧ୍ୟରାତ୍ରିରେ ତାଙ୍କୁ ଆଣି ଉକ୍ତ ମାତୃ ଓ ଶିଶୁ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଭୋର ସମୟରେ ରାଧା ଯାଆଁଳା ଶିଶୁ କନ୍ୟା ଜନ୍ମ ଦେଇଥିଲେ। କିନ୍ତୁ ଶିଶୁମାନଙ୍କ ଓଜନ କମ୍ ଥିବା ତଥା ଅଧିକ ଚିକିତ୍ସା ପାଇଁ ଡାକ୍ତର ତାଙ୍କୁ ବଲାଙ୍ଗୀର ମୁଖ୍ୟ ଡାକ୍ତରଖାନା ନେବାକୁ କହିଥିଲେ। ଫଳରେ ଆମ୍ବୁଲାନ୍ସ ଯୋଗାଡ଼ ପରେ ଋଷବ ଦୁଇ ଶିଶୁ, ସ୍ତ୍ରୀ ଓ ମା' ଦୁତୀୟାଙ୍କ ସହ ଚଢ଼ିଯାଇଥିଲେ। ହେଲେ ଗାଡ଼ି ଷ୍ଟାର୍ଟ ହେବାର କିଛି ସମୟ ପରେ ଅକ୍ସିଜେନ୍ ସିଲିଣ୍ଡର ବିସ୍ଫୋରଣ ଘଟି ଆମ୍ବୁଲାନ୍ସରେ ନିଆଁ ଲାଗିଯାଇଥିଲା। ଏଥିରେ ଗୁରୁତର ହୋଇ ପଡ଼ିଥିବା ଦୁତୀୟାଙ୍କୁ ଟିଟିଲାଗଡ଼ ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ୨ ନବଜାତ ଶିଶୁ ଓ ପ୍ରସୂତି ମହିଳାଙ୍କୁ ଅନ୍ୟ ଏକ ଆମ୍ବୁଲାନ୍ସରେ ବଲାଙ୍ଗୀର ସ୍ଥାନାନ୍ତର କରାଯାଇଛି। ଖବରପାଇ ଟିଟିଲାଗଡ଼ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଏ ସମ୍ପର୍କରେ ଡାକ୍ତରଖାନା କର୍ତ୍ତୃପକ୍ଷଙ୍କ ମତାମତ ମିଳିପାରିନାହିଁ।



ଚିକିତ୍ସାଧୀନ ଦୁତୀୟା ଯାନୀ।

# ବିଦେଶୀ ମଦ ଦୋକାନ ବନ୍ଦ କରିବାକୁ ମହିଳାଙ୍କ ଆନ୍ଦୋଳନ




**ଦୋକାନ ସମ୍ମୁଖରେ ବସି ରହିଛନ୍ତି ଶତାଧିକ ମହିଳା**

ରାଜନଗର, ୪।୪
(ଭାସ୍କର ରାଉତରାୟ)

ରାଜନଗର ଥାନା ଚାନ୍ଦିବାଉଁଶମୂଳ ବଜାରରେ ଥିବା ଠିପିଖୋଲା ବିଦେଶୀ ମଦ ଦୋକାନକୁ ନେଇ ପ୍ରତିକ୍ରିୟା ବଢ଼ିବାରେ ଲାଗିଛି। ଅବକାରୀ ବିଭାଗର ନୀତି ନିୟମକୁ ଉଲ୍ଲଂଘନ କରି ଜନଗହଳି ପୂର୍ଣ୍ଣ ସ୍ଥାନରେ ଖୋଲାଯାଇଛି। ଏହି ମଦ ଦୋକାନ ସ୍ଥାନୀୟ ଅଞ୍ଚଳବାସୀ ଓ ମହିଳାମାନେ ଉଚ୍ଛେଦ ଲାଗି ବାରମ୍ବାର ଜିଲା ପ୍ରଶାସନକୁ ଜଣାଇଲା ପରେ ବି କୌଣସି ପଦକ୍ଷେପ ନିଆଯାଉନାହିଁ। ଫଳରେ ଶୁକ୍ରବାର ଶତାଧିକ ମହିଳା ଠିପିଖୋଲା ମଦ ଦୋକାନ ସମ୍ମୁଖରେ ପହଞ୍ଚି ହୋହଲ୍ଲା କରିବା ସହ ପୂର୍ବାହ୍ଣ ୧୧ଟାରୁ ବସି ରହିଛନ୍ତି। ମଦ ପାଇଁ ସଂସାର ଉଜୁଡୁଛି, ମଦ ପିଇ ପିଲା ବାପା, ମାଆଙ୍କ ଉପରକୁ ହାତ ଉଠାଉଛନ୍ତି। ଆମର ଦାବି ମୁଖ୍ୟମନ୍ତ୍ରୀ ପୂରଣ କର, ଏହି ଠିପିଖୋଲା ମଦ ଦୋକାନ ଉଠାଇ ଦିଅ ବୋଲି ମହିଳାମାନେ ଦାବି କରିଛନ୍ତି। ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ଥିବାରୁ ସେଠାରେ ୧ ପ୍ଲାଟୁନ ପୋଲିସ ମୁତୟନ କରାଯାଇଛି। ରିପୋର୍ଟ ଲେଖା ହେବା ଯାଏ ମହିଳାମାନେ ମଦ ଦୋକାନ ସମ୍ମୁଖରେ ବସି ରହିଛନ୍ତି।

ମାର୍ଚ୍ଚ ୨୮ ତାରିଖରେ ମହିଳାମାନେ କେନ୍ଦ୍ରାପଡ଼ାରେ ପହଞ୍ଚି ଜିଲାପାଳଙ୍କୁ ଭେଟି ମଦ ଦୋକାନ ଉଚ୍ଛେଦ ପାଇଁ ଲିଖିତ ଭାବେ ଜଣାଇଥିଲେ। ୭ଦିନ ଭିତରେ ଉଚ୍ଛେଦ କରା ନ ଗଲେ ଆନ୍ଦୋଳନକୁ ଓହ୍ଲାଇବୁ ବୋଲି ଚେତାବନୀ ଦେଇଥିଲେ। ପ୍ରଶାସନ କୌଣସି ପଦକ୍ଷେପ ନ ନେବାରୁ ଶୁକ୍ରବାର ମହିଳାମାନେ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ସେମାନଙ୍କ ଅଭିଯୋଗ ମୁତାବକ, ଏହି ଠିପିଖୋଲା ମଦ ଦୋକାନ ପଞ୍ଚାୟତବାସୀଙ୍କ ପାଇଁ କାଳ ସାଜିଛି। ପ୍ରତ୍ୟେକ ଦିନ ଏହି ବିଦେଶୀ ମଦ ଦୋକାନରେ ଅସାମାଜିକ ବ୍ୟକ୍ତିଙ୍କ ଭିଡ଼ ଜମୁଛି। ଅସାମାଜିକ ବ୍ୟକ୍ତିମାନେ ମଦ ପିଇ ଅଶ୍ଳୀଳ ଭାଷା ପ୍ରୟୋଗ କରୁଛନ୍ତି। ଏହି ବିଦେଶୀ ମଦ ଦୋକାନଠାରୁ ମାତ୍ର ୧୦ମିଟର ଦୂରତାରେ ଗ୍ରାମଦେବୀ ମନ୍ଦିର ରହିଛି। ୨ଶହ ମିଟର ଦୂରରେ ଶ୍ରୀଜଗନ୍ନାଥ ଉଚ୍ଚ ବିଦ୍ୟାଳୟ ଓ ୧୫୦ ମିଟର ଦୂରରେ ଅଙ୍ଗନୱାଡି କେନ୍ଦ୍ର, ସରକାରୀ ପ୍ରାଥମିକ ବିଦ୍ୟାଳୟ ରହିଛି। ପିଲାମାନେ ଯିବାବେଳେ ଏମାନଙ୍କ ଦୌରାତ୍ମ୍ୟ ଯୋଗୁ ସେମାନେ ବିଦ୍ୟାଳୟକୁ ଯିବାକୁ ଅମଙ୍ଗ ହେଉଛନ୍ତି ବୋଲି ମହିଳାମାନେ ଅଭିଯୋଗ କରିଛନ୍ତି।



ହେ ଅମୃତର ପୁତ୍ର ! ପ୍ରକୃତିକୁ ଅନୁସରଣ କରି ଜୀବନଯାପନ କରନାହିଁ। ଭଗବାନଙ୍କୁ ଅନୁସରଣ କରି ଜୀବନଯାପନ କର। ପ୍ରକୃତିକୁ ମଧ୍ୟ ବାଧ୍ୟ କର– ସେ ଯେପରି ତୁମର ଅନ୍ତର୍ଯ୍ୟାମୀ ଦେବତାଙ୍କୁ ମାନି ଜୀବନ ଯାପନ କରେ। –ଶ୍ରୀଅରବିନ୍ଦ

-ଅଶୋକାଷ୍ଟମୀ, ଶ୍ରୀ ଶ୍ରୀ ଲିଙ୍ଗରାଜ ଦେବଙ୍କ ରଥଯାତ୍ରା, ଶ୍ରୀ ବାସନ୍ତିଦୁର୍ଗା ଦେବ୍ୟାଃ ମହାନବମୀ ପୂଜା



# ବିଚିତ୍ର ନିଯୁକ୍ତି



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ପୂର୍ବତନ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ମୁଖ୍ୟ ସଞ୍ଜୟ କୁମାର ମିଶ୍ରଙ୍କୁ ପ୍ରଧାନମନ୍ତ୍ରୀଙ୍କ ଆର୍ଥିକ ପରାମର୍ଶଦାତା ପରିଷଦ (ଇଏସି–ପିଏମ୍)ର ପୂର୍ଣ୍ଣକାଳୀନ ସଦସ୍ୟ ଭାବେ ନିଯୁକ୍ତ କରାଯାଇଛି। ଦେଖିବାକୁ ଗଲେ ଜଣେ ତଦନ୍ତକାରୀ ଏବେ ଆର୍ଥିକ ନୀତି ଉପରେ ପରାମର୍ଶ ଦେଉଛନ୍ତି। ଆମେ ଅର୍ଥନୀତିଜ୍ଞମାନଙ୍କୁ ଛାଡ଼ି ଦେଉଛନ୍ତି ନା ଅର୍ଥ ବ୍ୟବସ୍ଥା ଫୋରେନ୍‌ସିକ ଆନାଲିସିସ୍ ବିଷୟ ପାଲଟିଗଲାଣି ? ଇଡିରେ ଥିବା ସମୟରେ ମିଶ୍ର ହାଇ ପ୍ରୋଫାଇଲ ତଦନ୍ତଗୁଡ଼ିକରେ ଉଲ୍ଲେଖନୀୟ କାମ କରିଥିଲେ ଏବଂ ଆର୍ଥିକ ହେରଫେର ପ୍ରତି ଏକ ଗମ୍ଭୀର ଦୃଷ୍ଟିକୋଣ ଆପଣାଇଥିଲେ। ଜଟିଳ ଆର୍ଥିକ ଅପରାଧଗୁଡ଼ିକୁ ସଞ୍ଚାଳନ କରିବାରେ ତାଙ୍କର ଅଭିଜ୍ଞତା ଇଏସି–ପିଏମ୍ ପାଇଁ ନୂତନ ଦୃଷ୍ଟିକୋଣ ଆଣିପାରେ। ଆର୍ଥିକ ଅପରାଧଗୁଡ଼ିକର ଦୁର୍ବଳ ଭାଗକୁ ବୁଝିବାରେ ସେ ଦକ୍ଷ ଥିଲେ, ଯାହା ଆମ ଅର୍ଥ ବ୍ୟବସ୍ଥାକୁ କ୍ଷତି କରୁଥିବା ଛିଦ୍ରକୁ ଠାବ କରିବାରେ ତାଙ୍କୁ ଭିନ୍ନ ଦୃଷ୍ଟିକୋଣ ପ୍ରଦାନ କରିବ। କିନ୍ତୁ ପରାମର୍ଶଦାତା ଭୂମିକାରେ ରହିବା ଲାଗି ଚାହୁଁଥିବା ଅର୍ଥନୀତିଜ୍ଞଙ୍କ ପାଇଁ ନିଯୁକ୍ତି ସୁଯୋଗ ସଙ୍କୁଚିତ ହେବାର ଏକ ପ୍ରମାଣ କି ? ଇଏସି–ପିଏମ୍‌ର ପୂର୍ବତନ ଅଧ୍ୟକ୍ଷ ବିବେକ ଦେବରାୟଙ୍କ ଆକସ୍ମିକ ମୃତ୍ୟୁ ଯୋଗୁ ଏହି ପଦବୀ ପୂରଣ କରିବାର ଆବଶ୍ୟକତା ପଡ଼ିଲା। ଦେବରାୟ ଜଣେ ଅର୍ଥନୀତିଜ୍ଞ ଭାବେ ବ୍ୟାପକ ଜ୍ଞାନର ଅଧିକାରୀ ଥିଲେ। ଏଭଳି ଜଣେ ଦକ୍ଷତାସମ୍ପନ୍ନ ବିଶାଳ ବ୍ୟକ୍ତିଙ୍କ ସ୍ଥାନ ନେବା କିଛି କମ୍ କଥା ନୁହେଁ। ତେବେ ନୀତି ପରାମର୍ଶର ଦୌଡ଼ରେ ପ୍ରବେଶ କରିବାକୁ ଅଭିଜ୍ଞ ଅର୍ଥନୀତିଜ୍ଞମାନଙ୍କ ଅନିଚ୍ଛା ସ୍ପଷ୍ଟ ହୋଇଛି। ନୂତନ ଦୃଷ୍ଟିକୋଣ ଅପରିହାର୍ଯ୍ୟ ଥିବାବେଳେ ଅଭିଜ୍ଞ ଅର୍ଥନୀତିଜ୍ଞଙ୍କ ଅନୁପସ୍ଥିତି ପରିଷଦରେ ଗଭୀର ଆର୍ଥିକ ଆଲୋଚନା ଉପରେ ପ୍ରଶ୍ନ ଉଠାଇଛି। ଏଣୁ ମିଶ୍ରଙ୍କ ନିଯୁକ୍ତି ସଙ୍କେତ ଦେଉଛି ଯେ, ଆମ ଅର୍ଥ ବ୍ୟବସ୍ଥାରେ ରହିଥିବା ବିତ୍ତୀୟ ଦୁର୍ବଳତା ବା ଛିଦ୍ରକୁ ଠାବ କରି ତାହାକୁ ଦୂରକରିବା ପାଇଁ ଏକ ଯାଞ୍ଚର ଆବଶ୍ୟକତା ଅଛି।

### ପରିବର୍ତ୍ତନକୁ ଗୁରୁତ୍ୱ

୨୦୧୪ ବ୍ୟାଚ୍ ଆଇଏଫ୍‌ଏସ୍ ଅଧିକାରୀ ତଥା କୂଟନୀତିଜ୍ଞ ନିଧି ତିୱାରୀଙ୍କୁ ପ୍ରଧାନମନ୍ତ୍ରଙ୍କ ବ୍ୟକ୍ତିଗତ ସଚିବ ନିଯୁକ୍ତି ଦିଆଯାଇଛି। ସାଧାରଣତଃ ଏହି ପଦବୀରେ ଆଇଏଏସ୍ ଅଧିକାରୀଙ୍କ ପ୍ରାଧାନ୍ୟ ରହିଥାଏ। କିନ୍ତୁ ଦେଖାଯାଉଛି, ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମ୍‌ଓ) ତା' କାର୍ଯ୍ୟରେ ଉନ୍ନତି ଆଣିବା ଲାଗି ପରିବର୍ତ୍ତନ କରୁଛି। ମାତ୍ର ୨୪ ବର୍ଷ ବୟସରେ ତିୱାରୀ ୟୁପିଏସ୍‌ସି ସିଭିଲ ସର୍ଭିସ୍ ପରୀକ୍ଷାରେ ସଫଳତାର ସହ ୯୬ତମ ସ୍ଥାନ ହାସଲ କରିଥିଲେ। ପରେ ଭାରତର କୂଟନୈତିକ ପଦବୀଗୁଡ଼ିକରେ ତାଙ୍କ କ୍ୟାରିୟରର ଯାତ୍ରା ଭିନ୍ନ ଥିଲା। ବର୍ତ୍ତମାନ ପିଏମ୍‌ଓରେ ଉପ ସଚିବ ଭାବେ ତାଙ୍କ ନିଯୁକ୍ତି ତାଙ୍କୁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ପାଇଁ ପ୍ରସ୍ତୁତ କରିଛି। କିନ୍ତୁ ଏହି ନିଯୁକ୍ତିକୁ ନେଇ ପ୍ରଶ୍ନ ଉଠିଛି। ପାରମ୍ପରିକ ଭାବେ ଏହି ପଦବୀରେ ଆଇଏଏସ୍ ଅଧିକାରୀମାନେ ରୁହନ୍ତି, ଯେଉଁମାନେ ବିଶାଳ ଶାସନ ପ୍ରକ୍ରିୟାକୁ ସଞ୍ଚାଳନ କରିଥାନ୍ତି। ଅନ୍ୟପଟେ ଆଇଏଫ୍‌ଏସ୍ ହେଉଛି ଡିପ୍ଲୋମାଟ୍ କ୍ୟାଡର। ଏହି ନିଯୁକ୍ତି ପିଏମ୍‌ଓ ଗତିଶୀଳତାରେ ଏକ ସୂକ୍ଷ୍ମ ତଥା ରହସ୍ୟମୟ ପରିବର୍ତ୍ତନକୁ ସୂଚିତ କରୁଛି। ଜଣେ ଆଇଏଫ୍‌ଏସ୍ ଅଧିକାରୀ ଏହି ପଦବୀରେ ରହିବା ଏକ ରଣନୀତିକ କରିସ୍ମା ହୋଇପାରେ। ଏକଥା ମଧ୍ୟ ଭୁଲିଯିବା ଉଚିତ ନୁହେଁ ଯେ, ବିଶ୍ୱସ୍ତରରେ ମୋଦିଙ୍କ ଅଗ୍ରଗତି ତାଙ୍କ ନେତୃତ୍ୱ ଶୈଳୀର ଏକ ପ୍ରମୁଖ୍ୟ ଅଂଶ ହୋଇଯାଇଛି। ପିଏମ୍‌ଓରେ ଏହା କେବଳ ଏକ ଅନିୟମିତ ନିଯୁକ୍ତି ନୁହେଁ। ଆଇଏଏସ୍‌ଙ୍କ ପ୍ରାଧାନ୍ୟ ଥିବା ଏହି ପଦବୀରେ ବାହାରୁ ବିଶେଷଜ୍ଞଙ୍କୁ ଅଣାଯାଇ ନିଯୁକ୍ତ କରାଯିବା ଧାରା ଆମେ ଦେଖିଛୁ। ଯଦି ଏହି ଧାରା ଜାରି ରହେ, ତେବେ ଆମେ ଭାରତର ସର୍ବୋଚ୍ଚ କାର୍ଯ୍ୟାଳୟର କାର୍ଯ୍ୟଧାରାରେ ଏକ ସମ୍ପୂର୍ଣ୍ଣ ତଥା ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଦେଖିପାରିବା।

### ସାରଦାଙ୍କ ପ୍ରତିକ୍ରିୟା

ଗୋରାଙ୍କ ପ୍ରତି ଭାରତର ଆସକ୍ତି ଅଧିକ ହେବାରେ ଲାଗିଛି। ଆମ ଚଳଚ୍ଚିତ୍ର, ବିବାହ ବିଜ୍ଞାପନ ଏବଂ ଏପରିକି ଅନୌପଚାରିକ ପ୍ରଶଂସାରେ ଏହା ରହିଛି। କିନ୍ତୁ କେରଳର ମୁଖ୍ୟ ଶାସନ ସଚିବ ସାରଦା ମୁରଲିଧରନ ଏକ ବର୍ଣ୍ଣଗତ ଟିପ୍ପଣୀର ଶିକାର ହୋଇଥିଲେ। ସେ କେବଳ ଏଭଳି ମନ୍ତବ୍ୟକୁ ଏଡ଼ାଇଯାଇ ନ ଥିଲେ, ବରଂ ଏହାକୁ ଆତ୍ମବିଶ୍ୱାସ ଓ ଗରିମାର ଏକ ବିଷୟକୁ ବଦଳାଇ ଦେଇଥିଲେ। ଏହି ପଦବୀରେ ସାରଦାଙ୍କ ପୂର୍ବରୁ ତାଙ୍କ ସ୍ୱାମୀ ଥିଲେ। ସୋସିଆଲ ମିଡିଆରେ ସାରଦାଙ୍କ ନେତୃତ୍ୱ ଓ ତାଙ୍କ ସ୍ୱାମୀଙ୍କ ନେତୃତ୍ୱ ମଧ୍ୟରେ ତୁଳନାକରି 'କଳା ବନାମ ଗୋରା' କ୍ୟାମ୍ପେନର ପ୍ରତିକ୍ରିୟାରେ ସେ ନିଜକୁ ନିରୀହ ବୋଲି ପ୍ରତିପାଦିତ କରି ନ ଥିଲେ। ଏହା ବଦଳରେ ସେ କଳା ବର୍ଣ୍ଣ ସପକ୍ଷରେ ଦୃଢ ମତ ରଖିଥିଲେ। ସେ କଳା ବର୍ଣ୍ଣକୁ ଶକ୍ତିଶାଳୀ କହିଥିଲେ। କଳା ହିଁ ସର୍ବ ବିଦ୍ୟମାନ ଏବଂ ବ୍ରହ୍ମାଣ୍ଡରେ ସତ୍ୟ। ଏହି ପଦ୍ୟାତ୍ମକ ମନ୍ତବ୍ୟ ଜଣକୁ ଆଶ୍ଚର୍ଯ୍ୟ କରିଦେବ ଯେ, ସମାଜ ଆରମ୍ଭରୁ କାହିଁକି କଳାକୁ ବଦନାମ କରି ଆସିଛି। ଆଇଏଏସ ସଂଘ ତାଙ୍କୁ ଦୃଢ଼ ସମର୍ଥନ କରିଥିଲା। ଶରୀରର ବର୍ଣ୍ଣରୁ ଜଣେ ଅଧିକାରୀଙ୍କ ଦକ୍ଷତା ମାପ କରାଯାଏନି ବୋଲି କହିଥିଲେ। କିନ୍ତୁ ବାସ୍ତବତା ହେଉଛି, ୨୦୨୫ରେ ଏଭଳି ସମର୍ଥନ ଦରକାର। ଏଭଳି କଳା ଲୋକଙ୍କ ପ୍ରତି ଭେଦଭାବ କେବଳ ଅତୀତରୁ ରହିଆସିଛି ତାହା ନୁହେଁ, ଏବେ ବି ଏହା ବଳବତ୍ତର ରହିଛି। ଏହା ଲିଙ୍ଗଗତ, ଜାତିଗତ ଓ ସାମାଜିକ ସ୍ଥିତିଗୁଡ଼ିକରେ ଗମ୍ଭୀର ଭାବେ ରହିଛି। ମୁରଲିଧରନଙ୍କ ପ୍ରତିକ୍ରିୟା କେବଳ ଏକ ଖରାପ ମନ୍ତବ୍ୟକୁ ଟାଳିଦେବା ପାଇଁ ନ ଥିଲା, ବରଂ ଏହା ବିଷୟକୁ ସମ୍ପୂର୍ଣ୍ଣ ବଦଳାଇଦେଇଥିଲା।

Email: dilipcherian@gmail.com

# ଶିଶୁ ବାଟିକାରେ ଶିଶୁ ହସିବେ



ଅକ୍ଷୟ କୁମାର ମିଶ୍ର

ଦଳ ମତ ନିର୍ବିଶେଷରେ ସଭିଏ ଏ କଥା କୁହନ୍ତି– ଶିଶୁ ହସିଲେ ଦୁନିଆ ହସେ। କିନ୍ତୁ ସତରେ କ'ଣ ସମସ୍ତ ଶିଶୁ ଏଠାରେ ହସନ୍ତି ନା ସେମାନଙ୍କର ହସ ଦେଖିବା ପାଇଁ କାର୍ଯ୍ୟକ୍ରମ ନିଆଯାଏ ? ହଁ, ଏହା ତ ନିଶ୍ଚୟ ଶିଶୁ ହାତରେ ଖେଳନାଟିଏ ଧରାଇଦେଲେ, ଚକୋଲେଟ୍‌ଟିଏ ଦେଲେ ସେ ହସିବ। କିନ୍ତୁ ସେ ହସ କ୍ଷଣସ୍ଥାୟୀ। ସେ କେମିତି ଚିରଦିନ ପାଇଁ ହସିବ ଅର୍ଥାତ୍ ସେ ବଡ଼ ହେବ, ଆଗକୁ ବଢ଼ିବ, ତା'ର ଅନ୍ତର୍ନିହିତ ପ୍ରତିଭାର ଉନ୍ମେଷ ଘଟିବ, ତା' ଭିତରେ ଜିଜ୍ଞାସା ବଢ଼ିବ, ସେ କେମିତି ପ୍ରଶ୍ନ ପଚାରିବ, ସର୍ବୋପରି ସେ ଜଣେ ଭଲ ମଣିଷ ଭାବରେ ଦୁନିଆ ଦାଣ୍ଡରେ ଉଭା ହେବ ଏଥିପାଇଁ ଯେଉଁ ଆନ୍ତରିକତା ଆବଶ୍ୟକ ତାହା ସମସ୍ତଙ୍କ ଠି ଅଛି ନା ସବୁକିଛି ପ୍ରଚାରସର୍ବସ୍ୱ ଏହା ହିଁ ବଡ଼ ପ୍ରଶ୍ନ।

ସମ୍ପ୍ରତି ସରକାରଙ୍କର ଏକ ନିଷ୍ପତ୍ତି ଦ୍ୱନ୍ଦ୍ୱରେ ପକାଉଛି। ସରକାରଙ୍କ ନିଷ୍ପତ୍ତି ଅନୁଯାୟୀ ଚଳିତବର୍ଷ ଏପ୍ରିଲ ୨ ତାରିଖ ଦିନ ଆମ ରାଜ୍ୟ ତମାମ୍ ପ୍ରବେଶ ଉତ୍ସବ ସାଙ୍ଗକୁ ଖଡ଼ିଛୁଆଁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଗଲା। ଖଡ଼ିଛୁଆଁ କାର୍ଯ୍ୟକ୍ରମଟି ନୂତନ ଭାବେ ହାତକୁ ନିଆଯାଇଥିବା ବେଳେ ପ୍ରବେଶ ଉତ୍ସବ ବେଶ୍ କିଛି ବର୍ଷ ହେଲା ପ୍ରାଥମିକ ବିଦ୍ୟାଳୟରେ ପାଳନ ହୋଇ ଆସୁଛି। ଆମ ରାଜ୍ୟର ନୂଆ ସରକାର ନୂତନ ଜାତୀୟ ଶିକ୍ଷାନୀତି–୨୦୨୦କୁ ବିଧିବଦ୍ଧ ଭାବେ ଲାଗୁ କରିଛନ୍ତି। ମୁଁ ତଥା ଅନ୍ୟାନ୍ୟ ଲେଖକମାନେ ଏହି ଜାତୀୟ ଶିକ୍ଷାନୀତି ଉପରେ ବିଶ୍ଳେଷଣାତ୍ମକ ଲେଖା ଲେଖିବା ବେଳେ ଏଥିରେ ଥିବା ବିଦ୍ୟାଳୟ ଶିକ୍ଷାଟି କେମିତି ଚାରୋଟି ସ୍ତରରେ ବିଭକ୍ତୀକରଣ ହୋଇଛି ସେ ସମ୍ପର୍କରେ ଉଲ୍ଲେଖ କରିଛୁ। ଏହି ସ୍ତରର ପ୍ରଥମ ସୋପାନଟି ହେଲା ପ୍ରାରମ୍ଭିକ ସ୍ତର, ଯାହା ପାଞ୍ଚଟି ଶ୍ରେଣୀକୁ ନେଇ ଗଠିତ। ତିନି ବର୍ଷ ପ୍ରାକ୍ ପ୍ରାଥମିକ ଯାହାକୁ ଶିଶୁ–୧, ଶିଶୁ–୨, ଶିଶୁ–୩ ଏବଂ ପ୍ରାଥମିକ ବିଦ୍ୟାଳୟର ଥିବା ପ୍ରଥମ ଶ୍ରେଣୀ ଓ ଦ୍ୱିତୀୟ ଶ୍ରେଣୀ ଏଥିରେ ଅନ୍ତର୍ଭୁକ୍ତ। ଜାତୀୟ ଶିକ୍ଷା ନୀତି ଅନୁଯାୟୀ ପ୍ରଥମ ତିନୋଟି ଶ୍ରେଣୀ ଅଙ୍ଗନୱାଡିରେ ଖୋଲାଯିବ କିମ୍ବା ଅନ୍ୟାନ୍ୟ ଘରୋଇ ଶିକ୍ଷାନୁଷ୍ଠାନରେ ଏହି ଶିକ୍ଷା ଗ୍ରହଣ କରିପାରିବେ। ନୀତିରେ ଥିବା ପ୍ରାବଧାନ ଅନୁଯାୟୀ ଶିଶୁଟି ତିନି ବର୍ଷ ହେଲେ ସେ ଭର୍ତ୍ତିହେବ ଶିଶୁ–୧ରେ ଏବଂ ଛଅ ବର୍ଷ ହେଲେ ପ୍ରାଥମିକ ବିଦ୍ୟାଳୟରେ ଥିବା ପ୍ରଥମ ଶ୍ରେଣୀରେ। ମାତ୍ର ଆମ ରାଜ୍ୟରେ ପାଞ୍ଚ ବର୍ଷ ହେଲେ ଶିଶୁମାନେ ଭର୍ତ୍ତି ହେବେ ଶିଶୁ ବାଟିକାରେ, ଯାହା ସଦ୍ୟତମ ନିଷ୍ପତ୍ତି ଅନୁଯାୟୀ ୨୦୨୫–୨୬ ଶିକ୍ଷା ବର୍ଷଠାରୁ ପ୍ରଥମକରି ୪୫ ହଜାର ପ୍ରାଥମିକ ବିଦ୍ୟାଳୟରେ



ଖୋଲିବ। ତେବେ ଖଡ଼ିଛୁଆଁ କେଉଁଠି ହେବ? ଶିଶୁ–୧ରେ ନା ଶିଶୁ–୩ରେ ଭର୍ତ୍ତିହେବା ପରେ? ଯଦି ଶିଶୁ–୩ରେ ଅକ୍ଷର ଶିକ୍ଷା ଆରମ୍ଭ ହେବ ତେବେ ଶିଶୁ–୧ ଓ ୨ ରେ କ'ଣ ହେବ?

ଅଙ୍ଗନୱାଡିର ଅବସ୍ଥାକୁ ବୋଧହୁଏ ସରକାର ହୃଦୟଙ୍ଗମ କରିଛନ୍ତି। ଏଇଥିପାଇଁ ଶିଶୁ ବାଟିକା ନାମରେ ଆଉ ଏକ ନୂତନ ସୋପାନ ପ୍ରାଥମିକ ବିଦ୍ୟାଳୟ ସହିତ ସଂଯୁକ୍ତ କରି ଶିକ୍ଷାକୁ ଆଗେଇ ନେବାପାଇଁ ପରିକଳ୍ପନା କରିଛନ୍ତି। ହେଲେ ଆମ ରାଜ୍ୟରେ ପ୍ରାଥମିକ ବିଦ୍ୟାଳୟର ଅବସ୍ଥା ତଦ୍ରୂପ। ପଚାଶ ହଜାରରୁ ଊର୍ଦ୍ଧ୍ୱ ଶିକ୍ଷକ ପଦବୀ ଶୂନ୍ୟ ପଡ଼ିଛି। ଆଉ ଯଦି ପ୍ରତି ଶ୍ରେଣୀକୁ ଜଣେ ଶିକ୍ଷକ ହିସାବ କରାଯାଏ ତେବେ ଲକ୍ଷାଧିକ ଶିକ୍ଷକ ଆବଶ୍ୟକ। ଏଥିପ୍ରତି ଧ୍ୟାନ ନ ଦେଇ ସରକାର କାମ ଚଳେଇ ନେବା ମତଲବରେ ଅଛନ୍ତି। ଅନେକ ବିଦ୍ୟାଳୟ ଅଛି ଯେଉଁଠାରେ ଆଠଟି ଶ୍ରେଣୀ; ମାତ୍ର ଶିକ୍ଷକ ଅଛନ୍ତି ଦୁଇ କିମ୍ବା ତିନି ଜଣ। ଶିକ୍ଷକ ଅଭାବ ଯୋଗୁ ପ୍ରାଥମିକ ଶିକ୍ଷା ଯେତେବେଳେ ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ, ଗୁଣାତ୍ମକ ଶିକ୍ଷା କଥା ଦୂରେ ଥାଉ ଛାତ୍ରୀଛାତ୍ରଙ୍କର ଶ୍ରେଣୀଗତ ଦକ୍ଷତା ନାହିଁ ବୋଲି ଯେତେବେଳେ ବିଭିନ୍ନ ରିପୋର୍ଟରେ ପ୍ରକାଶ ପାଉଛି ସେତିକି ବେଳେ ଆଉ ୪୫ହଜାର ଶ୍ରେଣୀ ଏଥିରେ ଯୋଡ଼ି ହୋଇଛି। ଶିଶୁ ବାଟିକା ଖୋଲିବା ନିଷ୍ପତ୍ତି ଅଗ୍ରହଣୀୟ ନୁହେଁ। କିନ୍ତୁ ଶିକ୍ଷକ ନିଯୁକ୍ତି ନ ଦେଇ ଏଭଳି ନିଷ୍ପତ୍ତି ନେବା ଶିଶୁର ବୌଦ୍ଧିକ ବିକାଶର ପରିପନ୍ଥୀ। କିଏ ଏମାନଙ୍କୁ ପଢ଼ାଇବେ? କୌଣସି ପ୍ରାଥମିକ ବିଦ୍ୟାଳୟରେ ଚତୁର୍ଥ ଶ୍ରେଣୀ କର୍ମଚାରୀ ନାହାନ୍ତି। ଏମାନଙ୍କର ଯତ୍ନ ନେବ କିଏ ? ଏମିତି ସ୍ଥିତିରେ ଶିଶୁମାନେ ହସିବେ ତ?

ଅର୍ଦ୍ଧାଧିକ ପ୍ରାଥମିକ ବିଦ୍ୟାଳୟର ଭିତ୍ତିଭୂମି ନିମ୍ନମାନର। ଆବଶ୍ୟକ ଶ୍ରେଣୀ ଗୃହ ନାହିଁ। ଗୋଟିଏ କୋଠରିରେ ଏକାଧିକ ଶ୍ରେଣୀ ଚାଲୁଛି। ପାନୀୟ ଜଳର ସୁବନ୍ଦୋବସ୍ତ ଏପର୍ଯ୍ୟନ୍ତ ସବୁ ବିଦ୍ୟାଳୟରେ ହୋଇପାରି ନାହିଁ। ବହୁ ବିଦ୍ୟାଳୟରେ ଶୌଚାଳୟ ନାହିଁ। ନିଜସ୍ୱ ଖେଳପଡ଼ିଆ ନାହିଁ। ଇନ୍‌ଡୋର ଷ୍ଟାଡିୟମ୍ କଥା ସ୍ୱପ୍ନ। ଏଭଳି ପରିବେଶରେ କୋମଳମତି ଶିଶୁମାନଙ୍କର ସର୍ବାଙ୍ଗୀନ ବିକାଶ କେତେ ତ୍ୱରାନ୍ୱିତ ହେବ ତାହା ହିଁ ବିଚାର୍ଯ୍ୟ। ଯଦି ଶୈଶବ ଅବସ୍ଥାରେ ଶିଶୁ ପାଇଁ ଯାହା ଲୋଡ଼ା ତାହା ସେ ନ ପାଏ, ତେବେ ଭବିଷ୍ୟତ ହସିବ କେମିତି ?

ପ୍ରବେଶ ଓ ଖଡ଼ିଛୁଆଁ ନିଶ୍ଚୟ ଖୁସିର ଖବର। ପ୍ରେରଣା ଯୋଗାଇବ। କିନ୍ତୁ ଶିଶୁ ବାଟିକାରେ କ'ଣ ପଢ଼ାଯିବ, ତା'ର ପାଠ୍ୟଖସଡ଼ା କ'ଣ ହେବ, ସେଥିପାଇଁ ଯେଉଁ ପୁସ୍ତକ ଆବଶ୍ୟକ ତାହା ଛପା ହେଲାଣି କି ନାହିଁ ଏ ସମ୍ପର୍କରେ ଶିକ୍ଷା ଅଧିକାରୀମାନେ ନିରୁତ୍ତର। ସରକାର ମଧ୍ୟ ନୀରବ। ତେବେ କ'ଣ ଏମାନଙ୍କ କ୍ଷେତ୍ରରେ ମଧ୍ୟ ସେହି ସମାନ କଥା ଘଟିବ, ଯାହା ଏଯାବତ୍ ଘଟି ଚାଲିଛି। ଅର୍ଥାତ୍ ଶିକ୍ଷା ବର୍ଷ ଅଧାଅଧି ହେଲେ ଯାଇ ପାଠ୍ୟ ପୁସ୍ତକ ଆସିବ? ପ୍ରବେଶ ଖଡ଼ିଛୁଆଁ ଉତ୍ସବ ସରିଗଲେ ଯେ ଯାହା ବାଟରେ। ଆଉ ଯାହା ହେବ କାଗଜ କଲମରେ। କିନ୍ତୁ ବାସ୍ତବ ଚିତ୍ର ଭିନ୍ନ। ଶିଶୁର ବସ୍ତାନି ଖାଲି, ପାଠ ଘର ଶୂନ।

ସବୁଠାରୁ ବଡ଼ କଥା ହେଲା ଶିଶୁମାନଙ୍କର ଯତ୍ନ ନେବା ଏବଂ ସେମାନଙ୍କର ମନକଥା ବୁଝିବା। ସାମାନ୍ୟ ମାନସିକ ବୋଝ ଏମାନଙ୍କର ନିରୀହ ମନରେ ଗଭୀର କ୍ଷତ ସୃଷ୍ଟି କରିବାର ସମ୍ଭାବନା ଥାଏ। ଆମ ଦେଶରେ ହେଉ ବା ରାଜ୍ୟରେ ହେଉ ଏହି ଅକାଟ୍ୟ ସତ୍ୟଟିକୁ ସରକାରମାନେ ବୁଝିବାକୁ ନାରାଜ। ଏଠାରେ କଥାରେ ସଭିଏ କହନ୍ତି ଶିଶୁ ଦେଶର ଭବିଷ୍ୟତ। କିନ୍ତୁ କାର୍ଯ୍ୟରେ ତାହା ପ୍ରତିଫଳନ ହୁଏ ନାହିଁ। ସମସ୍ତେ କଥାରେ କହନ୍ତି ଶିଶୁର ଅଭାବ ଅସୁବିଧାକୁ ଆଜି ହିଁ ପୂରଣ କରିବା ବାଞ୍ଛନୀୟ। କିନ୍ତୁ ଏହା ନ କରି ସୁବିଧା ହେଲେ ବୁଝିବା, ଭବିଷ୍ୟତରେ ପୂରଣ ହୋଇଯିବ ବୋଲି ମିଛ ପ୍ରତିଶ୍ରୁତି ଦେବା ଚିରାଚରିତ ଅଭ୍ୟାସରେ ପରିଣତ ହୋଇଗଲାଣି। ଏହା କେବଳ ଭୁଲ୍ ନୁହେଁ, ଅପରାଧ। କାରଣ ବହୁ ବିଶେଷଜ୍ଞଙ୍କ ମତ ଛଅ ବର୍ଷ ଭିତରେ ଶିଶୁ ମସ୍ତିଷ୍କର ୮୫ ଶତକଡ଼ା ବିକାଶ ଘଟିଥାଏ। ଅର୍ଥାତ୍ ଶାରୀରିକ, ମାନସିକ ତଥା ବୌଦ୍ଧିକତାର ତଡ଼ିତ ଅଭିବୃଦ୍ଧିର ସମୟ ହେଉଛି ଶୈଶବ। ଏହି ସମୟରେ ସାମାନ୍ୟତମ ତ୍ରୁଟି, ଅବହେଳା, ଅଣଦେଖା ଶିଶୁର ଭବିଷ୍ୟତକୁ ନଷ୍ଟ କରିଦେବା ସହିତ ଏକ ଭିନ୍ନ ଦୁନିଆ ଭିତରକୁ ଠେଲି ଦେଇପାରେ। ଏଣୁ ଯାହା ତାଙ୍କର ଲୋଡ଼ା ତାହା ଆଜି ଦିଆଯାଉ କାଲିକୁ ନୁହେଁ। ଅପେକ୍ଷା ପାଇଁ ବେଳ କାହିଁ ? ଏହାକୁ ଗମ୍ଭୀରତାର ସହିତ ଚିନ୍ତନ ନ କଲେ ଅପେକ୍ଷା ଉପେକ୍ଷାରେ ପରିଣତ ହେବ।

ସଭାପତି, ଓଷ୍ଟା
ମୋ :୯୯୩୮୭୬୩୨୩୭

# ପେଟ୍ରୋଲ ଟାଙ୍କିର ମନିବ୍ୟାଗ



ଶୁଭନାରାୟଣ ଶତପଥୀ

ମନିବ୍ୟାଗ ହେଉଛି ଅର୍ଥ ରଖିବାର ମୁଣା। ମନିବ୍ୟାଗ୍‌ର ରଙ୍ଗ, ଦିଗ, ସାଙ୍କେତିକ ଚିହ୍ନ, ସ୍ୱଚ୍ଛତା ଆଦିକୁ ବାସ୍ତୁବିଦ୍ୟାରେ ବର୍ଣ୍ଣନା କରାଯାଇଛି। ବିଶେଷ କରି ବ୍ୟବସ୍ଥିତ ଓ ସଫା, ସୁନ୍ଦର ମନିବ୍ୟାଗ ହେଉଛି ସମ୍ମାନ, ଧନଧାନ୍ୟ ଓ ସକାରାତ୍ମକ ଶକ୍ତିର ନିଦର୍ଶନ। ପେଟ୍ରୋଲ ଟାଙ୍କି କର୍ମଚାରୀଙ୍କ କାନ୍ଧରେ ଝୁଲୁଥିବା ମନିବ୍ୟାଗ ଏହି ଆଲେଖ୍ୟର ପ୍ରସଙ୍ଗ। ଯେଉଁମାନେ ପେଟ୍ରୋଲ ଟାଙ୍କିକୁ ଯାଇ ଗାଡ଼ିରେ ପେଟ୍ରୋଲ ପକାଇଛନ୍ତି ସେମାନେ ଉଭୟ କର୍ମଚାରୀ ଓ ମନିବ୍ୟାଗ ସହିତ ପରିଚିତ। ଏହି ମନିବ୍ୟାଗ ଗାଡ଼ିରେ ପେଟ୍ରୋଲ ଭରୁଥିବା କର୍ମଚାରୀଙ୍କ କାନ୍ଧରେ ଝୁଲୁଥାଏ ଓ ଏହା ତାଙ୍କ ହାତ ପାହାନ୍ତାରେ ରହିଥାଏ। ସେଥିରେ ଟଙ୍କା ରଖିବା ଓ ଗ୍ରାହକଙ୍କୁ ଦେବା ସହଜ ହୋଇଥାଏ। ଅଧିକାଂଶ ସମୟରେ ଦେଖାଯାଏ ସେହି ବ୍ୟାଗ୍‌ର ଚେନ୍ କାମ କରୁ କି ନ କରୁ ଖୋଲା ରହିଥାଏ ଓ କର୍ମଚାରୀମାନେ ଗ୍ରାହକଙ୍କ ସାମ୍ନାରେ ଟଙ୍କା ଦେଣନେଣ କରନ୍ତି।

ଥରେ ରମେଶବାବୁ ନିଜ ସ୍କୁଟିଟି ନେଇ ପେଟ୍ରୋଲ ପକାଇବାକୁ ପେଟ୍ରୋଲ ଟାଙ୍କିକୁ ଗଲେ। କଥା ପ୍ରସଙ୍ଗରେ ପେଟ୍ରୋଲ ପକାଇବାକୁ ଆମେ ତେଲ ପକାଇବା କହୁ। ତେବେ ରମେଶବାବୁ ଗାଡ଼ିରେ ତେଲ ପକାଇସାରିବା ପରେ ଦୁଇଟି ଖଡ଼ଖଡ଼ିଆ ଦୁଇଶହ ଟଙ୍କିଆ ନୋଟ ବଢ଼ାଇଦେଲେ ପେଟ୍ରୋଲ ପକାଇଥିବା କର୍ମଚାରୀଙ୍କୁ। ଯୁବ କର୍ମଚାରୀ ଜଣକ ଦେଖିବାକୁ ବେଶ୍ ହ୍ୟାଣ୍ଡସମ। ନିଜର ଶାର୍ଟ ପ୍ୟାଣ୍ଟ ଜୋତା ଟୋପି ମଧ୍ୟ ବେଶ୍ ପରିଷ୍କାର ରଖିଛନ୍ତି। ତେବେ ରମେଶବାବୁଙ୍କଠାରୁ ଉକ୍ତ ନୋଟ୍‌କୁ ହସହସ ମୁହଁରେ ସେ ଗ୍ରହଣ କରି ନିଜର କାନ୍ଧରେ ପଡ଼ିଥିବା ମନିବ୍ୟାଗରେ ରଖିଲେ। ମନିବ୍ୟାଗଟି ନୋଟ୍ ଓ କଏନରେ ଭାରାକ୍ରାନ୍ତ ହୋଇ ରହିଥାଏ। ରମେଶବାବୁ ନିରେଖି ଦେଖିଲେ ସେହି ମନିବ୍ୟାଗଟିକୁ। ବ୍ୟାଗଟି ପୂରାପୂରି କୋତରା ବା ମଇଳାପୂର୍ଣ୍ଣ। ପ୍ରତିଦିନର ବ୍ୟବହାରରେ ଧୂସର ବ୍ୟାଗଟି କଳା ପଡ଼ିଗଲାଣି। ଆଉ ସେହି ବ୍ୟାଗର ଚାରୋଟି ପକେଟ୍‌ର କୌଣସି ଚେନ୍ କାମ କରୁନାହିଁ। ଅର୍ଥାତ୍ ଚାରିମୁଣାଯାକ ଖୋଲା ପଡ଼ିଛି। ସବୁଦିନ ଓ ପ୍ରତି ମୁହୂର୍ତ୍ତରେ ବ୍ୟବହାର ଓ ହାତବାଜି ମୁଣାର ପ୍ରତିଟି ଧାର ଓ ଚାରିପାଖ କଳା ପଡ଼ିଯାଇଛି। କେଉଁଠି କେଉଁଠି ମୁଣା ସିଲେଇ ହୋଇଥିବା ଦେଖିବାକୁ ମିଳେ। ରମେଶବାବୁ ବ୍ୟାଗ ଆଡ଼କୁ ଲକ୍ଷ୍ୟକରି ଯୁବକଙ୍କୁ ବ୍ୟଙ୍ଗାତ୍ମକ ଢଙ୍ଗରେ କହିଲେ, ଭାଇ ଇଏ ତୁମ ବ୍ୟାଗ ତୁମ ସହ ଜମାରୁ ମ୍ୟାଚ କରୁନି। ଯୁବକ ଜଣକ ମୁରୁକି ହସିଦେଲେ। ରମେଶବାବୁ ସେଠାରୁ ଚାଲିଗଲେ। ଯୁବକଜଣକ ରମେଶବାବୁଙ୍କ କଥାକୁ ଠଉରେଇ ପାରିଥିଲେ କି ନାହିଁ କହିହେବ ନାହିଁ। ଠିକ୍ ସାତଦିନ ପରେ ରମେଶବାବୁ ସହରର ଆର ମୁଣ୍ଡରେ ଥିବା ଅନ୍ୟ ଏକ ଟାଙ୍କିକୁ ତେଲ ପକାଇବାକୁ ଗଲେ। ସେଠାରେ ମଧ୍ୟ ସମାନ ଅବସ୍ଥା। ଗାଡ଼ିରେ ତେଲ ପକାଉଥିବା ଯୁବତୀଜଣକ ନିଜର ବେଶପୋଷାକକୁ ଯେତିକି ପରିଷ୍କାର ପରିଚ୍ଛନ୍ନ ଓ ସୁନ୍ଦର ରଖିଛନ୍ତି, ତାଙ୍କ କାନ୍ଧରେ ପଡ଼ିଥିବା ମନିବ୍ୟାଗ୍‌ର ଅବସ୍ଥା ସେତିକି ଅପରିଷ୍କାର ଓ ଚେନ୍ ଛିଡ଼ା। ବାସ୍ତବରେ ଏହି ମନିବ୍ୟାଗରେ ଦିନକୁ ଲକ୍ଷାଧିକ ଟଙ୍କା କାରବାର



ହୁଏ। ଏ ଦୃଷ୍ଟିରୁ ବ୍ୟାଗର ଗୁରୁତ୍ୱ ଢେର ବେଶି। କିନ୍ତୁ ସେହି ବ୍ୟାଗର ଅବସ୍ଥା କହିଲେ ନ ସରେ।

ପୁନର୍ବାର ରମେଶବାବୁ ଯେତେବେଳେ ଦୁଇମାସ ପରେ ଗାଡ଼ିରେ ତେଲ ପକାଇବାକୁ ପ୍ରଥମ ପେଟ୍ରୋଲ ଟାଙ୍କିକୁ ଗଲେ ରମେଶବାବୁ ଦେଖିବାକୁ ପାଇଲେ ଯେ ସେହି ଯୁବ କର୍ମଚାରୀଜଣକ ଚାକିରି ଛାଡ଼ି ଚାଲିଯାଇଛନ୍ତି। ତାଙ୍କ ବଦଳରେ ସେଠାରେ ଆଉ ଜଣେ ଯୁବକ କାମ କରୁଛନ୍ତି। ତେଲ ପକାଇସାରି ଟଙ୍କା ଦେଲାବେଳେ ରମେଶବାବୁ ପୁଣି ସେହି ବ୍ୟାଗଟିକୁ ନିରୀକ୍ଷଣ କଲେ। ପଚାରିଲେ ଆଚ୍ଛା ବାବୁ, ଏହି ବ୍ୟାଗ ବୋଧହୁଏ ତୁମ ପୂର୍ବରୁ କାମ କରୁଥିବା ଯୁବକ ଜଣକ ବ୍ୟବହାର କରୁଥିଲେ ? ଯୁବକଟି ହଁ କହିଲା। ରମେଶବାବୁ ନିଶ୍ଚିତ ହୋଇଗଲେ ଯେ ଯେତେ କର୍ମଚାରୀ ଆସନ୍ତୁ ବା ଯାଆନ୍ତୁ ପଛକେ ମନିବ୍ୟାଗ ବଦଳେ ନାହିଁ। ତେବେ ତାଙ୍କ ମତରେ ଅନ୍ତତଃ ପକ୍ଷେ ମନିବ୍ୟାଗର ମହତ୍ତ୍ୱ ଓ ଇଜତକୁ ସମ୍ମାନ ଦେବା କଥା। କାରଣ ଯେଉଁବ୍ୟାଗ ଦ୍ୱାରା ପେଟ୍ରୋଲ ଟାଙ୍କିର ଆର୍ଥିକ ଦେଣ ନେଣ ହୁଏ ଯଦି ସେ ବ୍ୟାଗର ଏମିତି ଅବସ୍ଥା ରହିବ ତେବେ ସେଠାରେ ରହୁଥିବା ସମସ୍ତ ବ୍ୟକ୍ତିଙ୍କ ମାନସିକତା କିପରି ହୋଇଥିବ? ଏପ୍ରଶ୍ନ ରମେଶବାବୁଙ୍କ ମନକୁ ଆନ୍ଦୋଳିତ କରୁଥାଏ। ଏ ପ୍ରଶ୍ନ ମନକୁ ଆସିବା ସ୍ୱାଭାବିକ କଥା। କାରଣ ସ୍ୱଚ୍ଛତାର ପାରମ୍ପରିକ ରୂଢ଼ି ପରି ଆଧୁନିକତାର ସ୍ପର୍ଶରେ କୁହାଯାଇପାରେ 'ଟାଙ୍କି ପରିମଳ ମନିବ୍ୟାଗରୁ'। ଏହି କଥା ରମେଶବାବୁ ସେହି ଟାଙ୍କିର ମାଲିକଙ୍କୁ କହିବାରୁ ମାଲିକ ଜଣକ କହିଲେ ଆପଣ ଡିଜିଟାଲ ପେମେଣ୍ଟ କାହିଁକି କରୁ ନାହାନ୍ତି ? ଏକଥା ଶୁଣି ରମେଶବାବୁ ଚିକେ ରହିଗଲେ ଆଉ ତାଙ୍କ ମନ ପରିବର୍ତ୍ତନ ହୋଇଗଲା। ମନିବ୍ୟାଗ ଅସ୍ୱଚ୍ଛ ହୋଇପାରେ କିନ୍ତୁ ମାଲିକଙ୍କ ଏହି ବାର୍ତ୍ତା ଆର୍ଥିକ ସ୍ୱଚ୍ଛତାର ବାର୍ତ୍ତା ବହନ କରେ। ରମେଶବାବୁ ନିଷ୍ପତ୍ତି କଲେ ଯେ ପରବର୍ତ୍ତୀ ସମୟରେ ଟାଙ୍କିରେ ତେଲପକାଇବା ବେଳେ ଏଥର ଡିଜିଟାଲ ପେମେଣ୍ଟ କରିବେ। ଆଉ ମନିବ୍ୟାଗକୁ ତାଙ୍କ ଟଙ୍କା ଯିବନି କି ସେଠାରୁ ଆସିବନି। ତଥାପି କୋଭିଡ୍ ଭଳି ଭୟଙ୍କର ସଂକ୍ରମଣର ବାହାକ ଏହି ମନିବ୍ୟାଗ ନ ହେବ ତା'ର ଗ୍ୟାରେଣ୍ଟି କିଏ ଦେବ ? ସେ ଯାହାହେଉନା କାହିଁକି ରମେଶବାବୁଙ୍କ ଏପରି ଚିନ୍ତା ବାସ୍ତବିକ ଚିନ୍ତାର ବିଷୟ। ସେ ପେଟ୍ରୋଲଟାଙ୍କିର ମନିବ୍ୟାଗ ହେଉ ବା ପିଲାଙ୍କ ସ୍କୁଲ ବ୍ୟାଗ, ବ୍ୟକ୍ତିଗତ ମନିପର୍ସ ହେଉ ବା ମହିଳାଙ୍କ ଭ୍ୟାନିଟି ବ୍ୟାଗ ଏ ସବୁର ଏକ ବ୍ୟବହାରିକ ସୀମା ବା ଭାଲିଡିଟି ବା ଏକ୍ସପାଏରି ରହିବା ଉଚିତ। ନଚେତ୍ ଏହି ବ୍ୟାଗ କେତେ ପୁରୁଷ ଯାଏ ଏହାର ବ୍ୟବହାର ହେଉଥିବ ତାହା କହିହେବ ନାହିଁ। ପ୍ରତିଦିନ ଶହଶହ ଗ୍ରାହକ ତେଲ ପକାଇବାକୁ ଟାଙ୍କିକୁ ଯାଆନ୍ତି। ଆଜି ମଧ୍ୟ ଅର୍ଦ୍ଧାଧିକ ଗ୍ରାହକ ନୋଟ, କଏନର ନଗଦ ବ୍ୟବହାର କରି ଗାଡ଼ିରେ ତେଲ ପକାନ୍ତି। ସେଥିପାଇଁ ତ ଏ ମନିବ୍ୟାଗ ଅଛି। ଏକ ରିସର୍ଚ୍ଚ ରିପୋର୍ଟରୁ ଜଣାଯାଏ ଯେ ଅଧିକ ବ୍ୟବହାର ହେଉଥିବା, ବିଭିନ୍ନ ସ୍ଥାନ ଓ ନିରନ୍ତର ହାତ ସଂସ୍ପର୍ଶରେ ଆସୁଥିବାରୁ ଏହି ବ୍ୟାଗ କୀଟାଣୁମୟ ହୋଇଥାଏ। ଏପରି ହ୍ୟାଣ୍ଡବ୍ୟାଗଗୁଡ଼ିକ ଖୁବ୍ କମ୍ ସଫା ବା ପରିଷ୍କାରପରିଚ୍ଛନ୍ନ କରାଯାଉଥିବାରୁ ସେଥିରେ ଏକ ଟଏଲେଟ ସିଟ୍‌ରେ ଥିବା ବ୍ୟାକ୍ଟେରିଆର ପରିମାଣଠାରୁ ୨୦ ଶତକଡ଼ା ଅଧିକ ରହିଥାନ୍ତି। ଯେପର୍ଯ୍ୟନ୍ତ ଅର୍ଥ ଦେଣନେଣ ସମ୍ପୂର୍ଣ୍ଣ ଡିଜିଟାଇଜେଶନ ନ ହୋଇଛି ସେ ପର୍ଯ୍ୟନ୍ତ ଏହି ମନିବ୍ୟାଗ ରହିବ। ତେବେ କାର୍ଯ୍ୟ କରୁଥିବା ଯୁବତୀଯୁବକଙ୍କ କାନ୍ଧରେ ଏକ ସୁସ୍ଥ ମନିବ୍ୟାଗଟିଏ ଥିଲେ ଏହା କାମ କରିବାର ସ୍ପୃହାକୁ ଦ୍ୱିଗୁଣିତ କରିବ ଓ ଗ୍ରାହକ ନାକ ଟେକିବେ ନାହିଁ। ତେବେ ସକାରାତ୍ମକ ଦୃଷ୍ଟିଭଙ୍ଗୀରେ କହିବାକୁ ଗଲେ ମନିବ୍ୟାଗ୍‌ର ଅବସ୍ଥା ଦେଖି ରମେଶବାବୁଙ୍କ ଭଳି ଅନେକ ବ୍ୟକ୍ତି ମନି ଡିଜିଟାଇଜେଶନ ପଦ୍ଧତିକୁ ଆପଣେଇ ନ ଥିବେ ବୋଲି କହିହେବ ନାହିଁ।

ବିଜିପୁର, ବ୍ରହ୍ମଗିରି, ପୁରୀ
ମୋ: ୯୪୩୮୪୩୨୦୨୩

## ଏଇ ଭାରତରେ

ଗ୍ରାମାଞ୍ଚଳରେ ପାନୀୟ ଜଳ ଯୋଗାଣର ସଫଳତା କଥା ଯେତିକି ଜୋର କୁହାଯାଉଛି ତାହାର ବାସ୍ତବତା ସେତିକି ନୁହେଁ। ଦେଶରେ ଏମିତି ଅଞ୍ଚଳ ରହିଛି ଯେଉଁଠି ଏବେ ବି ପାନୀୟ ଜଳର ଅଭାବ ରହିଛି। ପିଲାମାନେ ସ୍କୁଲରେ ମଧ୍ୟ ତାହା ପାଇବାରୁ ବଞ୍ଚିତ ହେଉଛନ୍ତି। ତେବେ ଡ. ଅନିଲ ରାଜବଂଶୀଙ୍କ ସୌରଶକ୍ତି ଚାଳିତ ୱାଟର ପ୍ୟୁରିଫିକେଶନ ପଦ୍ଧତି ଏହି ସମସ୍ୟାର ଅନେକାଂଶରେ ସମାଧାନ କରିପାରିବ। ରାଜବଂଶୀ ମହାରାଷ୍ଟ୍ରର ଏକ ନିମ୍ବାକର ଏଗ୍ରିକଲଚରାଲ ରିସର୍ଚ୍ଚ ଇନଷ୍ଟିଚ୍ୟୁଟର ନିର୍ଦ୍ଦେଶକ ଭାବେ କାମ କରୁଛନ୍ତି। ଏହି ପଦ୍ଧତିରେ ପିଲାମାନଙ୍କଠାରେ ଦେଖାଯାଉଥିବା ସଂକ୍ରମଣ ହ୍ରାସ କରିବା ସହ ସେମାନଙ୍କୁ ସୁସ୍ଥ ରଖିବ ବୋଲି କହନ୍ତି ରାଜବଂଶୀ। ସେ ଏହି ପଦ୍ଧତିକୁ ବ୍ୟବହାର କରି ମହାରାଷ୍ଟ୍ରର ସତାର ଜିଲା ଫାଲଟନ ଅଞ୍ଚଳରେ ସ୍କୁଲ ପିଲାଙ୍କୁ ସ୍ୱଚ୍ଛ ପାନୀୟ ଜଳ ଯୋଗାଇ ଦେଉଛନ୍ତି। ପାଖାପାଖି ୪୦୦ରୁ ଊର୍ଦ୍ଧ୍ୱ ପିଲା ଏବେ ଏଥିରେ ଉପକୃତ ହେଉଛନ୍ତି। ବଡ଼ କଥା ହେଉଛି, ଏହି ୱାଟର ପ୍ୟୁରିଫିକେଶନ ପଦ୍ଧତିରେ ଦିନକୁ ୧୦୦ରୁ ୨୦୦ ଲିଟର ସ୍ୱଚ୍ଛ ପାନୀୟ ଜଳ ଯୋଗାଯାଇପାରୁଛି। ଏହି ପଦ୍ଧତିରେ ସଂଗୃହୀତ ବର୍ଷାଜଳକୁ ଫିଲଟର କରାଯାଇ ତାହାକୁ ସାଧାରଣ ଶାଢ଼ି ମାଧ୍ୟମରେ ଫିଲଟର ବ୍ୟବସ୍ଥା କରାଯାଇଛି। ପରେ ସେହି ଫିଲଟର ପାଣିକୁ ସୋଲାର ଥର୍ମାଲ ଟେକ୍‌ନୋଲୋଜିରେ ଜୀବାଣୁ ମୁକ୍ତ କରାଯାଉଛି।

## ୫୦ ବର୍ଷ ତଳର ଧରିତ୍ରୀ

୫ ଏପ୍ରିଲ ୧୯୭୬

- ଭୁବନେଶ୍ୱର ଓ ରାଉରକେଲାରେ କଲୋନୀ ତିଆରି ପାଇଁ ଭାରତ ସରକାରଙ୍କ ଗୃହ ନିର୍ମାଣ ଓ ସହରାଞ୍ଚଳ ଉନ୍ନୟନ କର୍ପୋରେସନ ପକ୍ଷରୁ ରାଜ୍ୟ ଗୃହ ନିର୍ମାଣ ବୋର୍ଡକୁ ୨୭ ଲକ୍ଷ ୫୨ ହଜାର ଟଙ୍କା ମଞ୍ଜୁର।
- ବେରୁଟ ଓ ସହରତଳି ଅଞ୍ଚଳରେ ବାମପନ୍ଥୀ ଓ ଦକ୍ଷିଣପନ୍ଥୀ ସୈନ୍ୟମାନଙ୍କ ମଧ୍ୟରେ ପ୍ରବଳ ଗୁଳିଗୋଳା ଘଟି ୩୦ ନିହତ।
- ରାଷ୍ଟ୍ରପତି ଫ୍ରାନ୍‌ସିସୋ ଡା କୋଷ୍ଟା ଗୋମ୍ସ ପର୍ତ୍ତୁଗାଲର ନୂତନ ସମ୍ବିଧାନ ଜାରୀ କରିଛନ୍ତି।

## su|do|ku

Puzzles by Srikant Ghosh

ସୁ–ଡୋ–କୁ

| | | | | | | | | |
|---|---|---|---|---|---|---|---|---|
| | | 1 | | 4 | | | 8 | 3 |
| | | | | 8 | | | | |
| 6 | | | | 5 | | 2 | 9 | 4 |
| 4 | | | 3 | | | 5 | | |
| | 6 | 5 | | | | | 7 | |
| | 7 | | | | | | | |
| | | | | 7 | | | 2 | |
| | 9 | | | | 8 | | | |
| 7 | 4 | | | | 2 | 3 | | 9 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 6 | 5 | 3 | 4 | 9 | 8 | 7 | 1 |
| 3 | 8 | 1 | 7 | 5 | 6 | 9 | 4 | 2 |
| 7 | 9 | 4 | 1 | 8 | 2 | 5 | 6 | 3 |
| 5 | 3 | 7 | 6 | 9 | 1 | 4 | 2 | 8 |
| 6 | 2 | 9 | 4 | 3 | 8 | 1 | 5 | 7 |
| 4 | 1 | 8 | 5 | 2 | 7 | 6 | 3 | 9 |
| 8 | 5 | 3 | 2 | 1 | 4 | 7 | 9 | 6 |
| 9 | 4 | 6 | 8 | 7 | 3 | 2 | 1 | 5 |
| 1 | 7 | 2 | 9 | 6 | 5 | 3 | 8 | 4 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ବିଧାନସଭା ଆସନ ବୃଦ୍ଧି ହେଉ

ମହାଶୟ,

ରାଜ୍ୟ ବିଧାନସଭାର ଆସନ ସଂଖ୍ୟାକୁ ବୃଦ୍ଧି କରାଯାଉ, ଯାହା ଦୀର୍ଘ ବର୍ଷରୁ ଯେତିକି ସେତିକି ଅଛି। ଲୋକସଂଖ୍ୟା ଦୃଷ୍ଟିରୁ ପ୍ରଶାସନର ସୁପରିଚାଳନା ପାଇଁ ଏହା ୧୭୦ରୁ ୧୮୦ ମଧ୍ୟରେ ବୃଦ୍ଧି କରାଗଲେ ଭଲ ହୁଅନ୍ତା। ଆମ ରାଜ୍ୟରେ ଲୋକସଭା ନିର୍ବାଚନ ମଣ୍ଡଳୀ ସଂଖ୍ୟା କମ୍ ଥିବାରୁ ଅନ୍ୟ ରାଜ୍ୟ ତୁଳନାରେ ସଦସ୍ୟ ସଂଖ୍ୟା ବୃଦ୍ଧି ହୋଇପାରୁନାହିଁ। ସେହିପରି ରାଜ୍ୟ ସଭା ଆସନ ସଂଖ୍ୟା ବି ଯଥେଷ୍ଟ କମ୍। ଏଣୁ ଉଭୟ ସଦସ୍ୟ ସଂଖ୍ୟା ବୃଦ୍ଧି ପାଇଁ ପ୍ରସ୍ତାବ ଦିଆଯାଉ।

–ରମେଶ ଚନ୍ଦ୍ର ବେହେରା, ଆୟଉପୁର, କଟକ

## ଚିରନ୍ତନୀ

କାହିଁରେ ମନ ହଜାଇ ଦେଇ
ଯୁବତୀ ସଖୀ ଦୁଇ
ଜୀବିତ କରି କୋମଳ ପଦେ
ନିଦାଘ ବନ ଭୂଇଁ।
–(କୁହୁ ପ୍ରାସ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ଅନନ୍ତ


@ ସୀତାଂଶୁ


@ ସୋନା


@ ଜୁହିରାଣୀ


@ ରିକିରାମ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଅଭିନବ ଉପାୟରେ ଲାଞ୍ଚ ଆଦାୟ ଅଭିଯୋଗ

**ବରୀ ତହସିଲ କାର୍ଯ୍ୟାଳୟ**

**■ ସରକାରୀ କାର୍ଯ୍ୟ କରୁଛନ୍ତି ବାହାର ଯୁବକ**

ବରୀ,୪।୪(ମହେନ୍ଦ୍ର ସ୍ୱାଇଁ)

ସରକାରୀ କାର୍ଯ୍ୟକ୍ରମରେ ସ୍ୱଚ୍ଛତା ବଜାୟ ରଖିବା କ୍ଷେତ୍ରରେ ସରକାର ଗୁରୁତ୍ୱ ଦେଉଛନ୍ତି। ମାତ୍ର କେତେଜଣ ଅଧିକାରୀ ସରକାରୀ ନିୟମକୁ ମୋଡ଼ି ମକଚି ଦେଉଛନ୍ତି। ଏହାର ଉଦାହରଣ ଦେଖିବାକୁ ମିଳିଛି ଯାଜପୁର ଜିଲାର ବରୀ ତହସିଲ କାର୍ଯ୍ୟାଳୟରେ। ସେଠାରେ ଅଭିନବ ଉପାୟରେ ଲାଞ୍ଚ ଆଦାୟ କରାଯାଉଥିବା ଅଭିଯୋଗ ହୋଇଛି। ନିଯୁକ୍ତ ହୋଇ ନ ଥିବା ଜଣେ ଯୁବକ ଚୌକିରେ ବସି ତହସିଲ କାର୍ଯ୍ୟ କରୁଛନ୍ତି। ତହସିଲ ପ୍ରଶାସନ ତାଙ୍କ ମାଧ୍ୟମରେ ଲାଞ୍ଚ ଆଦାୟ କରୁଥିବା ଅଭିଯୋଗ ହୋଇଆସୁଛି।

ବାତ୍ୟା ବନ୍ୟା ଭଳି ଦୈବୀ ଦୁର୍ବିପାକ ପାଇଁ ସହାୟତା ପ୍ରଦାନ କ୍ଷେତ୍ରରେ ହେଉ ଅବା ବିବିଧ ପ୍ରମାଣପତ୍ର କିମ୍ବା ପଲିଥିନ ବଣ୍ଟନ, ମ୍ୟୁଟେଶନ, ଆର୍‌ପି କେସ୍ ସବୁଥିରେ ଲାଞ୍ଚ କାରବାର ହେଉଛି। ଦଲାଲମାନଙ୍କ ପ୍ରାର୍ଦ୍ଦୁଭାବ ମଧ ବଢ଼ିଚାଲିଛି। ଏନେଇ ବହୁ ଅଭିଯୋଗ ହେବାପରେ ମାର୍ଚ୍ଚ ୩ରେ ଆଇନଜୀବୀ, ମୋହରିର ଓ ଭେଣ୍ଡରମାନଙ୍କ ଉଦ୍ଦେଶ୍ୟରେ ତହସିଲ ପ୍ରଶାସନ ଏକ ନୋଟିସ ଜାରି କରି କାର୍ଯ୍ୟାଳୟକୁ ଦଲାଲମୁକ୍ତ କରିବାକୁ ସହଯୋଗ ଲୋଡ଼ିଥିଲା। ମାତ୍ର ଏତେସବୁ ଘଟଣା ପରେ ଗୁରୁବାର ତହସିଲ କାର୍ଯ୍ୟାଳୟର ଜଣେ ରାଜସ୍ୱ ଅଧିକାରୀଙ୍କ ଚୌକିରେ ସମ୍ପୃକ୍ତ ଯୁବକ ବସି କାର୍ଯ୍ୟ କରୁଥିବା ଦେଖିବାକୁ ମିଳିଥିଲା। ଏହି ସମୟରେ କେତେଜଣ ଗଣମାଧ୍ୟମର ପ୍ରତିନିଧି ପହଞ୍ଚି ସେ କେଉଁ ପଦବୀରେ ନିଯୁକ୍ତି ପାଇଛନ୍ତି ବୋଲି ପଚାରିଥିଲେ। ହେଲେ ସମ୍ପୃକ୍ତ ଯୁବକ କୌଣସି ପଦବୀରେ ନାହାନ୍ତି ବୋଲି କହିଥିଲେ। ତାଙ୍କୁ ଉକ୍ତ ରାଜସ୍ୱ ଅଧିକାରୀ କାର୍ଯ୍ୟ କରିବାକୁ କହିଛନ୍ତି ଏବଂ ସେ ୩ ମାସ ହେଲା ଏଠାରେ କାର୍ଯ୍ୟ କରୁଛନ୍ତି ବୋଲି ପ୍ରକାଶ କରିଥିଲେ। ଏ ସମ୍ପର୍କରେ ଭାରପ୍ରାପ୍ତ ତହସିଲଦାର କଲ୍ଲୋଳ ମିଶ୍ରଙ୍କୁ ପଚାରିବାରୁ ସେ କହିଥିଲେ, ସମ୍ପୃକ୍ତ ଯୁବକଙ୍କୁ ଅଫିସ କାର୍ଯ୍ୟରେ ସହଯୋଗ ପାଇଁ ରଖାଯାଇଛି। ତେବେ କେଉଁ ନିୟମ ଆଧାରରେ ତାଙ୍କୁ ରଖାଯାଇଛି ବୋଲି ଗଣମାଧ୍ୟମ ପ୍ରତିନିଧି ପ୍ରଶ୍ନକରିବାରୁ ଭାରପ୍ରାପ୍ତ ତହସିଲଦାର ସେପରି କିଛି ନିୟମ ନାହିଁ ବୋଲି କହିଥିଲେ। ଏଥିସହିତ ଏ ଦିଗରେ ତଦନ୍ତ କରି ପଦକ୍ଷେପ ଗ୍ରହଣ କରିବେ ବୋଲି ପ୍ରକାଶ କରିଥିଲେ। ତହସିଲ ପ୍ରଶାସନର ଏଭଳି କାର୍ଯ୍ୟକୁ ନେଇ ସାଧାରଣରେ ନାନା ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।


ତହସିଲ କାର୍ଯ୍ୟାଳୟରେ ଜଣେ ଅଣ କର୍ମଚାରୀ କାମ କରୁଛନ୍ତି।

# ଜିଲା କୃଷି ଅଧିକାରୀଙ୍କ ମୁଗ କ୍ଷେତ୍ର ପରିଦର୍ଶନ

**ଧର୍ମଶାଳା,୪।୪(ବଟକୃଷ୍ଣ ପରିଡ଼ା):** ଯାଜପୁର ଜିଲା କୃଷି ଅଧିକାରୀ ଅରୁଣ କୁମାର ବେହେରା ଧର୍ମଶାଳା ବ୍ଲକ ଅନ୍ତର୍ଗତ ଅଭୟପୁର ପଞ୍ଚାୟତର ଅଚ୍ୟୁତପୁର କ୍ଲଷ୍ଟରରେ ହୋଇଥିବା ମୁଗ କ୍ଷେତ୍ର ପରିଦର୍ଶନ କରିଛନ୍ତି। ଏହି ସମୟରେ ସେ ଚାଷୀଙ୍କ ସହିତ ସରକାରଙ୍କ କୃଷି ଓ କୃଷକ ସଶକ୍ତୀକରଣ ଯୋଜନା ସମ୍ପର୍କରେ ଆଲୋଚନା କରିଛନ୍ତି। ଧାନ ଚାଷ ପରେ ପଡ଼ିଆ ପଡୁଥିବା ଜମିରେ ଡାଲି ଜାତୀୟ ଫସଲକୁ ଗୁରୁତ୍ୱ ଦେଇ ସରକାର ଚାଷୀଙ୍କୁ ମାଗଣାରେ ବିହନ, ସାର ଓ କୀଟନାଶକ ଯୋଗାଇ ଦେଇ କୃଷି ବିକାଶ ଯୋଜନାକୁ ଗୁରୁତ୍ୱ ଦେଉଛନ୍ତି। ସେହିକ୍ରମେ କୃଷି ବିଭାଗ ଏକ ଅନ୍ତର୍ଜାତୀୟ ଘରୋଇ ସଂସ୍ଥା ଇରି ଓ ସହୀଦ ଲକ୍ଷ୍ମଣ ନାୟକ ସମାଜ ବିକାଶ ସମିତି ସହାୟତାରେ ବ୍ଲକରେ ନୂଆ କିସମର ମୁଗ ବିହନ ଚାଷ ଦ୍ୱାରା କିଭଳି ଚାଷୀ ଅଧିକ ଅମଳକ୍ଷମ ହୋଇ ପାରିବେ ସେଥିପାଇଁ ପ୍ରୟାସ ଆରମ୍ଭ କରିଛି ବୋଲି କୃଷି ଅଧିକାରୀ କହିଛନ୍ତି। କୃଷି ଅଧିକାରୀଙ୍କ ସହ ଧର୍ମଶାଳା ସ୍କିମ ଅଫିସର ଜ୍ୟୋତିରଞ୍ଜନ ଦାସ, ଇରି ସଂସ୍ଥାର ଅବସର ପ୍ରାପ୍ତ କୃଷି ଅଧିକାରୀ ପ୍ରଦୀପ ସାହୁ, ସହୀଦ ଲକ୍ଷ୍ମଣ ନାୟକ ସମାଜ ବିକାଶ ସଂସ୍ଥାର ଜ୍ଞାନଦତ୍ତ ବେହେରା, ବ୍ଲକ କୃଷି ଅଧିକାରୀ ସ୍ୱରାଜ ବେହେରା, ଅତିରିକ୍ତ ବ୍ଲକ କୃଷି ଅଧିକାରୀ ଆଶିଷ ବେହେରା ଓ ଗ୍ରାମ୍ୟ କୃଷି ଅଧିକାରୀ ଚିନ୍ମୟୀ ନାୟକ ପ୍ରମୁଖ ମୁଗ କ୍ଷେତ୍ର ପରିଦର୍ଶନ କରିଥିଲେ। ଆଗାମୀ ଦିନରେ ଧାନ ପରେ ପଡ଼ିଆ ପଡୁଥିବା ଜମିକୁ ଡାଲି ଜାତୀୟ ସବୁଜିମାରେ ଭରି ଦେବାକୁ ଆଶାବ୍ୟକ୍ତ କରିଥିଲେ। ପରିଦର୍ଶନ ସମୟରେ ବେସରକାରୀ ସଂଗଠନର କ୍ଲଷ୍ଟର ସଂଯୋଜକ ମନୋଜ ନାୟକ, ରମେଶ ଦେବତା ଓ ସୁକାନ୍ତ ମଲ୍ଲିକ ପ୍ରମୁଖ ସହଯୋଗ କରିଥିଲେ।




# ଯାଜପୁର ରୋଡ୍‌ରେ ବାସନ୍ତିକ ଦୁର୍ଗାପୂଜା

ଯାଜପୁରରୋଡ୍,୪।୪
(ପବିତ୍ର ରଞ୍ଜନ ମହାନ୍ତି)


ବ୍ୟାସନଗର ସହର କୋପଣ୍ଡ ଛକ ମୁଣ୍ଡମାଳ ଦୁର୍ଗାପୂଜା ମଣ୍ଡପରେ ପ୍ରଥମ କରି ବାସନ୍ତିକ ଦୁର୍ଗାପୂଜା ଆରମ୍ଭ ହୋଇଛି। ଏହି ପୂଜା ଆସନ୍ତା ୭ ତାରିଖ ସୋମବାର ପର୍ଯ୍ୟନ୍ତ ଚାଲିବ। ଗୁରୁବାର ମା'ଙ୍କ ବିଲ୍ୱବରଣ ଓ ମହାଷଷ୍ଠୀ ପୂଜା ହୋଇଥିଲା। ୧୯୬୪ରୁ ମୁଣ୍ଡମାଳ ସାର୍ବଜନୀନ ଦୁର୍ଗାପୂଜା କମିଟି ଉକ୍ତ ମଣ୍ଡପରେ ମା'ଦୁର୍ଗାଙ୍କ ପୂଜା କରିଆସୁଛି। ଅଞ୍ଚଳବାସୀଙ୍କ ଅଦମ୍ୟ ଚେଷ୍ଟାରେ ଚଳିତ ବର୍ଷ ବାସନ୍ତିକ ଦୁର୍ଗାପୂଜା ଆରମ୍ଭ ହୋଇଥିବା କମିଟିର ସଦସ୍ୟମାନେ କହିଛନ୍ତି। ତେଣୁ ସହରର ସମସ୍ତ ଜନସାଧାରଣ ମଣ୍ଡପକୁ ଆସି ମା'ଙ୍କ ଆଶୀର୍ବାଦ ଲାଭ କରିବା ସହ ଅଞ୍ଚଳବାସୀଙ୍କୁ ଉତ୍ସାହିତ କରିବାକୁ କମିଟି ପକ୍ଷରୁ ଅନୁରୋଧ କରାଯାଇଛି।


ମୁଣ୍ଡମାଳ ଦୁର୍ଗାପୂଜା ମଣ୍ଡପରେ ବାସନ୍ତିକ ଦୁର୍ଗାଙ୍କ ମୃଣ୍ମୟୀ ମୂର୍ତ୍ତି।

# ଏନ୍ଏଚ୍ ୧୬, ୫୩, ୨୦ରେ ପାର୍କିଂ କଟକଣା

ଯାଜପୁର ଟାଉନ,୪।୪(ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି)

ଜାତୀୟ ରାଜପଥ(ଏନ୍ଏଚ୍)-୧୬, ଏନ୍ଏଚ୍-୫୩ ଓ ଏନ୍ଏଚ୍-୨୦ର ମୁଖ୍ୟ ପରିବହନ ରାସ୍ତାରେ ସମସ୍ତ ମାଲ ପରିବହନକାରୀ ଯାନବାହନର ଅନଧିକୃତ ପାର୍କିଂ ଉପରେ କଟକଣା ଜାରି କରାଯାଇଛି। ସମସ୍ତ ମାଲ ପରିବହନକାରୀ ଯାନବାହନର ଅନଧିକୃତ ପାର୍କିଂ ଯୋଗୁ ଅତ୍ୟାବଶ୍ୟକ ଯାନବାହନର ଅବାଧ ଚଳାଚଳ ବାଧାପ୍ରାପ୍ତ ହେଉଛି। ଫଳରେ ବହୁ ମାତ୍ରାରେ ସଡ଼କ ଦୁର୍ଘଟଣାର ସମ୍ଭାବନା ରହୁଛି। ତେଣୁ ସାଧାରଣ ଜନତାଙ୍କ ସୁରକ୍ଷା ଓ ନିରାପତ୍ତାକୁ ଦୃଷ୍ଟିରେ ରଖି ଯାଜପୁର ଜିଲାପାଳ ପି. ଅନ୍ୱେଷା ରେଡ୍ଡୀ ଓଡ଼ିଶା ମୋଟର ଯାନ ଅଧିନିୟମ, ୧୯୯୩ର ପ୍ରଦତ୍ତ ଧାରା ୬୩, ୯୩ ଏବଂ ମୋଟର ଯାନ ଅଧିନିୟମ, ୧୯୮୮ ଧାରା ୧୧୫, ୧୬, ୧୧୭ ଅନୁଯାୟୀ ଏନ୍ଏଚ୍୧୬ର(ସଠିପୁରରୁ ନେଳିଆ) ଏନ୍ଏଚ୍-୫୩ର(ବାଲିଚନ୍ଦ୍ରପୁରରୁ ଡୁବୁରୀ) ଏବଂ ଏନ୍ଏଚ୍-୨୦ର(ପାଣିକୋଇଲି ଛକରୁ ରଗଡ଼ିଛକ) ମୁଖ୍ୟ ପରିବହନ ରାସ୍ତାରେ ସମସ୍ତ ମାଲବାହୀ ଗାଡ଼ିର ଅନଧିକୃତ ପାର୍କିଂକୁ ପ୍ରତିବନ୍ଧିତ କରିଛନ୍ତି। ଏହା ୧।୦୪।୨୦୨୫ରୁ ୩୦।୦୪।୨୦୨୫ (ଏକ ମାସ ପର୍ଯ୍ୟନ୍ତ) ଲାଗୁହେବ ବୋଲି ଜିଲାପାଳ ସୂଚନା ଦେଇଛନ୍ତି।




# ଷଠିପୁର, ପାଣିକୋଇଲିରେ ବାସନ୍ତିକ ଦୁର୍ଗାପୂଜା



ଷଠିପୁର ଓ ପାଣିକୋଇଲିରେ ମା'ଙ୍କୁ ପୂଜା କରାଯାଉଛି।

**ପାଣିକୋଇଲି,୪।୪(ବିକାଶ ମଲ୍ଲିକ):** ଯାଜପୁର ବ୍ଲକ ଅନ୍ତର୍ଗତ ମାଳଆନନ୍ଦପୁର ପଞ୍ଚାୟତର ଷଠିପୁରଠାରେ ବାସନ୍ତିକ ଦୁର୍ଗାପୂଜା ପାଳିତ ହେଉଛି। ୧୬ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ଦୁର୍ଗାମଣ୍ଡପଠାରେ ଷଠିପୁର ବଜାର ବ୍ୟବସାୟୀ ସଂଘ ପକ୍ଷରୁ ଏହି କାର୍ଯ୍ୟକ୍ରମ କରାଯାଉଛି। ପୀଠ ପୂଜକ ନାରାୟଣ ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବିରଜା ମଣ୍ଡଳୀ ବେଦଜ୍ଞ ବ୍ରାହ୍ମଣଙ୍କ ଦ୍ୱାରା ପୂଜାର୍ଚ୍ଚନା କରାଯାଉଛି। ମନ୍ଦିର ମଧ୍ୟରେ ମା'ଙ୍କ ପାର୍ଶ୍ୱରେ ସ୍ଥାନ ପାଉଥିବା ବାରୁଆଳୀ ମୂର୍ତ୍ତି ବିଭିନ୍ନ ସଚେତନତା ମୂଳକ ସାମାଜିକ ବାର୍ତ୍ତା ବହନ କରୁଛି। ମଣ୍ଡପକୁ ଆର୍କଷଣୀୟ ଆଲୋକ ତୋରଣରେ ସୁସଜ୍ଜିତ କରାଯାଇଛି। ୫ ଦିନ ବ୍ୟାପୀ ହେବାକୁ ଥିବା ଏହି ପୂଜାରେ ବଜାର ସଂଘର ସମସ୍ତ କର୍ମକର୍ତ୍ତା ଏବଂ ଷଠିପୁର ଗ୍ରାମବାସୀ ସହଯୋଗ କରୁଛନ୍ତି।

ସେହିପରି ପାଣିକୋଇଲି ପଞ୍ଚାୟତ ଅନ୍ତର୍ଗତ ଶର୍ମା ଟାଙ୍ଗିଠାରେ ଥିବା ମା' ବାସନ୍ତୀ ଦୁର୍ଗାଙ୍କ ପୀଠରେ ୧୭ତମ ବାସନ୍ତିକ ଦୁର୍ଗାପୂଜା ଅନୁଷ୍ଠିତ ହେଉଛି। ପଞ୍ଚାୟତର ଜାଗୁଲାଇ ପୋଖରୀରୁ ଜଳଆଣି ମା'ଙ୍କ ଘଟ ସ୍ଥାପନା କରାଯାଇଥିଲା। ବ୍ରାହ୍ମଣ ଅକ୍ଷୟ କୁମାର ଦାଶ ମା'ଙ୍କ ପୂଜାର୍ଚ୍ଚନା କରିଥିବାବେଳେ ଆନନ୍ଦ ଚନ୍ଦ୍ର ଓଝା କର୍ତ୍ତା ଭାବେ ସଂକଳ୍ପ କରିଥିଲେ। ଏଠାରେ ୩ ଦିନ ଧରି ମା'ଙ୍କ ପୂଜାର୍ଚ୍ଚନା ସହିତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ସମସ୍ତ କାର୍ଯ୍ୟକ୍ରମକୁ ନୀଳମଣି ଦାସ, ନିରଞ୍ଜନ ନାୟକ, ଅରୁପାନନ୍ଦ ମଲ୍ଲିକ, ଦାମୋଦର ବିଶ୍ୱାଳ, ଅମରେନ୍ଦ୍ର ବିଶ୍ୱାଳ, ଇନ୍ଦ୍ରମଣି ନାୟକ, ପୂର୍ଣ୍ଣ ମଲିକ, ଗଣେଶ ମଲ୍ଲିକ ଓ ଚକ୍ରଧର ଓଝା ପରିଚାଳନା କରୁଛନ୍ତି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ଅନନ୍ତ


@ ସୀତାଂଶୁ


@ ସୋନା


@ ଜୁହିରାଣୀ


@ ରିକିରାମ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

**ଜଗତ୍‌ସିଂହପୁର ଜିଲା ମହୋତ୍ସବ କଲ୍ଲୋଳର ୪ର୍ଥ ସନ୍ଧ୍ୟା**

# ଦେଶର ପ୍ରଗତିରେ ଜଗତ୍‌ସିଂହପୁର ଗୁରୁଭୂମିକା ନିଭାଉଛି

ଜଗତ୍‌ସିଂହପୁର, ୪।୪ (ପ୍ରମୋଦ କୁମାର ନାୟକ)

ଭୌଗୋଳିକ ଦୃଷ୍ଟି କୋଣରୁ ଜଗତ୍‌ସିଂହପୁର ହେଉଛି ଓଡ଼ିଶାର ଏକ ଛୋଟ ଜିଲା । କିନ୍ତୁ କେବଳ ଓଡ଼ିଶା ନୁହେଁ, ଭାରତର ଅର୍ଥନୀତି ଓ ଅନ୍ୟ କ୍ଷେତ୍ରରେ ଗୁରୁ ଭୂମିକା ନିଭାଉଛି। ଯାହା ପ୍ରତ୍ୟେକ ଜଗତ୍‌ସିଂହପୁରବାସୀଙ୍କ ପାଇଁ ଖୁସିର କଥା। ଶୁକ୍ରବାର ଜଗତ୍‌ସିଂହପୁର ଜିଲା ମହୋତ୍ସବ କଲ୍ଲୋଳର ୪ର୍ଥ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ଯୋଗଦେଇ ପାରାଦୀପ ବନ୍ଦର ପ୍ରାଧିକରଣ ଉପାଧ୍ୟକ୍ଷ ନିଳାଭ୍ର ଦାସଗୁପ୍ତା ଏହା କହିଛନ୍ତି। ସେ କହିଥିଲେ, ଏହି ଜିଲା ଶିକ୍ଷା, ସ୍ୱାଧୀନତା ସଂଗ୍ରାମ ଓ ସଂସ୍କୃତି ଆଦି କ୍ଷେତ୍ରରେ ସମୃଦ୍ଧ। ଏବେ ଶିଳ୍ପ କ୍ଷେତ୍ରରେ ଆଗକୁ ଯାଉଛି। ଶିଳ୍ପର ଅଭିବୃଦ୍ଧି ପ୍ରଗତିରେ ବହୁତ ବଡ ଭୂମିକା ନିଭାଉଛି। ପାରାଦୀପ ବନ୍ଦର ଆଜି ଭାରତର ସବୁଠୁ ବଡ ବନ୍ଦର ହେବାର ଗୌରବ ହାସଲ କରିପାରିଛି। ଏହି ବନ୍ଦର କେବଳ ଜିଲା ନୁହେଁ, ରାଜ୍ୟ ତଥା ଦେଶ ପ୍ରଗତିରେ ଗୁରୁ ଭୂମିକା ନିଭାଉଛି। ଏହା ସତ୍ତ୍ୱେ ଆମକୁ ପ୍ରତ୍ୟେକସ୍ତରରେ ଜିଲାକୁ ଆହୁରି ଆଗକୁ ନେବାକୁ ଉଦ୍ୟମ କରିବାକୁ ହେବ। ଏହି ବନ୍ଦର ପ୍ରତିଷ୍ଠାର ଯଥେଷ୍ଟ ପୂର୍ବରୁ ଜଗତ୍‌ସିଂହପୁର ଜିଲାରେ ଐତିହାସିକ ନୌବାଣିଜ୍ୟ ପରମ୍ପରା ଥିଲା। ଏ ମାଟିର ସାଧବ ପୁଅମାନେ ପାଖାପାଖି ୧ ହଜାର ବର୍ଷ ପୂର୍ବେ ଯାଭା, ସୁମିତ୍ରା, ବାଲି ଆଦିକୁ ବାଣିଜ୍ୟ କରିବାକୁ ଯାଉଥିଲେ। ତେଣୁ ଏ ଜିଲାର ଲୋକମାନଙ୍କ ଡିଏନ୍‌ଏରେ ଉତ୍କର୍ଷତାର ଛାପ ରହିଥିବା ଦାସଗୁପ୍ତା କହିଛନ୍ତି। ରାଜନଗର ଲୁଣା ଜଙ୍ଗଲ ବନଖଣ୍ଡ ଅଧିକାରୀ ସୁଦର୍ଶନ ଗୋପିନାଥ ଯାଦବ ଅନ୍ୟତମ ଅତିଥି ଭାବେ ଯୋଗଦେଇ କହିଥିଲେ, ଜଗତ୍‌ସିଂହପୁର ଏକ ପ୍ରାକୃତିକ ବିପର୍ଯ୍ୟୟପ୍ରବଣ ଜିଲା। ତଥାପି ଲୋକମାନଙ୍କ ଧୈର୍ଯ୍ୟ, ନିଷ୍ଠା ଓ ପରିଶ୍ରମ ଯୋଗୁ ପ୍ରଗତି ପଥରେ ଆଗେଇ ଚାଲିଛି। ଏବେ ଜିଲାରେ ଅନେକ ପ୍ରକଳ୍ପ ଚାଲିଥିବାବେଳେ ଆଗକୁ ଏହି ସଂଖ୍ୟା ବଢ଼ିବାକୁ ଯାଉଥିବା ଯାଦବ କହିଥିଲେ। ପାରାଦୀପ ଅତିରିକ୍ତ ଜିଲାପାଳ ନିରଞ୍ଜନ ବେହେରା ପୌରୋହିତ୍ୟ କରି ଜିଲାର ଗାରିମା ବଖାଣିଥିଲେ। ସେ କହିଥିଲେ, ଏ ଜିଲାର ସାହିତ୍ୟ, ସାରସ୍ୱତ ସାଧନା ଓଡ଼ିଶାକୁ ବାଟ ଦେଖାଇଥିଲା। ମାଟିର ବରପୁତ୍ର ଆଦିକବି ସାରଳା ଦାସ ବିଶ୍ୱ ପ୍ରସିଦ୍ଧ ଗ୍ରନ୍ଥ ଓଡ଼ିଆ ମହାଭାରତ, ଚଣ୍ଡିପୁରାଣ ଓ ବିଲଙ୍କା ରାମାୟଣ ରଚନା କରି ଓଡ଼ିଆ ସାହିତ୍ୟକୁ ନୂଆ ଦିଶା ଦେଖାଇଥିଲେ। ଶିକ୍ଷା, ସାହିତ୍ୟ ଓ ସଂସ୍କୃତି ଆଦି ସବୁଥିରେ ଜଗତ୍‌ସିଂହପୁରର ସୁନାମ ରହିଛି। ଆଗାମୀ ଦିନରେ ଗମନାଗମନ କ୍ଷେତ୍ରରେ ଭୁବନେଶ୍ୱର ସହ ଜଗତ୍‌ସିଂହପୁର ଓ ପାରାଦୀପର ଅପୂର୍ବ ସଂଯୋଗ ହେବାକୁ ଯାଉଥିବା ବେହେରା କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲାପାଳ ଜେ. ସୋନାଲ, ଜିଲା ପରିଷଦ ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ରବି ନାରାୟଣ ଜେଠୀ ଅତିଥି ଭାବେ ଯୋଗ ଦେଇଥିଲେ। ସହାୟକ ଜିଲାପାଳ କଳ୍ପିତା କୁମାରୀ ଜେନା ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ଦେଇଥିବା ବେଳେ ଜଗତ୍‌ସିଂହପୁର ପୌର ପରିଷଦ ନିର୍ବାହୀ ଅଧିକାରୀ ସୀମା ଜେନା ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।



ଜିଲା ମହୋତ୍ସବର ଚତୁର୍ଥ ସନ୍ଧ୍ୟାରେ ଯୋଗଦେଇଥିବା ଅତିଥିମାନେ।

# ଅଗ୍ନିକାଣ୍ଡରେ ୫ ବଖରା ଜଳିଗଲା

**ଶର୍ଟସର୍କିଟରୁ ନିଆଁ ଲାଗି ଗ୍ୟାସ୍ ସିଲିଣ୍ଡର ଫାଟିବାରୁ ଦୁର୍ଘଟଣା**

ରଘୁନାଥପୁର, ୪।୪ (ରାଜେନ୍ଦ୍ର ନାରାୟଣସିଂହ)

ରଘୁନାଥପୁର ବ୍ଲକ ତରିକୁନ୍ଦ ପଞ୍ଚାୟତ ଅନ୍ତର୍ଗତ ନୂଆଦା ଗ୍ରାମରେ ଗୁରୁବାର ବିଳମ୍ବିତ ରାତିରେ ନିଆଁ ଲାଗି ୫ ବଖରା ଜଳିଯାଇଛି। ଏଥିରେ ସେକ୍ ନିଜାମ ଉଦ୍ଦିନ ଓ ସେକ୍ ଇସ୍‌ରାଫଙ୍କ ପରିବାର ଲୋକେ କ୍ଷତିଗ୍ରସ୍ତ ହୋଇଛନ୍ତି। ଜଳିଯାଉଥିବା ସାମଗ୍ରୀକୁ ଉଦ୍ଧାର କରିବାକୁ ଯାଇ ଜଣେ ଯୁବକ ଗୁରୁତର ହୋଇଛନ୍ତି। ସେ ହେଲେ ମହମ୍ମଦ ଉମର ଆଲାମ। ତାଙ୍କୁ ଗୁରୁତର ଅବସ୍ଥାରେ ସ୍ଥାନୀୟ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି।

ଗୁରୁବାର ରାତିରେ ନିଜାମ ଉଦ୍ଦିନ ଓ ଇସରାଫଙ୍କ ପରିବାର ଲୋକେ ଶୋଇଥିବା ସମୟରେ ହଠାତ୍ ଘରେ ନିଆଁ ଲାଗିଯାଇଥିଲା। ଏହା ଦେଖି ସେମାନେ ବାହାରକୁ ଆସି ପାଟି କରିବାରୁ ପଡୋଶୀ ପହଞ୍ଚି ନିଆଁ ଲିଭାଇବାକୁ ଉଦ୍ୟମ କରିଥିଲେ। ଏଥିସହ ରଘୁନାଥପୁର ଦମକଳ କେନ୍ଦ୍ରକୁ ଜଣାଇଥିଲେ। ଖବରପାଇ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚିବା ବେଳକୁ ସବୁ ପୋଡି ପାଉଁଶ ହୋଇଯାଇଥିଲା। ଦମକଳ ବାହିନୀର କର୍ମଚାରୀମାନେ କୌଣସିମତେ ନିଆଁକୁ ଆୟତ୍ତ କରିଥିଲେ। ଏହି ଅଗ୍ନିକାଣ୍ଡରେ ଉଭୟ ପରିବାରର ନଗଦ ଟଙ୍କା, ସୁନା ରୁପା ଗହଣା, ଧାନ, ବିରି, ମୁଗ, ୨ଟି ସାଇକେଲ, ୨୦ରୁ ଊର୍ଦ୍ଧ୍ୱ କୁକୁଡ଼ା ଓ ଘରର ସମସ୍ତ ଆସବାବପତ୍ର ପୋଡି ନଷ୍ଟ ହୋଇଯାଇଛି। ବିଦ୍ୟୁତ୍ ଶର୍ଟସର୍କିଟରୁ ନିଆଁଲାଗି ଗ୍ୟାସ ସିଲିଣ୍ଡର ଫାଟିଯିବାରୁ ନିଆଁର ବେଗ ବଢ଼ିଯାଇଥିଲା ବୋଲି ଦମକଳ ବାହିନୀର କର୍ମଚାରୀମାନେ ପ୍ରକାଶ କରିଛନ୍ତି। ତରିକୁନ୍ଦ ଆରଆଇ ସୁଶାନ୍ତ କୁମାର ସ୍ୱାଇଁ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ଅଗ୍ନିବିପନ୍ନ ପରିବାରକୁ ତୁରନ୍ତ ସରକାରୀ ସହାୟତା ଯୋଗାଇଦେବା ନିମନ୍ତେ ଗ୍ରାମବାସୀ ପ୍ରଶାସନ ନିକଟରେ ଦାବି କରିଛନ୍ତି।




# ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଫଟୋଗ୍ରାଫରଙ୍କ ଦେହାନ୍ତ

ଜଗତ୍‌ସିଂହପୁର, ୪।୪ (ପ୍ରମୋଦ କୁମାର ନାୟକ)

୧୯୬୮ରୁ ୫୭ ବର୍ଷଧରି ଜଗତ୍‌ସିଂହପୁରରେ ଫଟୋଗ୍ରାଫର ହିସାବରେ ସୁନାମ ଅର୍ଜନ କରିଥିବା କ୍ୱିକ୍ ଷ୍ଟୁଡିଓର ମାଲିକ ପଞ୍ଚାନନ ପ୍ରଧାନ (୭୮)ଙ୍କ ଅକାଳ ବିୟୋଗ ଘଟିଛି। ଶୁକ୍ରବାର ସକାଳେ ଯୋଗଧାରୀସ୍ଥିତ ବାସଭବନ ନିକଟରେ ଦ୍ରୁତ ଗତିରେ ଆସୁଥିବା ଏକ ବାଇକ ଧକ୍କାରେ ପ୍ରଧାନଙ୍କ ମୃତ୍ୟୁ ହୋଇଛି। ପ୍ରଧାନ ଶ୍ରେଷ୍ଠ ଫଟୋଗ୍ରାଫର ହିସାବରେ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀଙ୍କ ସମେତ ବିଭିନ୍ନ ଅନୁଷ୍ଠାନରୁ ସମ୍ମାନିତ ହୋଇଥିଲେ। ଖବରପାଇ ପ୍ରଧାନଙ୍କ ବାସଭବନରେ ଜଗତ୍‌ସିଂହପୁର ବିଧାୟକ ଅମରେନ୍ଦ୍ର ଦାସ, ପୂର୍ବତନ ବିଧାୟକ ପ୍ରଶାନ୍ତ ମୁଦୁଲି, ଜଗତ୍‌ସିଂହପୁର ପୌରାଧ୍ୟକ୍ଷା ଅର୍ଚ୍ଚନା ସିଂହଙ୍କ ସମେତ ସ୍ଥାନୀୟ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ପହଞ୍ଚି ତାଙ୍କ ଶେଷ ଦର୍ଶନ କରି ଶୋକବ୍ୟକ୍ତ କରିଛନ୍ତି।

# ରେଳ ଟିକେଟ ପାଇଁ ମଦ: ସୁପରଭାଇଜର ନିଲମ୍ବିତ

ପାରାଦୀପ, ୪।୪(ଶରତ ରାଉତ)

ଜଗତ୍‌ସିଂହପୁର ଜିଲା ପାରାଦୀପର ମଧୁବନ କେନ୍ଦ୍ରୀୟ ବିଦ୍ୟାଳୟ ପାଖରେ ଥିବା ରେଲୱେ ଟିକେଟ କାଉଣ୍ଟରରେ ଶୁକ୍ରବାର ଏକ ଅପ୍ରୀତିକର ଘଟଣା ଘଟିଛି। କାଉଣ୍ଟରରେ ବସି ଟିକେଟ୍ ବୁକିଂ କରୁଥିବା ସୁପରଭାଇଜର ମଦ ନେଇ ଟିକେଟ ବିକିବା ଘଟଣାରେ ରେଲ୍‌ୱେ ଖୋର୍ଦ୍ଧା ମଣ୍ଡଳ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ସମ୍ପୃକ୍ତ ସୁପରଭାଇଜରଙ୍କୁ କାର୍ଯ୍ୟରୁ ନିଲମ୍ବନ କରାଯାଇଛି। ସେ ହେଲେ ହିମାଂଶୁ ଶେଖର ବେହେରା। ମଧୁବନ ଅଞ୍ଚଳର ଅକ୍ଷୟ କୁମାର ଗଜେନ୍ଦ୍ର ଏ ନେଇ ଅଭିଯୋଗ କରିଥିଲେ।


ହିମାଂଶୁ ଶେଖର ବେହେରା

ଅଭିଯୋଗ ଅନୁଯାୟୀ, ଭୋର ପ୍ରାୟ ୫ଟାରେ ଅକ୍ଷୟ ଆସି କାଉଣ୍ଟର ପାଖରେ ଲାଇନ୍ ଦେଇଥିଲେ। ତାଙ୍କର ୩ ନମ୍ବର ସିରିୟଲ ଥିଲା। ସକାଳ ୧୦ଟା ବେଳେ କାଉଣ୍ଟର ଖୋଲିଥିଲା। ପୂର୍ବରୁ ଅପେକ୍ଷା କରିଥିବା ଅକ୍ଷୟ ନମ୍ବର ଆସିବା ବେଳକୁ ସୁପରଭାଇଜର ହିମାଂଶୁ ଟିକେଟ୍ ଶେଷ ହୋଇଗଲାଣି ବୋଲି ତାଙ୍କୁ କହିଥିଲେ। ଏହାମଧ୍ୟରେ କେତେଜଣ ଅନ୍ୟ ରାଜ୍ୟର ଲୋକ ବିଦେଶୀ ମଦ ବୋତଲ ନେଇ ପଛପଟେ ଦେବା ସହ ଟିକେଟ୍ ନେଇଯାଇଥିଲେ। ଏହି ଘଟଣାକୁ କାଉଣ୍ଟର ଆଗରେ ଠିଆ ହୋଇଥିବା ଲୋକମାନେ ମୋବାଇଲ ଯୋଗେ ରେକର୍ଡିଂ କରି ହିମାଂଶୁଙ୍କୁ ପଚାରିବା ସହ ଘର ଭିତରୁ ମଦ ବୋତଲ ଧରିଥିଲେ। ଅକ୍ଷୟ ଉକ୍ତ ଭିଡିଓକୁ ଖୋର୍ଦ୍ଧା ରେଲୱେ ଡିଏମ୍‌ଏମ୍ (ଡିଭିଜନାଲ ମାର୍କେଟିଂ ମ୍ୟାନେଜର)ଙ୍କ ପାଖକୁ ପଠାଇ ଅଭିଯୋଗ କରିଥିଲେ। ଉକ୍ତ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ସନ୍ଧ୍ୟାରେ ହିମାଂଶୁଙ୍କୁ ନିଲମ୍ବନ କରିଦିଆଯାଇଛି ବୋଲି ଡିଏମ୍‌ଏମ୍ ସୂଚନା ଦେଇଛନ୍ତି। ପୂର୍ବରୁ ହିମାଂଶୁଙ୍କ ନାମରେ ଏପରି ଅନେକ ଅଭିଯୋଗ ଥିବା ଜଣାପଡ଼ିଛି।

# ପୋଲିସ ସୁରକ୍ଷା ଲୋଡ଼ିଲା କୁଜଙ୍ଗ ସ୍ୱର୍ଣ୍ଣକାର ସଂଘ


ସ୍ୱର୍ଣ୍ଣକାର ସଂଘ ପକ୍ଷରୁ ସହକାରୀ ସବ୍‌ଇନ୍‌ସପେକ୍ଟରଙ୍କୁ ଦାବିପତ୍ର ଦିଆଯାଉଛି।


କୁଜଙ୍ଗ,୪।୪(ମନୋଜ ପ୍ରଧାନ)

କୁଜଙ୍ଗ ଅଞ୍ଚଳର ଅଳଙ୍କାର ବ୍ୟବସାୟୀ ସୁଶାନ୍ତ ସାହୁଙ୍କୁ ମାର୍ଚ୍ଚ ୨୧ ରାତିରେ ଲୁଟ୍ କରାଯାଇଥିଲା। ୩ ଜଣ ଦୁର୍ବୃତ୍ତ ଏକ ପଲସର ବାଇକ୍‌ରେ ଆସି ତାଙ୍କଠାରୁ ୨ଟା ସୁନା ଚେନ୍ ଓ ବ୍ରାସଲେଟ୍ ଛଡ଼ାଇ ନେଇଯାଇଥିଲେ। ଏହି ଘଟଣାକୁ ଇତିମଧ୍ୟରେ ୧୨ ଦିନ ବିତିଥିଲେ ମଧ୍ୟ ଏପର୍ଯ୍ୟନ୍ତ ଅଭିଯୁକ୍ତମାନେ ଧରାପଡ଼ିନାହାନ୍ତି। ଅପରପକ୍ଷେ ଏହି ଘଟଣା ପରଠାରୁ ଅଳଙ୍କାର ଦୋକାନୀମାନେ ଭୟଭୀତ ହୋଇପଡ଼ିଛନ୍ତି। ଏନେଇ ସ୍ୱର୍ଣ୍ଣକାର ସଂଘ ପକ୍ଷରୁ ଶୁକ୍ରବାର ସନ୍ଧ୍ୟାରେ ସୁରକ୍ଷା ଲୋଡ଼ି କୁଜଙ୍ଗ ଥାନାରେ ସହକାରୀ ସବ୍‌ଇନ୍‌ସପେକ୍ଟର ପ୍ରମୋଦ ଉଦୟ ସିଂଙ୍କୁ ଦାବିପତ୍ର ଦିଆଯାଇଛି। ତୁରନ୍ତ ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ସେମାନେ ଦାବି କରିଛନ୍ତି। ଏହି ଦାବିପତ୍ର ପ୍ରଦାନ ସମୟରେ କୁଜଙ୍ଗ ସ୍ୱର୍ଣ୍ଣକାର ସଂଘ ସଭାପତି ତିର୍ଥାନନ୍ଦ ମହାପାତ୍ର, ସମ୍ପାଦକ ପ୍ରତାପ ସାହୁ, କମିଟି ସଭ୍ୟ ଦେବେନ୍ଦ୍ର ସାହୁ, ଅଶୋକ ସାହୁ, ଛବିନ୍ଦ୍ର ସାହୁ, ବୀରବର ସାହୁ, ପ୍ରଭାତ ସାହୁ, ଆଲୋକ ସାହୁ, ପ୍ରତାପଚନ୍ଦ୍ର ସାହୁ, ସୁରେଶ ଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଓଡ଼ିଆରେ ଫଳକ ଲେଖିବା ପାଇଁ ସଚେତନତା

ଜଗତ୍‌ସିଂହପୁର, ୪।୪ (ପ୍ରମୋଦ ନାୟକ)

ଦୋକାନ ଓ ବାଣିଜ୍ୟିକ ପ୍ରତିଷ୍ଠାନ ଆଇନ ୧୯୫୬ ଅନୁଯାୟୀ, ପ୍ରତିଷ୍ଠାନର ନାମଫଳକ ଓଡ଼ିଆ ଭାଷାରେ ସ୍ପଷ୍ଟ ଭାବରେ ଲେଖିବା ବାଧ୍ୟତାମୂଳକ। ଏପ୍ରିଲ ୧ ଓଡ଼ିଶା ଦିବସଠାରୁ ଏପ୍ରିଲ ୧୪ ନବବର୍ଷ ପର୍ଯ୍ୟନ୍ତ ରାଜ୍ୟବ୍ୟାପୀ ଓଡ଼ିଆ ପକ୍ଷ ପାଳନ ହେଉଛି। ଏହି ସମୟରେ ଏଥିପ୍ରତି ଦୃଷ୍ଟି ଦେବା ଉଚିତ୍। ଯେଉଁମାନେ ଏହି ନିୟମର ଉଲ୍ଲଂଘନ କରିବେ ସେମାନଙ୍କ ବିରେଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବ। ଏଥିରେ ଖିଲାପକାରୀଙ୍କ ବିରୋଧରେ ମକଦ୍ଦମା ରୁଜୁ ସହ ଜରିମାନା ଆଦାୟ ଭଳି ଦଣ୍ଡବିଧାନ ରହିଛି। ଯେଉଁମାନେ ଏପର୍ଯ୍ୟନ୍ତ ନିଜର ଦୋକାନ ଓ ବାଣିଜ୍ୟ ପ୍ରତିଷ୍ଠାନଗୁଡ଼ିକରେ ଓଡ଼ିଆ ଭାଷାରେ ନାମଫଳକ ଲେଖିନାହାନ୍ତି, ସେମାନେ ଯଥାଶୀଘ୍ର ଏଥିପ୍ରତି ଯତ୍ନବାନ ହୁଅନ୍ତୁ ବୋଲି ଶୁକ୍ରବାର ଶ୍ରମ ଆୟୁକ୍ତ କାର୍ଯ୍ୟାଳୟ ଜଗତ୍‌ସିଂହପୁର ତରଫରୁ ଏକ ସଚେତନତା ପଦଯାତ୍ରା କରାଯାଇ ସୂଚନା ଦିଆଯାଇଛି। ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ଏହାର ଶୁଭାରମ୍ଭ ହୋଇଥିଲା। ଏଥିସହ ଏକ ସଚେତନତା ରଥକୁ ଅତିରିକ୍ତ ଜିଲାପାଳ ଜ୍ୟୋତିଶଙ୍କର ରାୟ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ପଦଯାତ୍ରାରେ ବାବା ଆନନ୍ଦ ରଞ୍ଜନ ଦାସ, ଶିବ ନାରାୟଣ ସାହୁ, ସ୍ମୃତିରେଖା ନାୟକ, ସନ୍ତୋଷ କୁମାର ମହାନ୍ତି, ଶାନ୍ତନୁ କୁମାର ବ୍ରହ୍ମା, ସୌମ୍ୟା ସ୍ଥିତପ୍ରଜ୍ଞାଙ୍କ ସମେତ ଅନ୍ୟ ସରକାରୀ କର୍ମଚାରୀମାନେ ସାମିଲ ହୋଇ ଜଗତ୍‌ସିଂହପୁର ସହର ପରିକ୍ରମା କରିଥିଲେ।



## ସେଲ୍ଫି କର୍ନର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com


@ ଅନନ୍ତ


@ ସୀତାଂଶୁ


@ ସୋନା


@ ଜୁହିରାଣୀ


@ ରିକିରାମ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

### ରଘୁ-ଦିବାକରଙ୍କ ବଳିଦାନ ଦିବସ

# ‘ବ୍ରିଟିଶ୍ ଶାସନ ହଟାଇବାକୁ ପ୍ରଜାମଣ୍ଡଳ ଆନ୍ଦୋଳନ’

ରଣପୁର, ୪।୪ (ସୁକାନ୍ତ କିଶୋର ଡ଼ାକୁଆ)

ନୟାଗଡ଼ ଜିଲା ରଣପୁରରେ ରଘୁ-ଦିବାକରଙ୍କ ବଳିଦାନ ଦିବସ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଭାରତ ପରାଧୀନତାର ବଳୟ ମଧ୍ୟରେ ଥିବାବେଳେ ନୟାଗଡ଼ ମାଟିରେ ଲୋକେ ସଙ୍ଗଠିତ ହେଉଥିଲେ। ପ୍ରଜା ମଣ୍ଡଳ ଆନ୍ଦୋଳନ ଦେଶର ମାଟିକୁ ବ୍ରିଟିଶ କବଳରୁ ମୁକ୍ତ କରିବାକୁ ଏହାର ସୂତ୍ରପାତ ହୋଇଥିଲା। ଏହାର ନେତୃତ୍ୱ ନେଇ ଦେଶ ଓ ମାଟି ପାଇଁ ୨ ଜଣ ବୀର ସେନାନୀ ଶହୀଦ ହୋଇଯାଇଥିଲେ। ସେମାନଙ୍କ ବଳିଦାନ ଯୋଗୁ ନୟାଗଡ଼ ଜିଲା ରଣପୁର ମାଟି ସମଗ୍ର ଦେଶରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ଶହୀଦ ରଘୁନାଥ ମହାନ୍ତି ଓ ଦିବାକର ପରିଡାଙ୍କ ବଳିଦାନ ଭାରତୀୟ ମୁକ୍ତି ସଂଗ୍ରାମର ଇତିହାସ ପୃଷ୍ଠାରେ ସ୍ୱର୍ଣ୍ଣ ଅକ୍ଷରରେ ଲିପିବଦ୍ଧ ହୋଇରହିଛି। ଶହୀଦ ରଘୁ-ଦିବକର ବଳିଦାନ ଦିବସ ଦିବସରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଯୋଗଦେଇ ବକ୍ତାମାନେ ଏହି ମତ ପୋଷଣ କରିଛନ୍ତି। ରଣପୁର ପଞ୍ଚୁଦୋଳ ପଡ଼ିଆଠାରେ ଥିବା ରଘୁ-ଦିବାକରଙ୍କ ପ୍ରତି ମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ସିପିଆଇଏମ୍‌ର ଜିଲା ସମ୍ପାଦକ ହରିଶ୍ଚନ୍ଦ୍ର ମିଶ୍ର, କ୍ଷେତ ମୁଲିଆ ନେତା ନିତ୍ୟାନନ୍ଦ ପରିଡା, ଶ୍ରମିକ ନେତା ସୁରେଶ ସ୍ୱାଇଁ, ଶିକ୍ଷକ ନେତା ମନୋଜ ପାତ୍ର, ଚାଷୀ ନେତା ଦୁଃଶାସନ ଜେନା ପ୍ରମୁଖ ଯୋଗଦେଇଥିଲେ।

ତତ୍କାଳୀନ ରଣପୁର ଗଡ଼ଜାତର ଗଣବାଣିକିଲୋ ଗ୍ରାମର ଦିବାକର ପରିଡା ଜନ୍ମ ହୋଇଥିବାବେଳେ ବାଦଭୂଇଁ ଗ୍ରାମରେ ରଘୁନାଥ ମହାନ୍ତି ଜନ୍ମ ଗ୍ରହଣ କରିଥିଲେ। ୧୯୩୮ମସିହାରେ ରଣପୁରରେ ପ୍ରଜା ମଣ୍ଡଳ ଗଠନ ହୋଇଥିଲା। ଏହି ଆନ୍ଦୋଳନକୁ ସୁନ୍ଦର ପ୍ରସାରୀ କରିବାରେ ରଘୁ-ଦିବାକରଙ୍କ ଭୂମିକା ଅତୁଳନୀୟ ଥିଲା। ଦିବାକର ବିପ୍ଳବ ସଙ୍ଗୀତ ରଚନା କରୁଥିଲାବେଳେ ସେହି ସଙ୍ଗୀତ ଗାନ କରୁଥିଲେ। ଏହି ୨ ଯୁବକଙ୍କ ବିପ୍ଳବ ସଙ୍ଗୀତ ପ୍ରଜାମାନଙ୍କ ଭିତରେ ଉନ୍ମାଦନା ଭରି ଦେଇଥିଲା। ରଣପୁର ଗଡ଼ଜାତ ରାଜା ଅସୁସ୍ଥ ହୋଇପଡ଼ିଥିବାବେଳେ ଶାସନ ଭାର ବହନ କରିଥିଲେ ଦେୱାନ। ତାଙ୍କର ସ୍ୱଚ୍ଛାଚାରିତା ଅତିମାତ୍ରାରେ ବଢ଼ି ଚାଲିଥିଲା। ଏହାକୁ ନେଇ ରଘୁ-ଦିବାକର ସମଗ୍ର ଗଡ଼ଜାତର ବିପ୍ଳବର ରାଜା ଶାସନରୁ ମୁକ୍ତି ସାଙ୍ଗକୁ ଦେଶରେ ବ୍ରିଟିଶକୁ ହଟାଇବା ପାଇଁ ଏମାନେ ନେଇଥିବା ବଜ୍ର ଶପଥ। ଫଳରେ ବ୍ରିଟିଶ ଶାସନ ଆଖିରୁ ନିଦ ହଜିଯାଇଥିଲା। ରଣପୁରରେ ପ୍ରଜା ଆନ୍ଦୋଳନ ଉଗ୍ରରୂପ ନେଇଥିଲା। ଏହାକୁ ଦମନ କରିବା ପାଇଁ ବ୍ରିଟିଶ ଶାସନ ଓଡ଼ିଶାର ତତ୍କାଳୀନ ପଟଲିକାଲ ଏଜେ ଆର.ଏଲ୍ଟ ବେଜେଲଗେଟକୁ ପଠାଇ ଥିଲେ। ବେଜେଲଗେଟ ଜଣେ ଥିଲେ ଅତ୍ୟଚାରି ବ୍ରିଟିଶ ଅଫିସର। ୧୯୩୯ମସିହା ଜାନୁଆରୀ ୫ ତାରିଖରେ ବେଜେଲଗେଟ ନୟାଗଡ଼ରେ ପହଞ୍ଚି ସେଠାରୁ ରଣପୁର ଆସିଥିଲେ। ରଣପୁରରେ ବେଜେଲଗେଟଙ୍କ ଲୋକେ ଠେଙ୍ଗାରେ ପିଟି ପିଟି ମାରି ଦେଇଥିଲେ। ଏହି ଘଟଣା ସେହି ସମୟରେ କେବଳ ଭାରତ, ବ୍ରିଟିଶ ପାଲ୍ୟାମେଣ୍ଟକୁ ମଧ୍ୟ ଥରହର କରିଦେଇଥିଲା। ରଘୁ-ଦିବାକରଙ୍କ ଭିତରେ ପ୍ରଜ୍ୱଳିତ ହୋଇଥିବା ଦେଶପ୍ରେମର ଚରମ ନିର୍ଦ୍ଦେଶନ। ଏହି ଘଟଣାରେ ଯଦିଓ ରଘୁ-ଦିବାକର ସଂଶ୍ଳିଷ୍ଟ ନ ଥିଲେ। ତଥାପି ମଧ୍ୟ ଏକ ତରଫା ବିଚାର କରାଯାଇ ସେମାନଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇଥିଲା। ବିହାରର ଭାଗଲପୁର ଜେଲରେ ସେମାନଙ୍କୁ ବନ୍ଦୀ କରାଯାଇ ୧୯୪୧ ଏପ୍ରିଲ ୪ ତାରିଖରେ ଫାଶି ଦିଆଯାଇଥିଲା। ଏପରିକି ତାଙ୍କ ମୃତଦେହକୁ ମଧ୍ୟ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇ ନ ଥିଲା। ଶହୀଦ ରଘୁ-ଦିବାକରଙ୍କ ବଳିଦାନ ଆଜିର ଯୁବ ସମାଜ ପାଇଁ ପ୍ରେରଣା ଉତ୍ସାହ ହୋଇ ରହିବ ବୋଲି ବକ୍ତାମାନେ କହିଥିଲେ।


ରଣପୁର ପଞ୍ଚୁଦୋଳ ପଡ଼ିଆରେ ଥିବା ରଘୁ-ଦିବାକରଙ୍କ ପ୍ରତିମୂର୍ତ୍ତିରେ ଅତିଥିମାନେ ପୁଷ୍ପମାଲ୍ୟ ଅର୍ପଣ କରୁଛନ୍ତି।

## ଦୁର୍ବୃତ୍ତ ଲୁଟିନେଲେ ୪୦ ଗ୍ରାମ୍ ସୁନା, ରୁପା ଅଳଙ୍କାର

ନୟାଗଡ଼,୪।୪(ଲୋକନାଥ ମିଶ୍ର)

ନୟାଗଡ଼ ଟାଉନ ଥାନା ଲକ୍ଷ୍ମଣନଗରରେ ଗୁରୁବାର ରାତିରେ ଘରର ଝରକା ତାଡ଼ି ଦୁର୍ବୃତ୍ତମାନେ ଚୋରି କରିଛନ୍ତି। ଦୁର୍ବୃତ୍ତମାନେ ଲକ୍ଷ୍ମଣନଗରର ଝିଲି ଧଳଙ୍କ ଘରୁ ୪୦ ଗ୍ରାମ ସୁନା ଓ ରୁପା ଅଳଙ୍କାର ଚୋରାଇ ନେଇଛନ୍ତି। ଚୋରି ହୋଇଥିବା ଟଙ୍କାର ପରିମାଣ ଜଣାପଡ଼ିନି। ଏ ନେଇ ଅଭିଯୋଗ ପରେ ପୋଲିସ ନଂ.୧୩୧/୨୫ରେ ମାମଲା ରୁଜୁ କରି ସାଇଣ୍ଟିଫିକ ଟିମ୍ ଓ ଡଗ ସ୍କ୍ୱାଡ୍ ଦ୍ୱାରା ତଦନ୍ତ କରିଛି। ଦୁର୍ବୃତ୍ତମାନେ ମୁଖା ପିନ୍ଧି ଝିଲିଙ୍କ ଝରକା ଭାଙ୍ଗି ଶୋଇବା ଘରେ ପଶି ଚୋରି କରିଥିବା ଜଣାପଡିଛି। ସେମାନେ ଚୋରି କରି ସାରି ଗହୀର ଦେଇ ଫେରିବାବେଳେ ମୁଖା ଓ ଅନ୍ୟ ସମାଗ୍ରୀ ପଡ଼ିଥିବା ଦେଖିବାକୁ ମିଳିଛି। ପୋଲିସ ସେଗୁଡ଼ିକ ଜବତ କରି ତଦନ୍ତକୁ ତ୍ୱରାନ୍ୱିତ କରିଛି। ସୂଚନାଯୋଗ୍ୟ, ଖଣ୍ଡପଡ଼ା ଥାନା ରାଣିପଡ଼ା ଗାଁର ଝିଲି ଧଳ ଭଡ଼ାରେ ନୟାଗଡ଼ ସହର ଲକ୍ଷ୍ମଣନଗରରେ ରହୁଛନ୍ତି।

## ୧୬ ଶହ ଲିଟର ଅପମିଶ୍ରିତ ଡିଜେଲ ଜବତ, ୨ ଗିରଫ

ନୟାଗଡ,୪।୪(ଲୋକନାଥ ମିଶ୍ର)

ଇଟାମାଟି ଥାନା ପୋଲିସ ଅଟୋ ସହ ୧୬ଶହ ଲିଟର ଅପମିଶ୍ରିତ ଡିଜେଲ ଜବତ କରିଛି। ଏହି ଘଟଣାରେ ହରେକୃଷ୍ଣପୁର ଗାଁ ଗେଡ଼ିପାଟଣାସାହିର ସୁଶାନ୍ତ କୁମାର ମଲ୍ଲ (୪୬) ଓ ବାପିନି ମହାନ୍ତି(୩୦)ଙ୍କୁ ଗିରଫ କରାଯାଇଛି। ଅଟୋ ସହ ଅପମିଶ୍ରିତ ଡିଜେଲ ଜବତ ପରେ ହରେକୃଷ୍ଣପୁର ଅଞ୍ଚଳରେ ଥିବା ଗୋଦାମ ଉପରେ ଚଢ଼ାଉ କରାଯାଇଥିଲା। ଏ ନେଇ ନଂ.୯୭/୨୫ରେ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି। ଗୋଦାମରେ ପେଟ୍ରୋଲ ଓ ଡିଜେଲରେ ଅପମିଶ୍ରଣ କରି ବିକ୍ରି କରାଯାଉଥିବା ଅଭିଯୋଗ ମିଳିଥିଲା। ଅଭିଯୋଗ ପରେ ଚଢ଼ାଉ ଓ ଧରପଗଡ଼ କରାଯାଇଥିବା ଇଟାମାଟି ଆଇଆଇସି ପ୍ରିୟବ୍ରତ ରାଉତ ସୂଚନା ଦେଇଛନ୍ତି।

## ନଛିପୁର ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

ଦଶପଲ୍ଲା,୪।୪ (ପ୍ରକାଶ କୁମାର ପାଣି)

ଦଶପଲ୍ଲା ବ୍ଲକ ଅନ୍ତର୍ଗତ ନଛିପୁର ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ସଞ୍ଜିବନୀ ସାମଲଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଦଶପଲ୍ଲା ବିଇଓ ଭକ୍ତ ବିନୋଦ ସଲ, ମୁଖ୍ୟ ବକ୍ତା ଭାବେ ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ସରୋଜ କୁମାର ନାୟକ, ସମ୍ମାନିତ ବକ୍ତା ଭାବେ ସାହିତ୍ୟ ସୃଜନୀ ନୟାଗଡ଼ ଡ. ପ୍ରତାପ କୁମାର ପରିଡ଼ା, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଭଜମନ ଖମାରୀ, ଆଲୁମିନା କମିଟି ସଭାପତି ଆର୍ତ୍ତବନ୍ଧୁ ବିଶ୍ୱାଳ ପ୍ରମୁଖ ଯୋଗଦେଇଥିଲେ। ଉତ୍ସବରେ ବିଦ୍ୟାଳୟର ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ଅତିଥି ବୃନ୍ଦ ପୁରସ୍କାର ପ୍ରଦାନ କରିଥିଲେ। ଶେଷରେ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ବିଶେଷକରି ଛାତ୍ରୀଛାତ୍ରଙ୍କ ଦ୍ୱାରା ନାଟକ ପେଣ୍ଟେଡ ମେଡିସିନ ବେଶ ମନଛୁଆଁ ହୋଇପାରିଥିଲା। ଏହା ଦେଖିବାକୁ ଆଖପାଖ ଅଞ୍ଚଳର ବହୁଲୋକଙ୍କ ସମାଗମ ହୋଇଥିଲା।

# ଜିଲା ଓକିଲ ସଂଘ କର୍ମକର୍ତ୍ତାଙ୍କ ଶପଥ ପାଠ



ଶପଥ ଗ୍ରହଣ ଉତ୍ସବରେ ଅତିଥିଙ୍କ ଗହଣରେ ନିର୍ବାଚିତ କର୍ମକର୍ତ୍ତା।

ନୟାଗଡ଼,୪।୪(ଲୋକନାଥ ମିଶ୍ର)

ନୟାଗଡ଼ ଜଲା ଓକିଲ ସଂଘର ନବ ନିର୍ବାଚିତ କାର୍ମକର୍ତ୍ତାଙ୍କ ଶପଥପାଠ ସମାରୋହ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ନିର୍ବାଚନ ଅଧିକାରୀ ବିଶ୍ୱଜିତ ଆଚାର୍ଯ୍ୟଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଶପଥପାଠରେ ଓଡ଼ିଆ ରାଜ୍ୟ ବାର କଉନସିଲ ସଭ୍ୟ ପୀତବାସ ପଣ୍ଡା ଏବଂ ଅକ୍ଷୟ କୁମାର ସାମନ୍ତରାୟ ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦେଇଥିଲେ। ଉଭୟଙ୍କୁ ଓକିଲ ସଂଘ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମାରୋହରେ ସଭାପତି ଭାବେ ବରିଷ୍ଠ ଆଇନଜୀବୀ ରଣଜିତ ଦାଶ, ଉପସଭାପତି ସନ୍ତୋଷ କୁମାର ରାଉତରାୟ, ସମ୍ପାଦକ ଭାବେ ସ୍ୱଦେଶ ମିଶ୍ର, ସହସମ୍ପାଦକ ଆଶୁତୋଷ ସାମନ୍ତରାୟ, କୋଷାଧ୍ୟକ୍ଷ ବିଶ୍ୱେଶ ରଞ୍ଜନ ମହାପାତ୍ର ଏବଂ କାର୍ଯ୍ୟକାରୀ କମିଟି ସଦସ୍ୟ ଚିତ୍ତରଞ୍ଜନ ପ୍ରଧାନ, ଶୈଳେନ୍ଦ୍ର ନାରାୟଣ ପଟ୍ଟନାୟକ, ନିରାକାର ମହଲ, ହରେକୃଷ୍ଣ ପ୍ରଧାନ, ବିଭୁଦତ୍ତ ସାହୁ ଏବଂ ସୁନୀଲ ମହାପାତ୍ରଙ୍କୁ ଆଇନଜୀବୀ ଦଣ୍ଡପାଣି ନାୟକ ପଦ ଗୋପନୀୟତାର ଶପଥପାଠ କରାଇ ଥିଲେ। ଏଥିରେ ୨ୟ ଥର ପାଇଁ ସଭାପତି ଭାବେ ଦାୟିତ୍ୱ ଗ୍ରହଣ କରିଥିବା ଦାଶ ସମସ୍ତ ଆଇନଜୀବୀମାନଙ୍କ ସହଯୋଗ କାମନା କରୁଥିଲେ। ଆଇନଜୀବୀମାନେ ଏଥିରେ ସାମିଲ ହୋଇଥିଲେ।

# ବିପଦସଙ୍କୁଳ ପାଲଟିଛି ଶୂଳିଆ-ଚୈତନ୍ୟପୁର ଗ୍ରାମ୍ୟ ରାସ୍ତା

### ନିର୍ମାଣର ୧୦ ବର୍ଷ ପରେ ପଥ ମରାମତି ହେଲାନି


ଖଣ୍ଡପଡ଼ା,୪।୪
(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା-ବାଣପୁର ପୂର୍ତ୍ତ ବିଭଗ ରାସ୍ତାର ଶୂଳିଆଛକଠାରୁ ଚୈତନ୍ୟପୁର ବାଇପାସ ରାସ୍ତା ଦେଇ କଣ୍ଟିଲୋ-ଗଣିଆ ରାଜପଥର କୁମୁଣ୍ଡି ରାସ୍ତାକୁ ସଂଯୋଗ କରୁଥିବା ମୁଖ୍ୟମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା ରାସ୍ତା ସମ୍ପ୍ରତି ବିପଦ ସଙ୍କୁଳ ହୋଇପଡ଼ିଛି। ଦୀର୍ଘ ୧୦ବର୍ଷରୁ ଉର୍ଦ୍ଧ୍ୱ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ନିର୍ମାଣ ହୋଇଥିବା ୨୧୦୦ ମିଟର ଏମ.ଡି.ଆର ଚୈତନ୍ୟପୁର ବାଇପାସ ରାସ୍ତା ସମ୍ପ୍ରତି ରକ୍ଷଣାବେକ୍ଷଣ ଅଭାବରୁ ପିଚୁ ଉଠି ମରଣଯନ୍ତା ପାଲଟିଛି। ଶୂଳିଆ ଛକଠାରୁ ଏହି ବାଇପାସ ରାସ୍ତା ଦେଇ ଦଶପଲ୍ଲା, ଗଣିଆ, ନରସିଂହପୁର, ବଡ଼ମ୍ବା ଅଞ୍ଚଳକୁ ଯିବା ପାଇଁ କମ ଦୂରତ୍ୱ ପଡୁଥିବାରୁ ପ୍ରତ୍ୟେହ ଶତାଧିକ ଯାନବାହନ ଏହି ଚଳପ୍ରଚଳ କରୁଛି। ଶୂଳିଆ ଛକରୁ ଚୈତନ୍ୟପୁର ଗ୍ରାମ ଦେଇ କୁମୁଣ୍ଡି ଛକକୁ ସଂଯୋଗ କରୁଥିବା ରାସ୍ତାର ଶୋଚନୀୟ ଅବସ୍ଥାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ରାସ୍ତା ସାରା ଖାଲଖମାରେ ଭର୍ତ୍ତି ହୋଇଛି। ଆବଶ୍ୟକ ମରାମତି ଅଭାବରୁ ଉକ୍ତ ରାସ୍ତା ମରଣଯନ୍ତା ପାଲଟିଥିଲେ ହେଁ ଏଥିପ୍ରତି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ନ ତୁବା ଲୋକ ପ୍ରତିନିଧି କେହି ନଜର ଦେଉ ନ ଥିବା ଚୈତନ୍ୟପୁର ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଉକ୍ତ ରାସ୍ତାର ଉନ୍ନତିକରଣ ଦିଗରେ ଖଣ୍ଡପଡ଼ା ଗ୍ରାମ୍ୟ ଉନ୍ନୟନ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ଓ ନୟାଗଡ଼ ଅଧୀକ୍ଷଣ ଯନ୍ତ୍ରୀ ଦୃଷ୍ଟି ଦେବାକୁ ଦାବି ହେଉଛି।


ଚୈତନ୍ୟପୁର ରାସ୍ତା ଖାଲଖମାରେ ପୂର୍ଣ୍ଣ।







# ବର୍ଗର ସାମ୍ରାଜ୍ୟରେ ଓଡ଼ିଆ ଉଦ୍ୟୋଗୀ ବିରଜା

**ଏକ ସାଧାରଣ ପରିବାରରୁ 'ବିଗିଜ୍ ବର୍ଗର' ବ୍ରାଣ୍ଡ ପ୍ରତିଷ୍ଠା ପର୍ଯ୍ୟନ୍ତ ଓଡ଼ିଆ ପୁଅ ବିରଜା ରାଉତଙ୍କ ଯାତ୍ରା। ଏହି ଯାତ୍ରା କେବଳ ତାଙ୍କର ବ୍ୟବସାୟିକ ସଫଳତାକୁ ଦର୍ଶାଉନାହିଁ, ବରଂ ସୁଯୋଗର ସଦୁପୋଯୋଗ କରିବାର କଳା, ଆହ୍ୱାନର ମୁକାବିଲା କରିବା ସହ ସ୍ୱପ୍ନକୁ ସାକାର କରିବାର ପ୍ରୟାସକୁ ମଧ୍ୟ ଦର୍ଶାଉଛି।**

ଧରିତ୍ରୀ | OrissaPOST BUSINESS EMINENCE AWARDS

ଦେଶରେ ମ୍ୟାକ୍‌ଡୋନାଲ୍ଡ୍‌ସ୍, ଡୋମିନସ୍ ଏବଂ କେଏଫ୍‌ସି ଭଳି ଫାଷ୍ଟଫୁଡ୍ ବ୍ରାଣ୍ଡର ଚାହିଦା ରହିଥିବାବେଳେ ବର୍ଗର୍ ବଜାରରେ ହୋମଗ୍ରୋନ୍ ବ୍ରାଣ୍ଡ 'ବିଗିଜ୍ ବର୍ଗର୍' ନିଜର ସ୍ଥିତି ସୁଦୃଢ଼ କରିପାରିଛି। ଓଡ଼ିଆ ଉଦ୍ୟୋଗୀ ବିରଜା ରାଉତଙ୍କ ବର୍ଗର୍ ନିଶା ତାଙ୍କୁ ଏହି ବ୍ୟବସାୟିକ ସଫଳତା ଆଣିଦେଇଛି। କେନ୍ଦୁଝର ଜିଲାରେ ଜନ୍ମିତ ବିରଜା ଭୁବନେଶ୍ୱରସ୍ଥିତ ସିଲିକନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜିରୁ ଶିକ୍ଷାଲାଭ କରିଛନ୍ତି। ପଢ଼ାସାରିବା ପରେ ଅନ୍ୟମାନଙ୍କ ପରି ସେ ମଧ୍ୟ ବେଙ୍ଗାଲୁରୁରେ ଚାକିରୀ ଜୀବନ ଆରମ୍ଭ କରିଥିଲେ। ତାଙ୍କୁ ଯେତେବେଳେ ୨୧ ବର୍ଷ ହୋଇଥିଲା ସେତେବେଳେ ସେ ପ୍ରଥମ ଥର ପାଇଁ ବର୍ଗର୍ ଚାଖିବାର ସୁଯୋଗ ପାଇଥିଲେ। ସେହି ବର୍ଗର୍ ଯେ ତାଙ୍କ ଭବିଷ୍ୟତ ବଦଳାଇଦେବ ତାହା କେହି କେବେ ଚିନ୍ତା କରି ନ ଥିଲେ। ଇଣ୍ଟରନ୍ୟାଶନାଲ ଫାଷ୍ଟଫୁଡ୍ ଚେନ୍ ଦେଶରେ ବ୍ୟବସାୟ ବିସ୍ତାର କରୁଥିବାବେଳେ ଭାରତୀୟ ଖାଦ୍ୟ ଶିଳ୍ପ ବିଶେଷକରି ଗରମେଟ୍, ଗ୍ରିଲଡ୍ ବର୍ଗର୍ କ୍ଷେତ୍ରରେ କୌଣସି ଭାରତୀୟ ବ୍ରାଣ୍ଡ୍ ନ ଥିବା ସେ ହୃଦୟଙ୍ଗମ କରିଥିଲେ। ବର୍ଗର୍‌ର ଦେଶୀ ବିକଳ୍ପ ଭାବେ ହୋମଗ୍ରୋନ୍ ବର୍ଗର୍ ବଜାରରେ ଉପଲବ୍ଧ କରାଇବା ପାଇଁ ସେ ସ୍ଥିର କରିଥିଲେ।

## ଛୋଟ କିଓସ୍କରୁ ବିଗିଜ୍ ବର୍ଗର୍ ପାଲଟିଛି ନ୍ୟାଶନାଲ ଚେନ




ବିରଜା ୨୦୧୧ରେ ବିମର୍ ଫୁଡ୍ ଆଣ୍ଡ୍ ବେଭେରେଜସ୍ ପ୍ରାଇଭେଟ ଲିମିଟେଡ୍‌ର ମୂଳଦୂଆ ପକାଇଥିଲେ। ମାତ୍ର ୨୦ହଜାର ଟଙ୍କା ବିନିଯୋଗରେ ସେ ଏକ ଛୋଟ କିଓସ୍କରେ ବର୍ଗର ବ୍ୟବସାୟ ଆରମ୍ଭ କରିଥିଲେ। ବେଙ୍ଗାଲୁରରେ ନିଜ ଅଫିସ୍ ସାମନାରେ ସେ ଏହି କିଓସ୍କ ଖୋଲିଥିବାବେଳେ ଛୁଟିଦିନରେ ବିକ୍ରି ଆରମ୍ଭ କରିଥିଲେ। ସେହି ଛୋଟ କିଓସ୍କ ବର୍ତ୍ତମାନ ବାର୍ଷିକ ଶତାଧିକ କୋଟିର ବ୍ୟବସାୟର ରାସ୍ତା ଦେଖାଇଛି। ୨୦୧୬ରେ ସେ ଆଇଟି ଚାକରୀ ଛାଡ଼ି ବିଗିଜ୍ ବର୍ଗର୍‌କୁ ସମ୍ପ୍ରସାରଣ କରିବାର ନିଷ୍ପତ୍ତି ନେଇଥିଲେ। ଉତ୍ତମ ଗୁଣବତ୍ତାଯୁକ୍ତ, ଶୁଦ୍ଧ ଏବଂ ଗ୍ରିଲଡ୍ ବର୍ଗର୍ ପ୍ରତି ପ୍ରତିବଦ୍ଧତା ହେତୁ ବ୍ରାଣ୍ଡ ଖୁବ୍‌ଶୀଘ୍ର ଲୋକପ୍ରିୟତା ହାସଲ କରିଥିଲା। ବଜାରରେ ମିଳୁଥିବା ଫ୍ରାଏଡ୍ ବର୍ଗର୍ ତୁଳନାରେ ଏହା ସ୍ୱାସ୍ଥ୍ୟକର ବିକଳ୍ପ ଭାବେ ବିବେଚିତ ହେଉଛି। ବର୍ତ୍ତମାନ ୧୬ ରାଜ୍ୟରେ ବିଗିଜ୍ ବର୍ଗରର ୧୫୦ରୁ ଅଧିକ ଆଉଟଲେଟ୍ ସହ ଏହି ବ୍ରାଣ୍ଡ୍ ଦେଶର ସର୍ବବୃହତ୍ ହୋମଗ୍ରୋନ୍ ବର୍ଗର୍ ଚେନ୍ ପାଲଟିଛି।

BIGGIÈS BURGER

## ସ୍ମାର୍ଟ ବିଜ୍‌ନେସ ମଡେଲ୍

ବିରଜାଙ୍କ ସଫଳତା କେବଳ ତାଙ୍କ ବର୍ଗରରେ ନୁହେଁ, ବରଂ ତାଙ୍କର ବ୍ୟବସାୟିକ ପରିଯୋଜନାରେ ମଧ୍ୟ ପରିଲକ୍ଷିତ ହୋଇଥାଏ। ଆଇଟି ପ୍ରଫେସନାଲ, ଆର୍ମି ଭେଟେରାନ୍, ସରକାରୀ କର୍ମଚାରୀଙ୍କୁ ବିଗିଜ୍ ବର୍ଗରର୍ ଫ୍ରାଞ୍ଚାଇଜ୍ ପ୍ରଦାନ କରିଛି। ଉତ୍ତମ ଗୁଣବତ୍ତାକୁ ସର୍ବାଗ୍ରେ ରଖୁଥିବା ବିଗିଜ୍ ବର୍ଗର୍ ଉଚ୍ଚମାନର ସାମଗ୍ରୀ ବ୍ୟବହାର କରି ପୋଷଣଯୁକ୍ତ ଶୁଦ୍ଧ ବର୍ଗର୍ ବଜାରରେ ଉପଲବ୍ଧ କରାଇବା ଉପରେ ବିଶ୍ୱାସ ରଖେ। ଫାଷ୍ଟଫୁଡ୍ ବ୍ରାଣ୍ଡଗୁଡ଼ିକ ମେଟ୍ରୋ ସହରରେ ବ୍ୟବସାୟ ବିସ୍ତାର କରୁଥିବାବେଳେ ବିରଜା ଟାଏର–୨ ଓ ଟାଏର–୩ ସହରକୁ ଗୁରୁତ୍ୱ ଦେଇଥା'ନ୍ତି। ପ୍ରତି ତିନିମାସରେ ୨୫ ନୂଆ ଷ୍ଟୋର ଖୋଲିବାର ସେ ଲକ୍ଷ୍ୟ ରଖିଛନ୍ତି। ବର୍ଗର୍ ବ୍ୟତୀତ ବିଗ୍‌ଗାଏଜ୍ ୱିଙ୍ଗସ୍ ଆଣ୍ଡ୍ ବର୍ଗରସ୍ ନାମରେ ନୂଆ ଭେଞ୍ଚର ପ୍ରତିଷ୍ଠା କରି ବଗର୍ ସହ ଅନ୍ୟାନ୍ୟ ଖାଦ୍ୟ ଓ ପାନୀୟକୁ ସ୍ଥାନ ଦେଇଛନ୍ତି। ତାଙ୍କର ଏହି ଦୂରଦୃଷ୍ଟିସମ୍ପନ୍ନ ପଦକ୍ଷେପ ବିଭିନ୍ନ ବର୍ଗର ଗ୍ରାହକଙ୍କ ଚାହିଦା ମେଣ୍ଟାଇବାକୁ ରାସ୍ତା ପ୍ରଶସ୍ତ କରିଛି। ଦିନକୁ ଦିନ ବିଗିଜ୍ ବର୍ଗର ବ୍ୟବସାୟ ବିସ୍ତାର କରିଚାଲିଥିବାବେଳେ ଭାରତର ନିଜସ୍ୱ ବର୍ଗର୍‌କୁ ବିଶ୍ୱସ୍ତରରେ ପରିଚିତ କରାଇବା ବିରଜାଙ୍କ ଲକ୍ଷ୍ୟ ରହିଛି।

## ସାରା ଭାରତକୁ ଗର୍ବିତ କରିଛନ୍ତି ଓଡ଼ିଆ ଉଦ୍ୟୋଗୀ

କେନ୍ଦୁଝରରୁ ବେଙ୍ଗାଲୁରୁ ଏବଂ ଆଇଟି କ୍ଷେତ୍ରରୁ ଖାଦ୍ୟ ଶିଳ୍ପ ଯାଏ ବିରଜାଙ୍କ ଏହି ଯାତ୍ରା ଅନ୍ୟମାନଙ୍କ ପାଇଁ ପ୍ରେରଣାର ଉତ୍ସ ପାଲଟିଛି। କେବଳ ଓଡ଼ିଶା ନୁହେଁଁ, ସମଗ୍ର ଦେଶର ଯୁବଉଦ୍ୟୋଗୀଙ୍କୁ ସେ ସଫଳତାର ବାଟ ଦେଖାଇଛନ୍ତି। ଉତ୍ତମ ଭାବନା ସହ କାର୍ଯ୍ୟ ପ୍ରତି ଅଙ୍ଗୀକାରବଦ୍ଧତା ରହିଲେ ସବୁ କିଛି ସମ୍ଭବ କରିପାରେ ବୋଲି ବିରଜା ପ୍ରମାଣିତ କରିଛନ୍ତି।


ବିରଜା ରାଉତ

# ମାର୍ଚ୍ଚରେ ୪,୨୭,୪୪୮ ୟୁନିଟ୍ ଗାଡ଼ି ବିକ୍ରି

ଭୁବନେଶ୍ୱର,୪।୪

HONDA

ହୋଣ୍ଡା ମୋଟରସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ (ଏଚ୍‌ଏମ୍‌ଏସ୍‌ଆଇ)ର ମାସିକ ଗାଡ଼ି ବିକ୍ରି ଫଳାଫଳକୁ ନିକଟରେ ଘୋଷଣା କରାଯାଇଛି। ଏପରିକି ୨୦୨୫ ମାର୍ଚ୍ଚରେ କମ୍ପାନୀର ମୋଟ୍ ୪,୨୭,୪୪୮ ୟୁନିଟ୍ ଗାଡ଼ି ବିକ୍ରି ହୋଇଛି। ବିଶେଷକରି ଘରୋଇ ବଜାରରେ ୪,୦୧,୪୧୧ ୟୁନିଟ୍ ବିକ୍ରି ହୋଇଥିଲାବେଳେ ୨୬,୦୩୭ ୟୁନିଟ୍ ଗାଡ଼ି ରପ୍ତାନି ହୋଇଛି। ସେହିଭଳି ୨୦୨୪–୨୫ ଆର୍ଥିକ ବର୍ଷରେ କମ୍ପାନୀ ମୋଟ୍ ୫୮,୩୧,୧୦୪ ୟୁନିଟ୍ ଗାଡ଼ି ବିକ୍ରି କରିଛି, ଯେଉଁଥିରେ ପୂର୍ବ ବର୍ଷ ତୁଳନାରେ ୧୯% ଅଭିବୃଦ୍ଧି ହାସଲ କରିଛି। ଏଥିମଧ୍ୟରେ ୫୩,୨୬,୦୯୨ ୟୁନିଟ୍ ଘରୋଇ ବଜାରରେ ବିକ୍ରି ହୋଇଥିଲାବେଳେ ୫,୦୫,୦୧୨ ୟୁନିଟ୍ ଗାଡ଼ି ରପ୍ତାନି ହୋଇଥିଲା।

# ଆଜିଠାରୁ ରିଲାଏନ୍ସ ଡିଜିଟାଲର 'ଡିଜିଟାଲ ଡିସ୍‌କାଉଣ୍ଟ ଡେଜ୍‌ସ'

ଭୁବନେଶ୍ୱର,୪।୪




ରିଲାଏନ୍ସ ଗ୍ରୁପ୍‌ର ସହାୟକ କମ୍ପାନୀ ତଥା ରିଲାଏନ୍ସ ଡିଜିଟାଲର ବହୁ ପ୍ରତୀକ୍ଷିତ ଅଫର 'ଡିଜିଟାଲ ଡିସ୍‌କାଉଣ୍ଟ ଡେଜ୍‌ସ'ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ଏହି ଅଫର ଏବଂ ସ୍ୱତନ୍ତ୍ର ସେଲ୍‌ସ ୨୦୨୫ ଏପ୍ରିଲ ୫ରୁ ଆରମ୍ଭ ହେଉଛି। ସେହିଭଳି ଭାରତର ସବୁଠାରୁ ବଡ଼ ଇଲେକ୍ଟ୍ରୋନିକ୍ସ ସେଲ୍ ଉପରେ କମ୍ପାନୀ ଅଗ୍ରଣୀ ବ୍ୟାଙ୍କ କାର୍ଡ ଏବଂ ପେପର ଫାଇନାନ୍ସ ଉପରେ ପ୍ରାୟ ୨୫,୦୦୦ ଟଙ୍କା ପର୍ଯ୍ୟନ୍ତ ରିହାତି ପ୍ରଦାନ କରୁଛି। ଏହି ଅଫରଗୁଡ଼ିକ ୨୦୨୫ ଏପ୍ରିଲ ୨୦ ପର୍ଯ୍ୟନ୍ତ ସମସ୍ତ ଇଲେକ୍ଟ୍ରୋନିକ୍ସ ସାମଗ୍ରୀ ପାଇଁ ରିଲାଏନ୍ସ ଡିଜିଟାଲ୍‌ର ଅଫ୍‌ଲାଇନ ଷ୍ଟୋର ଏବଂ ମାଇ ଜିଓ ଷ୍ଟୋର ଏବଂ ଅନ୍‌ଲାଇନ ପ୍ଲାଟ୍‌ଫର୍ମ reliance–digital.in ରେ ବୈଧ ରହିଛି। ସେହିପରି ସହଜ ଫାଇନାନ୍ସିଂ, ଇଏମ୍‌ଆଇ ବିକଳ୍ପ ଏବଂ ଦ୍ରୁତତମ ବିତରଣ ଏବଂ ସଂସ୍ଥାପନ ସହ ଭାରତ ପାଇଁ ଅପ୍‌ଗ୍ରେଡ୍ କରିବାର ଠିକ୍ ସମୟ ଆସିଛି ବୋଲି କମ୍ପାନୀ ପକ୍ଷରୁ ବିସ୍ତୃତ ଭାବେ ସୂଚନା ଦିଆଯାଇଛି।

# ଶେୟାର ବଜାର କାରବାରରେ ହ୍ରାସ

ମୁମ୍ବାଇ, ୪।୪: କ୍ରମାଗତ ଦ୍ୱିତୀୟ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ହ୍ରାସ ଘଟିଛି। ଏପରିକି ଚଳିତ ସପ୍ତାହର ଶେଷ କାର୍ଯ୍ୟଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷକରି ଶୁକ୍ରବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୯୩୧(୯୩୦.୬୭) ପଏଣ୍ଟ ହ୍ରାସ ଘଟି ୭୫,୩୬୫(୭୫,୩୬୪.୬୯) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି–୫୦ରେ ମଧ୍ୟ ୩୪୬(୩୪୫.୬୫) ପଏଣ୍ଟ କମି ୨୨,୯୦୪(୨୨,୯୦୪.୪୫) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସର ମିଡ୍‌କ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡ଼ିକର ଇଣ୍ଡେକ୍ସ ସହିତ ଏନ୍‌ଏସ୍‌ଇ ନିଫ୍ଟି ମିଡ୍‌କ୍ୟାପ୍, ସ୍ମଲକ୍ୟାପ୍ ଏବଂ ବ୍ୟାଙ୍କ ଶେୟାରଗୁଡିକର କାରବାରରେ ପରିବର୍ତ୍ତନ ହୋଇଛି। ଏପରିକି ଶେୟାର ବଜାରର ସେକ୍ଟୋରାଲ ଇଣ୍ଡେକ୍ସ କାରବାରରେ ମଧ୍ୟ ହ୍ରାସ ଘଟିଛି।

# ବିଜିୟୁ ୯ମ ପ୍ରତିଷ୍ଠା ଦିବସ

ଭୁବନେଶ୍ୱର,୪।୪

ବିର୍ଲା ଗ୍ଲୋବାଲ ୟୁନିଭର୍ସିଟି(ବିଜିୟୁ)ର ୯ମ ପ୍ରତିଷ୍ଠା ଦିବସ ନିକଟରେ ପାଳିତ ହୋଇଯାଇଛି। ଏଥିରେ ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ର, ଅଧ୍ୟାପକ, କର୍ମଚାରୀ ଓ ଅନ୍ୟମାନେ ଯୋଗଦେଇଥିଲେ। ଏହି ଅବସରରେ ଅହମ୍ମଦାବାଦ ୟୁନିଭର୍ସିଟିର ଏକ୍‌ଜିକ୍ୟୁଟିଭ ପ୍ରୋଭୋଷ୍ଟ ଏବଂ ଆଇଆଇଏମ୍ ବାଙ୍ଗାଲୋର ଏବଂ ଆଇଆଇଏମ୍ ଅହମ୍ମଦାବାଦର ପୂର୍ବତନ ପ୍ରଫେସର ଦେବନାଥ ତିରୁପତି ପ୍ରତିଷ୍ଠା ଦିବସ ଉପରେ ନିଜର ସାରଗର୍ଭକ ବକ୍ତୃତା ପ୍ରଦାନ କରିଥିଲେ। ଦେଶରେ ଉଚ୍ଚଶିକ୍ଷାର ବିକାଶ ଉପରେ ବିସ୍ତୃତ ବର୍ଣ୍ଣନା କରିବା ସହ ସ୍ୱାଧୀନତା ପୂର୍ବରୁ ଏବଂ ପରେ ସରକାରୀ ଏବଂ ବେସରକାରୀ କ୍ଷେତ୍ରରେ ଏହାର ଅଭିବୃଦ୍ଧି ଉପରେ ଆଲୋକପାତ କରିଥିଲେ। ସେ ମଧ୍ୟ ଦେଶରେ ଶିକ୍ଷାର ଅଭିବୃଦ୍ଧି କ୍ଷେତ୍ରରେ ବିର୍ଲା ପରିବାରର ଅବଦାନ ଉପରେ ଗୁରୁତ୍ୱାରୋପ କରିଥିଲେ। ବିଜିୟୁ କୁଳପତି ପ୍ରଫେସର କୁଳଭୂଷଣ ବାଲୁନି କାର୍ଯ୍ୟକ୍ରମକୁ ସମ୍ବୋଧିତ କରିବା ସହ ୟୁନିଭର୍ସିଟିର ପ୍ରତିଷ୍ଠାତାମାନଙ୍କର ପ୍ରଶଂସା କରିଥିଲେ। ବିଜିୟୁ ରେଜିଷ୍ଟ୍ରାର ଡ. ବି.କେ. ଦାସ ସ୍ୱାଗତ ଭାଷଣ ଦେଇଥିବା ସହ ୟୁନିଭର୍ସିଟି ପରିବର୍ତ୍ତନଶୀଳ ଯାତ୍ରା ଉପରେ ଗୁରୁତ୍ୱାରୋପକରି ଏହାର ଅଭିବୃଦ୍ଧି ଓ ସଫଳତା ଉପରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଜିୟୁ ପକ୍ଷରୁ ୪୧ ଜଣ ଫାକଲ୍ଟି ଏବଂ କର୍ମଚାରୀଙ୍କୁ ସେମାନଙ୍କର ଦୀର୍ଘ ୧୦ ବର୍ଷର ସେବା ପାଇଁ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ୟୁନିଭର୍ସିଟିର ମାଗାଜିନ୍ ଇନ୍ଦ୍ରଧନୁଷ୍‌ର ତୃତୀୟ ସଂସ୍କରଣ ଉନ୍ମୋଚିତ ହୋଇଥିଲା। ବିଜିୟୁ ଆସିଷ୍ଟାଣ୍ଟ ପ୍ରଫେସର ଲୋପାମୁଦ୍ରା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ବିଜିୟୁ ପକ୍ଷରୁ ୪୧ଟି ବୃକ୍ଷରୋପଣ କରାଯାଇଥିଲା ଯାହା ପରିବେଶ ସୁରକ୍ଷା ଓ ସବୁଜ ଭବିଷ୍ୟତର ପ୍ରତୀକ ଥିଲା। ଏହି ପ୍ରତିଷ୍ଠା ଦିବସ ସମାରୋହ ବିଜିୟୁର ସମୃଦ୍ଧ ଐତିହ୍ୟ, ଶୈକ୍ଷିକ ଉତ୍କର୍ଷ ଓ ଶିକ୍ଷାଗତ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବାର ଅଟଳ ପ୍ରତିବଦ୍ଧତାକୁ ପ୍ରତିଫଳିତ କରିଥିଲା।

# ବିଏସ୍‌ଏସ୍‌ସିସିଆର୍‌ଆଇର ପ୍ରଥମ ବାର୍ଷିକୀ ଉତ୍ସବ



ଖବରଦାତା ସମ୍ମିଳନୀକୁ ଡା. ଲଲାଟେନ୍ଦୁ ଷଡ଼ଙ୍ଗୀ ସମ୍ବୋଧିତ କରୁଛନ୍ତି। ଏହି ଅବସରରେ ବିଏସ୍‌ଏସ୍‌ସିସିଆର୍‌ଆଇ ଭୁବନେଶ୍ୱରର ଅଧିକାରୀମାନେ ଉପସ୍ଥିତ ଅଛନ୍ତି।

■ସିସିଆର୍‌ଆଇର ସମ୍ପ୍ରସାରଣ
■ଖୁବ୍‌ଶୀଘ୍ର ବିଏମ୍‌ଟି ସେଣ୍ଟରର ଶୁଭାରମ୍ଭ

ଭୁବନେଶ୍ୱର,୪।୪ (ଅଭୟ ଦାଶ)

ରାଜ୍ୟର ପ୍ରମୁଖ ଘରୋଇ କ୍ୟାନ୍‌ସର ଚିକିତ୍ସାଳୟ ତଥା ଶ୍ରୀ ଶଙ୍କରା କ୍ୟାନ୍‌ସର ଫାଉଣ୍ଡେଶନ୍ ଚାରିଟେବୁଲ୍ ଟ୍ରଷ୍ଟର ପ୍ରମୁଖ ୟୁନିଟ୍ ବାଗ୍‌ଚୀ ଶ୍ରୀ ଶଙ୍କରା କ୍ୟାନ୍‌ସର ସେଣ୍ଟର ଆଣ୍ଡ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ ବା ବିଏସ୍‌ଏସ୍‌ସିସିଆର୍‌ଆଇ ଭୁବନେଶ୍ୱରର ପ୍ରଥମ ବାର୍ଷିକୀ ଉତ୍ସବ ପାଳିତ ହୋଇଯାଇଛି। ବିଏସ୍‌ଏସ୍‌ସିସିଆର୍‌ଆଇର କ୍ୟାନ୍‌ସର କେୟାର ଆଣ୍ଡ ରିସର୍ଚ୍ଚ ଇନ୍‌ଫ୍ରାଷ୍ଟ୍ରକ୍ଚର (ସିସିଆର୍‌ଆଇ)ର ସମ୍ପ୍ରସାରଣ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ଖୁବ୍‌ଶୀଘ୍ର ବିଏସ୍‌ଏସ୍‌ସିସିଆର୍‌ଆଇରେ ବୋନ୍ ମ୍ୟାରୋ ଟ୍ରାନ୍ସପ୍ଲାଣ୍ଟ (ବିଏମ୍‌ଟି) ସେଣ୍ଟରର ଶୁଭାରମ୍ଭ କରାଯାଉଛି ବୋଲି ଚିକିତ୍ସାଳୟ ପକ୍ଷରୁ ବିସ୍ତୃତ ଭାବେ ସୂଚନା ଦିଆଯାଇଛି। ବିଏସ୍‌ଏସ୍‌ସିସିଆର୍‌ଆଇ ପକ୍ଷରୁ ଗୁରୁବାର ଭୁବନେଶ୍ୱରର ମାଷ୍ଟର କ୍ୟାଣ୍ଟିନସ୍ଥିତ ପ୍ରେସ୍‌କ୍ଲବରେ ଏକ ସ୍ୱତନ୍ତ୍ର ଖବରଦାତା ସମ୍ମିଳନୀର ଆୟୋଜନ କରାଯାଇଥିଲା। ବିଏସ୍‌ଏସ୍‌ସିସିଆର୍‌ଆଇର ବରିଷ୍ଠ ଅଧିକାରୀ ନାଗରାଜଙ୍କ ସମେତ ଡା. ଲଲାଟେନ୍ଦୁ ଷଡଙ୍ଗୀ, ଡା. ବି.ଏସ୍. ଶ୍ରୀନାଥ ଏବଂ ଡା. ବି.କେ. ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଏ ନେଇ ଡା. ଲଲାଟେନ୍ଦୁ ଷଡ଼ଙ୍ଗୀ କହିଥିଲେ, ଆମେ ନିକଟରେ ପ୍ରଥମ ପୂର୍ତ୍ତି ଉତ୍ସବ ପାଳନ କରିଛୁ। ଏହି ବର୍ଷକ ମଧ୍ୟରେ ଆମେ ଅନେକ ଉପଲବ୍ଧ ହାସଲ ସହ କ୍ୟାନ୍‌ସର ଚିକିତ୍ସା କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଛୁ। ବର୍ଷକ ମଧ୍ୟରେ ଆମେ ୫୦୦୦ରୁ ଅଧିକ ରୋଗୀଙ୍କୁ ଗୁଣାତ୍ମକ ଚିକିତ୍ସା ଓ ସେବା ଯୋଗାଇଦେଇଛୁ। ଆଗାମୀ ଦିନରେ ଆମେ ନୂଆ ନୂଆ ସେବା ଓ ସୁବିଧା ମଧ୍ୟ ଉପଲବ୍ଧ କରାଇବୁ। ଫଳରେ ଓଡ଼ିଶା ଓ ଓଡ଼ିଶା ନିକଟବର୍ତ୍ତୀ ରାଜ୍ୟର ରୋଗୀ ବାହାର ରାଜ୍ୟକୁ ଆଉ ଯାଇ ଅତିରିକ୍ତ ଖର୍ଚ୍ଚ ଓ ଅନ୍ୟାନ୍ୟ ସମସ୍ୟାରେ ସମ୍ମୁଖୀନ ହେବେ ନାହିଁ ବୋଲି ପ୍ରୟାସ ଆରମ୍ଭ କରିଛୁ।

# ବଲାଙ୍ଗୀରରେ ଆକାଶର ନୂତନ ଶାଖା


ମୁଖ୍ୟଅତିଥି ପୌରାଧ୍ୟକ୍ଷା ଲିକା ସାହୁ ଆକାଶର ବଲାଙ୍ଗୀର ଶାଖାକୁ ଉଦ୍‌ଘାଟନ କରୁଛନ୍ତି।

ବଲାଙ୍ଗୀର,୪।୪ (ବୀରେନ୍ଦ୍ର କୁମାର ଝାଙ୍କର)

ଆକାଶ ଏଜୁକେଶନାଲ ସର୍ଭିସ ଲିମିଟେଡ (ଆକାଶ)ର ନୂତ ଶାଖା ବଲାଙ୍ଗୀର ଠାରେ ଆରମ୍ଭ ହୋଇଛି। ପୌରାଧ୍ୟକ୍ଷା ଲିକା ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି ଶାଖାକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଆକାଶର ଏକାଡେମିକ୍ ଡାଇରେକ୍ଟର ରାଜୀବ ନୟନଙ୍କ ସମେତ ଅଜୟ ଦାସ, ପ୍ରଭାତ କୁମାର ଛତୋଇ ପ୍ରମୁଖ ଉପସ୍ଥିତ ଥିଲେ। ଏଠାରେ ମେଡିକାଲ, ଆଇଆଇଟି, ଜେଇଇ ପରୀକ୍ଷା ପାଇଁ କୋଚିଂ ଦିଆଯିବା ସହ ଷଷ୍ଠରୁ ଦଶମ ଶ୍ରେଣୀର ପିଲାଙ୍କ ପାଇଁ ଫାଉଣ୍ଡେଶନ୍ କୋର୍ସ କୋଚିଂ ଆରମ୍ଭ କରାଯିବ।

# ଜେଏସ୍‌ଏଲ୍‌ରେ ପରିବେଶ ମାସ ପାଳିତ

ଭୁବନେଶ୍ୱର,୪।୪




ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଜିନ୍ଦଲ ଷ୍ଟେନ୍‌ଲେସ୍ ଲିମିଟେଡ୍ (ଜେଏସ୍‌ଏଲ୍)ର ଯାଜପୁର ପ୍ଲାଣ୍ଟ ପରିସରରେ ପରିବେଶ ମାସ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଜେଏସ୍‌ଏଲ୍ ପକ୍ଷରୁ ପ୍ରମୁଖ ପରିବେଶ ଦିବସଗୁଡ଼ିକୁ ପାଳନ କରିବା ପାଇଁ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଯେଉଁଥିରେ ଅନ୍ତର୍ଜାତୀୟ ବନ ଦିବସ, ବିଶ୍ୱ ଜଳ ଦିବସ ଏବଂ ଅନ୍ତର୍ଜାତୀୟ ଶୂନ୍ୟ ଅପଚୟ ଦିବସ ଅନ୍ତର୍ଭୁକ୍ତ ରହିଥିଲ। ଏପରିକି କମ୍ପାନୀର କର୍ମଚାରୀ ଏବଂ ସ୍ଥାନୀୟ ସମ୍ପ୍ରଦାୟ ମଧ୍ୟରେ ସଚେତନତା ବୃଦ୍ଧି କରିବା ଏବଂ ସେମାନଙ୍କୁ ଉତ୍ସାହିତ କରିବା ଏହି କାର୍ଯ୍ୟକ୍ରମଗୁଡିକର ମୂଳ ଲକ୍ଷ୍ୟ ଥିଲା। ବୃକ୍ଷରୋପଣ ଏବଂ ଜୈବ ବିବିଧତା ସଂରକ୍ଷଣକୁ ପ୍ରୋତ୍ସାହିତ କରି ଚାରା ବଣ୍ଟନ ଅଭିଯାନ ସହ ଏହି ଉତ୍ସବର ଶୁଭାରମ୍ଭ ହୋଇଥିଲା। ଜେଏସ୍‌ଏଲ୍ ପ୍ଲାଣ୍ଟ ପରିସରରେ ଏକ ମେଗା ବୃକ୍ଷରୋପଣ ଅଭିଯାନ ମଧ୍ୟ ଆୟୋଜନ କରାଯାଇଥିଲା, ଯେଉଁଠାରେ କର୍ମଚାରୀମାନେ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ ଏବଂ ପ୍ଲାଣ୍ଟ ପରିସରର ସବୁଜିମାକୁ ଆହୁରି ବୃଦ୍ଧିକରି ୧୦୦ରୁ ଅଧିକ ଗଛ ରୋପଣ କରିଥିଲେ। ବିଶ୍ୱ ଜଳ ଦିବସରେ କର୍ମଚାରୀ ଏବଂ ସେମାନଙ୍କ ପିଲାମାନଙ୍କ ପାଇଁ ହିମବାହ ତରଳିବା ଏବଂ ଜଳ ସଂରକ୍ଷଣ ଭଳି ବିଷୟବସ୍ତୁ ଉପରେ କେନ୍ଦ୍ରିତ ବିଭିନ୍ନ ସଚେତନତା କାର୍ଯ୍ୟକଳାପ ଯେପରିକି ସ୍ଲୋଗାନ ଲେଖା, ପୋଷ୍ଟର ତିଆରି ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଅନ୍ତର୍ଜାତୀୟ ଶୂନ୍ୟ ଅପଚୟ ଦିବସର ଅଂଶ ସ୍ୱରୂପ, ବ୍ରାହ୍ମଣୀ ନଦୀ କୂଳରେ ଏକ ନଦୀକୂଳ ସଫେଇ ଅଭିଯାନ ଅନୁଷ୍ଠିତ ହୋଇଥିଲା, ଯେଉଁଠାରେ କର୍ମଚାରୀ, ସ୍ଥାନୀୟ ଯୁବଗୋଷ୍ଠୀ ଏବଂ ଜେଏସ୍‌ଏଲ୍‌ର ଏନ୍‌ଜିଓ ସହଭାଗୀ ଗ୍ରୀନ୍ ଡ୍ରିମ୍ ଫାଉଣ୍ଡେଶନର ସଦସ୍ୟମାନେ ପ୍ଲାଷ୍ଟିକ୍ ଏବଂ ଅଳିଆ ଆବର୍ଜନା ଅପସାରଣ ପାଇଁ ଏକାଠି ହୋଇଥିଲେ। ସ୍ଥାନୀୟ ଯୁବକମାନଙ୍କ ସହ ଏକ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା ଯାହାଦ୍ୱାରା ସେମାନଙ୍କୁ ଦାୟିତ୍ୱପୂର୍ଣ୍ଣ ବର୍ଜ୍ୟବସ୍ତୁ ପରିଚାଳନା ଏବଂ ସୁସ୍ଥ ଜୀବନଯାପନ ବିଷୟରେ ବିଭିନ୍ନ ଶିକ୍ଷା ଦିଆଯାଇଥିଲା।

ଏହି ଅବସରରେ ଯାଜପୁରର ଜିନ୍ଦଲ ଷ୍ଟେନ୍‌ଲେସ୍‌ର ଯାଜପୁର ୟୁନିଟ୍ ମୁଖ୍ୟ ଦୀପକ ଅଗ୍ରୱାଲ କହିଛନ୍ତି, ପରିବେଶଗତ ସ୍ଥିରତା ପ୍ରତି ଧ୍ୟାନ ଆମ କାର୍ଯ୍ୟର ମୂଳ ସିଦ୍ଧାନ୍ତ ମଧ୍ୟରୁ ଗୋଟିଏ ଏବଂ ଆମେ ଆମର ପରିବେଶ ଗତ ପ୍ରଭାବ ହ୍ରାସ କରିବାକୁ ପ୍ରତିବଦ୍ଧ ରହିଛୁ।

# ଆଇଟିଏସ୍ ଜରିଆରେ ୬୦%ରୁ ଅଧିକ ମାଲ ପରିବହନ

ଭୁବନେଶ୍ୱର,୪।୪

ମାଲ ପରିବହନ କ୍ଷେତ୍ରରେ ଟ୍ରକ୍‌ର ଆବଶ୍ୟକତା କ୍ରମାଗତ ଭାବେ ବୃଦ୍ଧି ପାଉଛି। ଏପରିକି ଇଣ୍ଡିଆନ ଟ୍ରକିଂ ସେକ୍ଟର (ଆଇଟିଏସ୍)ର ଆବଶ୍ୟକତା ବର୍ତ୍ତମାନ ମଧ୍ୟ ପୂର୍ବପରି ବଳବତ୍ତର ରହିଛି। ଭାରତର ଟ୍ରକ୍ ଉପଯୋଗୀ କ୍ଷେତ୍ର ଦେଶର ୬୦%ରୁ ଅଧିକ ମାଲ ପରିବହନ ସହ ଦ୍ରୁତ ବିସ୍ତାର ପାଇଁ ପ୍ରସ୍ତୁତ ମଧ୍ୟ ହେଉଛି। ସେହିଭଳି ନୀତି ଆୟୋଗର ତଥ୍ୟ ଅନୁଯାୟୀ ୨୦୫୦ ମଧ୍ୟରେ ମାଲ ପରିବହନର ଚାହିଦା ଚତୁର୍ଦ୍ଦିଗରେ ବ୍ୟାପିବାର ଯଥେଷ୍ଟ ଆଶା କରାଯାଉଛି, ଯେହେତୁ ଟ୍ରକ୍ ସଂଖ୍ୟା ୨୦୨୨ ବର୍ଷର ୪ ମିଲିୟନ ତୁଳନାରେ ୧୭ ମିଲିୟନକୁ ଆଶାତୀତ ଭାବେ ବୃଦ୍ଧି ପାଇଛି। ଏପରିକି ଅର୍ଥନୈତିକ ବିକାଶରେ ଏହି ଅଭିବୃଦ୍ଧି ଗୁରୁତ୍ୱପୂର୍ଣ୍ଣ ହୋଇଥିବାବେଳେ ଏହା ଘର୍ଷଣଜନିତ ବୃଦ୍ଧି ପାଇଁ ଚିନ୍ତାର କାରଣ ହୋଇଛି, ଯେହେତୁ ଭାରତରେ ପରିବହନ ସମ୍ପର୍କିତ କାର୍ବନ ଘର୍ଷଣରେ ଟ୍ରକ୍‌ଗୁଡ଼ିକର ସ୍ଥିତି ତୃତୀୟ ସ୍ଥାନରେ ରହିଛି।




ସେହିପରି ମାଲ ପରିବହନର ଚାହିଦା ୨୦୫୦ ବେଳକୁ ଚତୁର୍ଦ୍ଦିଗରେ ବ୍ୟାପକ ହେବା ସହିତ ଟ୍ରକ୍ ସଂଖ୍ୟା ୨୦୨୨ର ୪ ମିଲିୟନ ତୁଳନାରେ ୧୭ ମିଲିୟନକୁ ବୃଦ୍ଧି ଆଶା ରହିଛି। ତଥ୍ୟ ମୁତାବକ ଭାରତରେ ପରିବହନ ସମ୍ପର୍କିତ କାର୍ବନ ଘର୍ଷଣର ସ୍ଥିତି ତୃତୀୟ ସ୍ଥାନରେ ଥିବାବେଳେ ଅଣକାର୍ବନୀକରଣକୁ ବ୍ୟବସାୟିକ ଭାବେ ତଥା ପରିବେଶ ଅଗ୍ରାଧିକାର ଭିତ୍ତିକ ଭାବରେ ପ୍ରସ୍ତୁତ କରାଯାଉଛି।

ଏ ସମ୍ପର୍କରେ ଟାଟା ମୋଟର୍ସର ଉପାଧ୍ୟକ୍ଷ ଏବଂ ବାଣିଜ୍ୟିକ ମୁଖ୍ୟ (ଟ୍ରକ୍‌ସ) ରାଜେଶ କୌଲ କହିଛନ୍ତି, ବିବିଧ ଇନ୍ଧନ ରଣନୀତି ସହ ଟାଟା ମୋଟର୍ସ ଏହି ପରିବର୍ତ୍ତିତ ଧାରାକୁ ବଜାର ରଖିଛି। ଯେଉଁ ଦିଗରେ କାର୍ଯ୍ୟ କରିବାକୁ ଆମକୁ ଆହୁରି ଆଗକୁ ବଢ଼ାଇଛି, ସେଗୁଡ଼ିକ ହେଉଛି ସମନ୍ୱିତକାରୀ ବ୍ୟାଟେରି–ଇଲେକ୍ଟ୍ରିକ, ଏଲ୍‌ଏନ୍‌ଜି ଏବଂ ହାଇଡ୍ରୋଜେନ କ୍ଷମତାଶାଳୀ ଟ୍ରକ୍, ଯାହାକି ବିବିଧ କାର୍ଯ୍ୟକାରୀ ଆବଶ୍ୟକତାକୁ ପୂରଣ କରିପାରିବ। ଟ୍ରକ୍ କ୍ଷେତ୍ରରେ କେବଳ ଗୋଟିଏ ପରିସରକୁ ନେଇ କାର୍ଯ୍ୟ ସମ୍ପାଦନ ଯଥେଷ୍ଟ ନୁହେଁ। ସଂକ୍ଷିପ୍ତ ରହଣି କାର୍ଯ୍ୟକାରିତା ପାଇଁ ଏହାକୁ ବ୍ୟବହାର କରାଯିବ। ଯେହେତୁ ବ୍ୟାଟେରି ପରିଚାଳିତ ବୈଦ୍ୟୁତିକ ଟ୍ରକ୍ ଆଦର୍ଶ, ସିଏନ୍‌ସି, ଏଲ୍‌ଏନ୍‌ଜି ତଥା ହାଇଡ୍ରୋଜେନ୍ ପ୍ରଦାନକାରୀ ସକ୍ଷମ ସମାଧାନ ଦୂର ରହଣି ମାଲ ପରିବହନ କାର୍ଯ୍ୟକାରିତା ପାଇଁ ସର୍ବୋତ୍କୃଷ୍ଟ ରହିଛି। ହାଇଡ୍ରୋଜେନ୍ କ୍ଷମତାଯୁକ୍ତ ଟ୍ରକ୍ ପ୍ରଣାଳୀ ବ୍ୟବସ୍ଥା ଲମ୍ବା ଅବଧି ଲକ୍ଷ୍ୟକୁ ଧରି ରଖିବା ସହିତ ବଡ଼ ଧରଣର ଗ୍ରହଣୀୟତା ଧୀର ମନ୍ଥର ହୋଇଛି। ଏଥିସହ ପ୍ରାକୃତିକ ଗ୍ୟାସ୍ ସମୂହ ଏବଂ ହାଇଡ୍ରୋଜେନ୍ ଇଣ୍ଟରନାଲ କମ୍ବସନ ଇଞ୍ଜିନ (ଏଚ୨–ଆଇସିଇ) ଜ୍ଞାନକୌଶଳ ଆଗାମୀ ଅବଧିରେ ପରିବର୍ତ୍ତନ ପାଇଁ ଯଥେଷ୍ଟ ଅଗ୍ରଣୀ ଭୂମିକା ଗ୍ରହଣ କରିବ ବୋଲି ସେ ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି।

## ସଂକ୍ଷେପରେ

### ଗୋଦାମ ଗୃହ ପୋଡ଼ିଦେଲେ ଦୁର୍ବୃତ୍ତ

ବ୍ରହ୍ମବରଦା,୪।୪(ଯଯାତି କେଶରୀ ବେହେରା)

ବ୍ରହ୍ମବରଦା ହାଟରେ ଜଣେ ବ୍ୟବସାୟୀଙ୍କ ଗୋଦାମ ଗୃହକୁ ଗୁରୁବାର ରାତିରେ କେହି ଦୁର୍ବୃତ୍ତ ନିଆଁ ଲଗାଇ ପୋଡ଼ି ଦେଇଛନ୍ତି। ଏନେଇ ବ୍ୟବସାୟୀ ରମେଶ ଚନ୍ଦ୍ର ଦଳାଇ ବ୍ରହ୍ମବରଦା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ବ୍ରହ୍ମବରଦା ପୋଲିସ ଓ ସାଇଣ୍ଟିଫିକ ଟିମ ଘଟଣାସ୍ଥଳରେ ପହଞ୍ଚି ଏହାର ତଦନ୍ତ କରିଛନ୍ତି। ଅଭିଯୋଗ ଅନୁଯାୟୀ, ଧର୍ମଶାଳା ଥାନା ଅଧୀନ ଅରାଵଳ ଗ୍ରାମର ରମେଶ ବ୍ରହ୍ମବରଦା ହାଟରେ ବିଡ଼ି, ଗୁଆ, କୋଲଥ, ଧନିଆ, ସୋରିଷ, ଚିନାବାଦାମ, ଚାଉଳ ଆଦି ସାମଗ୍ରୀ ବ୍ୟବସାୟ କରୁଛନ୍ତି। ବ୍ୟବସାୟ ପରେ ସେ ବଳକା ସାମଗ୍ରୀକୁ ନିକଟ ଗୋଦାମ ଘରେ ରଖି ଘରକୁ ଯାଆନ୍ତି। ସେ ଶୁକ୍ରବାର ସକାଳୁ ଗୋଦାମ ଘର ଖୋଲିବାକୁ ଯାଇଥିବାବେଳେ ଗୋଦାମ ଗୃହରେ ନିଆଁ ଲାଗିଥିବା ଦେଖିବାକୁ ପାଇଥିଲେ। ଏହି ଅଗ୍ନିକାଣ୍ଡରେ ଉକ୍ତ ଗୃହର କବାଟ ଜଳି ଘରେ ଥିବା ଲକ୍ଷାଧିକ ଟଙ୍କାର ସାମଗ୍ରୀ ଜଳିପୋଡ଼ି ପାଉଁଶ ହୋଇଯାଇଛି। ଏନେଇ ଥାନାରେ ନଂ.୭୦/୨୫ରେ ଏକ ମାମଲା ରୁଜୁ ହୋଇଛି।

### ପାର୍ଥସାରଥି ହେଲେ ଏମ୍‌ପିଙ୍କ ଦଶରଥପୁର ପ୍ରତିନିଧି

ଜୁଗୁଡ଼ୀ,୪।୪(ସରୋଜ ନାୟକ)

ଶିକ୍ଷାବିତ୍ ତଥା ସାମାଜିକ କର୍ମୀ ପାର୍ଥସାରଥି ମଲ୍ଲିକଙ୍କୁ ଯାଜପୁର ଏମ୍‌ପି ରବୀନ୍ଦ୍ର ନାରାୟଣ ବେହେରା ଦଶରଥପୁର ବ୍ଲକ ଶିକ୍ଷା ଓ ବିଭିନ୍ନ ଯୋଜନା ପାଇଁ ପ୍ରତିନିଧିଭାବେ ନିଯୁକ୍ତ କରିଛନ୍ତି। ଏ ସମ୍ପର୍କରେ ଏମ୍‌ପି ବେହେରା ଚିଠି ଏବଂ ବ୍ଲକ ଶିକ୍ଷାଧିକାରୀଙ୍କ ପତ୍ର ଲେଖି ଅବଗତ କରାଇଛନ୍ତି। ଚମ୍ପେଇପାଳ ପଞ୍ଚାୟତର ଓଡ଼େଇ ନୂଆଗାଁର ପାର୍ଥସାରଥି ଶିକ୍ଷାବିତ୍‌ଭାବେ ଅଞ୍ଚଳରେ ବେଶ୍ ପରିଚିତ। ବିଭିନ୍ନ ଜନକଲ୍ୟାଣ ଯୋଜନାରେ ଲୋକଙ୍କ ପାଇଁ ଦୀର୍ଘବର୍ଷ ଧରି କାର୍ଯ୍ୟ କରିଆସୁଛନ୍ତି। ଏପରି ଜଣେ ଦକ୍ଷ ବ୍ୟକ୍ତିତ୍ୱଙ୍କୁ ଏମ୍‌ପି ତାଙ୍କ ପ୍ରତିନିଧି ଭାବରେ ନିଯୁକ୍ତ କରିଥିବାରୁ ଦଶରଥପୁର ଅଞ୍ଚଳରେ ଖୁସିର ଲହରି ଖେଳିଯାଇଛି।

# ଶିକ୍ଷକ ଅଭାବ ପୂରଣ ଦାବିରେ ଛାତ୍ରୀଛାତ୍ରଙ୍କ ଧାରଣା

- ୨ ଶିକ୍ଷକରେ ଚାଲିଛି ପାଠପଢ଼ା
- ପ୍ରଥମରୁ ପଞ୍ଚମ ଶ୍ରେଣୀ ପିଲାଙ୍କ ପାଇଁ ଗୋଟିଏ ଶ୍ରେଣୀଗୃହ

ଦଶରଥପୁର,୪।୪(ସୁଶାନ୍ତ କୁମାର ବେହୁରିଆ)


ବିଦ୍ୟାଳୟ ଫାଟକ ଆଗରେ ଛାତ୍ରୀଛାତ୍ର ଧାରଣାରେ ବସିଛନ୍ତି।

ଦଶରଥପୁର ବ୍ଲକ ଅଧୀନ କଇଁ ପଞ୍ଚାୟତ ଦରଭା ଗ୍ରାମରେ ଥିବା ସରକାରୀ ଦରଭା ୟୁପିଏମ ବିଦ୍ୟାଳୟରେ ଶିକ୍ଷକ ଅଭାବ ପୂରଣ ଦାବିରେ ଆନ୍ଦୋଳନ କରାଯାଇଛି। ଶୁକ୍ରବାର ଛାତ୍ରୀଛାତ୍ର ଓ ଗ୍ରାମବାସୀ ବିଦ୍ୟାଳୟ ଫାଟକରେ ତାଲା ପକାଇ ବିଦ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି। ଉକ୍ତ ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀରେ ୨୦୨୩-୨୦୨୪ରେ ସମୁଦାୟ ୭୧ ଛାତ୍ରୀଛାତ୍ର ପାଠ ପଢୁଥିଲେ। ଚଳିତ ବର୍ଷ ନାମ ଲେଖା ଚାଲୁରହିଛି। ପ୍ରଧାନଶିକ୍ଷକ ଭାଗିରଥି ପୃଷ୍ଟିଙ୍କ କହିବା ଅନୁଯାୟୀ, ଆଉ କିଛି ପିଲା ବଢିବେ ଏହି ବର୍ଷ। ହେଲେ ଦୁଃଖର କଥା ଏଠାରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ପିଲାଙ୍କୁ ଗୋଟିଏ ଶ୍ରେଣୀ ଗୃହରେ ପଢ଼ାଯାଉଛି। ଷଷ୍ଠ ଓ ସପ୍ତମ ଶ୍ରେଣୀ ପିଲାଙ୍କୁ ମଧ୍ୟ ଗୋଟିଏ ଶ୍ରେଣୀ ଗୃହରେ ପଢ଼ାଯାଉଛି। ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢ଼ାଇବାକୁ ମାତ୍ର ୨ ଶିକ୍ଷକ ରହିଛନ୍ତି। ସବୁଦିନ ପରି ଶୁକ୍ରବାର ପ୍ରଧାନଶିକ୍ଷକ ଭାଗିରଥି ପୃଷ୍ଟି ବିଦ୍ୟାଳୟ ତାଲା ଖୋଲିଥିଲେ। ଏହାପରେ ଛାତ୍ରୀଛାତ୍ର ଆସି ହଟଗୋଳ କରିଥିଲେ। ଗ୍ରାମବାସୀ ଆସି ପଚାରିବାରୁ ଛାତ୍ରୀଛାତ୍ରମାନେ ଶିକ୍ଷକ ଅଭାବ ସମସ୍ୟା ସମ୍ପର୍କରେ କହିଥିଲେ। ଶିକ୍ଷକ ନାହାନ୍ତି, ଆମେ ପାଠ ପଢ଼ି ପାରୁନାହୁଁ କହି ବାହାରକୁ ପଳାଇ ଆସିଥିଲେ। ଏହାପରେ ଗ୍ରାମବାସୀ ଓ ଛାତ୍ରୀଛାତ୍ର ୨ ଶିକ୍ଷକଙ୍କୁ ସ୍କୁଲ ଭିତରେ ଅଟକ ରଖି ବିଦ୍ୟାଳୟ ଫାଟକ ସମ୍ମୁଖରେ ସକାଳ ୭ଟାରୁ ୧ଯାଏ ତାଲା ପକାଇ ଧାରଣାରେ ବସି ରହିଥିଲେ। ହେଲେ କୌଣସି ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ନ ଥିଲେ। ଖରା ବଢ଼ିବାରୁ ଗ୍ରାମବାସୀ ଓ ଛାତ୍ରୀଛାତ୍ର ଧାରଣାରୁ ଉଠି ପଳାଇଥିଲେ। ଶନିବାର ପୁଣି ଥରେ ଧାରଣାରେ ବସିବେ ବୋଲି ଚେତାବନୀ ଦେଇଥିଲେ। ଏଥିପ୍ରତି ଯାଜପୁର ଜିଲାପାଳ ଓ ଦଶରଥପୁର ଶିକ୍ଷା ଅଧିକାରୀ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।

# ବୁଥ୍‌ସ୍ତରୀୟ ଏଜେଣ୍ଟ ନିଯୁକ୍ତି ନେଇ ସର୍ବଦଳୀୟ ବୈଠକ

## ବଡ଼ଚଣା ବିଧାନସଭା ନିର୍ବାଚନମଣ୍ଡଳୀ


ବୈଠକରେ ଯୋଗଦେଇଥିବା ଅଧିକାରୀ ଓ ରାଜନୈତିକ ଦଳର ପ୍ରତିନିଧି।

**ଯାଜପୁର,୪।୪(ହର୍ଷବର୍ଦ୍ଧନ ବେହେରା):** ନିର୍ବାଚନ ଆୟୋଗଙ୍କ ମାର୍ଗଦର୍ଶିକା ଅନୁଯାୟୀ ଶୁକ୍ରବାର ଅତିରିକ୍ତ ଜିଲାପାଳ(ରାଜସ୍ୱ)ଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ବଡ଼ଚଣା ବିଧାନସଭା ନିର୍ବାଚନମଣ୍ଡଳୀର ବୁଥ୍‌ସ୍ତରୀୟ ଏଜେଣ୍ଟ (ବିଏଲ୍ଏ)ନିଯୁକ୍ତି ପାଇଁ ରାଜନୈତିକ ଦଳଗୁଡ଼ିକର ପ୍ରତିନିଧିଙ୍କ ସହିତ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ନିର୍ବାଚନରେ ସ୍ୱଚ୍ଛତା ପାଇଁ ନିର୍ଭୁଲ ଭୋଟର ତାଲିକାର ଭୂମିକା ବିଷୟରେ ଅତିରିକ୍ତ ଜିଲାପାଳ ଆଲୋକପାତ କରିଥିଲେ। ଜିଲାର ପ୍ରତି ବୁଥ୍‌ରେ ରାଜନୈତିକ ଦଳ ଦ୍ୱାରା ବିଏଲ୍ଏ ନିଯୁକ୍ତି କରିବା ପ୍ରକ୍ରିୟା ନେଇ ଫର୍ମ ୧ ଓ ଫର୍ମ ୨ ବିଷୟରେ ଅତିରିକ୍ତ ଜିଲାପାଳ ଶିବାନନ୍ଦ ସ୍ୱାଇଁ ବୁଝାଇଥିଲେ। ଭୋଟର ତାଲିକାରେ ଯୋଗ, ବିୟୋଗ, ସଂଶୋଧନ, ସ୍ଥାନାନ୍ତର ଆଦି ପାଇଁ ବିଏଲ୍ଏମାନେ ବୁଥ୍‌ସ୍ତରୀୟ ଅଧିକାରୀ (ବିଏଲଓ)ମାନଙ୍କ ସହ ମିଶି କାର୍ଯ୍ୟ କରିବା ଉପରେ ସେ ଗୁରୁତ୍ୱ ଦେଇଥିଲେ। କାର୍ଯ୍ୟକ୍ରମର ସଂଯୋଜକ ଡେପୁଟି କଲେକ୍ଟର ତଥା ନିର୍ବାଚନ ଶାଖା ଅଧିକାରୀ ଦୀପ୍ତିମୟୀ ବେହେରା ବୈଠକର ଆଭିମୁଖ୍ୟ ଓ ଗୁରୁତ୍ୱ ଉପରେ ଆଲୋକପାତ କରି ସମସ୍ତ ଦଳର କର୍ମକର୍ତ୍ତାଙ୍କୁ ନିର୍ଦ୍ଧାରିତ ଫର୍ମ ଯୋଗାଇ ଦେଇଥିଲେ। ବୈଠକରେ ଭାରତୀୟ ଜାତୀୟ କଂଗ୍ରେସ ତରଫରୁ ଦୁର୍ଯ୍ୟୋଧନ ବେହେରା, ସିପିଆଇ (ଏମ୍) ତରଫରୁ ନିମାଇଁ ରଥ ଓ ବିଏସ୍‌ପି ତରଫରୁ ଅକ୍ଷୟ କୁମାର ଜେନା ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# ଯାଜପୁର ପୋଲିସ ପକ୍ଷରୁ ମୋବାଇଲ ଫୋନ୍ ମେଳା

## ୧୦ ଜଣ ଫେରିପାଇଲେ ଚୋରି ମୋବାଇଲ ଫୋନ୍


ମେଳାରେ ଲୋକଙ୍କୁ ମୋବାଇଲ ଫୋନ୍ ଫେରସ୍ତ କରାଯାଉଛି।

ପାଣିକୋଇଲି,୪।୪(ବିକାଶ ମଲ୍ଲିକ)

ଯାଜପୁର ଜିଲାର ବିଭିନ୍ନ ଥାନା ଅଞ୍ଚଳରୁ ଚୋରି ହୋଇଥିବା ମୋବାଇଲ ଫୋନକୁ ଜବତ କରାଯାଇ ଫୋନର ପ୍ରକୃତ ମାଲିକଙ୍କୁ ଦିଆଯାଉଛି। ଏନେଇ ଯାଜପୁର ପୋଲିସ ପକ୍ଷରୁ ଏକ ମୋବାଇଲ ମେଳା ପାଣିକୋଇଲିସ୍ଥିତ ଜିଲା ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ମେଳାରେ ଜିଲାର ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଅନିରୁଦ୍ଧ ରାଉତରାୟ ଯୋଗଦେଇ ବିଭିନ୍ନ ଥାନା ପକ୍ଷରୁ ଜବତ ହୋଇଥିବା ୪୮ ମୋବାଇଲ ଫୋନ ମଧ୍ୟରୁ ମେଳାକୁ ଆସିଥିବା ୧୦ ଜଣ ବ୍ୟକ୍ତିଙ୍କୁ ସେମାନଙ୍କ ମୋବାଇଲ ଫୋନ ପ୍ରଦାନ କରିଥିଲେ। ବାକି ୩୮ ଫୋନକୁ ମାଲିକ ଉପଯୁକ୍ତ ପ୍ରମାଣ ଦେଇ ନିଜ ନିଜ ଥାନାରୁ ନେଇଯିବେ ବୋଲି ରାଉତରାୟ ପ୍ରକାଶ କରିଥିଲେ। ଜିଲାର କଳିଙ୍ଗନଗର, ବିଞ୍ଝାରପୁର, ଯାଜପୁର ସଦର, କୋରେଇ, ଧର୍ମଶାଳା ଓ ପାଣିକୋଇଲି ଥାନା ଅଞ୍ଚଳରୁ ଏକ ବର୍ଷ ମଧ୍ୟରେ ଉକ୍ତ ମୋବାଇଲଗୁଡ଼ିକ ଚୋରି ହୋଇଥିବା ସମ୍ପୃକ୍ତ ଥାନାରେ ଅଭିଯୋଗ ହୋଇଥିଲା। ପରେ ଏହି ମୋବାଇଲ ଫୋନ୍‌ଗୁଡ଼ିକୁ ଟ୍ରାକିଂ କରି ଧରାଯାଇଥିଲା। ଯାଜପୁର ଜିଲା ପୋଲିସ ପ୍ରଥମ ଥର ପାଇଁ ଏଭଳି କାର୍ଯ୍ୟକ୍ରମ କରିଛି ବୋଲି ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଥିଲେ। ଏଥିସହିତ ସାଧାରଣ ଜନତାଙ୍କୁ ସେଣ୍ଟ୍ରାଲ ଇକ୍ୱିପମେଣ୍ଟ ଆଇଡେଣ୍ଟି ରେଜିଷ୍ଟର ମୋବାଇଲ ଆପ ବିଷୟରେ ଅବଗତ କରାଇଥିଲେ। ଯାହାଙ୍କର ମୋବାଇଲ ଫୋନ ଚୋରି ହୋଇଛି ସେମାନେ, ଥାନାକୁ ନ ଯାଇ ଉକ୍ତ ଆପ ମାଧ୍ୟମରେ ଚୋରି ହୋଇଯାଇଥିବା ମୋବାଇଲର ଆଇଏମଆଇଇ ନମ୍ବରକୁ ରେଜିଷ୍ଟ୍ରେଶନ କରିବାକୁ ସେ ଅନୁରୋଧ କରିଥିଲେ। ଏହାଦ୍ୱାରା ଅଭିଯୋଗ ସିଧା ପୋଲିସ ମୁଖ୍ୟାଳୟରେ ପହଞ୍ଚି ପାରିବ ଓ ପୋଲିସ ଉକ୍ତ ମୋବାଇଲକୁ ଟ୍ରାକିଂ କରି ପ୍ରକୃତ ମାଲିକଙ୍କୁ ଫେରାଇପାରିବ ବୋଲି ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ରାଉତରାୟ ପ୍ରକାଶ କରିଥିଲେ। ଉକ୍ତ ମେଳାରେ ରିଜର୍ଭ ଇନ୍ସପେକ୍ଟର ଦୀନେଶ କୁମାର ସାହୁଙ୍କ ସମେତ ବିଭିନ୍ନ ଥାନାର କର୍ମଚାରୀ ଉପସ୍ଥିତ ଥିଲେ।

# ଦୁର୍ଘଟଣାରେ ୬ ଭକ୍ତ ଆହତ

ସିଂହପୁର,୪।୪(ଅନଙ୍ଗ ଉଦୟ ବେଉରିଆ)

ବିଞ୍ଝାରପୁର ବ୍ଲକ ମାଧପୁର ସାଇ ମନ୍ଦିରର ବାର୍ଷିକ ଉତ୍ସବ ପାଇଁ ଅନୁଷ୍ଠିତ କଳସଯାତ୍ରାରେ ସାମିଲ ହୋଇଥିବା ୬ଜଣ ଭକ୍ତ ଦୁର୍ଘଟଣାରେ ଆହତ ହୋଇଛନ୍ତି। ସେମାନେ ହେଲେ ତଳବନ୍ଧ ଗ୍ରାମର ସୌଦାମିନୀ ଦାସ, ଜ୍ୟୋସ୍ନାରାଣୀ ଦାସ, ପୂଜା ଦାସ, ରଚନା ଦାସ ଓ ପୁଷ୍ପାରାଣୀ ଦାସ ପ୍ରମୁଖ। ଭକ୍ତମାନେ ଶୋଭାଯାତ୍ରାରୁ ଫେରିବା ବେଳେ ରାସ୍ତାରେ ଜଣେ ଅଟୋ ଚାଳକ ସେମାନଙ୍କୁ ତଳେବନ୍ଧରେ ଛାଡି ଦେବାକୁ କହି ଅଟୋରେ ଆଣିଥିଲେ। ଅଟୋଟି ରାସ୍ତା କଡରେ ଥିବା ଏକ ବିଦ୍ୟୁତ୍ ଖୁଣ୍ଟରେ ପିଟି ହୋଇଯାଇଥିଲା। ଫଳରେ ଅଟୋରେ ଥିବା ସମସ୍ତ ଯାତ୍ରୀଙ୍କ ଶରୀରରେ ଗଭୀର ଆଘାତ ଲାଗିଥିଲା। ସ୍ଥାନୀୟ ଲୋକେ ଆହତଙ୍କୁ ଉଦ୍ଧାର କରି ବିଞ୍ଝାରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ୨ ଜଣଙ୍କ ଅବସ୍ଥା ଅଧିକ ଗୁରୁତର ଥିବାରୁ ସେମାନଙ୍କୁ ଯାଜପୁର ଜିଲା ଚିକିତ୍ସାଳୟକୁ ପଠାଯାଇଥିଲା। ସମ୍ପୃକ୍ତ ଅଟୋ ଚାଳକ ମଦ୍ୟପାନ କରି ଗାଡି ଚଳାଉଥିବା ଆହତମାନେ ଅଭିଯୋଗ କରିଛନ୍ତି। ଆହତଙ୍କ ମଧ୍ୟରେ ଜଣେ ଶିଶୁ ରହିଥିବା ସୂଚନା ମିଳିଛି।

# ଗାଡ଼ି ଧକ୍କାରେ ପଥଚାରୀ ମୃତ

**କଳିଙ୍ଗନଗର,୪।୪(ଶୁଭାଶିଷ ରାଉତ):** ଟମକା ଥାନା ଅନ୍ତର୍ଗତ ଟମକା ବଜାର ନିକଟରେ ରାତିରେ ଘରକୁ ଯିବା ସମୟରେ ଅଜଣା ଗାଡି ଧକ୍କାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଛି। ସେ ହେଲେ ଉପର ଟମକା ଗ୍ରାମର ଚୈତନ୍ୟ ଦାସ(୫୨)। ଚୈତେନ୍ୟ ଚାଲିକି ଯିବା ବେଳେ ପଛରୁ ଏକ ଗାଡ଼ି ଆସି ତାଙ୍କୁ ଧକ୍କା ଦେଇଥିଲା। ଫଳରେ ସେ ଘଟଣାସ୍ଥଳରେ ଗୁରୁତର ହୋଇଥିଲେ। ଲୋକେ ତାଙ୍କୁ ଉଦ୍ଧାର କରି ଦାନଗଦି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷାଣ କରିଥିଲେ। ଏନେଇ ପୋଲିସ ନଂ.୭୫/୨୫ ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

# ବ୍ୟାସନଗର କେନ୍ଦ୍ରୀୟ ବିଦ୍ୟାଳୟରେ ଡ୍ରଇଂ ପ୍ରତିଯୋଗିତା

## ଜଙ୍ଗଲ ସଚେତନତା କ୍ଷେତ୍ରରେ ବନବିଭାଗର ଅଭିନବ ପ୍ରୟାସ


ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀ।

କୋରେଇ,୪।୪(ଚନ୍ଦ୍ରକାନ୍ତ ପତି): ଯାଜପୁର ରୋଡ୍ ବନବିଭାଗ ପକ୍ଷରୁ ବ୍ୟାସନଗର ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କୁ ନେଇ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ସହକାରୀ ବନ ସଂରକ୍ଷକ(ଏସ୍‌ସିଏଫ) ସନ୍ତୋଷ କୁମାର ପତି ମୁଖ୍ୟଅତିଥି ଭାବେ ଯୋଗଦେଇ ଧରାପୃଷ୍ଠରେ ଜୀବନଚକ୍ରର ଭାରସାମ୍ୟ ରକ୍ଷା କରିବାରେ ତଥା ମନୁଷ୍ୟ ଜୀବନଚର୍ଯ୍ୟାରେ ଜଙ୍ଗଲର ଅନିବାର୍ଯ୍ୟ ଆବଶ୍ୟକତା ବିଷୟରେ ଜନସାଧାରଣଙ୍କୁ ବୁଝାଇବା ଏବଂ ଏହି ଅମୂଲ୍ୟ ସମ୍ପଦର ସୁରକ୍ଷା ପାଇଁ ସଚେତନତା ସୃଷ୍ଟି କରିବା ଆବଶ୍ୟକ ବୋଲି କହିଥିଲେ। ବିଦ୍ୟାଳୟର ମୁଖ୍ୟ ପରିଚାଳକ କମଲେଶ କୁମାର ଯୋଗଦେଇ ସମାଜରେ ମନୁଷ୍ୟକୁ ବଞ୍ଚିବାର ଯେତିକି ଅଧିକାର ଅଛି ବନ୍ୟଜନ୍ତୁ ତଥା ପଶୁପକ୍ଷୀମାନେ ବଞ୍ଚିବା ମଧ ସେତିକି ଗୁରୁତ୍ୱ ବହନ କରେ ଏବଂ ମାନବ ସମାଜ ଜଙ୍ଗଲ ଓ ବନ୍ୟଜନ୍ତୁଙ୍କ ସୁରକ୍ଷା ଦିଗରେ ଯତ୍ନବାନ ହେବା ଆବଶ୍ୟକ ବୋଲି ସେ କହିଥଷଲ। ପ୍ରତିଯୋଗିତାରେ ଦିବ୍ୟାଶ୍ରୀ ଦାସ ଜଙ୍ଗଲ ଓ ପରିବେଶ ବିଭାଗ ଉପରେ ଉତ୍ତମ ଚିତ୍ର ଆଙ୍କି ପ୍ରଥମ ସ୍ଥାନ ଅଧିକାର କରିଥିବାବେଳେ ସ୍ମୃତିସନ୍ଧ୍ୟା ପରିଡ଼ା ଦ୍ୱିତୀୟ ଏବଂ ଆୟୀଶା ସାହୁ ତୃତୀୟ ସ୍ଥାନ ଅଧିକାର କରିଥିଲେ।

ଏସ୍‌ସିଏଫପତି ଓ ବିଦ୍ୟାଳୟର ମୁଖ୍ୟ ପରିଚାଳକ ସେମାନଙ୍କୁ ମାନପତ୍ର ଦେଇ ସମ୍ମାନିତ କରିଥିଲେ। ଯାଜପୁର ରୋଡ୍ ବନଖଣ୍ଡ ଅଧିକାରୀ ଧର୍ମେନ୍ଦ୍ର ପ୍ରଧାନ, ଫରେଷ୍ଟର ନିଳିମା ପ୍ରିୟଦର୍ଶିନୀ ନାୟକ, ଆନନ୍ଦ ପାତ୍ର, ଫରେଷ୍ଟ ଗାର୍ଡ ସାଇସ୍ମୃତି ବିଶ୍ୱାଳ ଏହି କାର୍ଯ୍ୟକ୍ରମକୁ ଆୟୋଜନ କରିଥିଲେ। ବିଦ୍ୟାଳୟର ଡ୍ରଇଂ ଶିକ୍ଷକ ମାନସରଞ୍ଜନ ପରିଡା ଏବଂ ଇଂଲିଶ ଶିକ୍ଷୟିତ୍ରୀ ସିମନ୍ତିନୀ ମିଶ୍ର ପ୍ରମୁଖ ସହଯୋଗ କରିଥିଲେ।

# ବ୍ୟାଙ୍କ ମ୍ୟାନେଜରଙ୍କ ଭଡ଼ା ଘରୁ ଚୋରି

**କାଏମା,୪।୪(ଶିବପ୍ରସାଦ ମହାନ୍ତି):** ଧର୍ମଶାଳା ଥାନା ଅଞ୍ଚଳରେ କିଛି ଦିନ ହେବ ମାତିଛନ୍ତି ଲୁଟେରା। ଦିନ ଦ୍ୱିପହର ହେଉ କିମ୍ୱା ରାତି ଘରେ ପଶି ଲୁଟ୍ କରୁଛନ୍ତି। ଗୁରୁବାର ରାତିରେ ଉକ୍ତ ଥାନା ଅନ୍ତର୍ଗତ ଶାନ୍ତିବଜାର ନିକଟ ଏକ କଲୋନୀରେ ପଶି ଝରକା ଭାଙ୍ଗି ୩ ଦୁର୍ବୃତ୍ତ ଜଣଙ୍କ ଘରେ କଳାକନା ବୁଲାଇଛନ୍ତି। ଲୁଟ୍‌ର ଶିକାର ବ୍ୟକ୍ତି ହେଲେ ଚଣ୍ଡିଖୋଲ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କର ଶାଖା ପରିଚାଳକ କୌବ୍ୟଲ୍ୟା ପଣ୍ଡା। ଉକ୍ତ ଘରେ ଓ ପାଖ ଘରର ସିସିଟିଭି ଫୁଟେଜରେ ଦେଖିବାକୁ ମିଳୁଛି ରାତ୍ର ପ୍ରାୟ ୧୨ଟା୨୨ରେ ଏକ କାର ଯୋଗେ ୩ ଦୁର୍ବୃତ୍ତ ଘର ନିକଟକୁ ଆସୁଛନ୍ତି ଓ ଘରର ପାଚେରି ଡେଇଁ ଭିତରକୁ ପଶି ଝରକା ତାଡ଼ି ଭିତରକୁ ପଶୁଛନ୍ତି।

ଏ ସମ୍ପର୍କରେ କୌବ୍ୟଲ୍ୟା କହିଛନ୍ତି, ରାତିରେ ତାଙ୍କ ଭଡ଼ା ଘରର କବାଟ ବାହାରୁ କେହି ବନ୍ଦ କରିଥିବା ତାଙ୍କୁ ଫୋନ ଯୋଗେ ପଡ଼ୋଶୀ ଜଣାଇଥିଲେ। କୌବ୍ୟଲ୍ୟା ଘରର ମାଲିକଙ୍କୁ ଜଣାଇବା ପରେ ଉଭୟ ମିଶି ଉକ୍ତ ଘରର କବାଟ ଖୋଲିଥିଲେ। ଏହାପରେ ତାଙ୍କ ଘରର ବନ୍ଦ ଥିବା ଏକ ରୁମର ଝରକା ଭଙ୍ଗା ଯାଇଥିବା ଦେଖିବାକୁ ପାଇଥିଲେ। ଦୁର୍ବୃତ୍ତ ତାଙ୍କ ଘରୁ ୨୦ହଜାର ଟଙ୍କା ଓ ରୂପାଅଳଙ୍କାର ଲୁଟି ନେଇଥିଲେ। ଏହା ଦେଖି ସେ ୧୧୨କୁ ଫୋନ୍ କରି ସୂଚନା ଦେଇଥିଲେ। ଦେଢ଼ ଘଣ୍ଟା ବିଳମ୍ୱରେ ପୋଲିସ ପହଞ୍ଚି ତନାଘନା କରିଥିଲା। ସକାଳୁ ଜଣେ ଏଏସ୍ଆଇ ପହଞ୍ଚି ଘର ମାଲିକ ଓ ଭଡ଼ାରେ ଥିବା ବ୍ୟାଙ୍କ ଅଧିକାରୀଙ୍କୁ ଦୁର୍ବ୍ୟବହାର କରିଥିଲେ। ଥାନା ଅଧିକାରୀ ଏହି ଘଟଣାକୁ ନେଇ ଦୁଃଖ ପ୍ରକାଶ କରିଥିଲେ। ମଧ୍ୟାହ୍ନରେ ପୋଲିସ ପକ୍ଷରୁ ସାଇଣ୍ଟିଫିକ ଟିମ ଓ ସନ୍ଧାନୀ କୁକୁର ସହାୟତାରେ ତଦନ୍ତ କରାଯାଇଥିଲା। ଦୁର୍ବୃତ୍ତଙ୍କୁ ଶୀଘ୍ର କାବୁ କରାଯିବ ବୋଲି ଥାନା ଅଧିକାରୀ ରଞ୍ଜନ କୁମାର ମାଝୀ କହିଛନ୍ତି। ଅନ୍ୟପକ୍ଷରେ କିଛିଦିନ ତଳେ ଉତ୍ତରପ୍ରତାପ ଗ୍ରାମର ଜଣଙ୍କ ଘରୁ ଦୁର୍ବୃତ୍ତ ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ଲୁଟି ନେଇଥିଲେ। ଏହାପୂର୍ବରୁ ସମାନ ଢଙ୍ଗରେ ଅବସରପ୍ରାପ୍ତ ଅଧ୍ୟାପକ ରାଧାଶ୍ୟାମ ସାହୁଙ୍କ ଘରୁ ୨୦ ଭରି ସୁନା ଅଳଙ୍କାର ଦୁର୍ବୃତ୍ତ ଲୁଟ୍ କରିଥିଲେ। ବାରମ୍ୱାର ଚୋରି ହେଉଥିବାରୁ ଲୋକେ ଭୟଭୀତ ହୋଇ ପଡ଼ିଛନ୍ତି। ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ସହ ପାଟ୍ରୋଲିଂ କଡ଼ାକଡ଼ି କରିବାକୁ ଦାବି ହୋଇଛି।

# ଓଡ଼ିଆରେ ନାମଫଳକ ପାଇଁ ସଚେତନତା

ଯାଜପୁରରୋଡ୍,୪।୪(ପବିତ୍ର ରଞ୍ଜନ ମହାନ୍ତି)


ସଚେତନତା ଶୋଭାଯାତ୍ରାର ଶୁଭାରମ୍ଭ କରାଯାଉଛି।

ରାଜ୍ୟ ସରକାରଙ୍କ ପକ୍ଷରୁ ବିଭିନ୍ନ ବିଭାଗ ଦ୍ୱାରା 'ଓଡ଼ିଆ ପକ୍ଷ ପାଳନ' କରାଯାଉଛି। ଏହା ଏପ୍ରିଲ ୧ରୁ ୧୪ତାରିଖ ପର୍ଯ୍ୟନ୍ତ ପାଳନ ହେବ। ଏହିକ୍ରମରେ ଶ୍ରମ ବିଭାଗ ପକ୍ଷରୁ ଯାଜପୁର ଜିଲାରେ ଶୁକ୍ରବାର ଦୋକାନ ଓ ବାଣିଜ୍ୟକ ପ୍ରତିଷ୍ଠାନଗୁଡିକରେ ଓଡ଼ିଆରେ ସ୍ପଷ୍ଟ ଭାବେ ନାମଫଳକ ଲେଖିବା ସମ୍ବନ୍ଧୀୟ ଏକ ସଚେତନତା ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହିପଦଯାତ୍ରାକୁ କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସପନ କୁମାର ନନ୍ଦ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ସଚେତନତା ପଦଯାତ୍ରା ଯାଜପୁରରୋଡ ରେଳ ଷ୍ଟେଶନରୁ ଆରମ୍ଭ ହୋଇ ଧବଳଗିରିସ୍ଥିତ ଶ୍ରମ କାର୍ଯ୍ୟାଳୟ ଠାରେ ସମାପ୍ତ ହୋଇଥିଲା। ସଚେତନତା ରଥ ବ୍ୟାସନଗର ଏବଂ ଯାଜପୁର ପୌରପରିଷଦରେ ଲୋକଙ୍କୁ ସଚେତନ କରାଇବ। ଏଥିରେ ଯାଜପୁର ରେଞ୍ଜ ଯୁଗ୍ମ ଶ୍ରମ ଆୟୁକ୍ତ ଶିବଶଙ୍କର ମିଶ୍ର, ଜିଲା ପ୍ରଭାଗୀୟ ଶ୍ରମ ଆୟୁକ୍ତ ସତ୍ୟନାରାୟଣ ଆଚାର୍ଯ୍ୟ, ସହକାରୀ ଶ୍ରମ ଅଧିକାରୀ ସଞ୍ଜିତ ଦେଓ, ସୁନନ୍ଦା ବିଶାଳ, ସୌମ୍ୟ ସୁନ୍ଦର ରାଉତରାୟ, ସୌମ୍ୟରଞ୍ଜନ ବେହେରା, ସ୍ମୃତି ରଞ୍ଜନ ପଣ୍ଡା, ରଚନା ସେଠୀ ପ୍ରମୁଖଙ୍କ ସହ ଜିଲା ଶ୍ରମ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଯୋଗ ଦେଇଥିଲେ। ବ୍ୟାସନଗର ମହାବିଦ୍ୟାଳୟର କଲେଜ ଛାତ୍ର ଏହି ପଦଯାତ୍ରାରେ ସାମିଲ ହୋଇଥିଲେ। ଏଥିସହିତ ବିଭିନ୍ନ ଶ୍ରମିକ ସଙ୍ଗଠନର କର୍ମକର୍ତ୍ତା, ନିର୍ମାଣ ଶ୍ରମିକ, ବ୍ୟାସନଗର ବାଣିଜ୍ୟକ ପ୍ରତିଷ୍ଠାନର କର୍ମକର୍ତ୍ତା ପ୍ଲାକାର୍ଡ ମାନ ଧରି ସବୁ ଦୋକାନ ଓ ବାଣିଜ୍ୟକ ପ୍ରତିଷ୍ଠାନରେ ନାମଫଳକ ଓଡ଼ିଆ ଭାଷାରେ ଅତ୍ୟନ୍ତ ସ୍ପଷ୍ଟ ଭାବେ ଲେଖିବାକୁ ପ୍ରୋତ୍ସାହିତ କରିଥିଲେ।

**OFFICE OF THE DISTRICT PROJECT COORDINATOR**
**SAMAGRA SIKSHYA, SUBARNAPUR**
ଶିକ୍ଷା ଅଧିକାର
E-mail : dpcsonepurssa.opepa@nic.in, Ph.: 06654-220551 / 06654-220514 (fax)
Letter No. 817 Date : 03.04.2025
**SHORT TENDER CALL NOTICE FOR PRINTING & SUPPLY OF PM SHRI LOGO BADGE FOR TEACHERS AND STUDENTS OF PM-SHRI SCHOOLS (2024-25)**
Sealed Tenders are invited in prescribed format from reputed firms / individuals having valid GST Registration Number and valid PAN for printing and supply of P.M. SHRI Logo Badge for Teachers and Students of PM-SHRI Schools of Subarnapur Distrct for the year 2024-25. The tender paper will be submitted to District Project Coordinator, Samagra Shiksha, Subarnapur latest by 15.04.2025. Details Bid documents can be down loaded from the official website https://subarnapur.odisha.gov.in & https://osepa.odisha.gov.in.
By order of Collector-cum-Chairman, Samagra Shiksha, Subarnapur
Sd/- DEO-cum-DPC, Samagra Shiksha, Subarnapur

**OFFICE OF THE DISTRICT PROJECT COORDINATOR**
**SAMAGRA SIKSHYA, SUBARNAPUR**
ଶିକ୍ଷା ଅଧିକାର
E-mail : dpcsonepurssa.opepa@nic.in, Ph.: 06654-220551 / 06654-220514 (fax)
Letter No. 824 Date : 03.04.2025
**SHORT TENDER CALL NOTICE FOR PRINTING & SUPPLY OF IDENTITY CARDS FOR TEACHERS AND STUDENTS OF PM-SHRI SCHOOLS (2024-25)**
Sealed Tenders are invited in prescribed format from reputed firms / individuals having valid GST Registration Number and valid PAN for printing and supply of Identity Cards for Teachers and Students of PM-SHRI Schools of Subarnapur Distrct for the year 2024- 25. The tender paper will be submitted to District Project Coordinator, Samagra Shiksha, Subarnapur latest by 15.04.2025. Details Bid documents can be down loaded from the official website https://subarnapur.odisha.gov.in & https://osepa.odisha.gov.in.
By order of Collector-cum-Chairman, Samagra Shiksha, Subarnapur
Sd/- DEO-cum-DPC, Samagra Shiksha, Subarnapur

ଆବଶ୍ୟକ
ପୁରୀରେ ରୋଷେଇ କରିବା ପାଇଁ ଗୋଟିଏ ପୁଅ ପିଲା ଦରକାର। ବୟସ – 25 ରୁ 30 ବର୍ଷ। ଦରମା ମାସିକ 10 ହଜାର +। ଏଥି ସହିତ ରହିବା ଏବଂ ଖାଇବା ମାଗଣା ବ୍ୟବସ୍ଥା ଅଛି।
ଯୋଗାଯୋଗ - 9437281147

APPOINTMENT
Digitomesh, a leading Software Company required TECHNICAL / NON TECHNICAL, RETIRED OFFICIALS.
Contact : 8093008289
Bhubaneswar, Puri

ଆବଶ୍ୟକ
ଭୁବନେଶ୍ୱରସ୍ଥିତ PLASTIC FACTORY ପାଇଁ Helper, Operator, Marketing Executive ଆବଶ୍ୟକ।
Contact: 8763300340
Email: servingwareh@gmail.com

WANTED
SALES EXECUTIVE
for selling Automotive Battery, based in PURI & BHUBANESWAR. Interested candidates may send resumes to
email ID: tbsa.bbsr@gmail.com
Call -7008713919

JOB OPPORTUNITIES

| Sr. No. | Post | Qualification | Sex | Experience | Nos |
|---|---|---|---|---|---|
| 1 | Office Co-ordinator | PGDCA & Tally (Good Computer Skill) | F/M | 1 year / Fresher | 1 |
| 2 | Office Co-ordinator | DTP (Good Typing Skill) | F/M | 1 year | 1 |
| 3 | Care Taker | | M | 1 year | 2 |
| 4 | Room service | | M | 1 year | 2 |
| 5 | Receptionist | Graduation | M/F | 1 year (Hotel Industry) | 2 |

Cont. Details : KM Convention (Wedding Hall), Bhubaneswar
Send Your resume by mail or Whatsapp (Whatsapp no - 8249579908 & 9556924496)
Mail Id : khatamitha717@gmail.com
Cont. No. - 8249579908 (Cont. between 11:30 A.M. to 5.30 P.M.)

भारतीय बीमा संस्थान
INSURANCE INSTITUTE OF INDIA
**NOTICE INVITING TENDER**
We are pleased to invite applications for a commercial space on rental basis ideally situated within a 15-kilometer radius of the **Sachivalaya, Bhubaneswar.** The details of Bid requirements are published on our website. Kindly visit **www.insuranceinstituteofindia.com → Tender → Bid for renting premises at Bhubaneswar.** The last date for submission of applications is **21st April, 2025.** For any queries, send email to lanjekar@iii.org.in
**SECRETARY GENERAL**

**ଭାରତୀୟ ଅନ୍ତର୍ଦେଶୀୟ ଜଳମାର୍ଗ ପ୍ରାଧିକରଣ**
ବନ୍ଦର, ଜାହାଜ ଚଳାଚଳ ଓ ଜଳମାର୍ଗ ମନ୍ତ୍ରଣାଳୟ, ଭାରତ ସରକାର
ଆଞ୍ଚଳିକ କାର୍ଯ୍ୟାଳୟ: ଭିଆର୍-୭୨, ୟୁନିଟ୍-୬ (ରାଜ ଭବନ ଛକ ନିକଟ), ଭୁବନେଶ୍ୱର-୭୫୧୦୦୧
ଫୋନ୍: ୯୧-୬୭୪-୨୩୯୭୩୩୪, ଇ-ମେଲ୍: dirbhubaneswar@iwai.gov.in ଓ iwainw5@gmail.com
**ଟେଣ୍ଡର ଆହ୍ୱାନକାରୀ ବିଜ୍ଞପ୍ତି**
**ଇ-ଟେଣ୍ଡର ନଂ.: ଆଇଡବ୍ଲ୍ୟୁଏଆଇ/ବିବିଏସ୍‌ଆର୍/୩/(୧୦୬)/ଏମ୍‌ଭିବିଏଚ୍/୨୦୨୧-୨୨**
ଭାରତୀୟ ଅନ୍ତର୍ଦେଶୀୟ ଜଳମାର୍ଗ ପ୍ରାଧିକରଣ (ଆଇଡବ୍ଲ୍ୟୁଏଆଇ) ''ଆର୍ଥିକ ବର୍ଷ ୨୦୨୫-୨୬ ଅବଧିରେ ଆର୍‌ଓ-ଆର୍‌ଓ ଭେସେଲ୍ ଏମ୍‌ଭି ଭୂପେନ ହଜାରିକାର ଡ୍ରାଏ ଡକ୍ ମରାମତି କାର୍ଯ୍ୟ'' ପାଇଁ ଅଭିଜ୍ଞତାସମ୍ପନ୍ନ, ଖ୍ୟାତନାମା ଲୋକଶକ୍ତି ଯୋଗାଣ ଏଜେନ୍ସିଗୁଡ଼ିକଠାରୁ ଅନଲାଇନ୍ ବିଡ୍/ଟେଣ୍ଡର ଆହ୍ୱାନ କରୁଛନ୍ତି। ବିବରଣୀ ଏବଂ ଟେଣ୍ଡର ଦସ୍ତାବିଜ **ତା୦୪।୦୪।୨୦୨୫ରିଖରୁ ତା୧୭।୦୪।୨୦୨୫ରିଖ** ପର୍ଯ୍ୟନ୍ତ ଆମର ୱେବ୍‌ସାଇଟ୍ '**www.iwai.nic.in**' ଏବଂ ସିପିପିପି ପୋର୍ଟାଲ ''**https://eprocure.gov.in/eprocure/app**'ରୁ ଡାଉନ୍‌ଲୋଡ୍ କରାଯାଇପାରିବ । ଅନଲାଇନ୍ ବିଡ୍ ଦାଖଲ କରିବାର ଶେଷ ତାରିଖ ହେଉଛି **ତା୧୭।୦୪।୨୦୨୫ରିଖ ୧୫.୦୦ ଘଟିକା** ପର୍ଯ୍ୟନ୍ତ ଏବଂ ଟେଣ୍ଡର ଖୋଲାଯିବାର ତାରିଖ ହେଉଛି **ତା୧୮।୦୪।୨୦୨୫ରିଖ ୧୫.୩୦ ଘଟିକା**। ଅନଲାଇନ୍ ବିଡ୍ **https://eprocure.gov.in/eprocure/app** ମାଧ୍ୟମରେ ଦାଖଲ କରାଯିବ।
**(ନିର୍ଦ୍ଦେଶକ)**

**FAKIR MOHAN UNIVERSITY**
VYASA VIHAR, NUAPADHI - 756020, BALASORE, ODISHA, INDIA, www.fmuniversity.nic.in
**No.FMU/Pur-16/2025 2455** **Date : 04.04.2025**
**Quotation Call Notice**
Sealed Quotations are inviting from Jewellers having valid PAN and GST Registration No. copy with experience in the field to supply 107 numbers of Gold Medals to the University. The details of specification, regarding quality, weight etc. are available in the University Website (www.fmuniversity.nic.in).
Quotationers are requested to furnish copy of PAN and GST Regd. No. along with quotation. The quotations must reach the undersigned on or before 16.04.2025 at 01.00 P.M. and the same will be opened at 03.30 P.M. on the same day in the Office of the Registrar, F.M. University, Vyasa Vihar, New Campus, Nuapadhi, Balasore. The authority reserves the right to reject any one or all quotations without assigning reason thereof.
**Sd./- Registrar**

कार्यपालक अभियन्ता का कार्यालय
पेयजल एवं स्वच्छता प्रमण्डल सं.1, धनबाद
अति अल्पकालीन ई–प्रोक्योरमेंट निविदा सूचना
(प्रथम आमंत्रण)
निविदा सूचना संख्या– DHANBAD-1/OandM/01/2025-26
दिनांक – 03.04.2025

| | | |
|---|---|---|
| 1 | कार्य का नाम | Operation and Maintenance of 13.50 MLD WTP at Kandra, Intake works at river Damodar (Chasnala), Raw water rising mains D.I. K-9 from Intake well to WTP, Clear water rising mains D.I. K-7 from WTP at Kandra to 5 Nos. ESR and distribution main of allied area under Dhanbad water supply project under JnNURM for 3 year including the cost of chemical but Excluding the cost of energy charges in the district of Dhabad. |
| 2 | प्राक्कलित राशि | रू0 234.90378 लाख |
| 3 | अग्रधन की राशि | रू0 4.70 लाख |
| 4 | कार्य पूर्ण करने की अवधि | 36 माह |
| 5 | वेबसाईट पर निविदा प्रकाशन की तिथि एवं समय | 07.04.2025, 4.00 बजे अपराह्न तक। |
| 6 | निविदा प्राप्ति (ऑन लाईन बिडींग) की अन्तिम तिथि एवं समय | 14.04.2025, 5.00 बजे अपराह्न तक। |
| 7 | सरकार के सचिव, सूचना प्रौद्योगिकी एवं ई–गवर्नेस,झारखण्ड मंत्रालय, के ज्ञापांक 120 दिनांक 03.10.2023 के आलोक में विपत्र का मूल्य एवं अग्रधन की राशि Online जमा करने की अन्तिम तिथि एवं समय | 14.04.2025, 5.00 बजे अपराह्न तक। |
| 8 | तकनीकी बीड खोलने की तिथि एवं समय | 15.04.2025, 05.00 बजे अपराह्न |
| 9 | निविदा आमंत्रित करने वाले पदाधिकारी एवं कार्यालय का पता | कार्यपालक अभियंता, पेयजल एवं स्वच्छता प्रमण्डल सं.1, धनबाद |
| 10 | ई–प्रोक्योरमेंट कार्यालय का सम्पर्क नं0 | 0326–2311259 |
| 11 | ई–प्रोक्योरमेंट सेल का हेल्प लाईन नं0 | 0651–1280345 |

विस्तृत जानकारी हेतु वेबसाईट नं0– http://jharkhandtenders.gov.in पर देखा जा सकता है।
कार्यपालक अभियंता,
पेयजल एवं स्वच्छता प्रमण्डल सं.1,
धनबाद
PR 349673 (Drinking Water and Sanitation) 25-26 (D)

**ମିଳିଲା ନିଖୋଜ ଚନ୍ଦ୍ରଭାନୁଙ୍କ ମୃତଦେହ**

**ରାଜନଗର, (ଭାସ୍କର ରାଉତରାୟ):** ରାଜନଗର ଥାନା ରାଜପୁର ଗାଁର ରିଟେଲର ଚନ୍ଦ୍ରଭାନୁ ରଥ ଗୁରୁବାର ନିଖୋଜ ହୋଇଯାଇଥିଲେ। ତାଙ୍କ ମୃତଦେହ ନଦୀରୁ ଶୁକ୍ରବାର ମିଳିଛି। ଗାଁ ପାଖରେ ଥିବା ବ୍ରାହ୍ମଣୀ ନଦୀ କୂଳରେ ତାଙ୍କର ଚପଲ ମିଳିଥିଲା। ଗୁରୁବାର ଖୋଜାଖୋଜି ପରେ ତାଙ୍କର ପତ୍ତା ମିଳି ନ ଥିଲା। ଶୁକ୍ରବାର ବନ ବିଭାଗ, ଓଡ୍ରାଫ ଟିମ୍ ଓ ସ୍ଥାନୀୟ ଲୋକେ ଖୋଜାଖୋଜି ପରେ ଯେଉଁ ସ୍ଥାନରେ ଚପଲ ଥିଲା ସେହି ସ୍ଥାନରେ ତାଙ୍କ ମୃତଦେହ ମିଳିଥିଲା। ତାଙ୍କ ଦେହରେ କୌଣସି କ୍ଷତ ଚିହ୍ନ ନ ଥିବାବେଳେ ନାକରୁ ରକ୍ତ ବାହାରୁଥିଲା। ସେ ଆତ୍ମହତ୍ୟା କରିଥିବା ପୋଲିସ ସନ୍ଦେହ କରୁଛି। ପୋଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

# ଜମ୍ବୁ ଦ୍ୱୀପ ମହୋତ୍ସବ ପ୍ରସ୍ତୁତି ତଦାରଖ କଲା ଜିଲା ପ୍ରଶାସନ

- ମୁଖ୍ୟମନ୍ତ୍ରୀଙ୍କ ପ୍ରୋଟୋକଲରେ ହେଲିପ୍ୟାଡ ଓ ଷ୍ଟେଜ୍ ସ୍ଥାନ ନିରୂପଣ
- ପଲ୍ଲିଶ୍ରୀ ମେଳାରେ ୧୩୦ ଷ୍ଟଲ୍ ପଡ଼ିବ

**ମହାକାଳପଡ଼ା, ୪।୪ (ପ୍ରତାପ ଚନ୍ଦ୍ର ସ୍ୱାଇଁ)**

କେନ୍ଦ୍ରାପଡ଼ା ଜିଲାସ୍ତରୀୟ ଐତିହାସିକ ଜମ୍ବୁ ଦ୍ୱୀପ ମହୋତ୍ସବ ପ୍ରାକ୍ ପ୍ରସ୍ତୁତି କ୍ଷେତ୍ର ଜିଲା ପ୍ରଶାସନ ପକ୍ଷରୁ ଶୁକ୍ରବାର ପରିଦର୍ଶନ କରାଯାଇଛି। ଆସନ୍ତା ୧୪ତାରିଖ ପଣା ସଂକ୍ରାନ୍ତିରେ ମା' ରାମଚଣ୍ଡୀ ପୀଠରେ ପ୍ରସିଦ୍ଧ ଝାମୁଯାତ୍ରା ଅନୁଷ୍ଠିତ ହେବ। ଏହି ଅବସରରେ ମା'ଙ୍କ ପୀଠ ସମ୍ମୁଖରେ ଐତିହାସିକ ଜମ୍ବୁ ଦ୍ୱୀପ ମହୋତ୍ସବ ବିଧାୟକ ଡ. ଦୁର୍ଗା ପ୍ରସନ୍ନ ନାୟକଙ୍କ ଉଦ୍ୟମରେ ଜିଲାରେ ପ୍ରଥମଥର ଲାଗି ଜିଲା ପ୍ରଶାସନର ପ୍ରତ୍ୟକ୍ଷ ସହଯୋଗରେ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି। ଏହି ମହୋତ୍ସବକୁ ୧୫ ତାରିଖରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି। ମହୋତ୍ସବରେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଓରମାସ ପକ୍ଷରୁ ପଲ୍ଲିଶ୍ରୀ ମେଳାରେ ଭଳିକି ଭଳି ହସ୍ତଶିଳ୍ପ କାରିଗରି ସରଞ୍ଜାମ ପ୍ରଦର୍ଶିତ ହେବ। ଏହାସହ ମହୋତ୍ସବରେ ପ୍ରତ୍ୟେକ ସନ୍ଧ୍ୟାରେ ବିଭିନ୍ନ ନୃତ୍ୟ, ସଙ୍ଗୀତ, ଲୋକକଳା ସାଂସ୍କୃତିକ କାର୍ଯ୍ୟକ୍ରମ କଳାକାରମାନେ ପ୍ରଦର୍ଶିତ କରିବାର କାର୍ଯ୍ୟକ୍ରମ ରହିଛି। ମହୋତ୍ସବକୁ ସରସ ସୁନ୍ଦର କରିବାକୁ ଜିଲା ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଏହା ସହିତ ମା'ଙ୍କ ଝାମୁଯାତ୍ରା ପୀଠରେ ପ୍ରତିବର୍ଷ ଭଳି ବିଭିନ୍ନ ଦୋକାନ ବଜାର ପସରା ମେଲାଇବେ। ମା'ଙ୍କ ଝାମୁଯାତ୍ରାରେ ଶତାଧିକ ଲୋକଙ୍କ ଭିଡ଼ ପରିଲକ୍ଷିତ ହେବ। ବିଶେଷ କରି କୋଲକାତା, ବାଲେଶ୍ୱର, ଭଦ୍ରକ, ଯାଜପୁର, କଟକ, ଜଗତ୍‌ସିଂହପୁର, ପାରାଦୀପ, କେନ୍ଦ୍ରାପଡ଼ା ଜିଲାର ବିଭିନ୍ନ ପ୍ରାନ୍ତରୁ ଶ୍ରଦ୍ଧାଳୁମାନେ ଆସିଥାନ୍ତି। ବିଭିନ୍ନ ରାଜନୈତିକ ଦଳର ନେତୃବୃନ୍ଦ ମା'ଙ୍କ ପୀଠରେ ପହଞ୍ଚି ଆଶିଷ ଭିକ୍ଷା କରିଥାନ୍ତି। ଅପରପକ୍ଷରେ ଜମ୍ବୁ ଦ୍ୱୀପ ମହୋତ୍ସବ ଏହି ଅଞ୍ଚଳରେ ପ୍ରଥମଥର ହୋଇଥିବାରୁ ଶତାଧିକ ଲୋକଙ୍କ ସମାଗମ ହେବ। ଟ୍ରାଫିକ ନିୟନ୍ତ୍ରଣ ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଇଛି। ସେହିପରି ପ୍ରବଳ ଗରମ ଅନୁଭୂତ ହେଉଥିବାରୁ ପାନୀୟ ଜଳ ଯୋଗାଣ, ଅଗ୍ନିଶମ, ପ୍ରାଥମିକ ଚିକିତ୍ସା ପାଇଁ ଆମ୍ବୁଲାନ୍ସ ବ୍ୟବସ୍ଥା, ଅଗ୍ନିଘାତ ମୁକାବିଲା ପାଇଁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି। ସେହିପରି ମହୋତ୍ସବ ଅନୁଷ୍ଠିତ ହେଉଥିବା ଜମି ସମତୁଲ କରାଯାଇଛି। ମହୋତ୍ସବ ସ୍ଥାନକୁ ଜିଲା ପ୍ରଶାସନ ପକ୍ଷରୁ ଅତିରିକ୍ତ ଜିଲାପାଳ ନିଲୁ ମହାପାତ୍ର, ତହସିଲଦାର ଶିବ ମଲିକ, ଅତିରିକ୍ତ ତହସିଲଦାର ପ୍ରଭଞ୍ଜନ ମିଶ୍ର, ପୂର୍ତ୍ତ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ବେଟାରୀ ଦୁଷ୍ଟୁ, ରାଜସ୍ୱ ନିରୀକ୍ଷକ ବିଜୟ କୁମାର ବେହେରା, ଓରମାସ ଅଧିକାରୀ ଓ ଟେଣ୍ଟ ହାଉସର କର୍ମକର୍ତ୍ତା ଯୋଗଦେଇଥିଲେ।


ମା' ରାମଚଣ୍ଡୀ ମନ୍ଦିର ସମ୍ମୁଖରେ ଜମ୍ବୁ ଦ୍ୱୀପ ମହୋତ୍ସବ ସ୍ଥାନ ଅଧିକାରୀମାନେ ତଦାରଖ କରୁଛନ୍ତି।

## ଖବରଦାତା ନାରାୟଣ ସାହାଣୀଙ୍କୁ ଶ୍ରଦ୍ଧାଞ୍ଜଳି



ସଭାରେ ଉପସ୍ଥିତ ଅତିଥିମାନେ।

**କେନ୍ଦ୍ରାପଡ଼ା, ୪।୪ (ଜଗନ୍ନାଥ ଧଳ)**

କର୍ମ ହିଁ ସମାଜରେ ନିଜସ୍ୱ ପରିଚୟ ସୃଷ୍ଟି କରେ। ଏହି ପରିଚୟ ସର୍ବଦା ପ୍ରେରଣାଦାୟକ ବୋଲି ଖବରଦାତା ନାରାୟଣ ସାହାଣୀଙ୍କ ଶ୍ରଦ୍ଧାଞ୍ଜଳି ସଭାରେ ବକ୍ତାମାନେ ଶୁକ୍ରବାର ମତ ରଖିଛନ୍ତି। କେନ୍ଦ୍ରାପଡ଼ା ସହରର ତିନିମୁହାଣୀ ଛକସ୍ଥିତ ଏକ କଲ୍ୟାଣ ମଣ୍ଡପରେ ଉତ୍କଳ ସାମ୍ବାଦିକ ସଂଘ ଜିଲା ଶାଖା ପକ୍ଷରୁ ଏହି ସଭା ଅନୁଷ୍ଠିତ ହୋଇଥିଲା। ଜିଲା ସଭାପତି ହିମାଂଶୁ ଶେଖର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ପୌରାଧ୍ୟକ୍ଷା ସରିତା ସାହୁ, ଭାଜପା ନେତା ସଞ୍ଜୟ ରଥ, କଂଗ୍ରେସ ନେତା ପ୍ରଫୁଲ୍ଲ ଦାସ, ପୂର୍ବତନ ବିଧାୟିକା ସିପ୍ରା ମଲ୍ଲିକ, ବିଜେଡି ଜିଲା ସଭାପତି ଧୀରେନ ସାହୁ, ସିପିଆଇ ନେତା ଗୟାଧର ଧଳ, ରମଣୀରଞ୍ଜନ ରାଉତରାୟ, ଖବରଦାତା ଗଣେଶ ଚନ୍ଦ୍ର ସାମଲ, ବଳଦେବ ସେନାର ନିରଞ୍ଜନ ମେକାପ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସାହାଣୀଙ୍କ ସେମାନେ ସ୍ମୃତିଚାରଣ କରି ସମାଜ ସେବାରେ ତାଙ୍କ ଅବଦାନ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ସଭାରେ ଅନ୍ୟମାନଙ୍କ ମଧ୍ୟରେ ଖବରଦାତା ପରେଶ ଦାସ, ସୋମନାଥ ସାହୁ, ରବି ନାରାୟଣ ପତି, ରାଜେଶ ବେହେରା, ମନୋଜ ସ୍ୱାଇଁ, ସୁଶାନ୍ତ ନାୟକ, ଦିଲୀପ ମହାନ୍ତି, ପ୍ରଭାତ ପରିଡ଼ା, ହରେକୃଷ୍ଣ ବେହେରା, ସନ୍ତୋଷ ପୋଥାଳ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ସଂଘ କର୍ମକର୍ତ୍ତା ପ୍ରଶାନ୍ତ ନାୟକ, ରାଧାକାନ୍ତ ମହାନ୍ତି, ବୀରେନ୍ଦ୍ର ଦାସ ପ୍ରମୁଖ ପରିଚାଳନା କରିଥିଲେ।

## ପୂର୍ବତନ ବିଧାୟିକା ସରସ୍ୱତୀ ଦେବୀଙ୍କୁ ଶ୍ରଦ୍ଧାଞ୍ଜଳି


ଜିଲାର ପ୍ରଥମ ବିଧାୟିକା ସରସ୍ୱତୀଙ୍କୁ ଅତିଥିମାନେ ଶ୍ରଦ୍ଧାଞ୍ଜଳି ଜଣାଉଛନ୍ତି।

**କେନ୍ଦ୍ରାପଡ଼ା, ୪।୪ (ଜଗନ୍ନାଥ ଧଳ)**

କେନ୍ଦ୍ରାପଡା ଜିଲାର ପ୍ରଥମ ମହିଳା ବିଧାୟିକା ସରସ୍ୱତୀ ଦେବୀଙ୍କୁ ଜିଲା ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ପକ୍ଷରୁ ଶୁକ୍ରବାର ଶ୍ରାଦ୍ଧବାର୍ଷିକୀରେ ଶ୍ରଦ୍ଧାଞ୍ଜଳି ଦିଆଯାଇଛି। ସଂଘ ସଭାପତି ଡ. ଉପେନ୍ଦ୍ର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଗରାପୁରଠାରେ ଏଥିପାଇଁ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ସଂଘ କର୍ମକର୍ତ୍ତା ଅଜୟ ସାମଲ, କରୁଣାକର ଦାସ, ଶ୍ରୀନିବାସ ପରିଡ଼ା, ଶ୍ରୀକାନ୍ତ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅତିଥିମାନେ ସରସ୍ୱତୀଙ୍କ ସ୍ୱାଧୀନତା ସଂଗ୍ରାମ, ଜିଲାର ବିବିଧ ବିକାଶ କ୍ଷେତ୍ରରେ ଥିବା ଅବଦାନ ସମ୍ପର୍କରେ ମତ ରଖିଥିଲେ। ଏହି କାର୍ଯ୍ୟକ୍ରମକୁ ଡ. ରମାକାନ୍ତ ମହାନ୍ତି ପରିଚାଳନା କରିଥିଲେ।

## ଶ୍ରୀରାମ ନବମୀ ଉପଲକ୍ଷେ ବଜରଙ୍ଗ ଦଳର ଶୋଭାଯାତ୍ରା

**ପଟ୍ଟାମୁଣ୍ଡାଇ,୪।୪(କଳ୍ପତରୁ ନାୟକ)**

ଶ୍ରୀରାମ ନବମୀ ଉପଲକ୍ଷେ ପଟ୍ଟାମୁଣ୍ଡାଇ ହିନ୍ଦୁ ସୁରକ୍ଷା ବାହିନୀ, ବିଶ୍ୱହିନ୍ଦୁ ପରିଷଦ, ବଜରଙ୍ଗ ଦଳର ପକ୍ଷରୁ ଶୁକ୍ରବାର ବିଶାଳ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ହିନ୍ଦୁତ୍ୱ ସତ୍ୟ ସନାତନ ଧର୍ମର ବାର୍ତ୍ତା ନେଇ ରାମଭକ୍ତ ହନୁମାନଙ୍କ ପତାକା ଧରି ଏହି ଶୋଭାଯାତ୍ରା ଆୟୋଜନ କରାଯାଇଥିଲା। ହଜିଯାଉଥିବା ହିନ୍ଦୁ ପରମ୍ପରାକୁ ଉଜ୍ଜୀବିତ କରିବା ନିମନ୍ତେ ଉକ୍ତ କାର୍ଯ୍ୟକ୍ରମ କରାଯାଇଥିଲା ବୋଲି କୁହାଯାଇଛି। ଏଥିରେ ଅଂଶଗ୍ରହଣ କରିଥିବା ହିନ୍ଦୁ ସୁରକ୍ଷା ବାହିନୀ, ବିଶ୍ୱହିନ୍ଦୁ ପରିଷଦ, ବଜରଙ୍ଗୀ ଦଳର ସମସ୍ତ ଯୁବକ ସୁସଜ୍ଜିତ ରଥ ସହ ଡିଜେ ବାଜାର ତାଳେ ତାଳେ ନାଚିନାଚି ଜୟ ଶ୍ରୀରାମ, ଜୟ ହନୁମାନ ଧ୍ୱନି ଦେଇ ନଗର ପରିକ୍ରମା କରଥିଲେ। ଏହି ହିନ୍ଦୁ ଶୋଭାଯାତ୍ରାରେ ପ୍ରାୟ ଶତାଧିକ ବଜରଙ୍ଗୀ ଭାଇମାନେ ସାମିଲ ହୋଇଥିଲେ। ପ୍ରଥମେ ବଜରଙ୍ଗୀ ଦଳର କର୍ମକର୍ତ୍ତାମାନେ ବକ୍ତାରପୁରଠାରେ ପୂଜାର୍ଚ୍ଚନା କରିବା ପରେ ନଗର ପରିକ୍ରମା ବାହାରି ଥିଲେ। କଲେଜ ଛକ ପଟ୍ଟାମୁଣ୍ଡାଇ ଶିଶୁମନ୍ଦିର, ଡାକବଙ୍ଗଳା ଛକ ଦେଇ ପୁରୁଣାପୋଲ, ତନୁପୁର ଛକ, ବାଇପାସ ହୋଇ ଶ୍ରୀରାମ ମନ୍ଦିର ପ୍ରାଙ୍ଗଣରେ ଶୋଭାଯାତ୍ରୀ ଦଳ ଏକତ୍ରିତ ହୋଇଥିଲେ। ଏହି କାର୍ଯ୍ୟକ୍ରମରେ କେନ୍ଦ୍ରାପଡ଼ା ଭାଜପା ବିଧାୟିକା ପ୍ରାର୍ଥୀ ଗୀତାଞ୍ଜଳି ସେଠୀ, ରାଜନଗର ବିଧାୟକ ପ୍ରାର୍ଥୀ ଲଳିତ ବେହେରା ସାମିଲ ହୋଇଥିଲେ। ପଟ୍ଟାମୁଣ୍ଡାଇ ଏସ୍‌ଡିପିଓ କ୍ଷମାସାଗର ପଣ୍ଡା, ଆଇଆଇସି ବନ୍ଦନା ପାତ୍ର ପ୍ରମୁଖ ଆଇନ ଶୃଙ୍ଖଳା ପରିସ୍ଥିତିକୁ ନିୟନ୍ତ୍ରଣାଧୀନ ରଖିବାକୁ ଫୋର୍ସ ମୁତୟନ କରାଇଥିଲେ।


ବଜରଙ୍ଗ ଦଳ ପକ୍ଷରୁ ବାହାରିଥିବା ଶୋଭାଯାତ୍ରା ପଟ୍ଟାମୁଣ୍ଡାଇ ସହର ପରିକ୍ରମା କରୁଛି।

## ବେଆଇନ ବାଲି ବୋଝେଇ ୨ ହାଇୱା ଜବତ

**ରାଜକନିକା, ୪।୪(ସଞ୍ଜୟ କୁମାର ଦାଶ)**

ରାଜକନିକା ଥାନା କଟକ-ଚାନ୍ଦବାଲି ରାଜ୍ୟ ରାଜପଥ କଣ୍ଟପଡ଼ା ବଜାର ଷ୍ଟ୍ରକ୍ଟର ଛକ ନିକଟରେ ଚନ୍ଦନ ପୋଖରୀ ଛକ ଆଡୁ ଆସୁଥିବା ୨ଟି ବାଲି ବୋଝେଇ ହାଇୱାକୁ ପୋଲିସ ଗୁରୁବାର ରାତିରେ ଜବତ କରିଛି। ଏହି ୨ଟି ହାଇୱା ନମ୍ବର ଓଡି ୨୨ କେ ୨୦୬୧ ଏବଂ ଓଡି ୨୯ ଏଲ ୨୯୩୧। ପ୍ରଥମ ହାଇୱାଟି ଚାନ୍ଦବାଲି ଅଞ୍ଚଳର ହୋଇଥିବା ବେଳେ, ୨ଟି ରାଜକନିକା ଅଞ୍ଚଳର ବୋଲି ପୋଲିସ ସୂଚନା ଦେଇଛି। ହାଇୱା ୨ଟିକୁ ଜବତ କରାଯିବା ସହ ପୃଥକ୍ ଭାବେ ନଂ. ୨୧୦/୨୫ ଓ ୨୧୧/୨୫ରେ ମାମଲା ରୁଜୁ କରି ଅଧିକ ତଦନ୍ତ ଚାଲିଥିବା ଆଇଆଇସି ସଞ୍ଜୟ କୁମାର ମଲ୍ଲିକ ଓ ଆଇ ଓଏସ୍ଆଇ ଦେବାଶିଷ ପଣ୍ଡା ସୂଚନା ଦେଇଛନ୍ତି।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

**ଆବଶ୍ୟକ**
ପୁରୀରେ ରୋଷେଇ କରିବା ପାଇଁ ଗୋଟିଏ ପୁଅ ପିଲା ଦରକାର। ବୟସ – 25 ରୁ 30 ବର୍ଷ। ଦରମା ମାସିକ 10 ହଜାର +। ଏଥି ସହିତ ରହିବା ଏବଂ ଖାଇବା ମାଗଣା ବ୍ୟବସ୍ଥା ଅଛି।
ଯୋଗାଯୋଗ - 9437281147

**APPOINTMENT**
Digitomesh, a leading Software Company required TECHNICAL / NON TECHNICAL, RETIRED OFFICIALS.
Contact : 8093008289
Bhubaneswar, Puri

**ଆବଶ୍ୟକ**
ଭୁବନେଶ୍ୱରସ୍ଥିତ PLASTIC FACTORY ପାଇଁ Helper, Operator, Marketing Executive ଆବଶ୍ୟକ।
Contact: 8763300340
Email: servingwareh@gmail.com

**WANTED SALES EXECUTIVE**
for selling Automotive Battery, based in PURI & BHUBANESWAR. Interested candidates may send resumes to
email ID: tbsa.bbsr@gmail.com
Call -7008713919

**JOB OPPORTUNITIES**

| Sr. No. | Post | Qualification | Sex | Experience | Nos |
|---|---|---|---|---|---|
| 1 | Office Co-ordinator | PGDCA & Tally (Good Computer Skill) | F/M | 1 year / Fresher | 1 |
| 2 | Office Co-ordinator | DTP (Good Typing Skill) | F/M | 1 year | 1 |
| 3 | Care Taker | | M | 1 year | 2 |
| 4 | Room service | | M | 1 year | 2 |
| 5 | Receptionist | Graduation | M/F | 1 year (Hotel Industry) | 2 |

Cont. Details : KM Convention (Wedding Hall), Bhubaneswar
Send Your resume by mail or Whatsapp (Whatsapp no - 8249579908 & 9556924496)
Mail Id : khatamitha717@gmail.com
Cont. No. - 8249579908 (Cont. between 11:30 A.M. to 5.30 P.M.)

## ଗ୍ୟାସ୍ ସିଲିଣ୍ଡର ଫାଟି ଜଳିଗଲା ଘର

### ଘର ମାଲିକ ଗୁରୁତର

**ରାଜନଗର, ୪।୪ ( ଭାସ୍କର ରାଉତରାୟ)**

ରାଜନଗର ବ୍ଲକ ରଙ୍ଗଣୀ ପଞ୍ଚାୟତ ଭେଙ୍କ୍ଟା ଗାଁରେ ଶୁକ୍ରବାର ଗ୍ୟାସ ସିଲିଣ୍ଡର ଫାଟି ୩ ବଖରା ଜଳିଯିବା ସହ ସମସ୍ତ ଆସବାବପତ୍ର ପୋଡ଼ି ପାଉଁଶ ହୋଇଯାଇଛି। ଗୁହାଳ ଘରୁ ଗାଈକୁ ଉଦ୍ଧାର କରିବାକୁ ଯାଇ ନିଆଁହୁଳା ପଡ଼ିବାରୁ ଘର ମାଲିକ ଗୁରୁତର ଆହତ ହୋଇଛନ୍ତି। ଏଥିସହ ଗ୍ୟାସ ସିଲିଣ୍ଡର ଏତେ ଜୋରରେ ଫାଟିଥିଲା ଏହାର ଉପରି ଭାଗ ୧୦୦ ମିଟର ଦୂରରେ ଥିବା ଅନ୍ୟ ଏକ ଆଜବେଷ୍ଟସ ଘରକୁ ଫଟାଇ ଦେଇଛି।

ସୂଚନା ମୁତାବକ, ସକାଳ ୫ ଟାରେ ଭେଙ୍କ୍ଟା ଗାଁର ନିର୍ମଳ ମଣ୍ଡଳଙ୍କ ସ୍ତ୍ରୀ ଚା କରିବାକୁ ଗ୍ୟାସ ଲଗାଇଥିଲେ। ମାତ୍ର ଗ୍ୟାସ ଲଗାଇବାର କିଛି ସମୟ ମଧ୍ୟରେ ଗ୍ୟାସରେ ନିଆଁ ଧରି ଜଳିବା ସହ ପ୍ରଚଣ୍ଡ ଶବ୍ଦ କରି ସିଲିଣ୍ଡର ଫାଟି ଯାଇଥିଲା। ଗ୍ୟାସରୁ ନିଆଁ ବ୍ୟାପିବାରୁ ନିର୍ମଳଙ୍କ ପରିବାର ଲୋକ ଘର ବାହାରକୁ ଚାଲି ଆସିଥିଲେ। ମାତ୍ର କିଛି ସମୟ ମଧ୍ୟରେ ସମସ୍ତ ଆସବାବ ପତ୍ର ସହ ୨ ବଖରା ଓ ଗୁହାଳ ଘର ପୋଡ଼ିପାଉଁଶ ହୋଇଯାଇଛି। ନିଆଁ ବ୍ୟାପିବା ଦେଖି ନିର୍ମଳ ଗୁହାଳ ଘରୁ ଗାଈକୁ ଉଦ୍ଧାର କରି ଆଣୁଥିବା ବେଳେ ନିଆଁହୁଳା ତାଙ୍କ ଉପରେ ପଡିଥିଲା। ଫଳରେ ନିର୍ମଳଙ୍କ ଦେହର କିଛି ଅଂଶ ପୋଡ଼ି ଯାଇଛି। ନିର୍ମଳଙ୍କୁ ତାଳଚୁଆ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା କରାଯାଇଛି। ପରିବାର ଲୋକେ ପିନ୍ଧା ଲୁଗା ବ୍ୟତୀତ ଅନ୍ୟ କୌଣସି ସାମଗ୍ରୀ ଉଦ୍ଧାର କରିପାରିନାହାନ୍ତି। ଅନ୍ୟ ପକ୍ଷରେ ଗ୍ୟାସ ସିଲିଣ୍ଡର ଏତେ ଜୋରରେ ଫାଟିଥିଲା ଯେ, ଏହାର ଉପରି ଭାଗ ୧୦୦ ମିଟର ଦୂରରେ ଥିବା ସନ୍ତୋଷ ସାହୁଙ୍କ ଘର ଉପରେ ପଡ଼ିବାରୁ ଆଜବେଷ୍ଟସ ଭାଙ୍ଗି ଯାଇଛି। ଗାଁ ଲୋକେ ନିଆଁକୁ ଲିଭାଇବା ବେଳକୁ ସବୁ ପାଉଁଶ ହୋଇସାରିଥିଲା। ସରପଞ୍ଚ ଲୋପାମୁଦ୍ରା ଜେନା, ସମିତିସଭ୍ୟ ତପନ କୁମାର ସାହୁ, ସୁକଦେବ ମଣ୍ଡଳ ଶୀତଳ ମଣ୍ଡଳ, ମଧୁ ମଣ୍ଡଳ, ରଙ୍ଗଲାଲ ପ୍ରଧାନ, ଅଜୟ ପ୍ରଧାନ ପ୍ରମୁଖ ବିପନ୍ନ ପରିବାର ନିକଟରେ ପହଞ୍ଚି ସମବେଦନା ଜଣାଇଛନ୍ତି।

## ଚାଟରା ମା' ବାସନ୍ତୀଙ୍କ ପୀଠରେ ଦୁର୍ଗା ପୂଜା

### କଳସ ଶୋଭାଯାତ୍ରା ସହ ଆରମ୍ଭ ହେଲା ଯଜ୍ଞ

**ଡେରାବିଶ,୪।୪ (ବେବର୍ତ୍ତା ଅଜୟ ଦାସ)**

କେନ୍ଦ୍ରାପଡ଼ା ଜିଲ୍ଲାର ଅନ୍ୟତମ ପ୍ରସିଦ୍ଧ ଧର୍ମପୀଠ ଡେରାବିଶ ବ୍ଲକ ଅଧୀନ ଚାଟରାଚକଡ଼ା ପଞ୍ଚାୟତ ଚାଟରାସ୍ଥିତ ମା' ବାସନ୍ତୀ ଦୁର୍ଗାଙ୍କ ପୀଠରେ ଶୁକ୍ରବାରଠାରୁ ଆରମ୍ଭ ହୋଇଛି ବାସିନ୍ତିକ ଦୁର୍ଗାପୂଜା। ଏହି ଅବସରରେ ମହାସପ୍ତମୀ ତିଥିରେ ମନ୍ଦିର ବେଢ଼ାରେ ବିଶ୍ୱଶାନ୍ତି ମହାଯଜ୍ଞ ଆରମ୍ଭ ହୋଇଛି। ପରମ୍ପରା ଅନୁଯାୟୀ ଛତାସ୍ଥିତ ଏକ ପୋଖରୀ କୂଳରେ ପୂଜାର୍ଚ୍ଚନା ପରେ ମାନସିକଧାରୀ ଶଦ୍ଧାଳୁମାନେ ବାଜା, ଘଣ୍ଟ ସଂକୀର୍ତ୍ତନ ଶୋଭାଯାତ୍ରାରେ ପୂର୍ଣ୍ଣ କଳସ ଆଣି ଯଜ୍ଞ ମଣ୍ଡପରେ ସ୍ଥାପନ କରିଥିଲେ। ଏଥିପାଇଁ ଚାଟରା ଗ୍ରାମର ପ୍ରତ୍ୟେକ ଘର ସମ୍ମୁଖରେ କଦଳୀ ଗଛ ପୋତାଯିବା ସହ ଚିତା ପକାଇ ମା'ଙ୍କ ନିକଟକୁ ଆସୁଥିବା ପୂର୍ଣ୍ଣ କଳସକୁ ବନ୍ଦାପନା କରୁଥିବା ଦେଖିବାକୁ ମିଳିଥିଲା। ଶନିବାର ମନ୍ଦିରରେ ମା'ଙ୍କ ନିକଟରେ ମହାଷ୍ଟମୀ ପୂଜା ସହ ବଳିଦାନ ପର୍ବ ଅନୁଷ୍ଠିତ ହେବ ବୋଲି ପୂଜା କମିଟି ସଭାପତି ରମେଶ ଚନ୍ଦ୍ର ଦାସ ସୂଚନା ଦେଇଛନ୍ତି।

**OFFICE OF THE DISTRICT PROJECT COORDINATOR**
**SAMAGRA SIKSHYA, SUBARNAPUR**
ଶିକ୍ଷା ଅଧିକାର
E-mail : dpcsonepurssa.opepa@nic.in, Ph.: 06654-220551 / 06654-220514 (fax)
Letter No. 817 Date : 03.04.2025
SHORT TENDER CALL NOTICE FOR PRINTING & SUPPLY OF PM SHRI LOGO BADGE FOR TEACHERS AND STUDENTS OF PM-SHRI SCHOOLS (2024-25)
Sealed Tenders are invited in prescribed format from reputed firms / individuals having valid GST Registration Number and valid PAN for printing and supply of P.M. SHRI Logo Badge for Teachers and Students of PM-SHRI Schools of Subarnapur Distrct for the year 2024-25. The tender paper will be submitted to District Project Coordinator, Samagra Shiksha, Subarnapur latest by 15.04.2025. Details Bid documents can be down loaded from the official website https://subarnapur.odisha.gov.in & https://osepa.odisha.gov.in.
By order of Collector-cum-Chairman, Samagra Shiksha, Subarnapur
Sd./- DEO-cum-DPC, Samagra Shiksha, Subarnapur

**OFFICE OF THE DISTRICT PROJECT COORDINATOR**
**SAMAGRA SIKSHYA, SUBARNAPUR**
ଶିକ୍ଷା ଅଧିକାର
E-mail : dpcsonepurssa.opepa@nic.in, Ph.: 06654-220551 / 06654-220514 (fax)
Letter No. 824 Date : 03.04.2025
SHORT TENDER CALL NOTICE FOR PRINTING & SUPPLY OF IDENTITY CARDS FOR TEACHERS AND STUDENTS OF PM-SHRI SCHOOLS (2024-25)
Sealed Tenders are invited in prescribed format from reputed firms / individuals having valid GST Registration Number and valid PAN for printing and supply of Identity Cards for Teachers and Students of PM-SHRI Schools of Subarnapur Distrct for the year 2024- 25. The tender paper will be submitted to District Project Coordinator, Samagra Shiksha, Subarnapur latest by 15.04.2025. Details Bid documents can be down loaded from the official website https://subarnapur.odisha.gov.in & https://osepa.odisha.gov.in.
By order of Collector-cum-Chairman, Samagra Shiksha, Subarnapur
Sd./- DEO-cum-DPC, Samagra Shiksha, Subarnapur

भारतीय बीमा संस्थान
INSURANCE INSTITUTE OF INDIA
**NOTICE INVITING TENDER**
We are pleased to invite applications for a commercial space on rental basis ideally situated within a 15-kilometer radius of the **Sachivalaya, Bhubaneswar.** The details of Bid requirements are published on our website. Kindly visit **www.insuranceinstituteofindia.com → Tender → Bid for renting premises at Bhubaneswar.** The last date for submission of applications is **21st April, 2025.** For any queries, send email to lanjekar@iii.org.in
SECRETARY GENERAL

**ଭାରତୀୟ ଅନ୍ତର୍ଦେଶୀୟ ଜଳମାର୍ଗ ପ୍ରାଧିକରଣ**
ବନ୍ଦର, ଜାହାଜ ଚଳାଚଳ ଓ ଜଳମାର୍ଗ ମନ୍ତ୍ରଣାଳୟ, ଭାରତ ସରକାର
ଆଞ୍ଚଳିକ କାର୍ଯ୍ୟାଳୟ: ଭିଆର୍-୭୨, ୟୁନିଟ୍-୬ (ରାଜ ଭବନ ଛକ ନିକଟ), ଭୁବନେଶ୍ୱର-୭୫୧୦୦୧
ଫୋନ୍: ୯୧-୬୭୪-୨୩୯୦୩୩୪, ଇ-ମେଲ୍: dirbhubaneswar@iwai.gov.in ଓ iwainw5@gmail.com
**ଟେଣ୍ଡର ଆହ୍ୱାନକାରୀ ବିଜ୍ଞପ୍ତି**
**ଇ-ଟେଣ୍ଡର ନଂ.: ଆଇଡବ୍ଲ୍ୟୁଏଆଇ/ବିବିଏସ୍ଆର୍/୩/(୧୦୬)/ଏମ୍‌ଭିବିଏଚ୍/୨୦୨୧-୨୨**
ଭାରତୀୟ ଅନ୍ତର୍ଦେଶୀୟ ଜଳମାର୍ଗ ପ୍ରାଧିକରଣ (ଆଇଡବ୍ଲ୍ୟୁଏଆଇ) ''ଆର୍ଥିକ ବର୍ଷ ୨୦୨୫-୨୬ ଅବଧିରେ ଆର୍‌ଓ-ଆର୍‌ଓ ଭେସେଲ୍ ଏମ୍‌ଭି ଭୁପେନ ହଜାରିକାର ଡ୍ରାଏ ଡକ୍ ମରାମତି କାର୍ଯ୍ୟ'' ପାଇଁ ଅଭିଜ୍ଞତାସମ୍ପନ୍ନ, ଖ୍ୟାତନାମା ଲୋକଶକ୍ତି ଯୋଗାଣ ଏଜେନ୍ସିଗୁଡ଼ିକଠାରୁ ଅନଲାଇନ୍ ବିଡ୍/ଟେଣ୍ଡର ଆହ୍ୱାନ କରୁଛନ୍ତି। ବିବରଣୀ ଏବଂ ଟେଣ୍ଡର ଦସ୍ତାବିଜ **ତା୦୪।୦୪।୨୦୨୫ରିଖରୁ ତା୧୭।୦୪।୨୦୨୫ରିଖ** ପର୍ଯ୍ୟନ୍ତ ଆମର ୱେବ୍‌ସାଇଟ୍ '**www.iwai.nic.in**' ଏବଂ ସିପିପିପି ପୋର୍ଟାଲ ''**https://eprocure.gov.in/eprocure/app**'ରୁ ଡାଉନ୍‌ଲୋଡ୍ କରାଯାଇପାରିବ। ଅନଲାଇନ୍ ବିଡ୍ ଦାଖଲ କରିବାର ଶେଷ ତାରିଖ ହେଉଛି **ତା୧୭।୦୪।୨୦୨୫ରିଖ ୧୫.୦୦ ଘଟିକା** ପର୍ଯ୍ୟନ୍ତ ଏବଂ ଟେଣ୍ଡର ଖୋଲାଯିବାର ତାରିଖ ହେଉଛି **ତା୧୮।୦୪।୨୦୨୫ରିଖ ୧୫.୩୦ ଘଟିକା**। ଅନଲାଇନ୍ ବିଡ୍ **https://eprocure.gov.in/eprocure/app** ମାଧ୍ୟମରେ ଦାଖଲ କରାଯିବ।
(ନିର୍ଦ୍ଦେଶକ)

**FAKIR MOHAN UNIVERSITY**
VYASA VIHAR, NUAPADHI - 756020, BALASORE, ODISHA, INDIA, www.fmuniversity.nic.in
No.FMU/Pur-16/2025 2455 Date : 04.04.2025
**Quotation Call Notice**
Sealed Quotations are inviting from Jewellers having valid PAN and GST Registration No. copy with experience in the field to supply 107 numbers of Gold Medals to the University. The details of specification, regarding quality, weight etc. are available in the University Website (www.fmuniversity.nic.in).
Quotationers are requested to furnish copy of PAN and GST Regd. No. along with quotation. The quotations must reach the undersigned on or before 16.04.2025 at 01.00 P.M. and the same will be opened at 03.30 P.M. on the same day in the Office of the Registrar, F.M. University, Vyasa Vihar, New Campus, Nuapadhi, Balasore. The authority reserves the right to reject any one or all quotations without assigning reason thereof.
Sd./- Registrar

**कार्यपालक अभियन्ता का कार्यालय**
**पेयजल एवं स्वच्छता प्रमण्डल सं.1, धनबाद**
अति अल्पकालीन ई–प्रोक्योरमेंट निविदा सूचना
(प्रथम आमंत्रण)
निविदा सूचना संख्या– DHANBAD-1/OandM/01/2025-26
दिनांक – 03.04.2025

| | | |
|---|---|---|
| 1 | कार्य का नाम | Operation and Maintenance of 13.50 MLD WTP at Kandra, Intake works at river Damodar (Chasnala), Raw water rising mains D.I. K-9 from Intake well to WTP, Clear water rising mains D.I. K-7 from WTP at Kandra to 5 Nos. ESR and distribution main of allied area under Dhanbad water supply project under JnNURM for 3 year including the cost of chemical but Excluding the cost of energy charges in the district of Dhabad. |
| 2 | प्राक्कलित राशि | रू0 234.90378 लाख |
| 3 | अग्रधन की राशि | रू0 4.70 लाख |
| 4 | कार्य पूर्ण करने की अवधि | 36 माह |
| 5 | वेबसाईट पर निविदा प्रकाशन की तिथि एवं समय | 07.04.2025, 4.00 बजे अपराह्न तक। |
| 6 | निविदा प्राप्ति (ऑन लाईन बिडींग) की अन्तिम तिथि एवं समय | 14.04.2025, 5.00 बजे अपराह्न तक। |
| 7 | सरकार के सचिव, सूचना प्रौद्योगिकी एवं ई–गवर्नेस,झारखण्ड मंत्रालय, के ज्ञापांक 120 दिनांक 03.10.2023 के आलोक में विपत्र का मूल्य एवं अग्रधन की राशि Online जमा करने की अन्तिम तिथि एवं समय | 14.04.2025, 5.00 बजे अपराह्न तक। |
| 8 | तकनीकी बीड खोलने की तिथि एवं समय | 15.04.2025, 05.00 बजे अपराह्न |
| 9 | निविदा आमंत्रित करने वाले पदाधिकारी एवं कार्यालय का पता | कार्यपालक अभियंता, पेयजल एवं स्वच्छता प्रमण्डल सं.1, धनबाद |
| 10 | ई–प्रोक्योरमेंट कार्यालय का सम्पर्क नं0 | 0326–2311259 |
| 11 | ई–प्रोक्योरमेंट सेल का हेल्प लाईन नं0 | 0651–1280345 |

विस्तृत जानकारी हेतु वेबसाईट नं0– http://jharkhandtenders.gov.in पर देखा जा सकता है।
कार्यपालक अभियंता,
पेयजल एवं स्वच्छता प्रमण्डल सं.1,
धनबाद
PR 349673 (Drinking Water and Sanitation) 25-26 (D)

## ପାଚିକା, ସହାୟିକା ମହାସଂଘ ପକ୍ଷରୁ ବିଇଓ କାର୍ଯ୍ୟାଳୟ ଘେରାଉ

### ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ୧୨ ଦଫା ଦାବି ପ୍ରଦାନ

**ରାଜକନିକା,୪।୪**
**(ସଞ୍ଜୟ କୁମାର ଦାଶ/ରବୀନ୍ଦ୍ର କୁମାର ଦାସ)**

ରାଜକନିକା ବ୍ଲକ ମଧ୍ୟାହ୍ନ ଭୋଜନ ପାଚିକା ଓ ସହାୟିକା ମହାସଂଘ ପକ୍ଷରୁ ଶୁକ୍ରବାର ବିଇଓ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ମହାସଂଘ ସଭାନେତ୍ରୀ ସବିତା ବରଜ ଏବଂ ସମ୍ପାଦିକା ବବିତା ମହାରଣାଙ୍କ ନେତୃତ୍ୱରେ ସ୍ଥାନୀୟ ଅଶୋକ ବଜାରରୁ ପାଚିକା ଓ ସହାୟିକାମାନେ ଶୋଭାଯାତ୍ରାରେ ବାହାରି ବ୍ଲକ ଛକ, ଥାନା ଛକ, ଷ୍ଟ୍ରକଚର ଛକ, କଣ୍ଟପଡ଼ା ବଜାର ଓ ଦେଇ ଚନ୍ଦନ ପୋଖରୀ ଛକ ଆଦି ପରିକ୍ରମା କରି କାଳିକାପୁରସ୍ଥିତ ବିଇଓ କାର୍ଯ୍ୟାଳୟରେ ପହଞ୍ଚି ଘେରାଉ କରିଥିଲେ। ସେଠାରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ମହାସଂଘର ସଭାନେତ୍ରୀ ବରଜଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଏଆଇସିସିଟିୟୁର କେନ୍ଦ୍ରିକ କମିଟି ସମ୍ପାଦକ ମହେନ୍ଦ୍ର ପରିଡ଼ା, ରାଜ୍ୟ ଉପସଭାପତି ବଂଶୀଧର ପରିଡ଼ା, ସିପିଆଇଏମଏଲ କେନ୍ଦ୍ରାପଡ଼ା ଜିଲା ସମ୍ପାଦକ ବିଧାନ ଦାସ, ପ୍ରଗତିଶୀଳ ମହିଳା ସମିତିର ରାଜ୍ୟ କମିଟି ଉପସଭାନେତ୍ରୀ ତଥା ହାଟସାହି ସରପଞ୍ଚ ସୀତାରାଣୀ ଦାସ, ପାଚିକା ସବିତା ମଲିକ, ଲିଲିମା ମଲିକ, ରତ୍ନମାଳା ବିଶ୍ୱାଳ, ଝରଣା ରାଉତ, କବିତା ରାଉତ, ଶକୁନ୍ତଳା ସାହୁ, ସରୋଜିନୀ ବିଶ୍ୱାଳ, ମମତା ସେଠୀ, ସ୍ୱର୍ଣ୍ଣଲତା ଦେଇ, ପ୍ରଭାବତୀ ନାୟକ ପ୍ରମୁଖ ଯୋଗଦେଇଥିଲେ। ସେମାନେ ୧୨ ଦଫା ଦାବି ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ୧୨ଦଫା ସମ୍ବଳିତ ଦାବିପତ୍ର ବିଇଓଙ୍କ ଅନୁପସ୍ଥିତିରେ ଏବିଇଓ କୈଳାସ ସାହୁଙ୍କୁ ପ୍ରଦାନ କରିଥିଲେ।



ପାଚିକା– ସହାୟିକାମାନେ ଶୋଭାଯାତ୍ରାରେ ବିଇଓ କାର୍ଯ୍ୟାଳୟ ଘେରାଉ କରିବାକୁ ଯାଉଛନ୍ତି।

## ନୟାଗଡ଼ ଜିଲା ଅଦାଲତରେ ନୂତନ ନୋଟାରୀ ନିଯୁକ୍ତି

ନୟାଗଡ଼,(ଲୋକନାଥ ମିଶ୍ର): ନୟାଗଡ଼ ଜିଲା ଅଦାଲତରେ କେନ୍ଦ୍ର ସରକାରଙ୍କ ନ୍ୟାୟ ବିଭାଗ ଉପବିଧି ଉପଦେଷ୍ଟାଙ୍କ ଦ୍ୱାରା କର୍ଣ୍ଣେଲ କୁମାର ମହାପାତ୍ର ନୋଟାରୀ ଭାବେ ନିଯୁକ୍ତି ପାଇଛନ୍ତି। ୩ ତାରିଖରେ ପ୍ରମାଣ ପତ୍ର ପାଇଥିବା ଜଣାପଡ଼ିଛି। ମାଜିଷ୍ଟ୍ରେଟଙ୍କ ଉପସ୍ଥିତି ବା ଅନୁପସ୍ଥିତରେ ସତ୍ୟପାଠ ସହିତ ସେ ଅନ୍ୟାନ୍ୟ କାର୍ଯ୍ୟ କରିବେ।

# ନୟାଗଡ଼ କେନ୍ଦ୍ର ସମବାୟ ବ୍ୟାଙ୍କରେ ଅଚଳାବସ୍ଥା ବଢ଼ୁଛି

**ପରିଚାଳନା ପରିଷଦ ବୈଠକକୁ ଆସିଲେ ନାହିଁ ସମ୍ପାଦକ**

- ସମ୍ପାଦକଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ପାଇଁ ସୁପାରିସ
- ଏଜିଏମ୍, ମ୍ୟାନେଜର ନିଲମ୍ବନ ପାଇଁ ପ୍ରସ୍ତାବ
- ସଭାବହି ନ ଦେବା, ବୈଠକରେ ଅସହଯୋଗ ପାଇଁ ଉଦ୍‌ବେଗ



ନୟାଗଡ଼ କେନ୍ଦ୍ର ସମବାୟ ବ୍ୟାଙ୍କର ପରିଚାଳନା ପରିଷଦ ବୈଠକରେ ଉପସ୍ଥିତ ବ୍ୟକ୍ତିମାନେ।

ନୟାଗଡ଼,୪।୪(ଲୋକନାଥ ମିଶ୍ର)

ନୟାଗଡ଼ କେନ୍ଦ୍ର ସମବାୟ ବ୍ୟାଙ୍କ ପରିଚାଳନା ପରିଷଦର ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ୟାଙ୍କ ସଭାପତି ରବୀନ୍ଦ୍ର ନାଥ ସାହୁ ଅଧ୍ୟକ୍ଷତା କରିଥିଲେ। ଡିଆରସିଏସ୍ ଅନନ୍ତ କୁମାର ନାୟକ ଏଥିରେ ଯୋଗଦେଇଥିଲେ। ତେବେ ପରିଚାଳନା ପରିଷଦ ବୈଠକ ଆରମ୍ଭ ହୋଇଥିଲେ ହେଁ ବୈଠକରେ ସମ୍ପାଦକ ଅନୁପସ୍ଥିତ ରହିଥିଲେ। ଅସୁସ୍ଥତା ଦେଖାଇ ସମ୍ପାଦକ ଶୁକ୍ରବାର ଓ ଶନିବାର ୨ ଦିନ ଛୁଟିରେ ଅଛନ୍ତି ବୋଲି ସଭାରେ କୁହାଯାଇଥିଲା। ସେପଟେ ପରିଚାଳନା ପରିଷଦ ବୈଠକ ଆରମ୍ଭ ହୋଇଥିଲେ ହେଁ ସଭାବହି, ଅନ୍ୟ ଆନୁଷଙ୍ଗିକ କାଗଜପତ୍ର ଏଷ୍ଟାବ୍ଲିସ ସେକ୍ସନ ଦେଇ ନ ଥିଲା କି ସହଯୋଗ କରି ନ ଥିଲା। ଏଷ୍ଟାବ୍ଲିସ ସେକ୍ସନର କାର୍ଯ୍ୟରେ ସଭ୍ୟମାନେ ଉଦ୍‌ବେଗ ପ୍ରକାଶ କରି ଏଷ୍ଟାବ୍ଲିସ ସେକ୍ସନର ଏଜିଏମ୍ ମୃତ୍ୟୁଞ୍ଜୟ ବେହେରା ଓ ମ୍ୟାନେଜର ସସ୍ମିତା ଦାଶଙ୍କୁ ନିଲମ୍ବନ କରିବାକୁ ପ୍ରସ୍ତାବ ଗୃହିତ କରାଇଛନ୍ତି। ୨ ଅଧିକାରୀଙ୍କ ନିଲମ୍ବନ ଆଦେଶ ଦେବାକୁ ସଭାପତିଙ୍କୁ କ୍ଷମତା ପ୍ରଦାନ କରାଯାଇଛି। କାର୍ଯ୍ୟରେ ଅବହେଳା ଓ ପରିଚାଳନା ପରିଷଦ ନିଷ୍ପତ୍ତିକୁ କାର୍ଯ୍ୟକାରୀ ନ କରିବା ସମ୍ପର୍କ ୨୦୨୪ ଡିସେମ୍ବର ୧୨ରେ ଏଷ୍ଟାବ୍ଲିସ ସେକ୍ସନର ମ୍ୟାନେଜର ଓ ଏଜିଏମ୍‌ଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି ହୋଇଥିଲା। ନୋଟିସ୍‌ର ଉତ୍ତର ଏଯାବତ ମିଳିନାହିଁ। ସେପଟେ ପରିଚାଳନା ପରିଷଦ ବୈଠକକୁ ସମ୍ପାଦକ ଲଗାତାର ୩ ଥର ନ ଆସିବା କାରଣକୁ ନେଇ ସଭ୍ୟମାନେ ଅନୁରୂପ ଭାବେ ଅସନ୍ତୋଷ ଓ ଉଦ୍‌ବେଗ ପ୍ରକାଶ କରି କାର୍ଯ୍ୟାନୁଷ୍ଠାନ ଉଦ୍ଦେଶ୍ୟରେ ରେଜିଷ୍ଟ୍ରାର ଓ ଓଡ଼ିଶା ସର୍ଭିସ କୋପରେଟିଭ ବ୍ୟାଙ୍କଙ୍କୁ ଅବଗତ କରାଇବାକୁ ନିଷ୍ପତ୍ତି ନେଇଛନ୍ତି। ପ୍ରକାଶଥାଉ କି ବ୍ୟାଙ୍କର ପରିଚାଳନା ପରିଷଦ ଓ ସମ୍ପାଦକଙ୍କ ମଧ୍ୟରେ ଶୀତଳ ଯୁଦ୍ଧ ଚାଲିଛି। ପ୍ରାୟ ୬ ମାସ ହେଲା ନୟାଗଡ଼ କେନ୍ଦ୍ର ସମବାୟ ବ୍ୟାଙ୍କ ଅଚଳାବସ୍ଥା ଲାଗି ରହିଛି।

### ନଜରକୁ ଆସିଲା ୪ର୍ଥ ପାନ କାର୍ଡ

ବ୍ୟକ୍ତି ହୁଅନ୍ତୁ ବା ଅନୁଷ୍ଠାନ ପ୍ରତ୍ୟେକଙ୍କ ଗୋଟିଏ ଲେଖାଏ ପାନ କାର୍ଡ ରହିଥାଏ। ତେବେ ନୟାଗଡ଼ କେନ୍ଦ୍ର ସମବାୟ ବ୍ୟାଙ୍କର ଏକାଧିକ ପାନ କାର୍ଡ ରହିଥିବା ଧୀରେ ଧୀରେ ଗୁମର ଫିଟୁଛି। ପୂର୍ବରୁ ନୟାଗଡ଼ କେନ୍ଦ୍ର ସମବାୟ ବ୍ୟାଙ୍କ ନାଁରେ ୨ଟି, ଦଶପଲ୍ଲା ଶାଖା ନାଁରେ ୧ଟି ପାନ କାର୍ଡ ରହିଥିବା ଜଣାପଡ଼ିଥିଲା। ଏବେ ମହିପୁର ଶାଖାର ପାନ କାର୍ଡ ରହିଥିବା ଜଣାପଡ଼ିବା ପରେ ହଟଚମଟ ସୃଷ୍ଟି ହୋଇଛି। ନୟାଗଡ଼ କେନ୍ଦ୍ର ସମବାୟ ବ୍ୟାଙ୍କର ନିର୍ଦ୍ଦେଶକ ସନ୍ନ୍ୟାସୀ ପ୍ରଧାନଙ୍କ ସୂଚନା ଅନୁସାରେ ପାନ କାର୍ଡ ଜାଲିଆତି କରି ଏକାଧିକ କରିବା ଦ୍ୱାରା ବ୍ୟାଙ୍କଙ୍କୁ ଆୟକର ବିଭାଗ ପକ୍ଷରୁ ୩୬୨ କୋଟି ୫୬ ଲକ୍ଷ ଫାଇନ ହୋଇଥିଲା। ଏଥିରୁ ଏକ ପ୍ରକାରର ଆଶ୍ୱସ୍ତି ମିଳିଥିବାବେଳେ ପୁଣି ୪ର୍ଥ ପାନକାର୍ଡ ଚିନ୍ତାରେ ପକାଇଛି।

### ବେଆଇନ ବଜେଟ ପାରିତକୁ ପ୍ରତିବାଦ

ନୟାଗଡ଼ କେନ୍ଦ୍ର ସମବାୟ ବ୍ୟାଙ୍କର ସାଧାରଣ ସଭାରେ ବଜେଟ ପାସ୍ ହୁଏ। ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ସାଧାରଣ ସଭା ଅନୁଷ୍ଠିତ ହୋଇନାହିଁ। ତେବେ ବ୍ୟାଙ୍କ ସମ୍ପାଦକ ସାଧାରଣ ସଭାରେ ବଜେଟ ପାସ ନ କରି ଓଡ଼ିଶା ରାଜ୍ୟ ସମବାୟ ବ୍ୟାଙ୍କର ସହମତି ପାଇଁ ପଠାଇଛନ୍ତି। ସାଧାରଣ ସଭାକୁ ଅଣଦେଖା କରି ବଜେଟ ପାସ କରାଯିବାକୁ ଉଦ୍ୟମ କରାଯିବା ଜଣାପଡ଼ିବା ପରେ ଏ ନେଇ ଶୁକ୍ରବାର ଅନୁଷ୍ଠିତ ବ୍ୟାଙ୍କର ପରିଚାଳନା ପରିଷଦ ବୈଠକରେ ଆଲୋଚନା ହୋଇଛି। ବଜେଟକୁ ନେଇ ବ୍ୟାଙ୍କ ସମ୍ପାଦକଙ୍କ ବେଆଇନ କାର୍ଯ୍ୟ ବିରୋଧରେ ଓଡ଼ିଶା ରାଜ୍ୟ ସମବାୟ ବ୍ୟାଙ୍କ ଓ ରେଜିଷ୍ଟ୍ରାରଙ୍କୁ ଅବଗତ କରାଯିବ। ଅନ୍ୟପକ୍ଷେ ଘଟଣା ସମ୍ପର୍କରେ ହାଇକୋର୍ଟରେ ମାମଲା ଲାଗି ପ୍ରସ୍ତାବ ଗୃହିତ ହୋଇଛି।

### ଜମାକାରୀ ଜମା ଟଙ୍କା ପାଇବା ନେଇ ସନ୍ଦେହ

ନୟାଗଡ଼ କେନ୍ଦ୍ର ସମବାୟ ବ୍ୟାଙ୍କର ଆୟ ଶୂନ୍ୟ ଥିବାବେଳେ ୧୫୮ କୋଟି ଟଙ୍କା ଇନ୍ ବାଲାନ୍ସ ହୋଇଛି। ଇନ ବାଲାନ୍ସ ଟଙ୍କା ସରକାରୀ କର୍ମଚାରୀଙ୍କ ଦରମାରେ ଯାଇଥିବା ଜଣାପଡିଛି। ୨୦୨୪ ଆର୍ଥିକ ବର୍ଷରେ ବ୍ୟାଙ୍କର ୯୮ଲକ୍ଷ ରୋଜଗାର ହୋଇଥିବାବେଳେ ୪ କୋଟିରୁ ଊର୍ଦ୍ଧ୍ୱ ଦରମାରେ ଯାଉଛି। ଯାହାକି ବ୍ୟାଙ୍କର କାମାସିଟ ପେ ନାହିଁ। ୨୦୨୨-୨୩ ଓ ୨୦୨୩-୨୪ ଆର୍ଥିକ ବର୍ଷରେ ବ୍ୟାଙ୍କର ଆୟ ଆଦୌ ନାହିଁ। କର୍ମଚାରୀମାନେ ୨୦୧୯-୨୦ ମସିହାଠାରୁ ଆଜି ପର୍ଯ୍ୟନ୍ତ ଲାଭ ଦେଖାଇ ବୋନସ ଆକାରରେ ପରିଚାଳନା ପରିଷଦର ବିନା ନିଷ୍ପତ୍ତିରେ, ଡିଆରସିଏସ୍‌ଙ୍କର ବିନା ସୁପାରିସରେ ଏବଂ ରେଜିଷ୍ଟ୍ରାରଙ୍କ ଅପ୍ରୁଭାଲ ନ ଥାଇ ପ୍ରାୟ ୪ କୋଟି ଟଙ୍କା ହଡପ କରିଛନ୍ତି। ଏଣୁ ଏହାର ଆଇନ ୬୫ରେ ତଦନ୍ତ କରିବାକୁ ବୈଠକରେ ନିଷ୍ପତ୍ତି ହୋଇଛି।

### ଆଖୁଚାଷରେ ୫୦୦ କୋଟିର ଋଣ ହଡ଼ପ

ଓଡ଼ିଶା ରାଜ୍ୟ ସମବାୟ ବ୍ୟାଙ୍କରୁ ଆଖୁଚାଷ ନିମନ୍ତେ ୫୨୪ କୋଟି ୫୮ ଲକ୍ଷ ୩୫ ହଜାରରୁ ଊର୍ଦ୍ଧ୍ୱ ଋଣ ନୟାଗଡ଼ କେନ୍ଦ୍ର ସମବାୟ ବ୍ୟାଙ୍କ ଆଣି ୭ଟି ଶାଖାର ୧୪୨ ସୋସାଇଟ ମାଧ୍ୟମରେ ଋଣ ଲଗାଣ କରିଛି। ଖରିଫ ଋତୁରେ ଆଦୌ ଆଖୁଚାଷ ହୋଇ ନ ଥିବା ସ୍ଥଳେ ରବି ଋତୁରେ ୬୮୪ ହେକ୍ଟର ଆଖୁ ଚାଷ ହୋଇଥିବା ଜିଲା କୃଷି ବିଭାଗ ପକ୍ଷରୁ ଆରଟିଆଇରେ ସୂଚନା ମିଳିବା ପରେ ଋଣ ହଡ଼ପ ପଦାକୁ ଆସିଛି। ଆଖୁଚାଷ ଋଣରେ ୫୦୦ କୋଟି ଟଙ୍କାର ହଡ଼ପ ହୋଇଥିବାବେଳେ ୨୪ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ସବ୍‌ସିଡିରେ ହଡ଼ପ ଘଟଣା ନିନ୍ଦନୀୟ। ଏହାର ତଦନ୍ତ ବୈଠକରେ ଦାବି କରାଯାଇଛି। ଏ ନେଇ ବ୍ୟାଙ୍କ ସଭାପତି ରବୀନ୍ଦ୍ର ନାଥ ସାହୁ ଓ ନିର୍ଦ୍ଦେଶକ ସନ୍ନ୍ୟାସି ପ୍ରଧାନ କୁହନ୍ତି, ପରିଚାଳନା ପରିଷଦ ବୈଠକରେ ସମ୍ପାଦକ ବାରମ୍ବାର ଅନୁପସ୍ଥିତ ରହିବାରୁ ଆଲୋଚ୍ୟ ବିଷୟ ଆଲୋଚନା ହୋଇପାରୁନି। ୨୦୨୩-୨୪ର ଅଡିଟ୍ ରିପୋର୍ଟରେ ଅନିୟମିତତା ବିଷୟ, ନାବାର୍ଡ ଇନ୍‌ସପେକ୍ସନ ରିପୋର୍ଟ, ବ୍ୟାଙ୍କ କେସ ସମ୍ବନ୍ଧୀୟ ତଥ୍ୟ ପରି ଅନେକ ବିଷୟରେ ଆଲୋଚନା ନିହାତି ଦରକାର ଥିଲା। ସମ୍ପାଦକ ଓ କର୍ମଚାରୀଙ୍କ ଅସହଯୋଗ କାରଣରୁ ବ୍ୟାଙ୍କର ଅଚଳାବସ୍ଥା ଜାରି ରହିଛି। ଜମାକାରୀଙ୍କ ଟଙ୍କା ବ୍ୟାଙ୍କରେ ସୁରକ୍ଷିତ ନୁହେଁ। ପରିଚାଳନା ପରିଷଦକୁ ଏଭଳି ଅଣଦେଖା କଲେ ବ୍ୟାଙ୍କରେ ତାଲା ଝୁଲିବ ବୋଲି ଉଭୟେ କହିଛନ୍ତି।

## ଖଣ୍ଡପଡ଼ା ବ୍ଲକ ପରିକ୍ରମା କଲା ଶିକ୍ଷା ସଚେତନତା ରଥ

ଖଣ୍ଡପଡ଼ା,୪।୪ (ଅଜୟ କୁମାର ମହାରଣା)

ଶିକ୍ଷା ସଚେତନତା ରଥ ସାଧାରଣରେ ସଚେତନତା ସୃଷ୍ଟି ନିମନ୍ତେ ଖଣ୍ଡପଡ଼ା ବ୍ଲକ ପରିକ୍ରମା ଆରମ୍ଭ କରିଛି। ସରକାରୀ ଶିକ୍ଷାନୁଷ୍ଠାନ ପ୍ରତି ପିଲାମାନଙ୍କୁ ଆକୃଷ୍ଟ କରିବା ସହ ଯେପରି ପ୍ରତ୍ୟେକ ପିଲା ବିଦ୍ୟାଳୟକୁ ପାଠ ପଢ଼ିବାକୁ ଯିବେ ସେ ନେଇ ଅଭିଭାବକମାନଙ୍କୁ ସଚେତନ କରିବାର ଲକ୍ଷ୍ୟ ନେଇ ରଥ ବିଭିନ୍ନ ବିଦ୍ୟାଳୟ ପରିକ୍ରମା କରିବ ବୋଲି ଜଣାପଡିଛି। ଖଣ୍ଡପଡ଼ା ବ୍ଲକ ଅଞ୍ଚଳରେ ଶିକ୍ଷା ସଚେତନତା ରଥ ପହଞ୍ଚିବା ପରେ ବିଇଓ କୈଳାସ ଚନ୍ଦ୍ର କର, ବିଆର୍‌ସିସି ନାରାୟଣ ଦାଶ, ଏବିଇଓ କଳିଙ୍ଗ ଚନ୍ଦ୍ର ନାୟକ ଓ ପ୍ରଦୀପ କୁମାର ସାହୁଙ୍କ ସମେତ ଶିକ୍ଷା ବିଭାଗ ଅଧିକାରୀ ସଚେତନତା ରଥକୁ ସ୍ୱାଗତ କରିଥିଲେ। ସେହିପରି ଶିକ୍ଷା ସଚେତନତା ରଥ ବିଭିନ୍ନ ବିଦ୍ୟାଳୟ ପରିକ୍ରମା କରିବା ଅବସରରେ ଅନୁଷ୍ଠାନର ଶିକ୍ଷୟିତ୍ରୀଶିକ୍ଷକ ଓ ଛାତ୍ରୀଛାତ୍ରମାନେ ରଥକୁ ସ୍ୱାଗତ କରିଥିଲେ। ପର୍ଯ୍ୟାୟକ୍ରମେ ବ୍ଲକ ଅଧୀନ ୨୨ଟି ପଞ୍ଚାୟତ ସମେତ ଖଣ୍ଡପଡା ସହର ଶିକ୍ଷା ସଚେତନତା ରଥ ପରିକ୍ରମା କରିବ ବୋଲି ବିଇଓଙ୍କ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡ଼ିଛି।

## ନାମ ଫଳକ ଓଡ଼ିଆ ଭାଷାରେ ଲେଖିବାକୁ ପଦଯାତ୍ରା




ଜିଲା ଶ୍ରମ କାର୍ଯ୍ୟାଳୟ ପକ୍ଷରୁ ନାମ ଫଳକ ଓଡ଼ିଆରେ ଲେଖିବାକୁ ବାହାରିଥିବା ଶୋଭାଯାତ୍ରା।

ନୟାଗଡ଼,୪।୪ (ଲୋକନାଥ ମିଶ୍ର)

ନୟାଗଡ଼ ଜିଲା ଶ୍ରମ କାର୍ଯ୍ୟାଳୟ ପକ୍ଷରୁ ଓଡ଼ିଆ ପକ୍ଷ ପାଳନ ଅବସରରେ ସମସ୍ତ ଦୋକାନ ବଜାର ଓ ବାଣିଜ୍ୟ ପ୍ରତିଷ୍ଠାନଗୁଡ଼ିକର ନାମ ଫଳକ ଓଡ଼ିଆ ଭାଷାରେ ଲେଖିବା ପାଇଁ ଶୁକ୍ରବାର ସଚେତନତା ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ପଦଯାତ୍ରା ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ବାହାରି ଥିଲା। ଅନ୍ୟପକ୍ଷେ ଏକ ସଚେତନତା ରଥ ନୟାଗଡ଼ ଜିଲାର ବିଭିନ୍ନ ଏନ୍‌ଏସି ଅଞ୍ଚଳରେ ପରିକ୍ରମା କରିଛି। କାର୍ଯ୍ୟକ୍ରମକୁ ଅତିରିକ୍ତ ଜିଲାପାଳ ରୋଜିନା ଦାସ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଜିଲା ଶ୍ରମ ଅଧିକାରୀ ଚିତ୍ତ ରଞ୍ଜନ ରାଉତ, ସମସ୍ତ ସହକାରୀ ଶ୍ରମ ଅଧିକାରୀ ଓ କର୍ମଚାରୀ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ଏବଂ ବିଭିନ୍ନ ଶ୍ରମିକ ସଙ୍ଗଠନ ସଚେତନତା ପଦଯାତ୍ରାରେ ଅଂଶଗ୍ରହଣ କରି ନୟାଗଡ଼ ସହର ପରିକ୍ରମା କରିଥିଲେ।

## ବଡ଼ବାଣପୁର ମହାବୀର ଜୟନ୍ତୀ ପାଇଁ ପ୍ରସ୍ତୁତି ବୈଠକ

ଖଣ୍ଡପଡ଼ା,୪।୪ (ଅଜୟ କୁମାର ମହାରଣା)

ଆସନ୍ତା ୧୪ ତାରିଖ ମହାବୀର ଜୟନ୍ତୀ ଅବସରରେ ଖଣ୍ଡପଡ଼ା ବ୍ଲକ ବଡ଼ବାଣପୁର ଗ୍ରାମ ରାମଚଣ୍ଡୀସାହିସ୍ଥିତ ମହାବୀର ଜୀଉ ମନ୍ଦିର ପ୍ରାଙ୍ଗଣରେ ପ୍ରତିବର୍ଷ ପରି ଅନୁଷ୍ଠିତ ହେବାକୁ ଥିବା ପଣା ସଂକ୍ରାନ୍ତି ଯାତ୍ରା ପାଇଁ ଏକ ପ୍ରସ୍ତୁତି ବୈଠକ କୃତାର୍ଥ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ୪ ଦିନ ବ୍ୟାପୀ ଅନୁଷ୍ଠିତ ହେବାକୁ ଥିବା ପାରମ୍ପରିକ ଯାତ୍ରାକୁ କିପରି ଶୃଙ୍ଖଳିତ ଭାବରେ ପରିଚାଳନା କରାଯିବ ସେ ସମ୍ପର୍କରେ ଆଲୋଚନା ହୋଇଥିଲା। ଆସନ୍ତା ୧୩ ତାରିଖରେ ଜଳଯାତ୍ରା, ୧୪ରେ ମହାବୀର ଜୟନ୍ତୀ ଅବସରରେ ୧୦୮ ହନୁମାନ ଚାଳିସା ପଠନ ଓ ଘୃତ ଯଜ୍ଞ ଅନୁଷ୍ଠିତ ହେବ। ଏହିଦିନ ବିଭିନ୍ନ ମହିଳା ସଂକୀର୍ତ୍ତନ ମଣ୍ଡଳୀ ପକ୍ଷରୁ ବାଦୀ ସଙ୍କୀର୍ତ୍ତନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ୧୫ ତାରିଖରେ ରଣପୁର ମଣିନାଗ ନାଟ୍ୟ ସଂସଦ ପକ୍ଷରୁ ରାମଲୀଳା, ୧୬ ତାରିଖ ଅଷ୍ଟପ୍ରହର ନାମଯଜ୍ଞ, ୧୭ ତାରିଖ ଉଦ୍‌ଯାପନୀ ଅବସରରେ ବାଲ୍ୟଲୀଳା ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି। ଆୟୋଜିତ ବୈଠକରେ ଅନୁଷ୍ଠାନର ସଭାପତି କୃତାର୍ଥ ପ୍ରଧାନ, ସମ୍ପାଦକ ପ୍ରଭାତ କୁମାର ପ୍ରଧାନଙ୍କ ସମେତ ପରିଚାଳନା କମିଟିର ସମସ୍ତ ସଦସ୍ୟ ଓ ଗ୍ରାମବାସୀ ଉପସ୍ଥିତ ହୋଇ ଶୃଙ୍ଖଳିତ କାର୍ଯ୍ୟକ୍ରମ ପରିଚାଳନା ପାଇଁ ବିଭିନ୍ନ ପରାମର୍ଶ ଦେଇଥିଲେ।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

# ମହିପୁରରେ ପଞ୍ଚ ଦଣ୍ଡ ମିଳନ

ନୂଆଗାଁ, ୪।୪ (ଧନେଶ୍ୱର ସାହୁ)



ମହିପୁରରେ ପଞ୍ଚଦଣ୍ଡ ମିଳନରେ ଧୂଳି ଦଣ୍ଡ।

ନୟାଗଡ ଜିଲା ନୂଆଗାଁ ବ୍ଲକ ମହିପୁରଠାରେ ଶୁକ୍ରବାର ପଞ୍ଚଦଣ୍ଡ ମିଳନ ହୋଇଛି। ମହିପୁର ଗ୍ରାମରେ ଜଣେ ମାନସିକଧାରୀ ଭକ୍ତ ପଞ୍ଚଦଣ୍ଡ ଠାକୁରଙ୍କ ମିଳନର ଆୟୋଜନ କରିଛନ୍ତି। ଏହି ଅବସରରେ କଞ୍ଚନବେଲି, ସୁବଳୟା, ରାଇପୁର, ମହିପୁର ଓ ନୀଳାଦ୍ରିପୁର ଗ୍ରାମର ଦଣ୍ଡ ଠାକୁର ସକାଳୁ ଆସି ମାନସିକଧାରୀ ଭକ୍ତଙ୍କ ଦୁଆରେ ବନ୍ଦାପନା ହୋଇଥିଲେ। ଅପରାହ୍ନରେ ଦଣ୍ଡୁଆମାନଙ୍କ ଦ୍ୱାରା ଧୂଳି ଦଣ୍ଡ ପ୍ରଦର୍ଶନ କରାଯାଇଥିଲା। ଧୂଳି ଦଣ୍ଡ ଖେଳି ସାରି ନିକଟସ୍ଥ ଡାହୁକା ନଦୀରେ ୫ ଗୋଟି ଗ୍ରାମର ଦଣ୍ଡ ଠାକୁର ଏକତ୍ର ସ୍ନାନ କରିଥିଲେ। ରାତ୍ର ସମୟରେ ମହିପୁର ଗ୍ରାମର ବିଭିନ୍ନ ସ୍ଥାନରେ ୫ ଗୋଟି ଗ୍ରାମରେ ଦଣ୍ଡନାଚ ପରିବେଷଣ କରାଯାଇଥିଲା। ଏହି ପଞ୍ଚ ଦଣ୍ଡ ମେଳନ ଦେଖିବା ପାଇଁ ଲୋକମାନଙ୍କ ପ୍ରବଳ ଭିଡ ଜମିଥିଲା। ନୂଆଗାଁ ଆଇଆଇସି ରଶ୍ମିରଞ୍ଜନ ସାହୁଙ୍କ ଉପସ୍ଥିତି ସହ ମହିପୁର ଫାଣ୍ଡି ଅଧିକାରୀ ବିରଞ୍ଚି ନାରାୟଣ ଅମାତଙ୍କ ନେତୃତ୍ୱରେ ପୋଲିସ ଜନଗହଳି ଓ ଯାନବାହନ ଯାତାୟତ ନିୟନ୍ତ୍ରଣ କରିଥିଲେ।

## ଦରଦାଠାରେ ବାସନ୍ତୀକ ଦୁର୍ଗାପୂଜା

ଖଣ୍ଡପଡ଼ା,୪।୪ (ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ ଜଗନ୍ନାଥପ୍ରସାଦ ପଞ୍ଚାୟତ ଅନ୍ତର୍ଗତ ଦରଦା ଗ୍ରାମସ୍ଥିତ ମହିଷାସୁରଣୀ ପୀଠରେ ଚୈତ୍ର ୭ମୀ ତିଥି ଶୁକ୍ରବାରଠାରୁ ରବିବାର ନବମୀ ତିଥି ପର୍ଯ୍ୟନ୍ତ ୩ ଦିନ ବ୍ୟାପୀ ବାସନ୍ତୀକ ଦୁର୍ଗାପୂଜା ପାରମ୍ପରିକ ରୀତିରେ ଅନୁଷ୍ଠିତ ହୋଇଛି। ଏହି ଅବସରରେ ଆୟୋଜିତ ଯଜ୍ଞ କାର୍ଯ୍ୟକ୍ରମରେ ଖଣ୍ଡପଡ଼ା ତହସିଲଦାର ତଥା ଦେବୋତର କାର୍ଯ୍ୟ ନିର୍ବାହୀ ଅଧିକାରୀ ବିଶ୍ୱ ବିଶୃତ ତ୍ରିପାଠୀ କର୍ତ୍ତା ଭାବେ କାର୍ଯ୍ୟ ସମ୍ପାଦନ କରିଥିବା ଜଣାଯାଇଛି। ଦରଦା ଗ୍ରାମବାସୀଙ୍କ ପକ୍ଷରୁ ୩ ଦିନ ବ୍ୟାପୀ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମମାନ ପରିବେଷଣ କରାଯିବାର କାର୍ଯ୍ୟକ୍ରମ ରହିଛି। ପ୍ରଥମଦିନରେ ମହାଭାରତ ନାଟକ ପରିବେଷଣ ହେବାର କାର୍ଯ୍ୟକ୍ରମ ରହିଛି। ଅପରପକ୍ଷରେ ଏ ଉତ୍ସବ ପାଇଁ ମେଳା ପଡ଼ିଆରେ ବିଭିନ୍ନ ଦୋକାନ ବଜାର ଖୋଲିଛି। ପ୍ରଥମ ଦିବସରେ ଠାକୁରାଣୀଙ୍କୁ ଗ୍ରାମ ପରିକ୍ରମା କରାଯାଇଥିଲା।

# ମହିଳା ମହାବିଦ୍ୟାଳୟରେ ଆତ୍ମ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

ନୟାଗଡ଼,୪।୪( ଲୋକନାଥ ମିଶ୍ର)

ନୟାଗଡ଼ ପ୍ରଜାମଣ୍ଡଳ ମହିଳା ମହାବିଦ୍ୟାଳୟରେ ଚାଲିଥିବା ଆତ୍ମ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଯୁକ୍ତ ୩ ପ୍ରଥମ ବର୍ଷର ୨୪୦ଜଣ ଛାତ୍ରୀ ୫ଟି ଗ୍ରୁପରେ ଭାଗ ନେଇଥିଲେ। ଛାତ୍ରୀମାନଙ୍କୁ ସ୍ୱତନ୍ତ୍ର ପ୍ରଶିକ୍ଷଣ ତାଲିମ ପ୍ରାପ୍ତ ମାଷ୍ଟର ଟ୍ରେନର ଅମୃତା ସେନ୍ ଏବଂ ଚିନ୍ମୟୀ ମଲ୍ଲିକ ୮ଦିନ ଧରି ତାଲିମ ଦେଇଥିଲେ। ଉଦ୍‌ଯାପାନୀ ଉତ୍ସବରେ ଅଧ୍ୟକ୍ଷା ସକିଲା ଜମାଲ ଛାତ୍ରୀମାନଙ୍କୁ ଏହି ତାଲିମର ଉପଯୋଗିତା ବିଷୟରେ ମତବ୍ୟକ୍ତ କରିଥିଲେ। ଶିବପ୍ରିୟା ସାହୁ, ଇପ୍ସିତା ମିଶ୍ର, ଭୁବନେଶ୍ୱର ବେହେରା, ଶଶିଶେଖର ପାଣିଗ୍ରାହୀ, ଆଇକ୍ୟୁଏସ୍‌ସି ନୋଡାଲ ଅଫିସର ମିନାକ୍ଷୀବାଳା ମିଶ୍ର ପ୍ରମୁଖ ଅଧ୍ୟାପିକାଅଧ୍ୟାପକ ଉପସ୍ଥିତ ଥିଲେ। ଶେଷରେ ପୋଗ୍ରାମ କୋ ଅର୍ଡିନେଟର ରଶ୍ମିତା ଭୁଜବଳ ଧନ୍ୟବାଦ୍ ଦେଇଥିଲେ।

# ହରିହରପୁରରେ ୧୩ ଭକତାଙ୍କ ପାଣିତୋଳା ଯାତ୍ରା

ଶରଣକୁଳ, ୪।୪(ଦୀପକ କର)



ଦଣ୍ଡୁଆମାନେ ଠାକୁରଙ୍କୁ ଧରି ଯାଉଛନ୍ତି।

ଶରଣକୁଳ ନିକଟବର୍ତ୍ତୀ ହରିହରପୁର ଗ୍ରାମରେ ଶୁକ୍ରବାର ଦଣ୍ଡ ଠାକୁରଙ୍କ ପାଣିତୋଳା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସକାଳୁ ଠାକୁର ପୁଷ୍କରିଣୀ ତୁଠକୁ ଯାଇ ପ୍ରାୟ ୫୦ ଜଣ ଦଣ୍ଡୁଆ ସ୍ନାନାଦି କାର୍ଯ୍ୟ ସାରି ବାନାମ୍ବର ହେ ଓ 'ହେ ତେର ଭକତେ' ଧ୍ୱନି ଦେଇ ଗ୍ରାମ ପରିକ୍ରମା କରିଥିଲେ। ଗ୍ରାମର ମହିଳାମାନେ ସେମାନଙ୍କ ଘର ଦୁଆର ଲିପାପୋଛା କରି, ଚିତା ଦେଇ, ପୂର୍ଣ୍ଣକୁମ୍ଭ ସ୍ଥାପନ ପୂର୍ବକ ଦୀପ ଜାଳିଥିଲେ। ପ୍ରଭୁ ବାନାମ୍ବରଙ୍କୁ ଭକ୍ତମାନେ ଘଣ୍ଟ, ଘଣ୍ଟା, ଖୋଳ ତାଳ, ଢ଼ୋଲ, ମାଦଳ ବଜାଇ ଗ୍ରାମ ପରିକ୍ରମା କରିଥିଲେ। ଅପରାହ୍ନରେ ଦଣ୍ଡୁଆମାନେ ଧୂଳିଦଣ୍ଡ ଖେଳିଥିଲେ। ପରେ କୃଷି ଭିତ୍ତିକ ଚାଷ ଓ ଗ୍ରାମ୍ୟ ବିବାହ ସମ୍ବନ୍ଧୀୟ ଅଭିନୟ ଅଭିନିତ ହୋଇଥିଲା। ସନ୍ଧ୍ୟାରେ ଦଣ୍ଡୁଆମାନେ ପୁନଶ୍ଚ ପୁଷ୍କରିଣୀକୁ ଯାଇ ସ୍ନାନ ଓ ପୂଜନ ପରେ ପ୍ରଭୁ ବାନାମ୍ବରଙ୍କୁ ଧରି ଡିଜେ, ସମ୍ବଲପୁରୀ ବାଜା ଓ ଯୁବକମାନଙ୍କର ନାଚ ସହ ଆଲୋକ ପଟୁଆରରେ ଗ୍ରାମ ପରିକ୍ରମା କରିଥିଲେ। ଦୁଆରରେ ଭୋଗ ଖାଇ ମାନସିକ ଥିବା ଭକ୍ତଙ୍କ ଦୁଆରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ଓ ଭୋଗ ଅର୍ପଣ ପରେ କାମନା ଘରେ ପହଞ୍ଚି ଥିଲେ। ରାତ୍ରିରେ ପରିଚାଳକ ବୈକୁଣ୍ଠ ନାଥ ସିଠଙ୍କ ଦୁଆରେ ଚଢ଼େୟା ନୃତ୍ୟ ପରିବେଷଣ କରାଯାଇଥିଲା। ପ୍ରଭୁଙ୍କ ଏହି ଯାତ୍ରା ୧୧ ଦିନ ଧରି ଚାଲିବ ବୋଲି ପରିଚାଳକ ଅଭିମନ୍ୟୁ ନାୟକଙ୍କଠାରୁ ପ୍ରକାଶ।

OFFICE OF THE DISTRICT PROJECT COORDINATOR
SAMAGRA SIKSHYA, SUBARNAPUR
ଶିକ୍ଷା ଅଧିକାର
E-mail : dpcsonepurssa.opepa@nic.in, Ph.: 06654-220551 / 06654-220514 (fax)
Letter No. 817 Date : 03.04.2025
SHORT TENDER CALL NOTICE FOR PRINTING & SUPPLY OF PM SHRI LOGO BADGE FOR TEACHERS AND STUDENTS OF PM-SHRI SCHOOLS (2024-25)
Sealed Tenders are invited in prescribed format from reputed firms / individuals having valid GST Registration Number and valid PAN for printing and supply of P.M. SHRI Logo Badge for Teachers and Students of PM-SHRI Schools of Subarnapur Distrct for the year 2024-25. The tender paper will be submitted to District Project Coordinator, Samagra Shiksha, Subarnapur latest by 15.04.2025. Details Bid documents can be down loaded from the official website https://subarnapur.odisha.gov.in & https://osepa.odisha.gov.in.
By order of Collector-cum-Chairman, Samagra Shiksha, Subarnapur
Sd./- DEO-cum-DPC, Samagra Shiksha, Subarnapur

OFFICE OF THE DISTRICT PROJECT COORDINATOR
SAMAGRA SIKSHYA, SUBARNAPUR
ଶିକ୍ଷା ଅଧିକାର
E-mail : dpcsonepurssa.opepa@nic.in, Ph.: 06654-220551 / 06654-220514 (fax)
Letter No. 824 Date : 03.04.2025
SHORT TENDER CALL NOTICE FOR PRINTING & SUPPLY OF IDENTITY CARDS FOR TEACHERS AND STUDENTS OF PM-SHRI SCHOOLS (2024-25)
Sealed Tenders are invited in prescribed format from reputed firms / individuals having valid GST Registration Number and valid PAN for printing and supply of Identity Cards for Teachers and Students of PM-SHRI Schools of Subarnapur Distrct for the year 2024- 25. The tender paper will be submitted to District Project Coordinator, Samagra Shiksha, Subarnapur latest by 15.04.2025. Details Bid documents can be down loaded from the official website https://subarnapur.odisha.gov.in & https://osepa.odisha.gov.in.
By order of Collector-cum-Chairman, Samagra Shiksha, Subarnapur
Sd./- DEO-cum-DPC, Samagra Shiksha, Subarnapur

भारतीय बीमा संस्थान
INSURANCE INSTITUTE OF INDIA
NOTICE INVITING TENDER
We are pleased to invite applications for a commercial space on rental basis ideally situated within a 15-kilometer radius of the Sachivalaya, Bhubaneswar. The details of Bid requirements are published on our website. Kindly visit www.insuranceinstituteofindia.com → Tender → Bid for renting premises at Bhubaneswar. The last date for submission of applications is 21st April, 2025. For any queries, send email to lanjekar@iii.org.in
SECRETARY GENERAL

ଭାରତୀୟ ଅନ୍ତର୍ଦ୍ଦେଶୀୟ ଜଳମାର୍ଗ ପ୍ରାଧିକରଣ
ବନ୍ଦର, ଜାହାଜ ଚଳାଚଳ ଓ ଜଳମାର୍ଗ ମନ୍ତ୍ରଣାଳୟ, ଭାରତ ସରକାର
ଆଞ୍ଚଳିକ କାର୍ଯ୍ୟାଳୟ: ଭିଆର୍-୭୨, ୟୁନିଟ୍-୬ (ରାଜ ଭବନ ଛକ ନିକଟ), ଭୁବନେଶ୍ୱର-୭୫୧୦୦୧
ଫୋନ୍: ୯୧-୬୭୪-୨୩୯୭୩୩୪, ଇ-ମେଲ୍: dirbhubaneswar@iwai.gov.in ଓ iwainw5@gmail.com
ଟେଣ୍ଡର ଆହ୍ୱାନକାରୀ ବିଜ୍ଞପ୍ତି
ଇ-ଟେଣ୍ଡର ନଂ.: ଆଇଡବ୍ଲ୍ୟୁଏଆଇ/ବିବିଏସ୍‌ଆର୍/୩/(୧୦୬)/ଏମ୍‌ଭିବିଏଚ୍/୨୦୨୧-୨୨
ଭାରତୀୟ ଅନ୍ତର୍ଦ୍ଦେଶୀୟ ଜଳମାର୍ଗ ପ୍ରାଧିକରଣ (ଆଇଡବ୍ଲ୍ୟୁଏଆଇ) ''ଆର୍ଥିକ ବର୍ଷ ୨୦୨୫-୨୬ ଅବଧିରେ ଆର୍‌ଓ-ଆର୍‌ଓ ଭେସେଲ୍ ଏମ୍‌ଭି ଭୂପେନ ହଜାରିକାର ଡ୍ରାଏ ଡକ୍ ମରାମତି କାର୍ଯ୍ୟ'' ପାଇଁ ଅଭିଜ୍ଞତାସମ୍ପନ୍ନ, ଖ୍ୟାତନାମା ଲୋକଶକ୍ତି ଯୋଗାଣ ଏଜେନ୍ସିଗୁଡ଼ିକଠାରୁ ଅନଲାଇନ୍ ବିଡ୍/ଟେଣ୍ଡର ଆହ୍ୱାନ କରୁଛନ୍ତି। ବିବରଣୀ ଏବଂ ଟେଣ୍ଡର ଦସ୍ତାବିଜ ତା୦୪।୦୪।୨୦୨୫ରିଖରୁ ତା୧୭।୦୪।୨୦୨୫ରିଖ ପର୍ଯ୍ୟନ୍ତ ଆମର ୱେବ୍‌ସାଇଟ୍ 'www.iwai.nic.in' ଏବଂ ସିପିପିପି ପୋର୍ଟାଲ ''https://eprocure.gov.in/eprocure/app'ରୁ ଡାଉନ୍‌ଲୋଡ୍ କରାଯାଇପାରିବ । ଅନଲାଇନ୍ ବିଡ୍ ଦାଖଲ କରିବାର ଶେଷ ତାରିଖ ହେଉଛି ତା୧୭।୦୪।୨୦୨୫ରିଖ ୧୫.୦୦ ଘଟିକା ପର୍ଯ୍ୟନ୍ତ ଏବଂ ଟେଣ୍ଡର ଖୋଲାଯିବାର ତାରିଖ ହେଉଛି ତା୧୮।୦୪।୨୦୨୫ରିଖ ୧୫.୩୦ ଘଟିକା। ଅନଲାଇନ୍ ବିଡ୍ https://eprocure.gov.in/eprocure/app ମାଧ୍ୟମରେ ଦାଖଲ କରାଯିବ।
(ନିର୍ଦ୍ଦେଶକ)

FAKIR MOHAN UNIVERSITY
VYASA VIHAR, NUAPADHI - 756020, BALASORE, ODISHA, INDIA, www.fmuniversity.nic.in
No.FMU/Pur-16/2025 2455 Date : 04.04.2025
Quotation Call Notice
Sealed Quotations are inviting from Jewellers having valid PAN and GST Registration No. copy with experience in the field to supply 107 numbers of Gold Medals to the University. The details of specification, regarding quality, weight etc. are available in the University Website (www.fmuniversity.nic.in).
Quotationers are requested to furnish copy of PAN and GST Regd. No. along with quotation. The quotations must reach the undersigned on or before 16.04.2025 at 01.00 P.M. and the same will be opened at 03.30 P.M. on the same day in the Office of the Registrar, F.M. University, Vyasa Vihar, New Campus, Nuapadhi, Balasore. The authority reserves the right to reject any one or all quotations without assigning reason thereof.
Sd./- Registrar

ଆବଶ୍ୟକ
ପୁରୀରେ ରୋଷେଇ କରିବା ପାଇଁ ଗୋଟିଏ ପୁଅ ପିଲା ଦରକାର। ବୟସ – 25 ରୁ 30 ବର୍ଷ। ଦରମା ମାସିକ 10 ହଜାର +। ଏଥି ସହିତ ରହିବା ଏବଂ ଖାଇବା ମାଗଣା ବ୍ୟବସ୍ଥା ଅଛି।
ଯୋଗାଯୋଗ - 9437281147

APPOINTMENT
Digitomesh, a leading Software Company required TECHNICAL / NON TECHNICAL, RETIRED OFFICIALS.
Contact : 8093008289
Bhubaneswar, Puri

ଆବଶ୍ୟକ
ଭୁବନେଶ୍ୱରସ୍ଥିତ PLASTIC FACTORY ପାଇଁ Helper, Operator, Marketing Executive ଆବଶ୍ୟକ।
Contact: 8763300340
Email: servingwareh@gmail.com

WANTED
SALES EXECUTIVE
for selling Automotive Battery, based in PURI & BHUBANESWAR. Interested candidates may send resumes to
email ID: tbsa.bbsr@gmail.com
Call -7008713919

JOB OPPORTUNITIES

| Sr. No. | Post | Qualification | Sex | Experience | Nos |
|---|---|---|---|---|---|
| 1 | Office Co-ordinator | PGDCA & Tally (Good Computer Skill) | F/M | 1 year / Fresher | 1 |
| 2 | Office Co-ordinator | DTP (Good Typing Skill) | F/M | 1 year | 1 |
| 3 | Care Taker | | M | 1 year | 2 |
| 4 | Room service | | M | 1 year | 2 |
| 5 | Receptionist | Graduation | M/F | 1 year (Hotel Industry) | 2 |

Cont. Details : KM Convention (Wedding Hall), Bhubaneswar
Send Your resume by mail or Whatsapp (Whatsapp no - 8249579908 & 9556924496)
Mail Id : khatamitha717@gmail.com
Cont. No. - 8249579908 (Cont. between 11:30 A.M. to 5.30 P.M.)

कार्यपालक अभियन्ता का कार्यालय
पेयजल एवं स्वच्छता प्रमण्डल सं.1, धनबाद
अति अल्पकालीन ई–प्रोक्योरमेंट निविदा सूचना
(प्रथम आमंत्रण)
निविदा सूचना संख्या– DHANBAD-1/OandM/01/2025-26
दिनांक – 03.04.2025

| | | |
|---|---|---|
| 1 | कार्य का नाम | Operation and Maintenance of 13.50 MLD WTP at Kandra, Intake works at river Damodar (Chasnala), Raw water rising mains D.I. K-9 from Intake well to WTP, Clear water rising mains D.I. K-7 from WTP at Kandra to 5 Nos. ESR and distribution main of allied area under Dhanbad water supply project under JnNURM for 3 year including the cost of chemical but Excluding the cost of energy charges in the district of Dhabad. |
| 2 | प्राक्कलित राशि | रू0 234.90378 लाख |
| 3 | अग्रधन की राशि | रू0 4.70 लाख |
| 4 | कार्य पूर्ण करने की अवधि | 36 माह |
| 5 | वेबसाईट पर निविदा प्रकाशन की तिथि एवं समय | 07.04.2025, 4.00 बजे अपराह्न तक। |
| 6 | निविदा प्राप्ति (ऑन लाईन बिडींग) की अन्तिम तिथि एवं समय | 14.04.2025, 5.00 बजे अपराह्न तक। |
| 7 | सरकार के सचिव, सूचना प्रौद्योगिकी एवं ई–गवर्नेस,झारखण्ड मंत्रालय, के ज्ञापांक 120 दिनांक 03.10.2023 के आलोक में विपत्र का मूल्य एवं अग्रधन की राशि Online जमा करने की अन्तिम तिथि एवं समय | 14.04.2025, 5.00 बजे अपराह्न तक। |
| 8 | तकनीकी बीड खोलने की तिथि एवं समय | 15.04.2025, 05.00 बजे अपराह्न |
| 9 | निविदा आमंत्रित करने वाले पदाधिकारी एवं कार्यालय का पता | कार्यपालक अभियंता, पेयजल एवं स्वच्छता प्रमण्डल सं.1, धनबाद |
| 10 | ई–प्रोक्योरमेंट कार्यालय का सम्पर्क नं0 | 0326–2311259 |
| 11 | ई–प्रोक्योरमेंट सेल का हेल्प लाईन नं0 | 0651–1280345 |

विस्तृत जानकारी हेतु वेबसाईट नं0– http://jharkhandtenders.gov.in पर देखा जा सकता है।
कार्यपालक अभियंता,
पेयजल एवं स्वच्छता प्रमण्डल सं.1,
धनबाद
PR 349673 (Drinking Water and Sanitation) 25-26 (D)

**କଂଗ୍ରେସ ଗଠନ କଲା ମାଇନି କମିଟି**

ଭୁବନେଶ୍ୱର,(ରବିନାରାୟଣ ଜେନା): ସୁନ୍ଦରଗଡ଼ ଜିଲାରେ ହୋଇଥିବା ଖଣି ଅନିୟମିତତା ଓ ଖଣି ଅଞ୍ଚଳର ଅଧିବାସୀମାନଙ୍କର ସମସ୍ୟା ସମ୍ପର୍କରେ ଅନୁଧ୍ୟାନ କରିବା ପାଇଁ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସ ଶୁକ୍ରବାର ଏକ ମାଇନିଂ କମିଟି ଗଠନ କରିଛନ୍ତି । ଏହି କମିଟିରେ କଂଗ୍ରେସ ବିଧାୟକ ତାରା ପ୍ରସାଦ ବାହିନୀପତି ଅଧ୍ୟକ୍ଷ ରହିଥିବା ବେଳେ ବିଧାୟକ ସିଏସ୍ ରାଜନ ଏକ୍କା, ଅଶୋକ ଦାସ, ସତ୍ୟଜିତ ଗମାଙ୍ଗ ଏବଂ ସାଗର ଚରଣ ଦାସ ସଭ୍ୟ ରହିଛନ୍ତି ବୋଲି ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ କୁହାଯାଇଛି ।

# ନ୍ୟାୟିକ ତଦନ୍ତ ଦାବିକଲେ ତାରା

**ଭାଜପା ମୁଖ୍ୟଙ୍କ ଖାତାକୁ ରାଜା ଚକ୍ର ଟଙ୍କା ଦେବା ପ୍ରସଙ୍ଗ ତେଜିଲା**

ଭୁବନେଶ୍ୱର,୪।୪ (ରବିନାରାୟଣ ଜେନା)

ଭାଜପା ରାଜ୍ୟ ମୁଖ୍ୟଙ୍କ ଖାତାକୁ ଏକ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ରାଜା ଚକ୍ର ଦେଇଥିବା ନେଇ ତାଙ୍କ ଓକିଲ ଗଣମାଧ୍ୟମ ସମ୍ମୁଖରେ ମନ୍ତବ୍ୟ ଦେବା ପରେ ରାଜନୀତି ଜୋର ଧରିଛି । ଏହି ପ୍ରସଙ୍ଗକୁ ନେଇ ଶୁକ୍ରବାର କଂଗ୍ରେସର ବରିଷ୍ଠ ବିଧାୟକ ତାରାପ୍ରସାଦ ବାହିନୀପତି ଖବରଦାତା ସମ୍ମିଳନୀରେ କହିଛନ୍ତି, ରାଜା ଚକ୍ରଙ୍କଠାରୁ ୧କୋଟି ୩୩ ଲକ୍ଷ ଟଙ୍କା ଭାଜପା ନେଇଛି । ରାଜାଙ୍କଠାରୁ କେବଳ ଭାଜପା ଏବେ ଟଙ୍କା ନେଇଛି ତାହା ନୁହେଁ, ପୂର୍ବରୁ ବିଜେଡି ସରକାର ବିପୁଳ ପରିମାଣର ଚାନ୍ଦା ନେଇଛନ୍ତି । ତାରା କହିଛନ୍ତି, କେବଳ ରାଜା ଚକ୍ର ନୁହନ୍ତି, ବିଶିଷ୍ଟ ଖଣି ବ୍ୟବସାୟୀ ପ୍ରଭାକରନ୍‌ଙ୍କଠାରୁ ଭାଜପା କେତେ ଟଙ୍କା ନେଇଛି ତାହା ସ୍ପଷ୍ଟ କରୁ। ପ୍ରଭାକରନ୍ କିଭଳି ଅନାୟାସରେ ତାଙ୍କ ସାମ୍ରାଜ୍ୟ ରାଜ୍ୟରେ ଚଳାଉଛନ୍ତି ଏବଂ ଏହାପଛରେ କାହାର ହାତ ରହିଛି ତାହା ଲୋକଲୋଚନକୁ ଆସିବା ଦରକାର।



କଂଗ୍ରେସ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ କଂଗ୍ରେସ ବିଧାୟକ ଦଳର ନେତା ରାମଚନ୍ଦ୍ର କାଡାମ, ପିସିସି ପୂର୍ବତନ ସଭାପତି ପ୍ରସାଦ ହରିଚନ୍ଦନ ଓ ବିଧାୟକ ତାରାପ୍ରସାଦ ବାହିନୀପତି।

ପ୍ରଭାକରନ୍ କେତେ ଖଣି ଲିଜ୍ ନେଇଛନ୍ତି, କେତେ ରାଜସ୍ୱ ସରକାରଙ୍କୁ ଦେଇଛନ୍ତି, କେତେ ଠକିଛନ୍ତି ତା'ର ତଦନ୍ତ ହେବାର ଆବଶ୍ୟକତା ରହିଛି। ପ୍ରଭାକରନ୍ ପୂର୍ବରୁ ବିଜେଡିର ଡାହାଣ ହାତ ଥିଲେ, ଏବେ ସେ ଭାଜପାର ଡାହାଣ ହାତ ହୋଇଛନ୍ତି। ତେଣୁ ବିଜେଡି-ଭାଜପା ସଲାସୁତରାରେ ଖଣି ଲୁଟ୍ ହେଉଛି, ସିଏଜିଙ୍କ ରିପୋର୍ଟରୁ ଏହା ସ୍ପଷ୍ଟ ହୋଇଛି। ସେ କହିଛନ୍ତି, ଏହି ପ୍ରସଙ୍ଗ ବିଧାନସଭାରେ ବହୁ ଥର ଉଠିଥିଲା। ସେତେବେଳେ ମୁଁ ଓ ବର୍ତ୍ତମାନର ମୁଖ୍ୟମନ୍ତ୍ରୀ ସ୍ୱର ଉଠାଉଥିଲୁ। ବର୍ତ୍ତମାନ ସେ ସରକାରରେ ଥାଇ ପ୍ରମାଣ କରିଛନ୍ତି ଯେ, କୋଟି କୋଟି ଟଙ୍କା ନେଉଛନ୍ତି। ଓଡ଼ିଶାରେ ଯେତେ ଖଣି ଖାଦାନ ଅଛି ତାକୁ ପ୍ରଭାକରନ୍‌ଙ୍କ ପାଖରେ ବିକି ଦେଇଛନ୍ତି। ସିବିଆଇ ତଦନ୍ତ ହେଲେ ସବୁ ସ୍ପଷ୍ଟ ହେବ। ସେ ପୁଣି କହିଛନ୍ତି,

**ସ୍ପଷ୍ଟୀକରଣ ରଖିଲେ ମନମୋହନ**

ସିବିଆଇ ହେଉଛି ଭାଜପାର ଚାଟୁକର। ତେଣୁ ଜଣେ ହାଇକୋର୍ଟ ବିଚାରପତିଙ୍କୁ ନେଇ ଏହାର ତଦନ୍ତ କରାଯାଉ। ଯଦି ସରକାର ଏହା ନ କରିବେ କଂଗ୍ରେସ ରାସ୍ତାକୁ ଓହ୍ଲାଇବ ବୋଲି ତାରା କହିଛନ୍ତି।

ଏହାର ଜବାବରେ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି, ଆମ ଦଳ ହେଉଛି ଖୋଲା ବହି। ଆମ ନେତା ମଧ୍ୟ ଖୋଲା। ଯେଉଁମାନେ ଅଭିଯୋଗ ଆଣିଛନ୍ତି ସେମାନେ ବ୍ୟାଙ୍କ ଆକାଉଣ୍ଟ ନମ୍ବର ନେଇ ଯାଞ୍ଚ କରନ୍ତୁ। ସବୁ ସତ ଜାଣିପାରିବେ। ଦଳର ଭାବମୂର୍ତ୍ତି ବହୁ ତ୍ୟାଗ ଓ ତପସ୍ୟାରେ ତିଆରି ହୋଇଛି। ମନ୍ତବ୍ୟ ଦେବା ପୂର୍ବରୁ ଏସବୁ ଦେଖିବାର ରହିଛି। ଗଣମାଧ୍ୟମ ତା'ର ବିଶ୍ୱସନୀୟତା ବଜାୟ ରଖୁ ବୋଲି ମନମୋହନ କହିଛନ୍ତି।

# ତଦନ୍ତକୁ ବାଟବଣା ପାଇଁ ଉଦ୍ୟମ: ଅଞ୍ଜନ ବେଜ୍

**ଗନ୍ଧମାର୍ଦ୍ଦନ ଲୋଡିଂ ଏଜେନ୍ସିରେ ଆର୍ଥିକ ଅନିୟମିତତା ଘଟଣା**

କେନ୍ଦୁଝର,୪।୪(ଦୀପକ ମିଶ୍ର/ ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ଶୁଆକାଟି ଗନ୍ଧମାର୍ଦ୍ଦନ ଲୋଡିଂ ଏଜେନ୍ସି ଓ ପରିବହନ କୋଅପରେଟିଭ ସୋସାଇଟିରେ ଆର୍ଥିକ ଅନିୟମିତତା ଘଟଣାରେ କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲୁ) ବିଜେଡି ନେତା ରାଜା ଚକ୍ରଙ୍କ ସମେତ ୪ ଜଣଙ୍କୁ ଗିରଫ କରିଛି। ଗୁରୁବାର ବାଲେଶ୍ୱର ଓପିଆଇଡି କୋର୍ଟରେ ରାଜା ହାଜର ସମୟରେ ତାଙ୍କ ଓକିଲ ଗଣମାଧ୍ୟମ ଆଗରେ ବିସ୍ଫୋରକ ବୟାନ ଦେଇ ଅନିୟମିତତା ଘଟଣାରେ ଭାଜପା ନେତାଙ୍କ ସମ୍ପୃକ୍ତି ଥିବା ମତ ଦେଇଥିଲେ, ଯାହା ଜିଲା ସମେତ ରାଜ୍ୟ ରାଜନୀତିକୁ ହଲଚଲ କରିଦେଇଛି। ଏଭଳି ବୟାନକୁ ନେଇ ଭାଜପା ନେତା ଅଞ୍ଜନ ବେଜ ଶୁକ୍ରବାର ପ୍ରେସ୍ ବିଜ୍ଞପ୍ତି ଜରିଆରେ ସ୍ପଷ୍ଟୀକରଣ ରଖି ଅଭିଯୋଗକୁ ଖଣ୍ଡନ କରିଛନ୍ତି। ସେ କହିଛନ୍ତି, କେବଳ ତଦନ୍ତକୁ ବାଟବଣା କରିବାକୁ ଏଭଳି ଉଦ୍ୟମ କରାଯାଉଛି। ଇଓଡବ୍ଲୁ ପାଖରେ ସବୁ ତଥ୍ୟ ଅଛି ସେଠି ତଥ୍ୟ କ'ଣ ତଦନ୍ତକାରୀ ସଂସ୍ଥା ଜାଣିଛି। ମିଥ୍ୟା କାହାଣୀ କହି ସାଧାରଣ ଲୋକଙ୍କୁ ଓ ତଦନ୍ତକାରୀ ସଂସ୍ଥାକୁ ଭ୍ରମିତ କରାଯାଉଛି। ସେ ୨୦୧୭ରୁ ୨୦୨୦ ପର୍ଯ୍ୟନ୍ତ ଏଜେନ୍ସିର ସମ୍ପାଦକ ଥିଲେ। ପରବର୍ତ୍ତୀ ସମୟରେ ଏଜେନ୍ସି ଅନ୍ୟମାନଙ୍କ ହାତକୁ ଚାଲିଯାଇଥିଲା। ରାଜା ଚକ୍ର କ୍ଷମତା ଉପଭୋଗ କରୁଥିଲେ, ଯାହାକି ତଦନ୍ତକାରୀ ସଂସ୍ଥା ମଧ୍ୟ ଆଗରୁ ଗଣମାଧ୍ୟମକୁ କହିସାରିଛି। ସେଠାରେ ମିଥ୍ୟା ଦସ୍ତଖତରେ ସମସ୍ତ ରିଜୋଲ୍ୟୁସନ ପାସ୍ ହୋଇଥାଏ ବୋଲି ଗୁରୁତର ତଥ୍ୟ ଖୁଲାସା କରିବା ସହ କୁହାଯାଉଥିବା ଟଙ୍କା ଦେବାନେଇ ଅଭିଯୋଗ ମିଥ୍ୟା ଓ କପୋଳକଳ୍ପିତ।

ଉଲ୍ଲେଖଯୋଗ୍ୟ ଯେ, ରାଜାଙ୍କ ଓକିଲ କହିଥିଲେ ଯେ, ଭାଜପା ସରକାର ୨୦୨୪ ଜୁନ୍‌ରେ ଶପଥ ନେବା ବେଳେ ସୋସାଇଟିକୁ ୧୪ ଲକ୍ଷ ଟଙ୍କା ମଗାଯାଇଥିଲା। ଏହା ପରେ ସୋସାଇଟି କର୍ତ୍ତୃପକ୍ଷ ୧୪ ଲକ୍ଷ ଟଙ୍କା ଦେଇଥିଲେ। ଏହା ସହ ଶପଥଗ୍ରହଣ ଉତ୍ସବ ପରେ ଭାଜପା ନେତା ଅଞ୍ଜନ ବେଜ୍ ଓ ସୁଶାନ୍ତ ବାରିକ ସୋସାଇଟି କର୍ତ୍ତୃପକ୍ଷଙ୍କୁ ପୁଣି ଥରେ ଭାଜପା ରାଜ୍ୟ ମୁଖ୍ୟଙ୍କୁ ଟଙ୍କା ଦେବାକୁ ଦାବି କରିଥିଲେ। ପରେ ଭାଜପା ରାଜ୍ୟ ମୁଖ୍ୟଙ୍କ ନାମରେ ସୋସାଇଟି ପକ୍ଷରୁ ୧ କୋଟି ୩ ଲକ୍ଷ ଟଙ୍କା ପଠାଯାଇଥିବା ରାଜାଙ୍କ ଓକିଲ କହିଛନ୍ତି।

# ପୋଲିସ କାର୍ଯ୍ୟଶୈଳୀ ତଦନ୍ତସାପେକ୍ଷ: କଂଗ୍ରେସ

**ବିଜେଡି-ଭାଜପା ମିଳିମିଶି ଖଣି ଲୁଟୁଛନ୍ତି**

ଭୁବନେଶ୍ୱର,୪।୪ (ରବିନାରାୟଣ ଜେନା)

ରାଜ୍ୟରେ ପୋଲିସ ଡିଜି ରାଜନୈତିକ କର୍ମୀଙ୍କ ଭଳି ଆଚରଣ ପ୍ରଦର୍ଶନ କରୁଛନ୍ତି। ଏହା ଗଣତନ୍ତ୍ର ପାଇଁ ଆଦୌ ଶୁଭଙ୍କର ନୁହେଁ। ଆଇନ ଶୃଙ୍ଖଳାର ଦୁହାଇ ଦେଇ ପୋଲିସ ରାଜନୀତି କରୁଛି ବୋଲି ପୂର୍ବତନ ପିସିସି ସଭାପତି ପ୍ରସାଦ ହରିଚନ୍ଦନ କହିଛନ୍ତି। ଶୁକ୍ରବାର କଂଗ୍ରେସଭବନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ପ୍ରସାଦ କହିଥିଲେ, ନାରୀ ସୁରକ୍ଷା ପାଇଁ ସ୍ୱର ଉଠାଇବାରୁ ୧୪ କଂଗ୍ରେସ ବିଧାୟକଙ୍କୁ ଗୁରୁତ୍ୱ ନିଲମ୍ବନ କରାଗଲା। ବିଧାନସଭା ୨୧୨ ନିୟମାବଳୀ କହୁଛି, ବିଧାନସଭା ଅଧିବେଶନ ନ ଥିବାବେଳେ ବାଚସ୍ପତିଙ୍କର କୌଣସି କର୍ତ୍ତୃତ୍ୱ ନାହିଁ। ଯଦି କଂଗ୍ରେସ ବିଧାୟକମାନେ ଗଣତାନ୍ତ୍ରିକ ପ୍ରକ୍ରିୟାରେ ବିରୋଧ କଲେ ତେବେ ତାଙ୍କୁ ପୋଲିସ ଲଗେଇ ବିଧାନସଭା ଗୁହରୁ କାଢ଼ିବା କେତେଦୂର ଯୁକ୍ତିଯୁକ୍ତ। ବାଚସ୍ପତି ଯଦି ଏ ସଂକ୍ରାନ୍ତରେ ନିର୍ଦ୍ଦେଶ ଦେଇନାହାନ୍ତି ତେବେ ପୋଲିସ କେମିତି ଗୃହ ଭିତରକୁ ପ୍ରବେଶ କଲା ତା'ର ଉଚ୍ଚସ୍ତରୀୟ ତଦନ୍ତ ହେବାର ଆବଶ୍ୟକତା ରହିଛି।

କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ କହିଥିଲେ, ସିଏଜିଙ୍କ ପକ୍ଷରୁ ଯେଉଁ ଖଣିଜ ସମ୍ପଦ ଲୁଟ୍ କଥା ଅବତାରଣା କରାଯାଇଛି ସେଥିରୁ ପୂର୍ବ ସରକାରଙ୍କ ଖଣି ଚୋରି ସ୍ପଷ୍ଟ ଜଣାପଡୁଛି। ଏବେ ବି ବହୁ ଖଣି ମାଫିଆ ସରକାରଙ୍କୁ ଅନେକ ହଜାର କୋଟି ଟଙ୍କାର ରାଜସ୍ୱ ଦେଇନାହାନ୍ତି। ଶାହା କମିଶନ ଖଣି ମାଲିକଙ୍କଠାରୁ ଯେଉଁ ଦେଢ଼ଲକ୍ଷ କୋଟି ଟଙ୍କାର ଜରିମାନା ଆଦାୟ କରିବା ଲାଗି ରିପୋର୍ଟ ଦେଇଥିଲେ ତାହା କୁଆଡ଼େ ଗଲା? ବିଜେଡି ଓ ଭାଜପା ନୁହେଁ ମିଳିମିଶି ଖଣି ଓ ରାଜ୍ୟବାସୀଙ୍କୁ ଲୁଟୁଛନ୍ତି ବୋଲି ସେ କହିଥିଲେ।

# କଂଗ୍ରେସର ୩୫ ସାଙ୍ଗଠନିକ ଜିଲା ପର୍ଯ୍ୟବେକ୍ଷକ ନିଯୁକ୍ତ

ଭୁବନେଶ୍ୱର,୪।୪ (ରବିନାରାୟଣ ଜେନା)

ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସଙ୍କ ଅନୁମୋଦନକ୍ରମେ କଂଗ୍ରେସର ୩୫ ଗୋଟି ସାଂଗଠନିକ ଜିଲା ନିମନ୍ତେ ଜିଲା ପର୍ଯ୍ୟବେକ୍ଷକ ନିଯୁକ୍ତ କରାଯାଇଛି। ସେମାନଙ୍କ ମଧ୍ୟରେ ଅନୁଗୋଳ ଜିଲା ନିମନ୍ତେ ଲଲାଟେନ୍ଦୁ ଦାସ ଓ ଅନିମା ମିଞ୍ଜ ପର୍ଯ୍ୟବେକ୍ଷକ ନିଯୁକ୍ତ ହୋଇଥିବା ବେଳେ ବାଲେଶ୍ୱର ପାଇଁ ବନ୍ଦିତା ପରିଡ଼ା ଓ ପଦ୍ମାକର ଗୁରୁ, ବରଗଡ଼ ଲାଗି ଘାସିରାମ ମାଝୀ ଓ ଫାରୁକ୍ ମହମ୍ମଦ, ଭଦ୍ରକ ପାଇଁ ଜାନକୀ ବଲ୍ଲଭ ପଟ୍ଟନାୟକ ଓ ଅଜିତ ଜେନା (ମୟୂରଭଞ୍ଜ) ରହିଛନ୍ତି। ସେହିପରି ଭୁବନେଶ୍ୱର ସାଙ୍ଗଠନିକ ଜିଲା ପାଇଁ ଓ ଦେବାଶିଷ ପଟ୍ଟନାୟକ, ବଲାଙ୍ଗୀର-ନୀଳମାଧବ ହିକ୍କା ଓ ମନୋଜ ବିଶ୍ୱାଳ, ବୌଦ୍ଧ-ସଂଗ୍ରାମ କେଶରୀ ମହାନ୍ତି, କଟକ-ଡ. ଲଲାଟେନ୍ଦୁ ମହାପାତ୍ର, କଟକ ସିଟି- ମନୋଜ ଜେନା ଓ ହିମାଂଶୁ ଲେଙ୍କା, ଦେଓଗଡ଼-ସଂଗ୍ରାମ କେଶରୀ ଦାସ, ଢେଙ୍କାନାଳ- ଚିନ୍ମୟ ସୁନ୍ଦର ଦାସ ଓ ବିଶ୍ୱଜିତ ଦାଶ, ଗଞ୍ଜାମ (ପୂର୍ବ)-ବିଧାୟକ ପ୍ରଫୁଲ୍ଲ ପ୍ରଧାନ ଓ ପ୍ରଦୀପ କୁମାର ଦାସ, ଗଞ୍ଜାମ (ପଶ୍ଚିମ)- ଅଭିମନ୍ୟୁ ବେହେରା ଓ ବିଜୟ କୁମାର ପ୍ରଧାନ, ଗଜପତି- ଦୁର୍ଗା ପଣ୍ଡା, ଜଗତସିଂହପୁର-ରାଜକିଶୋର ବାରିକ ଓ ବିଶ୍ୱାଥ ମହାନ୍ତି, ଯାଜପୁର-ଚିନ୍ମୟ ପ୍ରସାଦ ବେହୁରା ଓ ସୁଦର୍ଶନ ଦାସ, ଝାରସୁଗୁଡ଼ା- ବିଶ୍ୱାଥ ସ୍ୱରୂପ ଦାସ, କଳାହାଣ୍ଡି-ମନୋରଞ୍ଜନ ତ୍ରିପାଠୀ ଓ ଅଜିତ ଦାସ, କନ୍ଧମାଳ-ବିଧାୟକ ରମେଶ ଚନ୍ଦ୍ର ଜେନା, କେନ୍ଦ୍ରାପଡ଼ା- ଶାନ୍ତାୟନ ମିଶ୍ର, କେନ୍ଦୁଝର- ପୃଥ୍ୱୀବଲ୍ଲଭ ପଟ୍ଟନାୟକ ଓ ସସ୍ମିତା ବେହେରା, ଖୋର୍ଦ୍ଧା-ସୁଜିତ ପାଢ଼ୀ ଓ ବାଙ୍କନିଧି ବେହେରା, କୋରାପୁଟ- ବିଧାୟକ ସତ୍ୟଜିତ ଗମାଙ୍ଗ, ମୟୂରଭଞ୍ଜ (ପୂର୍ବ)- ଯଶୋବନ୍ତ ଲାଗୁରି ଓ ତରୁଣ ମିଶ୍ର, ମୟୂରଭଞ୍ଜ (ପଶ୍ଚିମ) ନଳିନୀ ମହାନ୍ତି, ମାଲକାନଗିରି-ବିଧାୟକ ପବିତ୍ର ସାଉଁଟା ଓ ଦ୍ୱାରିକା ମହାପାତ୍ର, ନବରଙ୍ଗପୁର-ବଳଭଦ୍ର ମାଝୀ ଓ ପୁରୁଷୋତ୍ତମ ଗୁରୁ, ଆଠଗଡ଼-ମୁରଲୀଧର ନାୟକ, ନୟାଗଡ଼-ଅମିୟ ପଟ୍ଟନାୟକ ଓ ୟାସିର ନୱାଜ, ପୁରୀ-ମନୋରଞ୍ଜନ ଦାଶ ଓ ମନୋରଞ୍ଜନ ପଟ୍ଟନାୟକ, ରାୟଗଡ଼ା-ଦ୍ରୌପଦୀ ମାଝୀ ଓ ପ୍ରଦୀପ ମହାପାତ୍ର, ରାଉରକେଲା- ରାଜ କିଶୋର ଷଡ଼ଙ୍ଗୀ, ସମ୍ବଲପୁର- ସନ୍ତୋଷ ସିଂ ସାଲୁଜା ଓ ବିଜୟାନନ୍ଦ ଚାଉଳିଆ, ସୁବର୍ଣ୍ଣପୁର-ରତିକାନ୍ତ କାନୁନ୍‌ଗୋ ଓ ଗଣେଶ ସାହୁ, ସୁନ୍ଦରଗଡ଼-ମାନସ ମଲ୍ଲିକ ଓ ରଞ୍ଜନ ସେଠୀ ଦାୟିତ୍ୱରେ ରହିଛନ୍ତି ବୋଲି ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟ ସୂତ୍ରରୁ ପ୍ରକାଶ।

# ବ୍ଲକ୍ ଅଧ୍ୟକ୍ଷାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ସ୍ଥଗିତ

ମହାକାଳପଡ଼ା, ୪।୪ (ପ୍ରତାପ ଚନ୍ଦ୍ର ସ୍ୱାଇଁ)

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଅଧ୍ୟକ୍ଷା କଳ୍ପନା ରାଉତଙ୍କ ମନମୁଖି କାର୍ଯ୍ୟ ବିରୋଧରେ ଶାସକ ଦଳର ୪୧ ପଞ୍ଚାୟତ ପ୍ରତିନିଧିମାନେ ଉପଜିଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ଉପଜିଲାପାଳ ଅଭିଯୋଗକୁ ଭିତ୍ତିକରି ଆଇନଗତ ଢଙ୍ଗରେ ଓ ସମସ୍ତ କାଗଜପତ୍ର ଯାଞ୍ଚ କରିବା ପରେ ଶନିବାର ପୂର୍ବାହ୍ନ ୧୧ଟାରେ ବ୍ଲକ ସଭାଗୃହରେ ଅନାସ୍ଥା ପ୍ରସ୍ତାବ ଉପରେ ବୈଠକ ପାଇଁ ସ୍ଥିରୀକୃତ ହୋଇଥିଲା। ଏ ନେଇ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ପର୍ବ ଶେଷ ପର୍ଯ୍ୟାୟରେ ପହଞ୍ଚି ଥିଲା। ହେଲେ ବ୍ଲକର ୯ ଜଣ ପଞ୍ଚାୟତ ପ୍ରତିନିଧି ନିଜର ସ୍ୱାସ୍ଥ୍ୟଗତ ସମସ୍ୟା ଦର୍ଶାଇ ଶନିବାର ଅନାସ୍ଥା ବୈଠକରେ ଯୋଗଦେଇ ପାରିବେ ନାହିଁ ବୋଲି ଉପଜିଲାପାଳଙ୍କୁ ଲିଖିତ ଅଭିଯୋଗ କରିଥିଲେ। ଫଳରେ ଉପଜିଲାପାଳ ଏମାନଙ୍କ ଅଭିଯୋଗକୁ ବିଚାରକୁ ନେଇ ଶନିବାର ସ୍ଥିରୀକୃତ ହୋଇଥିବା ଅନାସ୍ଥା ପ୍ରସ୍ତାବ ବୈଠକକୁ ଚିଠି ନଂ. ୪୨୬୬/ ୪।୪ ୨୫ ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ ସ୍ଥଗିତ ରହିଲା ବୋଲି ଉଲ୍ଲେଖ କରିଛନ୍ତି। ଏହାର ଏକ କିତା ନକଲ ବିଡିଓଙ୍କୁ ଚିଠି ନଂ. ୪୨୬୭ ପ୍ରକାଶ ପାଇଥିଲା। ଏ ନେଇ ଚିଠି ନଂ. ୪୨୭୧ ତହସିଲଦାର ମହାକାଳପଡ଼ାଙ୍କୁ ପ୍ରେରଣ କରାଗଲା ବୋଲି ଉପଜିଲାପାଳ କାର୍ଯ୍ୟାଳୟ ସୂତ୍ରରୁ ସୂଚନା ମିଳିଛି।

**ଅପରାଧ**

# ଶଳା ଆଗରେ ଭିଣୋଇଙ୍କୁ ହତ୍ୟା

- ପୂର୍ବ ଶତ୍ରୁତାକୁ ନେଇ ହତ୍ୟା ସନ୍ଦେହ
- ଅଭିଯୁକ୍ତଙ୍କୁ ଧରିବାକୁ ୩ ଟିମ ଗଠନ : ଡିସିପି

ଜଟଣୀ, (ରବୀନ୍ଦ୍ରନାଥ ମହାକୁଡ଼)/ ଭୁବନେଶ୍ୱର,(ସୂର୍ଯ୍ୟକାନ୍ତ ବେହେରା), ୪।୪

ଶଳା ଆଗରେ ଭିଣୋଇଙ୍କୁ ଧାରୁଆ ଅସ୍ତ୍ରରେ ଅତି ନିର୍ମମ ଭାବେ ହତ୍ୟା କରିଛନ୍ତି ଦୁର୍ବୃତ୍ତ। ଖୋର୍ଦ୍ଧା ଜଟଣୀ ଥାନା ଅନ୍ତର୍ଗତ ଷଣ୍ଢପୁରରେ ଗୁରୁବାର ବିଳମ୍ବିତ ରାତିରେ ଏହି ଅଭାବନୀୟ ଘଟଣା ଘଟିଛି। ହତ୍ୟାର ଶିକାର ବ୍ୟକ୍ତି ହେଲେ ଜଟଣୀ ଥାନା ଅଧୀନ ବିକାଶ ନଗର ନଟିମଙ୍ଗଳା ଅଞ୍ଚଳର ରାକେଶ ଦଳେଇ ଓରଫ ମାନସ (୪୧)। ପୂର୍ବ ଶତ୍ରୁତାକୁ ନେଇ ଏହି ହତ୍ୟାକାଣ୍ଡ ଘଟିଥିବା ସନ୍ଦେହ କରାଯାଉଥିବାବେଳେ ସମ୍ପୃକ୍ତ ୨ ଜଣଙ୍କୁ ଅଟକ ରଖାଯାଇଛି। ହତ୍ୟାକାଣ୍ଡରେ ସାମିଲ ସମସ୍ତ ଅଭିଯୁକ୍ତଙ୍କୁ ଧରିବାକୁ ୩ ଟିମ୍ ଗଠନ କରାଯାଇ ତଦନ୍ତକୁ ତ୍ୱରାନ୍ୱିତ କରାଯାଇଥିବା ଥିବା ଭୁବନେଶ୍ୱର ଡିସିପି ଜଗମୋହନ ମୀନା ଖବରଦାତାଙ୍କୁ ସୂଚନାରେ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ପୋଲିସ ମାନସଙ୍କ ମୃତଦେହକୁ ଏମ୍ସରେ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ଏକ ହତ୍ୟା ମାମଲା (ନଂ.୧୫୦/୨୦୨୫) ରୁଜୁ କରି ଅଭିଯୁକ୍ତଙ୍କୁ ଧରିବାକୁ ଉଦ୍ୟମ ଚଳାଉଛି। ଶୁକ୍ରବାର ସକାଳେ ପୋଲିସ ସାଇଣ୍ଟିଫିକ୍ ଟିମ୍ ସହାୟତାରେ ଘଟଣାସ୍ଥଳରେ ଛାନ୍‌ଭିନ୍ କରିବା ସହ ଗୋଟିଏ ମୋବାଇଲ, ଗାଡି ଚାବି ପେଣ୍ଡା, ଦୁଇ ହଳ ଚପଲ, ଗୋଟିଏ କାର ଏବଂ ଗୋଟିଏ ଇଲେକ୍ଟ୍ରିକ୍ ସ୍କୁଟିକୁ ଜବତ କରିଛି। ତେବେ ମୃତ ମାନସଙ୍କ ନାମରେ ଏନ୍‌ଡିପିଏସ୍, ଚିଟ୍ ଆଦାୟ ଭଳି ଏକାଧିକ ମାମଲା ରହିଥିବା ପୋଲିସ କହିଛି। ସୂଚନାନୁସାରେ, ମୃତ ମାନସଙ୍କ ସହ ଜଟଣୀ ଅଞ୍ଚଳର ଏକ ଗୋଷ୍ଠୀର ପୂର୍ବ ଶତ୍ରୁତା ରହିଥିଲା। ଅନେକ ସମୟରେ ଦୁଇ ଗୋଷ୍ଠୀ ମୁହାଁମୁହିଁ ହେଉଥିଲେ। ପ୍ରତିପକ୍ଷ ଗୋଷ୍ଠୀ ମାନସଙ୍କୁ ବାରମ୍ବାର ଧମକ ଦେଉଥିଲା। ଗୁରୁବାର ମଧ୍ୟ ଉକ୍ତ ଗୋଷ୍ଠୀର ସଦସ୍ୟଙ୍କ ସହ ମାନସଙ୍କର ଫୋନରେ ବଚସା ହୋଇଥିଲା। ଏହି ସମୟରେ ସେମାନେ ମାନସଙ୍କୁ ଉତ୍ତେଜିତ କରିବା ସହ ଜଟଣୀ-ଭୁବନେଶ୍ୱର ମୁଖ୍ୟ ରାସ୍ତାର ଷଣ୍ଢପୁରସ୍ଥିତ ଆଦର୍ଶ ବିଦ୍ୟାଳୟ ନିକଟକୁ ଆସିବାକୁ ଡାକିଥିଲେ। ରାତି ୧୨ଟା ୩୦ ପରେ ମାନସ ନିଜ କାରରେ ସେଠାକୁ ଯାଇଥିଲେ। ସେଠାରେ ଉକ୍ତ ଗୋଷ୍ଠୀର ଏକାଧିକ ବ୍ୟକ୍ତି ପୂର୍ବରୁ ଉପସ୍ଥିତ ଥିଲେ। ସେଠାରେ କୌଣସି କାରଣକୁ ନେଇ ମାନସଙ୍କର ଉକ୍ତ ଗୋଷ୍ଠୀଙ୍କ ସହ ଝଗଡା ହୋଇଥିଲା। ମାନସ ଏକୁଟିଆ ଥିବାରୁ ଭୟଭୀତ ହୋଇଯାଇଥିଲେ। ତେଣୁ ମାନସ ତୁରନ୍ତ ତାଙ୍କ ଶଳାଙ୍କୁ ଫୋନ୍ କରି ସେଠାକୁ ଡାକାଇଥିଲେ।



ରାକେଶ ଦଳେଇ

ଏହାପରେ ମାନସଙ୍କ ଶଳା ମଧ୍ୟ ଏକ ସ୍କୁଟି ଯୋଗେ ସେଠାକୁ ଯାଇଥିଲେ। ସେତେବେଳକୁ ଦୁର୍ବୃତ୍ତମାନେ ମାନସଙ୍କୁ ମାଡ ମାରିବା ସହ ଧାରୁଆ ଅସ୍ତ୍ରରେ ଆକ୍ରମଣ କରୁଥିବା ଦେଖି ଉଦ୍ଧାର କରିବାକୁ ଚେଷ୍ଟା କରିଥିଲେ। ହେଲେ ଅଭିଯୁକ୍ତମାନେ ମାନସଙ୍କ କାନମୁଣ୍ଡା ସହ ଶରୀରର ବିଭିନ୍ନ ଅଙ୍ଗକୁ ଧାରୁଆ ଅସ୍ତ୍ରରେ ହାଣି ଚାଲିଥିଲେ। ଏଥିରେ ଭୟଭୀତ ହୋଇ ମାନସଙ୍କ ଶଳା ଘଟଣାସ୍ଥଳରୁ ପଳାଇଆସି କିଛି ସମୟ ପରେ ପୋଲିସ ଟିମ୍ ସହ ସେଠାରେ ପହଞ୍ଚିଥିଲେ। ଅଭିଯୁକ୍ତମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିବାବେଳେ ପୋଲିସ ମାନସଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଏମ୍ସରେ ଭର୍ତ୍ତି କରିଥିଲେ। ସେଠାରେ ମାନସଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ସୂଚନାଯୋଗ୍ୟ, ଗୁରୁବାର ସନ୍ଧ୍ୟାରେ ଜଟଣୀ ଥାନା ଅଧୀନ ବେଣାପଞ୍ଜରୀ ଗ୍ରାମରେ ବଟି ଆଦାୟକୁ ନେଇ ବୋମାମାଡ଼ ଓ ଖଣ୍ଡାରେ ଆକ୍ରମଣ ଘଟଣା ଘଟିଥିଲା। ପୋଲିସ ତଦନ୍ତ ଜାରି ରଖିଥିବା ବେଳେ ରାତିରେ ଏହି ହତ୍ୟା ଘଟଣା ଭୟର ବାତାବରଣ ସୃଷ୍ଟି କରିଛି।

# ଲୋଭ, ଭୟରୁ ସାଇବର ଜାଲରେ ଫସୁଛନ୍ତି

**ବ୍ରହ୍ମପୁରରେ ୨ ମାସରେ ଅଢ଼େଇ କୋଟି ଲୁଟ**

ବ୍ରହ୍ମପୁର,୪।୪(ସୁବାସ ଚନ୍ଦ୍ର ପାଢ଼ୀ)

ମୋବାଇଲରେ କାହାକୁ ଫୋନ କଲେ କିଂ ହେବା ବଦଳରେ ଶୁଣାଯାଉଛି ସାଇବର ସଚେତନତା ବାର୍ତ୍ତା। କୌଣସି ବ୍ୟକ୍ତି ଯଦି ଫୋନ କରି କିମ୍ବା କୌଣସି ସୋସିଆଲ ମିଡିଆରେ ଲଟେରି ଜିତିବା, ଋଣ ମଞ୍ଜୁର ହେବା, କମ୍ ସମୟରେ ଅଧିକ ଟଙ୍କା ଉପାର୍ଜନ କରିବା ଭଳି ଲୋଭନୀୟ ଅଫର୍ ଦିଅନ୍ତି, ତୁରନ୍ତ ଅଭିଯୋଗ କରିବାକୁ ସଚେତନତା ବାର୍ତ୍ତା ଶୁଣିବାକୁ ମିଳୁଛି। ତଥାପି ଲୋକେ ଚେତୁନାହାନ୍ତି। ଏହାର ଫାଇଦା ନେଉଛନ୍ତି ସାଇବର୍ ଠକ। ବିଭିନ୍ନ ମାଧ୍ୟମରେ ସେମାନେ ଜାଲ ବିଛାଇ ଲୋକଙ୍କୁ ଫସାଇ ବହୁ କୋଟି ଟଙ୍କା ନେଇ ଯାଉଛନ୍ତି। ବ୍ରହ୍ମପୁର ସହରରୁ ଗତ ଦୁଇମାସ ମଧ୍ୟରେ ସାଇବର୍ ଅପରାଧୀ ପ୍ରାୟ ୨ କୋଟି ୬୭ ଲକ୍ଷ ଟଙ୍କା ନେଇ ସାରିଲେଣି। ଆଶ୍ଚର୍ଯ୍ୟର ବିଷୟ ହେଉଛି, ଶିକ୍ଷିତ ବର୍ଗର ଲୋକଙ୍କଠାରୁ ଅଧିକ ପରିମାଣର ଠକେଇ ହୋଇଛି। ଏପରିକି ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶଙ୍କଠାରୁ ମଧ୍ୟ ସାଇବର ଠକ ଲକ୍ଷାଧିକ ଟଙ୍କା ନେଇଯିବାରେ ସକ୍ଷମ ହୋଇଛନ୍ତି। ସହରରେ ସାଇବର ଅପରାଧ ବଢ଼ିବାରେ ଲାଗିଛି। ପୂର୍ବରୁ ସାଇବର୍ ଠକମାନେ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ ହୋଇଯିବା, ଏଟିଏମ୍ କାର୍ଡ ବ୍ଲକ୍ ହୋଇଯିବା, ବ୍ୟାଙ୍କ ଆକାଉଣ୍ଟ ବନ୍ଦ ହୋଇଯିବା, କେୱାଇସି ଅପଡେଟ ସହିତ ବିଭିନ୍ନ ବାହାନାରେ ଅନଲାଇନ ସେବାକୁ ଜାରି ରଖିବା ନାଁରେ ଟଙ୍କା ଠକେଇ କରୁଥିଲେ। କିନ୍ତୁ ବର୍ତ୍ତମାନ ଅଧିକାଂଶ ଠକେଇ ଅନ୍‌ଲାଇନ ଟ୍ରେଡିଂ ଜରିଆରେ ହେଉଛି। ସେହିପରି 'ଡିଜିଟାଲ ଆରେଷ୍ଟ' ନାମରେ ଏକ ଭିନ୍ନ ଧରଣର ଠକେଇର ଜାଲ ତିଆରି କରିଛନ୍ତି ସାଇବର୍ ଠକ। ଏହି ଠକେଇର ଜାଲରେ ପଡ଼ି ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଦାଶ ୧୪ଲକ୍ଷ ହରାଇଛନ୍ତି। ସେହିପରି କମ୍ ସୁଧରେ ଋଣ କରାଇ ଦେବା ଓ ଗିଫ୍ଟ ପାର୍ସଲ ମିଳିବା ନାଁରେ ମଧ୍ୟ ଏକାଧିକ ଠକେଇ ହୋଇଥିବା ନଜରକୁ ଆସିଛି। ଚଳିତବର୍ଷ ମାତ୍ର ୨ ମାସରେ ସାଇବର୍ ଠକ ଅଢ଼େଇ କୋଟିରୁ ଅଧିକ ଟଙ୍କା ଠକେଇ କରି ସାରିଲେଣି। ଏନେଇ ସାଇବର୍ ଥାନାରେ ୧୪ଟି ମାମଲା ରୁଜୁ ହୋଇଛି। ଗତବର୍ଷ ୧୯ଟି ମାମଲା ରୁଜୁ ହୋଇଥିବାବେଳେ ୨ କୋଟି ୫ ଲକ୍ଷ ଟଙ୍କା ସାଇବର ଲୁଟ୍ ହୋଇଥିଲା। ଅବଶ୍ୟ ବିଭିନ୍ନ ସମୟରେ ପୋଲିସ ସାଇବର୍ ଠକଙ୍କ ଆକାଉଣ୍ଟ ଫ୍ରିଜ୍ କରି କିଛି ଟଙ୍କା ଫେରାଇ ଆଣିବାରେ ସକ୍ଷମ ହୋଇଛି। ଅଧିକ ଲୋଭ ଓ ଭୟ ଯୋଗୁ ଲୋକେ ଠକେଇର ଶିକାର ହେଉଛନ୍ତି। କମ ସମୟରେ ଅଧିକ ଉପାର୍ଜନ ହିଁ ଏହାର ପ୍ରମୁଖ କାରଣ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଉଛି। ଏ ଦିଗରେ ସଚେତନ ହେଲେ ଏଭଳି ଠକେଇକୁ ରୋକାଯାଇପାରିବ ବୋଲି ବିଶେଷଜ୍ଞମାନେ ମତ ଦେଉଛନ୍ତି। ସୂଚନାଯୋଗ୍ୟ, ଚଳିତବର୍ଷ ଟ୍ରେଡିଂ ନାଁରେ ସ୍ୱରୂପ କୁମାର ଦାଶ ୭୪ ଲକ୍ଷ ୮୦ ହଜାର ଟଙ୍କା, ଦୁର୍ଯ୍ୟୋଧନ ବେହେରା ୫୮ ଲକ୍ଷ ୨୪ହଜାର ୯୨୦ଟଙ୍କା ହରାଇଛନ୍ତି। ସେହିପରି ସାଇବର ଠକ ଡିଜିଟାଲ ଆରେଷ୍ଟ ଭୟ ଦେଖାଇ ଗୀତାଞ୍ଜଳି ସାହୁଙ୍କଠାରୁ ୩୪ ଲକ୍ଷ ୫୦ ହଜାର ଓ କୁଳପତି ଗୀତାଞ୍ଜଳି ଦାଶଙ୍କଠାରୁ ୧୪ ଲକ୍ଷ ଠକି ନେଇଥିବା ସାଇବର ଥାନା ପକ୍ଷରୁ ସୂଚନା ମିଳିଛି।

# ମୁଖ୍ୟ ଅଭିଯୁକ୍ତଙ୍କୁ ରିମାଣ୍ଡରେ ନେଲା ପୋଲିସ

- ଚାକିରି ଦେବା ନାମରେ ଠକେଇ ମାମଲା
- ଅଭିଯୁକ୍ତଙ୍କ ଢାବା, ଘରେ ଚଢ଼ାଉ

କେନ୍ଦୁଝର,୪।୪ (ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟରେ ଚାକିରି ଦେବା ନାଁରେ ଠକେଇ ମାମଲାର ମୁଖ୍ୟ ଅଭିଯୁକ୍ତ ପ୍ରମିଳା ପରିଡ଼ାଙ୍କୁ ଟାଉନ ପୋଲିସ ୨ ଦିନିଆ ରିମାଣ୍ଡରେ ନେଇଛି। ଏଥିସହ ପୋଲିସ ପ୍ରମିଳାଙ୍କ ଘର ସମେତ ବିଭିନ୍ନ ସ୍ଥାନରେ ଚଢ଼ାଉକରି ବିଭିନ୍ନ ସାମଗ୍ରୀ ଜବତ କରିଛି। ଏଥିରେ ଡାକ୍ତରଖାନା କର୍ମଚାରୀ ସମ୍ପୃକ୍ତି ନେଇ ମଧ୍ୟ ତଦନ୍ତ ଜାରି ରହିଥିବା ଜଣାପଡ଼ିଛି।

ପ୍ରକାଶ ଯେ, ମାଷ୍ଟରମାଇଣ୍ଡ ପ୍ରମିଳାଙ୍କୁ ମାର୍ଚ୍ଚ ୨୬ରେ ପୋଲିସ ଗିରଫ କରିଥିଲା। ଗିରଫ ପରେ ତାଙ୍କ ଠକେଇର ଗୋଟିଏ ପରେ ଗୋଟିଏ ଫର୍ଦ୍ଦ ଖୋଲିବାରେ ଲାଗିଛି। ପ୍ରତିଦିନ ଠକେଇର ଶିକାର ଲୋକେ ଥାନାକୁ ଆସି ଅଭିଯୋଗ କରୁଛନ୍ତି। ଶୁକ୍ରବାର ପୋଲିସ ପ୍ରମିଳାଙ୍କୁ ରିମାଣ୍ଡରେ ନେଇଥିବା ବେଳେ ତାଙ୍କ ଅମୃତବିହାରସ୍ଥିତ ଘରେ ଚଢ଼ାଉ କରିଥିଲା। ଏଠାରୁ ଅନେକ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର, ଏକ ବାକ୍ସରେ ଭର୍ତ୍ତି ଦରଖାସ୍ତ, ଏକ ଡାଏରୀ, ସୁନା ନେଇ ଲୋନ୍ ଦେଉଥିବା ବ୍ୟାଙ୍କରେ ଥିବା ଏକ ଲକର ପାଇଛି। ଏଥିସହ ପ୍ରମିଳା ଚଳାଉଥିବା ଏକ ଢାବାକୁ ତଦନ୍ତ ପରିସରଭୁକ୍ତ କରାଯାଇ ଚେକିଂ, ସୋଫା ଆଦିକୁ ପୋଲିସ ଜବତ କରିଛି। ଟାଉନ ଥାନା ଅଧିକାରୀ ଶ୍ରୀକାନ୍ତ ସାହୁ କହିଛନ୍ତି, ଅଭିଯୁକ୍ତଙ୍କୁ ୨ ଦିନିଆ ରିମାଣ୍ଡରେ ଅଣାଯାଇ ତଦନ୍ତ ଚାଲିଛି। ଚଢ଼ାଉ କରି ବହୁ କାଗଜପତ୍ର, ଦସ୍ତାବିଜ ଆଦି ଜବତ ସହ ଏହିପରିସରରେ ଖୋଲିଥିବା ଢାବାର ସମସ୍ତ ସାମଗ୍ରୀ ଜବତ କରାଯାଇଛି। ଶନିବାର ମଧ୍ୟ ତଦନ୍ତ ଜାରି ରହିବ। ଠକେଇରେ ଯେଉଁମାନେ ସମ୍ପୃକ୍ତ, ସମସ୍ତଙ୍କୁ ତଦନ୍ତ ପରିସରଭୁକ୍ତ କରାଯିବ। ସୂଚନାଯୋଗ୍ୟ, ଗିରଫ ହୋଇଥିବା ମୁଖ୍ୟ ଅଭିଯୁକ୍ତ ପ୍ରମିଳା ଓ ସହଯୋଗୀ ଭୁବନ ମହାନ୍ତ ୬୦ରୁ ଊର୍ଦ୍ଧ୍ୱ ବେକାର ଯୁବତୀ, ଯୁବକଙ୍କଠାରୁ ଚାକିରି କରାଇଦେବା ନାଁରେ ୭୫ ଲକ୍ଷ ଠକି ନେଇଥିବା ଅଭିଯୋଗ ହୋଇଛି। ମୁଖ୍ୟ ଅଭିଯୁକ୍ତ କିଭଳି ଉପାୟରେ ଟଙ୍କା ଆଦାୟ କରୁଥିଲେ, ଚୋରାରେ ତା'ର ଏକ ଭିଡିଓ କରି ଠକିମି ଶିକାର ଜଣେ ଯୁବକ ପୋଲିସ ଓ ଗଣମାଧ୍ୟମକୁ ଦେଇଛନ୍ତି। ଏହି ଦୁର୍ନୀତିରେ ଜିଲା ମୁଖ୍ୟ ଚିକିତ୍ସାଳୟର କେତେଜଣ କର୍ମଚାରୀ ମଧ୍ୟ ସାମିଲ ଥିବା ଅଭିଯୋଗ ହୋଇଛି। ପୋଲିସର ତଦନ୍ତ ପରେ ଏ ସମ୍ପର୍କରେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସିଡିଏମ୍‌ଓ ଡା. କିଶୋର ଚନ୍ଦ୍ର ପୃଷ୍ଟି କହିଛନ୍ତି।

# ଖଣ୍ଡଗିରି ଅଞ୍ଚଳରେ ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ

ଭୁବନେଶ୍ୱର,୪।୪ (ସୂର୍ଯ୍ୟକାନ୍ତ ବେହେରା)

ଖଣ୍ଡଗିରି ଥାନା ଅଞ୍ଚଳରେ ଜଣେ ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ମୃତକ ହେଲେ ବାଲେଶ୍ୱରର ସକ୍ଷ୍ଣ ମହାନ୍ତି (୨୪)। ଛାତରୁ ତଳକୁ ପଡିଯିବାରୁ ତାଙ୍କର ମୃତ୍ୟୁ ଘଟିଛି। ସେ ଓଡିଶି ଡିଜାଇନ ସେଣ୍ଟର ବିଭାଗରେ କାମ କରୁଥିଲେ। ତେବେ ତାଙ୍କର କେଉଁ ପରିସ୍ଥିତିରେ ମୃତ୍ୟୁ ଘଟିଲା ତାହା ସ୍ପଷ୍ଟ ହୋଇନାହିଁ। ଖଣ୍ଡଗିରି ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ହସ୍ପିଟାଲ ପଠାଇଛି। ଏସମ୍ପର୍କରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ଅନ୍ୟପଟେ ସକ୍ଷ୍ଣଙ୍କ ସହ ଉକ୍ତ ଘରେ ରହୁଥିବା ସାଙ୍ଗମାନଙ୍କୁ ପୋଲିସ ପଚରାଉଚରା କରୁଛି। ବ୍ୟବଚ୍ଛେଦ ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ପୋଲିସ କହିଛି।

# ସାଙ୍ଗ ଗୁଳିରେ ସାଙ୍ଗ ମୃତ

**ଶିକାର ପାଇଁ ଏକାଠି ଜଙ୍ଗଲକୁ ଯାଉଥିବା ବେଳେ ଅଘଟଣ**

ରାଉସାଳ,୪।୪ (ସରୋଜ ମିଶ୍ର)

ଢେଙ୍କାନାଳ ଜିଲା ହିନ୍ଦୋଳ ଉପଖଣ୍ଡ ରାଉସାଳ ଥାନା କଦଳୀପାଳ ଗ୍ରାମର ମାନପୁର ଗ୍ରାମ ନିକଟରେ ଗୁଳିକାଣ୍ଡ ଘଟି ଜଣଙ୍କର ମୃତ୍ୟୁ ଘଟିଛି। ୫ଜଣ ସାଙ୍ଗ ଏକାଠି ପାଖ ଜଙ୍ଗଲକୁ ଶିକାର ପାଇଁ ଯାଉଥିବା ବେଳେ ସାଙ୍ଗକୁ ଜନ୍ତୁ ଭାବି ଜଣେ ସାଙ୍ଗ ଗୁଳି କରିଥିଲେ। ଫଳରେ ଘଟଣା ସ୍ଥଳରେ ବାବୁଲି ନାୟକ ଓରଫ କାଳିଆ (୪୦)ଙ୍କ ମୃତ୍ୟୁ ଘଟିଥିଲା। ଗୁରୁବାର ରାତି ପ୍ରାୟ ୧୨ଟା ସମୟରେ ଏହି ଘଟଣା ଘଟିଛି। କଦଳୀପାଳ ଗ୍ରାମର ସନ୍ତୋଷ ନାୟକ, ବାବୁଲି ନାୟକ, ପ୍ରଶାନ୍ତ ନାୟକ ଓ ସଦର ଥାନା ଅନ୍ତର୍ଗତ କୋତମ ଗ୍ରାମର ନରେଶ ସ୍ୱାଇଁ, ବଣ୍ଣୁଆ ଦେହୁରୀ ଶିକାର ପାଇଁ ଜଙ୍ଗଲକୁ ଯାଇଥିଲେ। ସେଠାରେ ପ୍ରଶାନ୍ତ ନାୟକ ଜନ୍ତୁ ଭାବି ଗୁଳି ଚଳାଇଥିବା ବେଳେ ସାଙ୍ଗ ବାବୁଲି ନାୟକଙ୍କ ଦେହରେ ବାଜିଥିଲା। ରାତିରେ ବାବୁଲିଙ୍କ ଘରକୁ ଯାଇ କେହି ଜଣେ ତାଙ୍କ ସ୍ତ୍ରୀ ରିଲି ନାୟକଙ୍କୁ ଘଟଣା ସମ୍ପର୍କରେ ଜଣାଇଥିଲେ। କୌଣସି ସୂତ୍ରରୁ ଗାଁଲୋକେ ମଧ୍ୟ ଖବରପାଇ ରାଉସାଳ ଥାନାକୁ ଖବର ଦେଇଥିଲେ। ରାଉସାଳ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ଅନ୍ୟ ୪ଜଣଙ୍କୁ ଗିରଫ କରିଛି। ଏଥିସହିତ କୋତମ ଗ୍ରାମର ପରମାନନ୍ଦ ଛତାର ବନ୍ଧୁକ ଯୋଗାଉଥିବାରୁ ତାଙ୍କୁ ମଧ୍ୟ ଗିରଫ କରାଯାଇଛି। ପ୍ରାପ୍ତ ସୂଚନା ନାୟକଙ୍କୁ ବଦ-୩୦୨ରେ ଗିରଫ କରାଯାଇଥିବା ବେଳେ ଅନ୍ୟମାନଙ୍କୁ ୱାଇଲ୍ଡ ଆନିମଲ ପ୍ରୋଟେକ୍ସନ ଆକ୍ଟରେ ଗିରଫ କରାଯାଇ ୫ଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି ବୋଲି ହିନ୍ଦୋଳ ଏସଡିପିଓ ସତ୍ୟ କୁମାର ନନ୍ଦ କହିଛନ୍ତି, ଜନ୍ତୁ ଶିକାର ଉଦ୍ଦେଶ୍ୟରେ ଗୁଳିକାଣ୍ଡ ହୋଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି।



ଗିରଫ ଅଭିଯୁକ୍ତମାନେ।

# 'ଦୃଷ୍ଟିବାଧିତ ଖେଳାଳିଙ୍କ ପ୍ରତି ସମ୍ବେଦନଶୀଳତା ଜରୁରୀ'

ଭୁବନେଶ୍ୱର, ୪।୪ (ତପନ ସ୍ୱାଇଁ)

ସର୍ବଭାରତୀୟ ଦୃଷ୍ଟିବାଧିତ ଚେସ୍ ସଂଘ (ଏଆଇସିଏଫ୍‌ବି) ଓ ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନ୍ ଫର୍ ଭିଜୁଆଲି ଚ୍ୟାଲେଞ୍ଜଡ୍ (ଓଏସିଭିସି)ର ମିଳିତ ଆନୁକୂଲ୍ୟରେ ସାଇ ଇଣ୍ଟରନ୍ୟାଶନାଲ ରେସିଡେନ୍ସିଆଲ୍ ସ୍କୁଲ ପରିସରରେ ଅନୁଷ୍ଠିତ ହେଉଛି ୧୮ଶ ଜାତୀୟ ଦୃଷ୍ଟିବାଧିତ ଚେସ୍ ଚାମ୍ପିୟନଶିପ୍। ଏଥିରେ ଦେଶର ୧୫ ରାଜ୍ୟରୁ ୨ ମହିଳା ଓ ୫୨ ପୁରୁଷ ଖେଳାଳି ଅଂଶଗ୍ରହଣ କରି ନିଜ ଦକ୍ଷତା ପ୍ରଦର୍ଶନ କରୁଛନ୍ତି। ବାହାରୁ ସହଜ ମନେ ହେଉଥିଲେ ହେଁ ଏହି ଟୁର୍ଣ୍ଣାମେଣ୍ଟରେ ନିୟମ ଅନୁସାରେ ଗୋଟି ଚାଳନା ଏବଂ ଅନ୍ୟାନ୍ୟ ଔପଚାରିକତା ପୂରଣ କେତେ ଯେ କଷ୍ଟକର ତାହା କେବଳ ପ୍ରତ୍ୟକ୍ଷଦର୍ଶୀ ଅନୁଭବ କରିପାରିବ। ଏହି ଖେଳାଳିଙ୍କ ମଧ୍ୟରୁ ଅନେକେ ଉଚ୍ଚଶିକ୍ଷିତ। ତେଣୁ ସେମାନଙ୍କ ପ୍ରତିଭା ପ୍ରଦର୍ଶନ ପାଇଁ ଉପଯୁକ୍ତ ପ୍ଲାଟଫର୍ମ ଆବଶ୍ୟକ ବୋଲି ଏକ ସାକ୍ଷାତ୍‌କାର ଅବସରରେ ପ୍ରକାଶ କରିଛନ୍ତି ସାଇ ଇଣ୍ଟରନ୍ୟାଶନାଲ ଏଜୁକେଶନ ଗ୍ରୁପ୍‌ର ଚେୟାରପର୍ସନ ଶିଳ୍ପୀ ସାହୁ। "ଦୃଷ୍ଟିବାଧିତ ଖେଳାଳିଙ୍କ ପ୍ରତି ସମସ୍ତେ ସମ୍ବେଦନଶୀଳ ହେବା ଆବଶ୍ୟକ। ଦୃଷ୍ଟିଶକ୍ତି ନ ଥିଲେ ମଧ୍ୟ ସେମାନେ ଅତ୍ୟନ୍ତ ପ୍ରତିଭାସମ୍ପନ୍ନ ବୋଲି ପ୍ରମାଣିତ କରୁଛନ୍ତି। ଅନ୍ତର୍ଜାତୀୟ ଦୃଶ୍ୟପଟରେ ସେମାନେ ନିଜ ଦକ୍ଷତା ପ୍ରଦର୍ଶନ କରି ପଦକ ହାସଲ କରୁଛନ୍ତି। ଏଠାରେ ଜାତୀୟ ଟୁର୍ଣ୍ଣାମେଣ୍ଟରେ ଓଡ଼ିଶାର ୪ ଖେଳାଳି ଏଥିରେ ଖେଳୁଛନ୍ତି। ସେମାନେ ମଧ୍ୟ ଅନ୍ତର୍ଜାତୀୟ ସ୍ତରରେ ମଧ୍ୟ ବେଶ୍ ନାଁ କମାଇଛନ୍ତି। ଦୟା ନୁହେଁ, ଦୃଷ୍ଟିବାଧିତ ପିଲାମାନଙ୍କୁ କିପରି ସମବେଦନା ଭାବ ଦେଖାଯିବା ଆବଶ୍ୟକ ଏପରି ପ୍ରତିଯୋଗିତା ଆୟୋଜନ ଦ୍ୱାରା ଆମେ ସ୍କୁଲ ପିଲାମାନଙ୍କୁ ଶିଖାଇବାକୁ ଚାହୁଁଛୁ। ସର୍ବଭାରତୀୟ ଦୃଷ୍ଟିବାଧିତ ଚେସ୍ ସଂଘ ପକ୍ଷରୁ ଅନୁରୋଧ ମିଳିବା ପରେ ଆମେ ପ୍ରଥମଥର ଆମ ସ୍କୁଲରେ ଏପରି ଏକ ଟୁର୍ଣ୍ଣାମେଣ୍ଟ ଆୟୋଜନ ପାଇଁ ନିଷ୍ପତ୍ତି ନେଲୁ। ପାଠପଢ଼ା ସହ ସେମାନେ ଖେଳରେ ଯେ ଖୁବ୍ ପାରଙ୍ଗମ ତାହା ପ୍ରଦର୍ଶନ ମାଧ୍ୟମରେ ପ୍ରମାଣିତ କରିଛନ୍ତି" ବୋଲି ଶିଳ୍ପୀ ପ୍ରକାଶ କରିଛନ୍ତି।


ଶିଳ୍ପୀ ସାହୁ

### ୩୬୦ ଡିଗ୍ରୀ ଡେଭଲପ୍‌ମେଣ୍ଟ ଉପରେ ଗୁରୁତ୍ୱ

"ସ୍କୁଲରେ ପିଲାମାନଙ୍କର ଅଲ୍‌ରାଉଣ୍ଡ ଅର୍ଥାତ୍ ୩୬୦ ଡିଗ୍ରୀ ଡେଭଲପ୍‌ମେଣ୍ଟ ଉପରେ ଗୁରୁତ୍ୱ ଦିଆଯାଉଛି। ଫିଜିକାଲ ଫିଟ୍‌ନେସ ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଉଛି। ସ୍କୁଲରେ ପିକେଲବଲ ଆରମ୍ଭ ହୋଇଯାଇଛି। ଇକ୍ୱେଷ୍ଟ୍ରେନ ସ୍ପୋର୍ଟ୍ସ ଆସନ୍ତା ବର୍ଷରୁ ଆରମ୍ଭ ହେବାକୁ ଯାଉଛି। ଏକ କ୍ରିକେଟ ଗ୍ରାଉଣ୍ଡ ଡେଭେଲପ୍ କରାଯାଉଛି। ସେଠାରେ ଭଲ କୋଚ୍‌ଙ୍କ ମାଧ୍ୟମରେ ପିଲାଙ୍କୁ କୋଚିଂ ଦିଆଯିବ। ବ୍ୟାଡ୍‌ମିଣ୍ଟନ, ଚେସ୍, କ୍ୟାରମ ଆଦି କ୍ରୀଡ଼ା ସହ ନବନିର୍ମିତ ଇନ୍‌ଡୋର ହଲ୍‌ରେ ବ୍ୟାଡ୍‌ମିଣ୍ଟନ ଓ ଟେବୁଲ ଟେନିସ କ୍ରୀଡ଼ା ମଧ୍ୟ ଆରମ୍ଭ ହୋଇଛି। ଫିଫା ସାର୍ଟିଫାଏଡ୍ ଫୁଟବଲ ପଡ଼ିଆ ଉପଲବ୍ଧ ଅଛି। ଓଡ଼ିଶା ଏଫ୍‌ସି ସହିତ ଟାଇଅପ୍ ହୋଇଥିବାରୁ ସେମାନଙ୍କ କୋଚ୍ ଆମ ସ୍କୁଲ ପିଲାଙ୍କ ସହ ବାହାର ପିଲାଙ୍କୁ ମଧ୍ୟ ଉଚ୍ଚ ମାନର କୋଚିଂ ଦେଉଛନ୍ତି। ପିଲାମାନଙ୍କୁ ପାଠ ସହ ଗୋ ମାତା ପ୍ରତି ଯତ୍ନଶୀଳ ହେବା ପାଇଁ ଆମେ ଏକ ଗୋଶାଳା ଆରମ୍ଭ କରିବାକୁ ଯାଉଛୁ। ଏହାଦ୍ୱାରା ପଶୁମାନଙ୍କ ପ୍ରତି ମଧ୍ୟ ପିଲାମାନଙ୍କର ସହାନୁଭୂତି ବଢ଼ିବ। ମୋଟାମୋଟି ଭାବେ ପାଠପଢ଼ା ସହ କ୍ରୀଡ଼ାର ଏକୀକରଣକୁ ଆମେ ଗୁରୁତ୍ୱ ଦେଉଛୁ" ବୋଲି ସେ କହିଛନ୍ତି।

# ସାଇ ଇଣ୍ଟରନ୍ୟାଶନାଲରେ ଜାତୀୟ ଚେସ୍ ଚାମ୍ପିୟନଙ୍କୁ ସମ୍ବର୍ଦ୍ଧନା


ଅନ୍ତର୍ଜାତୀୟ ମାଷ୍ଟର ପଦ୍ମିନୀ ରାଉତ ଗୋଟି ଚାଳନା କରି ୬ଷ୍ଠ ରାଉଣ୍ଡ ମ୍ୟାଚର ଶୁଭାରମ୍ଭ କରୁଛନ୍ତି।

ଭୁବନେଶ୍ୱର, ୪।୪ (ତପନ ସ୍ୱାଇଁ)

ସାଇ ଇଣ୍ଟରନ୍ୟାଶନାଲ ରେସିଡେନ୍ସିଆଲ ସ୍କୁଲରେ ସମ୍ପ୍ରତି ଜାତୀୟ ଦୃଷ୍ଟିବାଧିତ ଚେସ୍ ଚାଲିଥିବାବେଳେ ଶୁକ୍ରବାର ଜାତୀୟ ସ୍ତରର ଚେସ୍ ଚାମ୍ପିୟନଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ବିଶିଷ୍ଟ ଆଧ୍ୟାତ୍ମିକ ଗୁରୁ ଚନ୍ଦ୍ରଭାନୁ ଶତପଥୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ଅନ୍ତର୍ଜାତୀୟ ମାଷ୍ଟର ସ୍ୱୟଂଶୁ ସତ୍ୟପ୍ରଜ୍ଞ, ସୌନ୍ଦର୍ଯ୍ୟ କୁମାର ପ୍ରଧାନ, ପ୍ରାଚୁର୍ଯ୍ୟ କୁମାର ପ୍ରଧାନ, ଶୁଭେନ୍ଦୁ କୁମାର ପାତ୍ର, କର୍ନାଟକର କିଶନ ଗାଙ୍ଗୋଲି ଓ କୃଷ୍ଣ ଉଡୁପା, ମହାରାଷ୍ଟ୍ରର ଆର୍ଯ୍ୟନ ବି. ଜୋଶୀ, ସ୍ୱପ୍ନିଲ ଶାହା, ବୈଶାଳୀ ସାଲୱାକର, ଗୁଜରାଟର ଦର୍ପଣ ଇନାନି ଓ ମକୱାନା ଅଶ୍ୱିନ କେ.ଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। "ଟୁର୍ନାମେଣ୍ଟରେ ଭାଗ ନେଇଥିବା ପ୍ରତିଭାସମ୍ପନ୍ନ ଖେଳାଳିଙ୍କ ଅଦମ୍ୟ ଇଚ୍ଛାଶକ୍ତି ଓ ବୁଦ୍ଧି ପ୍ରକୃତ ପ୍ରେରଣାଦାୟକ। ଚେସ୍ ଏପରି ଏକ ଖେଳ, ଯେଉଁଥିରେ ରଣନୀତି, ଧୈର୍ଯ୍ୟ ଓ ଦୃଢ଼ତା ଆବଶ୍ୟକ ଥାଏ। ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ଏହି ଚାମ୍ପିୟନମାନେ ଏହାକୁ ବଜାୟ ରଖିଛନ୍ତି" ବୋଲି ଚନ୍ଦ୍ରଭାନୁ ପ୍ରକାଶ କରିଛନ୍ତି।

### ଇନାନୀ ଏକକ ଅଗ୍ରଣୀ

ପ୍ରତିଯୋଗିତାର ୬ ରାଉଣ୍ଡ ଶେଷସୁଦ୍ଧା ଗୁଜରାଟର ଇନାନୀ ଦର୍ଶପ ୫.୫ ପଏଣ୍ଟ ପାଇ ଏକକ ଅଗ୍ରଣୀ ଲାଭ କରିଛନ୍ତି। ମହାରାଷ୍ଟ୍ରର ଆର୍ଯ୍ୟନ ବି. ଜୋଶୀ ଓ କର୍ନାଟକର କିଶନ ଗାଙ୍ଗୋଲି ୫ ପଏଣ୍ଟ ଲେଖାଏ ପାଇ ପରବର୍ତ୍ତୀ ୨ ସ୍ଥାନରେ ରହିଛନ୍ତି। ଓଡ଼ିଶା ଖେଳାଳିଙ୍କ ମଧ୍ୟରେ ଦୁଇ ଭାଇ ପ୍ରାଚୁର୍ଯ୍ୟ କୁମାର ପ୍ରଧାନ ୪.୫ ଓ ସୌନ୍ଦର୍ଯ୍ୟ କୁମାର ପ୍ରଧାନ ୪ ପଏଣ୍ଟ ପାଇ ଯଥାକ୍ରମେ ୫ମ ଓ ୬ଷ୍ଠ ସ୍ଥାନରେ ରହିଛନ୍ତି। ଶୁଭେନ୍ଦୁ କୁମାର ପାତ୍ର ୩.୫ ଓ ଦୀପକ କୁମାର ଭୋଇ ୨ ପଏଣ୍ଟ ପାଇଛନ୍ତି।

# ନକ୍ ଆଉଟ କାର୍ଯ୍ୟସୂଚୀ ଘୋଷିତ

ଭୁବନେଶ୍ୱର, ୪।୪ (ବିଜୟ ରଣା)

**କଳାହାଣ୍ଡି କପ୍ କ୍ରିକେଟ**

ଓସିଏ ସିନିୟର ପୁରୁଷ ଆନ୍ତଃଜିଲା କ୍ରିକେଟ ଟୁର୍ଣ୍ଣାମେଣ୍ଟ କଳାହାଣ୍ଡି କପ୍ ୨୦୨୫ର ନକ୍‌ଆଉଟ ପର୍ଯ୍ୟାୟ କାର୍ଯ୍ୟସୂଚୀ ଶୁକ୍ରବାର ଘୋଷଣା କରାଯାଇଛି। ୫୦ଓଭର ବିଶିଷ୍ଟ ତଥା ଦିନିକିଆ ଫର୍ମାଟରେ ଖେଳାଯାଉଥିବା ଏହି ଟୁର୍ଣ୍ଣାମେଣ୍ଟର ପ୍ରଥମ କ୍ୱାର୍ଟରଫାଇନାଲ ଏପ୍ରିଲ ୬ରେ ଡ୍ରିମ୍ସ କ୍ରିକେଟ ଗ୍ରାଉଣ୍ଡରେ ଇକୋର୍ସା ଓ ଭୁବନେଶ୍ୱର 'ବି' ମଧ୍ୟରେ ଖେଳାଯିବ। ସେଦିନ କଟକ 'ଏ' ଓ ଭଦ୍ରକ ମଧ୍ୟରେ ଦ୍ୱିତୀୟ କ୍ୱାର୍ଟରଫାଇନାଲ ରେଭେନ୍‌ଶା ଗ୍ରାଉଣ୍ଡ-୧ରେ ଖେଳାଯିବ। ସେହିପରି ଏହି ଦିନ ବାରବାଟୀ ଷ୍ଟାଡିୟମରେ ତୃତୀୟ କ୍ୱାର୍ଟରଫାଇନାଲ ସୁନ୍ଦରଗଡ଼ ଓ ବାଲେଶ୍ୱର ମଧ୍ୟରେ ହେବ। ସନ୍ ସାଇନ୍ ଗ୍ରାଉଣ୍ଡରେ ରାଉରକେଲା ଓ ଭୁବନେଶ୍ୱର 'ଏ' ମଧ୍ୟରେ ୪ର୍ଥ କ୍ୱାର୍ଟର ଫାଇନାଲ ଅନୁଷ୍ଠିତ ହେବ। ଦୁଇଟି ଯାକ ସେମିଫାଇନାଲ ଏପ୍ରିଲ ୭ରେ ହେବ। ପ୍ରଥମଟି ରେଭେନ୍‌ଶା ଗ୍ରାଉଣ୍ଡ-୧ରେ କ୍ୱାର୍ଟରଫାଇନାଲ ୧ ଓ ୩ରୁ ବିଜେତାଙ୍କ ମଧ୍ୟରେ ଖେଳାଯିବାକୁ ଥିବାବେଳେ ଦ୍ୱିତୀୟଟି ବାରବାଟୀ ଷ୍ଟାଡିୟମରେ ୨ୟ ଓ ୪ର୍ଥ କ୍ୱାର୍ଟରଫାଇନାଲ ବିଜେତାଙ୍କ ମଧ୍ୟରେ ଖେଳାଯିବ। ଏପ୍ରିଲ ୯ରେ ଉଭୟ ସେମିଫାଇନାଲର ବିଜେତାଙ୍କ ମଧ୍ୟରେ ଫାଇନାଲ ମ୍ୟାଚ ବାରବାଟୀ ଷ୍ଟାଡିୟମରେ ଅନୁଷ୍ଠିତ ହେବ।

# ଜଗମୋହନ ଉପସଭାପତି ନିର୍ବାଚିତ



ଓସିଏ କର୍ମକର୍ତ୍ତା ଓ ଅନ୍ୟମାନଙ୍କ ଗହଣରେ ନବନିର୍ବାଚିତ ଉପସଭାପତି ଜଗମୋହନ ପଟ୍ଟନାୟକ।

ଭୁବନେଶ୍ୱର, ୪।୪ (ବିଜୟ ରଣା)

**ଓସିଏର ସ୍ୱତନ୍ତ୍ର ସାଧାରଣ ବୈଠକ**

କଟକରେ ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ)ର ସ୍ୱତନ୍ତ୍ର ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜଗମୋହନ ପଟ୍ଟନାୟକ ନିର୍ଦ୍ୱନ୍ଦ୍ୱରେ ଆସୋସିଏଶନର ଉପସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ମାର୍ଚ୍ଚ ୧୨ରୁ ଆରମ୍ଭ ହୋଇଥିବା ନିର୍ବାଚନ ପ୍ରକ୍ରିୟା କହିବାକୁ ଗଲେ ଏପ୍ରିଲ ୪ରେ ଶେଷ ହୋଇଛି। ଅବସରପ୍ରାପ୍ତ ଭାରତୀୟ ପ୍ରଶାସନିକ ଅଧିକାରୀ ଏମ୍.ଏଲ୍. ମଜୁମଦାର ନିର୍ବାଚନ ଅଧିକାରୀ ଭାବେ ସମଗ୍ର ନିର୍ବାଚନ ପ୍ରକ୍ରିୟାକୁ ପରିଚାଳନା କରିଥିଲେ। ଏହି ବୈଠକରେ ପଙ୍କଜ ଲୋଚନ ମହାନ୍ତି (ସଭାପତି), ସଞ୍ଜୟ ବେହେରା (ସମ୍ପାଦକ), ପ୍ରଭାତ କୁମାର ଭୋଳ (ଯୁଗ୍ମ ସମ୍ପାଦକ) ଓ ବିକାଶ ପ୍ରଧାନ (କୋଷାଧ୍ୟକ୍ଷ)ଙ୍କ ସମେତ ଓସିଏର ସମସ୍ତ ପ୍ରମୁଖ ସଦସ୍ୟଗଣ ଉପସ୍ଥିତ ଥିଲେ।

# କିଟ୍ ମହିଳା କ୍ରିକେଟ ଦଳ କ୍ୱାର୍ଟରରେ


ଅଫିସିଆଲ୍‌ଙ୍କ ସହ କିଟ୍ ମହିଳା କ୍ରିକେଟ ଦଳ।

ଭୁବନେଶ୍ୱର, ୪।୪ (ବିଜୟ ରଣା)

କିଟ୍ ବିଶ୍ୱବିଦ୍ୟାଳୟ ଏଠାରେ ଚାଲିଥିବା ଜାତୀୟ ବିଶ୍ୱବିଦ୍ୟାଳୟ ଆନ୍ତଃଜୋନ୍ ମହିଳା କ୍ରିକେଟ ଚାମ୍ପିୟନଶିପ୍‌ରେ ଓଡ଼ିଶାର ପ୍ରଥମ ଦଳ ଭାବେ କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛି। ଟୁର୍ନାମେଣ୍ଟର ତୃତୀୟ ଦିବସରେ ଏହି ଦଳ ୨୩ ରନରେ ଶିବାଜୀ ୟୁନିଭର୍ସିଟିକୁ ହରାଇ ଦେଇଛି। ଆସୋସିଏଶନ ଅଫ୍ ଇଣ୍ଡିଆନ୍ ୟୁନିଭର୍ସିଟିଜ (ଏଆଇୟୁ) ଅଧୀନରେ ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ସହାୟତାରେ କିଟ୍ ଇଣ୍ଟରନ୍ୟାଶନାଲ ଷ୍ଟାଡିୟମରେ ଚାଲିଥିବା ଏହି ପ୍ରତିଯୋଗିତା ଏପ୍ରିଲ ୧୧ରେ ଶେଷ ହେବ। ଏଥିରେ ଦେଶର ୧୬ଟି ଦଳ ଅଂଶଗ୍ରହଣ କରିଛନ୍ତି। ଏହି ଅବସରରେ କିଟ୍, କିସ୍ ଓ କିମ୍ସର ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତ କିଟ୍ ମହିଳା ଦଳକୁ ଅଭିନନ୍ଦନ ଜଣାଇଛନ୍ତି।

# ଗୋଟିଏ ଓଭରରେ ଦୁଇ ହାତରେ ବୋଲିଂ

ନୂଆଦିଲ୍ଲୀ,୪।୪: ଶ୍ରୀଲଙ୍କାର କାମିଣ୍ଡୁ ମେଣ୍ଡିସ ଗୁରୁବାର କୋଲକାତା ନାଇଟ୍ ରାଇଡର୍ସ (କେକେଆର୍) ବିପକ୍ଷ ମ୍ୟାଚରେ ସନ୍‌ରାଇଜର୍ସ ହାଇଦ୍ରାବାଦ (ଏସ୍‌ଆରଏଚ୍) ପାଇଁ ଆଇପିଏଲ୍‌ରେ ପଦାର୍ପଣ କରିଥିଲେ। ପ୍ରଥମ ଆଇପିଏଲ୍ ମ୍ୟାଚରେ ସେ ଦୁଇ ହାତରେ ସ୍ପିନ ବୋଲିଂ କରିବାର ଦକ୍ଷତା ଦ୍ୱାରା ଉଭୟ ବ୍ୟାଟର ଓ ଫ୍ୟାନ୍ସଙ୍କୁ ଚକିତ କରିଛନ୍ତି। କେକେଆର୍ ଇନିଂସର ୧୩ତମ ଓଭରରେ ବୋଲିଂ କରିବାକୁ ଆସିଥିବା କାମିଣ୍ଡୁ ଡାହାଣ ହାତୀ ବ୍ୟାଟର ଅଙ୍ଗକ୍ରିଶ ରଘୁବଂଶୀଙ୍କୁ ବାମହାତୀ ଅର୍ଥଡକ୍ସ ସ୍ପିନ ବୋଲିଂ କରିଥିଲେ। ରଘୁବଂଶୀ ପ୍ରଥମ ବଲରେ ସିଙ୍ଗଲ ନେଇଥିଲେ। ପରବର୍ତ୍ତୀ ବଲ ଖେଳିବାକୁ ବାମହାତୀ ବ୍ୟାଟର ଭେଙ୍କଟେଶ ଆୟାର ଷ୍ଟ୍ରାଇକ୍‌କୁ ଆସିଥିଲେ। ଏହା ଦେଖି କାମିଣ୍ଡୁ ଡାହାଣ ହାତୀ ଅଫ ସ୍ପିନ ବୋଲିଂ କରିଥିଲେ। ଓଭରର ତୃତୀୟ ବଲରେ ଅର୍ଦ୍ଧଶତକ କରିଥିବା ରଘୁବଂଶୀଙ୍କୁ ଆଉଟ୍ କରି ତାଙ୍କ ଆଇପିଏଲ୍ ପଦାର୍ପଣକୁ ସ୍ମରଣୀୟ କରିଥିଲେ। ନୂଆ ବ୍ୟାଟର ରିଙ୍କୁ ସିଂଙ୍କୁ ସେ ପୁଣି ଡାହାଣ ହାତରେ ଅଫ ସ୍ପିନ ବୋଲିଂ କରିଥିଲେ। ଉଲ୍ଲେଖଯୋଗ୍ୟ ଯେ, ମେଣ୍ଡିସ ଟେଷ୍ଟ ଇତିହାସର ପ୍ରଥମ କ୍ରିକେଟର ଭାବେ ପ୍ରଥମ ୮ ଟେଷ୍ଟରେ ପ୍ରତ୍ୟେକ ଥର ଅର୍ଦ୍ଧଶତକ ହାସଲ କରିଥିଲେ।

**CUTTACK MUNICIPAL CORPORATION**

No.C-14

"e" PROCUREMENT NOTICE
Tender ID : 2025_ORULB_112127
Bid Reference No. MC(CMC)CTC_Div-I_No.1/2025-26
Tender Call Notice No. 4494 (PW) Date : 02.04.2025
Name of Works : Civil Works
No. of Works : 14 Nos.
Bid Value : Rs.2.46 Lakh to Rs.47.41 Lakh
Period of Completion : One Calendar Month to Three Calendar Months
Date and Time Schedule :

| Start | End | Opening |
|---|---|---|
| 3.00 P.M. on dt.04.04.2025 | 5.00 P.M. on dt.16.04.2025 | 11.00 A.M. on dt.21.04.2025 |

Tender Details : Can be seen from the procurement portal : www.tendersorissa.gov.in

Executive Engineer
City Div-I
OIPR-13031/11/0161/2425

**ODISHA COMPUTER APPLICATION CENTRE**
OCAC
**EXPRESSION OF INTEREST**
Enq.No.:-OCAC-SEGP-INFRA-0035-2025-25043

No.U-01: Odisha Computer Application Centre (OCAC) invites Expression of Interest (EOI) from prospective bidders ('Bidders') for the setting up of an AI Lab for training and knowledge management at Gopabandhu Academy of Administration(GAA) in Odisha. For details please visit websites www.ocac.in & www.odisha.gov.in.


The bid shall be submitted in electronic mode only in the portal https://enivida.odisha.gov.in latest by 21.04.2025, 12.00 Noon. OCAC reserves the right to accept/ reject any/ all bids without assigning any reason thereof.

General Manager(Admin), OCAC, Plot No.-N-1/7-D, Acharya Vihar, P.O.-RRL, Bhubaneswar-751013, Ph.-2567280/ 2567064/ 2567295
OIPR-16003/11/0074/2425

**ଜିଲ୍ଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟ, କଟକ**

**ବିଜ୍ଞପ୍ତି**

No.g-01:- ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଗତ ତା ୧୮.୦୧.୨୦୨୫ ରିଖ ଦିନ ଜଗତପୁର ଥାନା ଅନ୍ତର୍ଗତ ଆଇ.ବି. ରୋଡ୍ ବଉଳେଶ୍ୱର ମନ୍ଦିର ନିକଟରେ ଥିବା ଏକ ଘରର ଶିଡି ପାହାଚରେ ଏକ ନବଜାତ ଶିଶୁପୁତ୍ର ପଡ଼ିଥିବାର ଉକ୍ତ ଘରେ ଭଡ଼ାରେ ରହୁଥିବା ଲୋକମାନେ ଦେଖିବାକୁ ପାଇଥିଲେ । ସେମାନେ ଘର ମାଲିକଙ୍କୁ ଫୋନ୍ ଯୋଗେ ଏ ସମ୍ପର୍କରେ ଜଣାଇବା ପରେ ଉକ୍ତ ଘର ମାଲିକ ଜଗତପୁର ଥାନାକୁ ଖବର ଦେଇଥିଲେ । ଏହାସହିତ ସେ ଶିଶୁଟିକୁ କଟକସ୍ଥିତ ବଡ଼ ଡାକ୍ତରଖାନାର ଏସ୍.ଏନ୍.ସି.ୟୁ. ୱାର୍ଡରେ ଚିକିତ୍ସା ପାଇଁ ପ୍ରବେଶ କରାଇଥିଲେ । ଶିଶୁଟି ୧୮.୦୧.୨୦୨୫ ଠାରୁ ୦୩.୦୨.୨୦୨୫ ରିଖ ପର୍ଯ୍ୟନ୍ତ ଚିକିତ୍ସା ଅବସ୍ଥାରେ ଥିଲା । ଏହି ବାବଦରେ ବଡ଼ ଡାକ୍ତରଖାନା ଅଧକ୍ଷ ଶିଶୁ ମଙ୍ଗଳ କମିଟି, କଟକଙ୍କୁ ଶିଶୁଟିର ଯତ୍ନ ଓ ସୁରକ୍ଷା ପାଇଁ ଜଣାଇଥିଲେ । ଶିଶୁଟି ବର୍ତ୍ତମାନ ସୁସ୍ଥ ହୋଇ ଶିଶୁ ମଙ୍ଗଳ କମିଟିଙ୍କ ନିର୍ଦ୍ଦେଶନାମା ନଂ. ୦୨୬/୨୦୨୫, ତା ୦୩.୦୨.୨୦୨୫ ରିଖଠାରୁ ଚୌଦ୍ୱାରସ୍ଥିତ ସର୍ଭାଣ୍ଟସ୍ ଅଫ୍ ଇଣ୍ଡିଆ ସୋସାଇଟିର ସ୍ୱତନ୍ତ୍ର ପୋଷ୍ୟ ସଂସ୍ଥାନରେ ରହିଅଛି । ଏହି ଶିଶୁଟିର ନାମ ସାଇସ୍ମୃତି । ଯଦି ଉକ୍ତ ଶିଶୁପୁତ୍ରଟିର ମାତା, ପିତା କିମ୍ବା ଅନ୍ୟ କେହି ଆଇନସିଦ୍ଧ ଦାବିଦାର ଥାଆନ୍ତି, ତେବେ ଏହି ବିଜ୍ଞପ୍ତି ପ୍ରକାଶ ପାଇବାର ୩୦ ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣପତ୍ର ସହ ଆସି ଜିଲ୍ଲା ଶିଶୁ ମଙ୍ଗଳ କମିଟି, ରେଡକ୍ରସ୍ ଭବନ, କଲେକ୍ଟୋରିଏଟ୍ କ୍ୟାମ୍ପସ୍, କଟକ - ୭୫୩୦୦୨ କିମ୍ବା ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, କୋଠରି ନଂ. ୫୪, କଲେକ୍ଟୋରିଏଟ୍ ବିଲ୍ଡିଂ, କଟକ, ଫୋନ୍ ନଂ. ୦୬୭୧ - ୨୫୦୯୦୦୯ କିମ୍ବା ସମ୍ପାଦକ, ସର୍ଭାଣ୍ଟସ୍ ଅଫ୍ ଇଣ୍ଡିଆ ସୋସାଇଟି, ଚୌଦ୍ୱାର, କଟକ - ୭୫୪୦୭୧, ଫୋନ୍ ନଂ.- ୯୭୭୭୬୪୪୦୬ କୁ ଯୋଗାଯୋଗ କରିବାକୁ ଅନୁରୋଧ । ଏହି ସମୟସୀମା ଅତିକ୍ରାନ୍ତ ପରେ ଉକ୍ତ ଶିଶୁପୁତ୍ର ଉପରେ କୌଣସି ଦାବି ଗ୍ରହଣ କରାଯିବ ନାହିଁ । ପରନ୍ତୁ ଶିଶୁପୁତ୍ରଟିକୁ କିଶୋର ନ୍ୟାୟ (ଶିଶୁ ଯତ୍ନ ଓ ସୁରକ୍ଷା) ଆଇନ - ୨୦୧୫ (ସଂଶୋଧିତ - ୨୦୨୧) ଅନୁଯାୟୀ ଉପଯୁକ୍ତ ଥଇଥାନ କରାଯିବ ।



ସ୍ୱା./- ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, କଟକ
OIPR-33038/11/0018/2425

See Career Appointment on every Wednesday & Saturday

**DHARANIDHAR UNIVERSITY, KEONJHAR**
Letter No.1051 / Dt. 03.04.2025
**Advertisement**

No.CAD-18 : Sealed tenders are invited from the Registered Man Power Service Providers/ Agencies through Registered/ Speed Post for providing man powers in Group D category under outsourcing mode for a period of one year from 01.05.2025 to 30.04.2026 at Dharanidhar University. The details of advertisement is available in our website https://dduniversity.ac.in.

The University authority reserves the right to cancel the advertisement at any time without assigning any reason thereof.
Last date : 22.04.2025 by 5.00 P.M.

Sd./- Registrar
Dharanidhar University, Keonjhar
OIPR-11126/11/0010/2425

**ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ଗ୍ରାମ୍ୟ ନିର୍ମାଣ ମଣ୍ଡଳ, ବ୍ରହ୍ମପୁର**
(ଗ୍ରାମ୍ୟ/ପୋଷ୍ଟ-ଆମ୍ବପୁଆ, ଆୟକର ଭବନ ନିକଟରେ, ବ୍ରହ୍ମପୁର-୭୬୦୦୧୧, ଗଞ୍ଜାମ, ଓଡ଼ିଶା)
**OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, BERHAMPUR**
At/PO-Ambapua, Near Income Tax Office, Berhampur-760011, Ganjam, Odisha)
(E-Mail: serwbpr2004@yahoo.com, Tel. No.-0680-2404287)
No.O-07:
NATIONAL COMPETITIVE BIDDING THROUGH e-Procurement
Bid Identification No.Online Tender/42-2024-25/BPR

| Identification No. | Name of Work | No. of Works | Approx. Estimated Cost (in Lakh) | Class of Contractor | Period of Completion |
|---|---|---|---|---|---|
| Online_Tender/ 42-2024-25/BPR | Road Works under MMSY-TRIP | 02 Nos. | From Rs.506.27 Lakhs to Rs.802.93 Lakhs | "A" Class, "Special" Class as applicable | Period of Completion as provided as per Col. No.5 of Annexure of NIT |

| Procurement Officer | Bid Identification No. | Availability of tender online for bidding | |
|---|---|---|---|
| | | From | To |
| Chief Construction Engineer, R.W. Circle, Berhampur | Online Tender/42-2024-25/BPR | 11.04.2025 at 10.00 A.M. | 25.04.2025 upto 5.30 P.M. |

(i) EMD/ Bid Security, Cost of Bid Document is to be transferred through Online as per the procedure mentioned in the DTCN.
(ii) Non-submission of the information/documents through online by the bidder as per the items mentioned in the eligible criteria of the DTCN will also liable for rejection of his tender.
Further details & Corrigendum if any can be seen from the website:- www.tendersodisha.gov.in
OIPR-25071/11/0078/2425
Sd./- Chief Construction Engineer, R.W.Circle, Berhampur

**ODISHA POLICE, OISF, HEADQUARTERS**
PLOT NO.139 (P) KESHARI NAGAR, UNIT-V, BHUBANESWAR
**ବିଜ୍ଞାପନ**

କନେଷ୍ଟେବଲ ନମ୍ବର - ୭୩୩ ସନାତନ ବେହେରା
ପିତା - ହାଡ଼ିବନ୍ଧୁ ବେହେରା    ଥାନା - ଫତେଗଡ଼
ଗ୍ରାମ - କୁଆହରା    ଜିଲ୍ଲା - ନୟାଗଡ଼
ପୋଷ୍ଟ - ଜଗନ୍ନାଥ ପ୍ରସାଦ    ପିନ୍ - ୭୫୨୦୭୭

No.D-04:- ଏତଦ୍ୱାରା ଆପଣଙ୍କୁ ଜଣାଇ ଦିଆଯାଉଛି ଯେ, ଆପଣଙ୍କ ବିରୁଦ୍ଧରେ ଚାଲୁଥିବା ବିଭାଗୀୟ ତଦନ୍ତ ସଂଖ୍ୟା ୧୨/ତା.୨୯.୦୮.୨୦୨୪ ରେ ଆପଣଙ୍କୁ କାହିଁକି ଚାକିରିରୁ ବରଖାସ୍ତ କରାନଯିବ, ସେ ସମ୍ବନ୍ଧରେ ଲିଖିତ ଆକାରରେ ଜଣାଇବା ନିମନ୍ତେ ଦ୍ୱିତୀୟ କାରଣ ଦର୍ଶାଅ ନୋଟିସକୁ ମେମୋ ସଂଖ୍ୟା ୧୩୦/ଓ.ଶି.ସୁ.ବ. (ସଂରକ୍ଷିତ ଆରକ୍ଷୀ କାର୍ଯ୍ୟାଳୟ) ତା.୨୭.୦୧.୨୦୨୫ ରିଖରେ ଆପଣଙ୍କ ଘରୋଇ ଠିକଣାରେ ଆପଣଙ୍କୁ ହସ୍ତାନ୍ତର ନିମନ୍ତେ ଏକ ସ୍ୱତନ୍ତ୍ର ପତ୍ରବାହକ ମାଧ୍ୟମରେ ପଠାଯାଇଥିଲା । ଆପଣ ସ୍ୱବାସ ଗୃହରେ ଅନୁପସ୍ଥିତ ରହିବା କାରଣରୁ ନୋଟିସକୁ ପତ୍ରବାହକ ଆପଣଙ୍କ ପିତାଙ୍କୁ ହସ୍ତାନ୍ତର କରି ଓ.ଶି.ସୁ.ବ. ର ମୁଖ୍ୟ କାର୍ଯ୍ୟାଳୟକୁ ଫେରିଆସିଥିଲେ । ପୁନର୍ବାର ଦ୍ୱିତୀୟ କାରଣ ଦର୍ଶାଅ ନୋଟିସକୁ ଭାରତୀୟ ଡାକ ସେବା ରେଜିଷ୍ଟ୍ରି ପୋଷ୍ଟ ମାଧ୍ୟମରେ ତା. ୧୦.୦୨.୨୦୨୫ ରିଖରେ ପ୍ରେରିତ ହୋଇଥିଲା । କିନ୍ତୁ ଆପଣ ଉକ୍ତ ଦ୍ୱିତୀୟ କାରଣ ଦର୍ଶାଅ ନୋଟିସକୁ ଗ୍ରହଣ କରିବା ସତ୍ତ୍ୱେ ଆପଣଙ୍କ ପକ୍ଷରେ ଲିଖିତ ଆକାରରେ କୌଣସି ଉତ୍ତର ଦେଲେ ନାହିଁ କି, ନିଜ ଚାକିରିରେ ମଧ୍ୟ ଏପର୍ଯ୍ୟନ୍ତ ଯୋଗଦେଲେନାହିଁ ।

ଏଣୁ ଉକ୍ତ ବିଜ୍ଞାପନ ମାଧ୍ୟମରେ ଆପଣଙ୍କୁ ଜଣାଇ ଦିଆଯାଉଅଛି ଯେ, ଏହି ସମ୍ବାଦ ପ୍ରକାଶନର ୦୭ (ସାତ) ଦିନ ମଧ୍ୟରେ ଆପଣ ଓ.ଶି.ସୁ.ବ. ର ମୁଖ୍ୟ କାର୍ଯ୍ୟାଳୟରେ ଆସି ଯୋଗଦାନ କରିବା ସହିତ ଆପଣଙ୍କ ବିରୁଦ୍ଧରେ ରୁଜୁ କରାଯାଇଥିବା ବିଭାଗୀୟ ତଦନ୍ତ ସଂଖ୍ୟା ୧୨/ତା.୨୯.୦୮.୨୦୨୪ ସମ୍ବନ୍ଧରେ ଆପଣଙ୍କ ସପକ୍ଷରେ ଲିଖିତ ଆକାରରେ ଦାଖଲ କରିବେ । ଏଥିରେ ତ୍ରୁଟି କଲେ ଏକତରଫା ଭାବେ ଆପଣଙ୍କୁ "ଚାକିରିରୁ ବରଖାସ୍ତ" କରାଯିବ ।

ସ୍ୱା./- ଦୁର୍ଗପତି (ଏସ୍.ଏ.ଜି.)
ଓ.ଶି.ସୁ.ବ., ଭୁବନେଶ୍ୱର, ଖୋର୍ଦ୍ଧା
OIPR-12029/11/0074/2425

**ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ଗ୍ରାମ୍ୟ ନିର୍ମାଣ ମଣ୍ଡଳ, ବ୍ରହ୍ମପୁର**
(ଗ୍ରାମ୍ୟ/ପୋଷ୍ଟ-ଆମ୍ବପୁଆ, ଆୟକର ଭବନ ନିକଟରେ, ବ୍ରହ୍ମପୁର-୭୬୦୦୧୧, ଗଞ୍ଜାମ, ଓଡ଼ିଶା)
**OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, BERHAMPUR**
At/PO-Ambapua, Near Income Tax Office, Berhampur-760011, Ganjam, Odisha)
(E-Mail: serwbpr2004@yahoo.com, Tel. No.-0680-2404287)
No.O-11:
No.e-tender//1213//RWC//BAM//Dated 03.04.25
**1st Corrigendum to Bid Identification No.Online Tender/39-2024-25/BPR**

1) The partial modification of Buildings works vide above Identification has been made as follows.

| | | | |
|---|---|---|---|
| 1 | Date of availability of tender | :: | 10.04.2025 to 24.04.2025 upto 5.30 PM instead of 27.03.2025 to 10.04.2025 upto 5.30 P.M. |
| 2 | Last Date & Time of seeking tender clarification | :: | 22.04.2025 at 5.30 PM instead of 08.04.2025 at 5.30 P.M. |
| 3 | Date of opening of Technical Bid | :: | 25.04.2025 at 11.00 AM instead of 11.04.2025 at 11.00 AM |
| 4 | Date of opening of Financial Bid | :: | Will be intimated later on. |

All other contents will remain unchanged.
OIPR-25071/11/0082/2425
Sd./- Chief Construction Engineer, R.W.Circle, Berhampur

**ODISHA CONSTRUCTION CORPORATION LTD.**
(A Government of Odisha undertaking)
DESIGNED TO EXCEL
**OFFICE OF SENIOR MANAGER (MECH.)**
**KANUPUR GATE ERECTION PROJECT, BASUDEVPUR, KEONJHAR**
Qtr No.-D1, Kanupur Irrigation Colony, Basudevpur, Keonjhar - 758047, E-Mail : smmechkanupur@gmail.com
**Tender Call Notice No. : OCCL/KGEP/05/2024-25 Dated. 02.04.2025**

No.CAD-11 : Name of work : Electrical arrangement for power supply to all 04 Nos. of Head Regulator Service gates and hoisting arrangements at Kanupur Gate Erection Project, Basudevpur, Keonjhar as per the direction of Engineer-in-Charge.
Total No. of work : 01 (One)
Period of completion : 30 (Thirty) Days.

| Tendering Officer | Bid Identification No. | Cost of bid Document (including GST) (in Rs) | Availability of Tender | Submission of Bid | License |
|---|---|---|---|---|---|
| Senior Manager (Mech.), Kanupur Gate Erection Project, Basudevpur, Keonjhar | OCCL/ KGEP/05/2024-25 Dated. 02.04.2025 | 4,720/- (Non-refundable) | From 03.04.2025, 10.00 A.M. to 10.04.2025, 3.00 P.M. | Upto 10.04.2025, 3.00 P.M. | EHT/ELT (M.V) License Job-worker enlisted in OCCL |

Date of opening of the Bid : 10.04.2005 at 4.00 P.M.
Further details can be seen from the OCCL website www.odishaconstruction.com

Sd./- Senior Manager (Mech.)
Kanupur Gate Erection Project, Basudevpur, Keonjhar
OIPR-32543/11/0003/2425

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ଦିବ୍ୟାଂଶୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ସଙ୍ଗୀତ, ନୃତ୍ୟରେ ଉତ୍ତମ ମହାନ୍ତିଙ୍କୁ ଶ୍ରଦ୍ଧାଞ୍ଜଳି

**ଭୁବନେଶ୍ୱର,୪।୪(ସୁଚିସ୍ମିତା ସାହୁ):** ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଅଧୀନ କୃଷି ମହାବିଦ୍ୟାଳୟର ନାଟ୍ୟ ସଂସଦ ଚିରନ୍ତନୀ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ 'ସ୍ପନ୍ଦନିକା' ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସ୍ୱର୍ଗତ ଉତ୍ତମ ମହାନ୍ତିଙ୍କ ଦ୍ୱାରା ଅଭିନୀତ ଚଳଚ୍ଚିତ୍ରର ସଙ୍ଗୀତ ଏବଂ ନୃତ୍ୟ ମାଧମରେ ଛାତ୍ରୀଛାତ୍ରମାନେ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି। ମହାବିଦ୍ୟାଳୟ ଅଧକ୍ଷ ପ୍ରଫେସର ହୃଷୀକେଶ ପାତ୍ର ଏହାକୁ ଉଦଘାଟନ କରି ସ୍ୱର୍ଗତ ମହାନ୍ତିଙ୍କ ସ୍ମୃତିଚାରଣ କରିଥିଲେ। ଛାତ୍ର ସଂସଦର ଉପଦେଷ୍ଟା ଡ଼ ରବୀନ୍ଦ୍ର କୁମାର ନାୟକ କାର୍ଯ୍ୟକ୍ରମ ବିଷୟରେ ସୂଚନା ଦେଇଥିଲେ।



## 'ଖତ୍‌ରୋଁ କା ଖିଲାଡି ୧୫'
# ମଲ୍ଲିକାଙ୍କୁ ନେଇ ଚର୍ଚ୍ଚା

**ମୁମ୍ବାଇ:** ଯଟିଭି ଇଣ୍ଡଷ୍ଟ୍ରିର ଲୋକପ୍ରିୟ ଷ୍ଟଣ୍ଟ ରିୟଲିଟି ଶୋ' 'ଖତ୍‌ରୋଁ କା ଖିଲାଡି'ର ୧୫ଶ ସିଜନ୍‌କୁ ନେଇ କାଉଣ୍ଟଡାଉନ ଆରମ୍ଭ ହୋଇଛି। ପ୍ରତିଥର ପରି ଫିଲ୍ମ ନିର୍ଦ୍ଦେଶକ ରୋହିତ ଶେଟ୍ଟି ଚଳିତ ଥର ମଧ୍ୟ ଏହି ଶୋ'କୁ ହୋଷ୍ଟ କରିବେ। ତେବେ ଚଳିତ ସିଜନ୍‌ର ଅଂଶଗ୍ରହଣକାରୀଙ୍କୁ ନେଇ ବିଭିନ୍ନ ରିପୋର୍ଟ ପ୍ରକାଶ ପାଇଛି। ନିକଟରେ ସାମ୍ନାକୁ ଆସିଥିବା ଏକ ରିପୋର୍ଟ ଅନୁଯାୟୀ, 'ଖତ୍‌ରୋଁ କା ଖିଲାଡି ୧୫'ରେ ଅଭିନେତ୍ରୀ ମଲ୍ଲିକା ଶେରାୱତ ଓ ଅଭିନେତା ସିଦ୍ଧାର୍ଥ ମାଲ୍ୟା ଅଂଶଗ୍ରହଣ କରିପାରନ୍ତି। ଟେଲି ମସାଲାର ଏକ ରିପୋର୍ଟ ଅନୁଯାୟୀ, 'ଖତ୍‌ରୋଁ କା ଖିଲାଡି ୧୫'ରେ ଭାଗନେବା ପାଇଁ ନିକଟରେ ଏହାର ନିର୍ମାତାଙ୍କ ପକ୍ଷରୁ ମଲ୍ଲିକାଙ୍କୁ ଅନୁରୋଧ କରାଯାଇଛି। ଏହି ଖବର ସାମ୍ନାକୁ ଆସିବା ପରେ ମଲ୍ଲିକାଙ୍କ ପ୍ରଶଂସକମାନେ ଉତ୍ସାହିତ ହୋଇପଡ଼ିଛନ୍ତି। ସେହିପରି ଏହି ଶୋ'ରେ ଭାଗନେବାକୁ ସିଦ୍ଧାର୍ଥଙ୍କୁ ମଧ୍ୟ ଅନୁରୋଧ କରାଯାଇଛି। ତେବେ ବର୍ତ୍ତମାନ ସୁଦ୍ଧା ଏନେଇ କୌଣସି ଆନୁଷ୍ଠାନିକ ଘୋଷଣା କରାଯାଇନାହିଁ। 'ଖତ୍‌ରୋଁ କା ଖିଲାଡି'ର ୧୪ଶ ସଂସ୍କରଣ ୨୦୨୪ ଜୁଲାଇ ୨୭ରୁ ଆରମ୍ଭ ହୋଇ ସେହିବର୍ଷ ୨୯ ସେପ୍ଟେମ୍ବରରେ ଶେଷ ହୋଇଥିଲା। ଏଥିରେ ୧୨ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ।

ଗତ କିଛିବର୍ଷ ହେବ ମଲ୍ଲିକା ଖୁବ୍ କମ୍ ଫିଲ୍ମରେ ନଜରକୁ ଆସିଛନ୍ତି। ୨୦୨୪ରେ ରିଲିଜ୍ ହୋଇଥିବା ଅଭିନେତା ରାଜକୁମାର ରାଓ ଏବଂ ଅଭିନେତ୍ରୀ ତୃପ୍ତି ଡିମରିଙ୍କ ଫିଲ୍ମ 'ଭିକି ବିଦ୍ୟା କା ୱୋ ୱାଲା ଭିଡିଓ'ରେ ମଲ୍ଲିକାଙ୍କୁ ଶେଷଥର ପାଇଁ ଦେଖିବାକୁ ମିଳିଥିଲା।


## ଜନ୍ମଦିନର ଶୁଭେଚ୍ଛା



**ଶ୍ରୀ ହରି ନାରାୟଣ ବେବର୍ତ୍ତା**
(Rly. Retd.)
Secretary Public Relation AICGPA-Cuttack
ସଭାପତି, ମା ବୁଢ଼ୀ ମଙ୍ଗଳା ବରିଷ୍ଠ ନାଗରିକ ସଂଘ ପାଟରା ସାହି, କଟକ, ମୋ- ୯୪୩୭୦୪୮୨୧୨
ଅଜା, ଆଜି ତୁମର ଜନ୍ମଦିନ। ମୁଁ ଓ ଆଇ ବାବାଙ୍କ ନିକଟରେ ପ୍ରାର୍ଥନା କରୁଛୁ, ତୁମେ ଦୀର୍ଘାୟୁ ରୁହ ସ୍ୱାସ୍ଥ୍ୟବାନ ରୁହ। ଆଜି ତୁମେ ୭୩ବର୍ଷରେ ପଦାର୍ପଣ କରୁଛ।
ଶୁଭେଚ୍ଛା ସହ: ନାତି- ସାତ୍ୱିକ ସେନାପତି, ଧର୍ମପତ୍ନୀ- ଭାରତୀ ବେବର୍ତ୍ତା
ଧ-୦୪୪


# ବଢ଼ିଲା ଆପରାଧିକ ତଦନ୍ତ ଖର୍ଚ୍ଚ

**ଭୁବନେଶ୍ୱର,୪।୪(ରବିନାରାୟଣ ଜେନା)**

ରାଜ୍ୟ ଭିତରେ ଏବଂ ବାହାରେ ବିଭିନ୍ନ ପ୍ରକାର ଆପରାଧିକ ମାମଲାର ତଦନ୍ତ ଖର୍ଚ୍ଚକୁ ରାଜ୍ୟ ସରକାରଙ୍କ ପକ୍ଷରୁ ବୃଦ୍ଧି କରାଯାଇଛି। ଶୁକ୍ରବାର ଏନେଇ ଅର୍ଥ ବିଭାଗ ପକ୍ଷରୁ ଏକ ନିର୍ଦ୍ଦେଶନାମା ଜାରି ହୋଇଛି। ନିର୍ଦ୍ଦେଶନାମାରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର ଦର୍ଶାଇଛନ୍ତି, 'ତଦନ୍ତ ପାର୍ଟି'ରୁ ବିଭିନ୍ନ ପ୍ରକାର ଆପରାଧିକ ତଦନ୍ତ ଲାଗି ଖର୍ଚ୍ଚ ହେଉଥିବା ଅର୍ଥରାଶିକୁ ସଂଶୋଧିତ କରାଯାଇଛି। ରାଜ୍ୟ ଭିତରେ ହେଉ କିମ୍ବା ବାହାରେ ହତ୍ୟା ମାମଲାରେ ତଦନ୍ତ ବେଳେ ମୃତ ଶରୀରକୁ ନେବା ଆଣିବା ଏବଂ ଏହାର ବ୍ୟବଚ୍ଛେଦ ସହିତ ପ୍ୟାକିଂ କରିବା ଓ ସାଇଣ୍ଟିଫିକ୍ ଟିମ୍ ଗସ୍ତ କରି ଛାନଭିନ୍ କରିବା ଭଳି ବିଭିନ୍ନ କାର୍ଯ୍ୟକ୍ରମ ବାବଦକୁ ପ୍ରତ୍ୟେକ ମାମଲାରେ ୨୫ ହଜାର ଟଙ୍କା ଲେଖାଏ ପ୍ରଦାନ କରାଯିବ।

ସେହିପରି ବଳାତ୍କାର ମାମଲାରେ ଅଭିଯୁକ୍ତଙ୍କୁ ରାଜ୍ୟ ବାହାରୁ ତଦନ୍ତ ଲାଗି ଆଣିବା ଓ ଅନ୍ୟାନ୍ୟ ଅନୁସନ୍ଧାନ ପାଇଁ ୩୭ହଜାର ଟଙ୍କା ଖର୍ଚ୍ଚର ପ୍ରାବଧାନ କରାଯାଇଥିବାବେଳେ ରାଜ୍ୟ ଭିତରେ ଅଭିଯୁକ୍ତଙ୍କ ଲାଗି ୧୮ ହଜାର ଟଙ୍କା ଖର୍ଚ୍ଚ କରାଯିବ। ଏଥିରେ ଅଭିଯୁକ୍ତ ଏବଂ ଏତଲାକାରୀଙ୍କୁ ନେବା ଆଣିବା ସହିତ ସାଇଣ୍ଟିଫିକ୍ ଟିମ୍ ପ୍ରମାଣ ସଂଗ୍ରହ କରିବା ବ୍ୟବସ୍ଥା ରହିଛି। ଶାଶ୍ୱତ ଦର୍ଶାଇଛନ୍ତି ଯେ, ଅପହରଣ କ୍ଷେତ୍ରରେ ରାଜ୍ୟ ବାହାରେ ଅଭିଯୁକ୍ତଙ୍କୁ ନେବା ଆଣିବା ଓ ସାଇଣ୍ଟିଫିକ୍ ଟିମ୍ ତଦନ୍ତ କରିବା କାର୍ଯ୍ୟକ୍ରମ ବାବଦକୁ ୩୦ହଜାର ଟଙ୍କା ଖର୍ଚ୍ଚ କରାଯାଇପାରିବ। ମାତ୍ର ରାଜ୍ୟ ବାହାରେ ଏହି ଖର୍ଚ୍ଚ ବାବଦକୁ ୧୦ ହଜାର ଟଙ୍କା ପ୍ରଦାନ କରାଯିବ। ସେହିପରି ଅପମୃତ୍ୟୁ ମାମଲାରେ ଉଭୟ ରାଜ୍ୟ ଭିତରେ ଓ ବାହାରେ ତଦନ୍ତ ଲାଗି ୧୩ହଜାର ଟଙ୍କା ଖର୍ଚ୍ଚ କରାଯିବାକୁ ରହିଥିବାବେଳେ ସାଇବର ଅପରାଧ କ୍ଷେତ୍ରରେ ଏହାର ପରିମାଣ ରାଜ୍ୟ ବାହାର ପାଇଁ ୪୫ହଜାର ଟଙ୍କା ଏବଂ ରାଜ୍ୟ ଭିତରେ ତଦନ୍ତ ଲାଗି ୨୫ହଜାର ଟଙ୍କାର ବ୍ୟବସ୍ଥା କରାଯାଇଛି। ଏହାବାଦ୍ ନିଶା କାରବାର ଓ ଅସ୍ତ୍ରଶସ୍ତ୍ର କାରବାର ମାମଲାରେ ରାଜ୍ୟ ବାହାରେ ତଦନ୍ତ ଲାଗି ୩୫ହଜାର ଟଙ୍କା ଖର୍ଚ୍ଚର ବ୍ୟବସ୍ଥା କରାଯାଇଥିବାବେଳେ ରାଜ୍ୟ ଭିତର ଲାଗି ୧୫ହଜାର ଟଙ୍କା ରହିଛି।

# ଦୁଗ୍ଧ ଚାଷୀଙ୍କ ପାଇଁ ଜୀବନ ବୀମା କଲା ଓମ୍‌ଫେଡ୍

**ଭୁବନେଶ୍ୱର,୪।୪(ବନ୍ଦନା ସେଠୀ)**

ଓମ୍‌ଫେଡ୍‌ର ୧୧୪ତମ ପରିଚାଳନା ନିର୍ଦ୍ଦେଶକ ମଣ୍ଡଳୀ ବୈଠକ ଶୁକ୍ରବାର ଭୁବନେଶ୍ୱରସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଓମ୍‌ଫେଡକୁ ଦୁଗ୍ଧ ଯୋଗାଉଥିବା ଚାଷୀଙ୍କୁ ଦୁର୍ଘଟଣାଜନିତ ବୀମା ପରିସରଭୁକ୍ତ କରାଯାଇଛି। ଏହାଦ୍ୱାରା ରାଜ୍ୟର ୨.୫ଲକ୍ଷରୁ ଅଧିକ ପରିବାର ଉପକୃତ ହେବେ। ଚାଷୀଙ୍କ ବୀମା ପ୍ରିମିୟମ ଓମ୍‌ଫେଡ ଦେବ ବୋଲି ବୈଠକରେ ସୂଚନା ଦିଆଯାଇଛି। ଏହି ଅବସରରେ ଚାଷୀଙ୍କଠାରୁ ସଂଗ୍ରହ ହେଉଥିବା ଦୁଗ୍ଧ ଦର ବୃଦ୍ଧି କରିବା ପାଇଁ ଓମ୍‌ଫେଡ୍‌ର ପରିଚାଳନା ନିର୍ଦ୍ଦେଶକ ବିଜୟ ଅମୃତା କୁଲାଙ୍ଗେଙ୍କ ଜରିଆରେ ସରକାରଙ୍କୁ ଅବଗତ କରାଯାଇଥିଲା। ଚାଷୀଙ୍କଠାରୁ ଗୁଣାତ୍ମକ ଦୁଗ୍ଧ ସଂଗ୍ରହ କରିବା ଏବଂ ସଂଗ୍ରହ ପରିମାଣ ବୃଦ୍ଧି ନେଇ ଆଲୋଚନା ହୋଇଥିଲା। ଏବେ ଦୈନିକ ୫ଲକ୍ଷ ୪୦ହଜାର ଲିଟର ଦୁଗ୍ଧ ସଂଗ୍ରହ ହେଉଛି। ମାତ୍ର ୨୦୨୫-୨୬ ଆର୍ଥିକ ବର୍ଷରେ ଏହି ପରିମାଣ ୬ଲକ୍ଷ ଲିଟରକୁ ବୃଦ୍ଧି କରିବା ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଛି। ସେହିପରି ଗୁଣାତ୍ମକ ଦୁଗ୍ଧ ସଂଗ୍ରହ ପାଇଁ ପ୍ରତ୍ୟେକ ସୋସାଇଟିକୁ ଅତ୍ୟାଧୁନିକ ପରୀକ୍ଷା ଯନ୍ତ୍ର ଯୋଗାଇ ଦେବାକୁ ରାଜ୍ୟ ସରକାରଙ୍କୁ ଅନୁରୋଧ କରାଯାଇଥିଲା। ଖୁବ୍‌ଶୀଘ୍ର ରାଜ୍ୟର ବିଭିନ୍ନ ଅଞ୍ଚଳରେ ସୋଲାର ପ୍ଲାଣ୍ଟ ଓ ବାୟୋଗ୍ୟାସ ପ୍ଲାଣ୍ଟ ପ୍ରତିଷ୍ଠା ହେବ ବୋଲି କୁଲାଙ୍ଗେ ସୂଚନା ଦେଇଥିଲେ। ଓମ୍‌ଫେଡ ଅଧ୍ୟକ୍ଷ କିଶୋର ଚନ୍ଦ୍ର ପ୍ରଧାନୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ଆସିଥିବା ପରିଚାଳନା ନିର୍ଦ୍ଦେଶକ ମଣ୍ଡଳୀର ସଦସ୍ୟ ଓ ରାଜ୍ୟ ସରକାରଙ୍କ ପ୍ରତିନିଧି ଯୋଗଦେଇଥିଲେ।


# Classified Everyday
**0674-2580101, 9692975378**



## AUTOMOBILE SALE

For Sale Innova Crysta, Landrover, Dezire, Hondacity, Mercedes, Fortuner Ertiga CNG for details contact: 7381091234, 7077731532. D- 76254




## REAL ESTATE SALE

ଫୁଲନଖରା ଅନନ୍ତପୁର ସରକାରୀ ରାସ୍ତାକୁ ଲାଗିକି ମୋର ଘରବାରି Plot ବିକ୍ରି ହେବ। Area-2100sqft, 2250/- fix rate. 9556187814. D-014

**Duplex sale with gated Society near AIIMS Hospital, Bhubaneswar. 9777433701.** D-76253

Independent house valued 1.5 crore near K.E.C, Uttara Square, Bhubaneswar. Call-8917520527. D-015

**Gharabari Plot sale near Sum Hospital-2, Trinath Bazar, Phulnakhara, 1250/- per sqft. Whatsapp: 9437011506, 6371462496.** D-041




Kerala Ayurveda Massage therapy gents/ Ladies pain relief Bhubaneswar. 9337672475. D-033

**Newly opened spa in puri. Professional body massage available. 9861984834.** D-3394

All types hair cutting, body massage by smart lady room services available. Contact: 7077240328. D-71396

Positively health benefited spa by expert female therapist, Bapujinagar. 8018429809 D-76906

Full body massage by Odia therapist in homely atmosphere. 9556498382. D-75375

## AFFIDAVIT

By virtue of an affidavit sworn before the Executive Magistrate, Bhubaneswar, dated 04.04.2025, I, Trilochan Barik, At/P.O.- Dhanitri, P.S.- Konark, Dist.- Puri, Odisha, PIN- 752111 declare that I have changed my daughter's name from Barik Priyanka Trilochan to Priyanka Barik. Henceforth, my daughter shall be known as Priyanka Barik for all purposes. D-030

By virtue of an affidavit (No.-2284) dated 02.04.2025 sworn before the Executive Magistrate, Angul, I, Khirod Kumar Sahu, S/o- Keshab Sahu, R/o- Paranga, P.O.- Paranga, P.S.- Nisha, Dist.- Angul, PIN-759143, declare that I have changed my minor daughter's name from AUROSHREE SAHOO to OURASHREE SAHU. Henceforth, she shall be known as OURASHREE SAHU for all future purposes.
Khirod Kumar Sahu
D-029

I, Smt. Lili Pradhan, W/o- Gundicha Pradhan, Vill/ P.O.- Pipalbahal, P.S.- Bagdia, Dist.- Angul, Odisha, affidavit No.-498, dated 03.04.2025 sworn before the Executive Magistrate, Chhendipada. I have changed my old name Nilima Pradhan to Lili Pradhan. Lili & Nilima is one & same Person. Henceforth, shall be known as Lili Pradhan for all future purposes. D- 028

I, Tangudu Sneha Patra, D/o- Prasanta Kumar Patra, R/o- Village- Thidikajore, P.O.- Jhadrajing, P.S.- Purunakatak, Dist.- Boudh, declare by this affidavit No.-2580 dated 03.04.2025 that now onwards I shall be known as Sneha Patra for all future purposes. D-037

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com

By virtue of an affidavit before Notary Public, Patnagarh bearing No.-7083, on dtd 28.10.2024, that before my marriage I known as "Ayshmati Nag, D/o- Duryodhan Nag" which is mentioned in my S.B. Account of Bank of Baroda, Kantabanji Branch and after marriage to Satrughan Karuan of Village- Bharuapali, P.S.- Belpada, Dist.- Balangir, I known as Ashmati Karuan which is also mentioned in my Aadhaar card where as Ashmati Karuan, W/o- Shatrughan Karuan and Ayshmati Nag, D/o- Duryadhan Nag is same and one person. D-036

By virtue of an affidavit sworn before the Notary Public, Bhubaneswar, dated-02.04.2025, I, Rozalin Sukla, Address: At- Plot No.-748/9056, Lane-2, Puri Canal Road, Bharat Villa, P.O.- Balianta, Dist.-Khorda, PIN-752101, Odisha declare that I have changed my name from Rozalin Pani to Rozalin Sukla. Henceforth, I shall be known as Rozalin Sukla for all future purposes. D-76807

I, Samar Kumar Behera, S/o- Siba Behera, DOB-12.05.1988, R/o. Village-Mahulburi, P.O.- Karadi, Dist.- Boudh declare by this affidavit No.-224, date 12.2.25 that now onwards I shall be known as Sartha Mahanandia, S/o- Siba Mahanandia and DOB- 12.05.1987 for all future purposes. D-038

I, Nibedita Mahapatra, W/o- Suresh Kumar Swain, resident of Duplex No.-4, Arya Home, Tankapani Road, Vill- Alarpur, P.O.- Rangabazar, Garasrirampur, Dist.- Khurda, Odisha, PIN-752100 declare by this affidavit No.-11165, dated 26.03.2025 that now onwards I shall be known as Nibedita Mohapatra for all future purposes. D-042

## ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

Sworn before the Notary Public, Patnagarh, date- 11.12.2024, I, Pramita Gadtya, Ro/ P.O.- Gambhari, P.S.- Khaprakhol, Block- Belpada, Dist.-Balangir, PIN-767027, declare by the affidavit Sl. No.-8229, I have changed my old name from Pratima Gadtya to new name Pramita Gadtya. Henceforth, I shall be known as Pramita Gadtya for all future purposes. D-031

By virtue of an affidavit sworn before Executive Magistrate, Bhubaneswar, on dtd 28.03.2025, Vide Sl No.- 111, I, Runi Seth, Wife of Sanatan Seth, permanent resident of At/ P.O.- Alipingal, P.S.- Nimapada, Dist.- Puri, Odisha- 752106, declare that I have changed my daughter's name from SAI SRADHA NAYAK (old name) to SAI SRADHA SETH (new name). Henceforth, my daughter shall be known as SAI SRADHA SETH (new name) for all purposes.
SAI SRADHA SETH
Signature of Applicant
Runi Seth
D-034

I, AMARJIT, S/O- Late Gokulananda Sahu resident of At/PO/PS- Nihalprasad, Dist- Dhenkanal, Odisha- 759016 declare by this affidavit No.62, dtd.04.04.2025 that now onwards I shall be known as AMARJIT SAHU for all future purposes.

Your Classified Advertisement published in Dharitri will be listed free in Dharitri Online Edition:
**dharitriepaper.in**

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ **QR Code** ସ୍କାନ୍ କରି ଯେକୌଣସି **UPI App** ମାଧ୍ୟମରେ ସହଜରେ ପୈଠ କରନ୍ତୁ।
Q199723846@ybl | T&C Apply
BHIM BHARAT INTERFACE FOR MONEY | UPI UNIFIED PAYMENTS INTERFACE
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ
**classifieddharitri@gmail.com**
ରେ ଇମେଲ୍ କରନ୍ତୁ।


## LEGAL NOTICE

COURT OF ADDITIONAL COMMISSIONER (I), SETTLEMENT AND CONSOLIDATION, SAMBALPUR
Settlement Revision No. 66 of 2024

India Financial Association of Seventh day Adventist represented by Mr. Sudhir Tigga, Principal of SDA English School, Binjipali ....Petitioner

Vrs

Ebenezar Barla others ....Opposite Parties

To,
(1) Ebenezar Barla, (2) Geralad Barla, (3) Mervis Barla, (4) Susan Barla, sons of Late Jyotish Barla and grand sons of Late Jai Mashi Barla, (5) Babula Barla, (6) Palit Barla, sons of Late Nelson Barla and grand sons of Late Jai Mashi Barla, (7) Suman Barla, (8) Priyanka Barla, (9) Sweet Barla, son and daughter of Late Rolen Barla and grand son and daughter of Late Bijay Barla and great grand son of Late Jai Mshi Barla, (10) Rolen Barla, (11) Arnes Barla, (12) Molina Barla, son and daughter of Elin Barla and grand son and daughter of Kalyan Barla and great grand son and daughter of Late Manmasi Barla, (13) Ismail Barla son of Elizabeth Barla and grand son of Kaliana Barla and great grand son of Manmasi Barla, (14) Jab Barla son of Kalian Barla and grand son of Manmasi Barla, (15) Subasini Soren daughter of William Barla, all are by caste: Christian, Resident of Binjipali, P.S.- Katarbaga, Tah- Rengali, District.- Sambalpur, (16) Tahasildar, Rengali Sambalpur.
Opposite Parties

NOTICE UNDER ORDER 5 RULE 20 C.P.C

TAKE NOTICE THAT the above named petitioner has instituted this case against you for recording of the case land in favour of the petitioner and you have left the address without instructions for which notice Could not be served upon you. You are hereby directed to appear in person or by a pleader on 21 day of 04 2025 at 10 AM/PM to answer the claim. In default of your appearance, on the above mentioned date, the case will be determined in your absence.

Given under my hand and seal of this Court, this the 2nd day of April 2025.
Sd./- Addl. Commissioner (I), Settlement and Consolidation, Sambalpur
D-4909

COURT OF ADDITIONAL COMMISSIONER (I), SETTLEMENT AND CONSOLIDATION, SAMBALPUR
Settlement Revision No. 52 Of 2023

Gani Chetty Krishna Murty .....Petitioner

Versus

Dinabandhu Pati & Others ....Opposite Parties

To,
(1) Dinabandhu Pati, Son of Late Satyananda Pati, (2) Nirmal Chandra Pati, Son of Dinabandhu Pati, (3) Arbind Chandra Pati, Son of Dinabandhu Pati, (4) Arundhati Pati, Daughter of Dinabandhu Pati, (5) Digambar Pati, Son of Late Satyananda Pati, (6) Anand Chandra Pati, Son of Digambar Pati, (7) Sashi Bhusan Pati, Son of Digambar Pati, (8) Nalini Pati, Daughter of Digambar Pati, (9) Nirabini Pati, Daughter of Digambar Pati, (10) Saudamini Pati, Daughter of Digambar Pati & (11) Daitari Pati, Son of Late Satyananda Pati.
All are by Caste: Brahmin, Resident of Senhapali, P.O.- Chaurpur, P.S.- Burla, Tahasil and District.- Sambalpur.
...Opposite Parties

NOTICE UNDER ORDER 5 RULE 20 C.P.C.

TAKE NOTICE THAT the above named petitioner has instituted this case against you for recording of the case land in favour of the petitioner and you have left the address without instruction for which notice Could not be served upon you. You are hereby directed to appear in person or by a pleader on 21 day of 04, 2025 at 10A.M./P.M. to answer the claim. In default of your appearance, on the above mentioned date, the case will be determined in your absence.

Given under my hand and seal of this Court, this the 2nd day of April 2025.
Sd./- Addl. Commissioner (I), Settlement and Consolidation, Sambalpur
D-040

# ରମାକାନ୍ତ ରଥଙ୍କ ପ୍ରଥମ ଗଳ୍ପ

**ଅବଲୋକନ**



ଫଣୀନ୍ଦ୍ର ଭୂଷଣ ନନ୍ଦ

ରମାକାନ୍ତ ରଥ (୧୩ ଡିସେମ୍ବର ୧୯୩୪-୧୬ ମାର୍ଚ୍ଚ ୨୦୨୫) ଓଡ଼ିଆ ସାହିତ୍ୟର ଜଣେ ବିଶିଷ୍ଟ କବି। ପ୍ରାକୃତିକ ଓଡ଼ିଶାର ଜହ୍ନ ଆଲୁଅ, ଅସରନ୍ତି ପାହାଡ଼, ପରିବ୍ୟାପ୍ତ ସମୁଦ୍ର ମଧ୍ୟରେ ବିଛାଡ଼ି ହୋଇଥିବା ବୈଚିତ୍ର୍ୟମୟ ଅନ୍ଧାର ଭିତରେ ଦିଶୁଥିବା ଆକାଶର ଦୃଶ୍ୟ ହିଁ ତାଙ୍କର ସାରସ୍ୱତ ସୃଷ୍ଟି। କବିତା ଲେଖି ସେ ଯେତିକି ଚର୍ଚ୍ଚିତ, ସେ ତୁଳନାରେ ଗଳ୍ପସୃଷ୍ଟି ତାଙ୍କର ପାଠକୀୟ ସମ୍ବେଦନା ଆକର୍ଷଣରେ ସଫଳ ହୋଇନାହିଁ। ଏହାର ମୁଖ୍ୟ କାରଣ- ଗଳ୍ପଗୁଡ଼ିକର ଅପ୍ରାପ୍ତି ଏବଂ ଏହାର ନିରପେକ୍ଷ ବିଶ୍ଳେଷଣ। ତାଙ୍କ କବିତ୍ୱର ପରାକାଷ୍ଠା ଗାଳ୍ପିକର ଔଜ୍ଜ୍ୱଲ୍ୟକୁ ସ୍ତିମିତ କରିଦେଇଛି। ଓଡ଼ିଆ କବିତାର ଜଣେ ଅବିସ୍ମରଣୀୟ କବିଭାବେ ସେ ସର୍ବସ୍ୱୀକୃତ। ତାଙ୍କର ସାରସ୍ୱତ ସାଧନା ପ୍ରାୟ ଗତ ଶତାବ୍ଦୀର ଷଷ୍ଠ ଦଶକରୁ ଆରମ୍ଭ ହୋଇଛି। ସେ ସ୍କୁଲ ଓ କଲେଜରେ ଅଧ୍ୟୟନ କଲାବେଳେ ସାରସ୍ୱତ ସୃଷ୍ଟି ପ୍ରତି ମନୋନିବେଶ କରିଛନ୍ତି। ୧୯୬୨ରେ ତାଙ୍କର କବିତା ସଂକଳନ 'କେତେଦିନର' ପ୍ରକାଶ ପାଇ ଓଡ଼ିଆ ପାଠକଙ୍କୁ ମୁଗ୍ଧ ଚକିତ କରିଥିଲା। ତାଙ୍କ କାବ୍ୟସ୍ୱରର ସ୍ୱକୀୟତା ତୀବ୍ର ଓ ଦାର୍ଶନିକ ନିର୍ଲିପ୍ତତାରେ କାବ୍ୟ ପାଠକଙ୍କୁ ଆକୃଷ୍ଟ କରିଥିଲା।


ତାଙ୍କର ପ୍ରଥମ ଗଳ୍ପ ସଂକଳନ 'ମେଘ ଓ ଅନ୍ୟାନ୍ୟ ଗଳ୍ପ' ୨୦୦୨ରେ ଗ୍ରନ୍ଥାଳୟ, ଭୁବନେଶ୍ୱର ଦ୍ୱାରା ପ୍ରକାଶ ପାଇ ଓଡ଼ିଆ ସାରସ୍ୱତ ଜଗତରେ ଚାଞ୍ଚଲ୍ୟ ସୃଷ୍ଟି କରିଥିଲା। ଅଜସ୍ର କଳାତ୍ମକ କବିତାର ସ୍ରଷ୍ଟା ରମାକାନ୍ତ ରଥଙ୍କ ଏହି ସଂକଳନରୁ ୧୫ଗୋଟି ଗଳ୍ପର ସ୍ୱାଦ ଓଡ଼ିଆ ପାଠକେ ଲାଭ କରିଥିଲେ। ତାଙ୍କର ଏହି ପ୍ରଥମ ଓ ଶେଷ ଗଳ୍ପ ସଂକଳନଟି ଯେଉଁପରି ଚାଞ୍ଚଲ୍ୟ ସୃଷ୍ଟି କରିଥିଲା, ସେତେ ପରିମାଣରେ ସମାଲୋଚକୀୟ ଦୃଷ୍ଟି ଆକର୍ଷଣ କରିପାରି ନ ଥିଲା। କାଁ ଭାଁ କେଉଁଠି ତାଙ୍କ ଗଳ୍ପ ରଚନାର ସୂଚନା ବ୍ୟତିରେକେ ତା'ର ସୃଷ୍ଟିଭୂମିର ନିବିଡ଼ ଅଧ୍ୟୟନ କୌଣସି ଆଲୋଚକ କରିଥିବାର ଏହି ଲେଖକର ଦୃଷ୍ଟିକୁ ଆସିନାହିଁ। ୧୯୫୧(?)ରୁ ଗଳ୍ପ ଲେଖା ଆରମ୍ଭ କରିଥିବା ଏହି କୃତବିଦ୍ୟ ସାଧକଙ୍କର ପ୍ରଥମ ଗଳ୍ପ ସଂକଳନ ୨୦୦୨ରେ ପ୍ରକାଶ ପାଏ। ଏହି ପୁସ୍ତକର ଭୂମିକା 'ଏ ବାଟ ଅମଡ଼ା ବାଟ'ରେ ରମାକାନ୍ତ ସ୍ୱୀକାର କରନ୍ତି, "ମୁଁ ଗଳ୍ପ ଲେଖକ ନୁହେଁ। କଲେଜ ମାଡ଼ିବାର କେତେଦିନ ପରେ ଲେଖିବା ଆରମ୍ଭ କଲି। ସେତେବେଳେ କବିତା ଓ ଗଳ୍ପ ଉଭୟ ଲେଖୁଥିଲି। ଦୁଇ-ତିନିବର୍ଷ ପରେ ମୋର ହୃଦ୍‌ବୋଧ ହେଲା ଯେ ଗୋଟିଏ ମାଧ୍ୟମ ପାଇଁ ବି ମୋର ସାମର୍ଥ୍ୟ ନାହିଁ। ଗୋଟିଏକୁ ନ ଛାଡ଼ିଲେ ମୋର ଅବସ୍ଥା ଦୁଇ ନାଆରେ ଗୋଡ଼ ରଖିଥିବା ଲୋକର ଅବସ୍ଥା ପରି ହେବ। x x x ବହୁତ ବର୍ଷର ବ୍ୟବଧାନ ପରେ, ୧୯୭୭ ମସିହାରେ, ଏ ସଂକଳନର ପ୍ରଥମ ଗଳ୍ପ (ମହିଷାସୁର ବଧ) ଲେଖିଲି। ତା'ପରେ, ମଝିରେ ମଝିରେ ଯେଉଁ କେତୋଟି ଗଳ୍ପ ଲେଖିଥିଲି ସେଗୁଡ଼ିକ ଏ ସଂକଳନର ଅନ୍ତର୍ଭୁକ୍ତ।" (ଏ ବାଟ ଅମଡ଼ା ବାଟ)

ପ୍ରଫେସର ଯତୀନ୍ଦ୍ର ମୋହନ ମହାନ୍ତି ତାଙ୍କ ସମ୍ପାଦିତ 'ପ୍ରଜ୍ଞା' ଦୋଳ-୧୯୭୭ ସଂଖ୍ୟାରେ 'ମହିଷାସୁର ବଧ'କୁ ପ୍ରକାଶ କରି ସମ୍ପାଦକୀୟରେ ସ୍ୱୀକାର କରନ୍ତି, "x x x ଏହି ସଂଖ୍ୟାରେ ଆମେ କବି ରମାକାନ୍ତଙ୍କର ଗୋଟିଏ ଗଳ୍ପ ପ୍ରକାଶ କରୁଛୁ। ଏଇଟି ତାଙ୍କର ପ୍ରଥମ ଗଳ୍ପ। କବି ଭାବରେ ରମାକାନ୍ତଙ୍କର ଦକ୍ଷତା ଏହି ଗଳ୍ପରେ ଅତୁଟ ରହିଛି ବୋଲି ଆମର ବିଶ୍ୱାସ। ଆଶା ରମାକାନ୍ତଙ୍କର ଗୁଣମୁଗ୍ଧ ପାଠକମାନେ ଏହି ଗଳ୍ପରେ ତାଙ୍କର ଏକ ନୂତନ ଦିଗ ଆବିଷ୍କାର କରି ଆନନ୍ଦିତ ହେବେ।" (ସମ୍ପାଦକୀୟ) ଏହି ଦୁଇଟି ଘୋଷଣାରୁ ଜଣାଯାଏ, ରମାକାନ୍ତ 'ମେଘ ଓ ଅନ୍ୟାନ୍ୟ ଗଳ୍ପ'ର ପ୍ରଥମ ଗଳ୍ପ 'ମହିଷାସୁର ବଧ'କୁ ୧୯୭୭ରେ ଲେଖିଥିଲେ। ଯତୀନ୍ଦ୍ର ମୋହନଙ୍କ ସମ୍ପାଦକୀୟରେ କିନ୍ତୁ 'ମହିଷାସୁର ବଧ'କୁ ରମାକାନ୍ତଙ୍କର ପ୍ରଥମ ଗଳ୍ପ ବୋଲି ଘୋଷଣା କରାଯାଇଛି।

ରମାକାନ୍ତଙ୍କର 'ମହିଷାସୁର ବଧ' ସମେତ ୧୫ଗୋଟି ଗଳ୍ପ 'ମେଘ ଓ ଅନ୍ୟାନ୍ୟ ଗଳ୍ପ'ର ପ୍ରଥମ ସଂସ୍କରଣ ୨୦୦୨ରେ ସ୍ଥାନିତ ହୋଇଛି। ଏଥିରେ ମହିଷାସୁର ବଧ, ଗୁରୁ, ସ୍ୱାଧୀନ ଚିନ୍ତା, କସ୍ତୁରୀମୃଗ, ରକ୍ଷୀ, ମିତ୍ର, କର୍ମବନ୍ଧନ, ଉତ୍ସର୍ଗପତ୍ର, ଝିଅ, ସୁନାହାର, ସୁପ୍ରଭା, ଜୀବନଦାନ, ଏକପାଖିଆ ବାଟ, ମେଘ ଓ ବିଦାୟ ଗଳ୍ପ ଅନ୍ତର୍ଭୁକ୍ତ। ୨୦୧୬ରେ କଟକର ଅଗ୍ରଦୂତ ପ୍ରକାଶନ ସଂସ୍ଥା ଏହି ପୁସ୍ତକର ଦ୍ୱିତୀୟ ସଂସ୍କରଣ ପ୍ରକାଶ କରି ସେଥିରେ ୨୧ଗୋଟି ଗଳ୍ପ ସ୍ଥାନିତ କରନ୍ତି। ପ୍ରଥମ ସଂସ୍କରଣରେ ପ୍ରକାଶିତ ୧୫ଟି ଗଳ୍ପ ସହିତ ନୂତନ ଭାବରେ ୬ଗୋଟି ନୂଆ ଗଳ୍ପ ସଂଯୋଜିତ ହୋଇଛି। ସେଗୁଡ଼ିକ ହେଲା- ତୁ ଥା' ମୁଁ ଯାଉଚି ଚାଲି, ଦୂରରୁ ଦୂରରୁ, ମିଛୋଇ, ପ୍ରେମିକ, ପ୍ରେମିକା, ଚାରୁବାଳା ପ୍ରଭୃତି। ୨୦୨୩ରେ ବ୍ଲାକ୍ ଈଗଲ୍ ବୁକ୍‌ସ, ଭୁବନେଶ୍ୱର 'ମେଘ ଓ ଅନ୍ୟାନ୍ୟ ଗଳ୍ପ'ର ଏକ ସଂକଳନ ପ୍ରକାଶ କରିଛନ୍ତି, ଯେଉଁଥିରେ ପ୍ରଥମ ସଂସ୍କରଣର ୧୫ଗୋଟି ଗଳ୍ପ ସ୍ଥାନିତ ହୋଇଛି। ଏ ତିନୋଟି ସଂସ୍କରଣର ପ୍ରକାଶକ୍ରମ ଓ ସ୍ଥାନିତ ଗଳ୍ପକୁ ନେଇ ପାଠକ ମନରେ ଅନେକ ଦ୍ୱିଧା ସୃଷ୍ଟି ହୋଇଥାଏ। ଏତଦ୍‌ଭିନ୍ନ ଫେସ୍‌ବୁକ୍ ମାଧ୍ୟମରେ ଅନେକ ଆଲୋଚକ ବିଭ୍ରାନ୍ତିକର ମନ୍ତବ୍ୟ ପ୍ରଦାନ କରି ଏ ପ୍ରସଙ୍ଗକୁ ଆହୁରି ରହସ୍ୟମୟ କରିଦିଅନ୍ତି। ସେ ଯାହାହେଉ, ଏହି ତିନୋଟି ସଂସ୍କରଣ କ୍ରମରେ ଆମେ ନିଶ୍ଚିତ ହେବା ଯେ ରମାକାନ୍ତ ରଥଙ୍କର ଗଳ୍ପ ସଂଖ୍ୟା ୨୨। ତିନୋଟିଯାକ ସଂସ୍କରଣରେ ରମାକାନ୍ତଙ୍କର ସେହି ସମାନ ଭୂମିକାକୁ ସ୍ଥାନିତ କରାଯିବା ଛଡ଼ା ଗଳ୍ପ ଓ ପ୍ରକାଶନ ସମ୍ପର୍କରେ ଅନ୍ୟ କୌଣସି ସୂଚନା ପ୍ରକାଶକମାନେ ଦେଇନାହାନ୍ତି।

ରମାକାନ୍ତ ପୁସ୍ତକର ଭୂମିକାରେ ଏ ସଂକଳନର ପ୍ରଥମ ଗଳ୍ପରୂପେ 'ମହିଷାସୁର ବଧ'କୁ ସ୍ୱୀକାର କରିଥିବା ଏବଂ ଯତୀନ୍ଦ୍ର ମୋହନ ମହାନ୍ତି ଏହାକୁ ତାଙ୍କର ପ୍ରଥମ ଗଳ୍ପଭାବେ ଘୋଷଣା କରିବା ଓଡ଼ିଆ ପାଠକଙ୍କୁ ବିଭ୍ରାନ୍ତ କରିଥାଏ। ଏଠାରେ ରମାକାନ୍ତ ରଥଙ୍କର ସମୟାନୁକ୍ରମେ ପ୍ରକାଶିତ କିଛି ପ୍ରାରମ୍ଭିକ ଗଳ୍ପ ସମ୍ପର୍କରେ ସାମାନ୍ୟ ସୂଚନା ପ୍ରଦାନ କରାଯାଉଛି।

ରମାକାନ୍ତ ରଥଙ୍କର ଏ ଲେଖକର ଦୃଷ୍ଟିକୁ ଆସିଥିବା ପ୍ରଥମ ଗଳ୍ପ ହେଲା ୧୯୫୧ ଡିସେମ୍ବର 'ଡଗର'ରେ ପ୍ରକାଶିତ 'ସିଷ୍ଟର' ଗଳ୍ପ। ଏତଦ୍‌ଭିନ୍ନ ସେହି 'ଡଗର'ରେ ୧୯୫୨ରେ ପ୍ରକାଶିତ ସହାନୁଭୂତି, ପ୍ରେମର ବୀଜସୂତ୍ର, ଲିଚେଷ୍ଟରର ହତଭାଗା ଯୁବକ ପ୍ରଭୃତି ଗଳ୍ପ ପ୍ରକାଶିତ। 'ଆସନ୍ତାକାଲି' ପତ୍ରିକାରେ ୧୯୫୧ ମସିହାର ବିଭିନ୍ନ ସଂଖ୍ୟାରେ ତାଙ୍କର କେତୋଟି ଗଳ୍ପ ପ୍ରକାଶିତ। ୧୯୭୭ ଏପ୍ରିଲ୍, ମେ ଓ ଜୁନ୍ ସଂଖ୍ୟା ସମାବେଶରେ ତାଙ୍କର 'ଏକ ସ୍ମରଣୀୟ ଦିବସ' ଗଳ୍ପ ପ୍ରକାଶିତ। ୧୯୮୦ ପାଞ୍ଚଜନ୍ୟ ରଥଯାତ୍ରା ବିଶେଷାଙ୍କରେ 'ଗଛ' ଶୀର୍ଷକରେ ତାଙ୍କର ଦୁଇଟି ଗଳ୍ପ ପ୍ରକାଶିତ। ଏ ସମସ୍ତଙ୍କୁ ତାଲିକାଭୁକ୍ତ କଲେ 'ମହିଷାସୁର ବଧ' (୧୯୭୭) ପୂର୍ବରୁ ରମାକାନ୍ତଙ୍କର ପ୍ରାୟ ୧୦ଗୋଟି ଗଳ୍ପ ବିଭିନ୍ନ ପତ୍ରପତ୍ରିକାରେ ପ୍ରକାଶିତ। ୧୯୫୧ରୁ ମୃତ୍ୟୁ ପର୍ଯ୍ୟନ୍ତ ଚଳଚଞ୍ଚଳ ଥିବା ରମାକାନ୍ତଙ୍କ ଲେଖନୀରେ କେତେ ଯେ ଗଳ୍ପ ପ୍ରକାଶ ପାଇଥିବ ତା'ର ସୁମାରି କରିବା କଷ୍ଟସାଧ୍ୟ।







ରମାକାନ୍ତ ରଥଙ୍କ କବିତାର ସୃଷ୍ଟିଭୂମି ଭାବରେ ଗଳ୍ପଗୁଡ଼ିକୁ ଗ୍ରହଣ କରିନେବା ସର୍ବାଦୌ କର୍ତ୍ତବ୍ୟ। ତାଙ୍କ ଗଳ୍ପର ଆବେଦନ ଖୁବ୍ ତୀବ୍ର ଏବଂ ପ୍ରାଣବନ୍ତ। ତାଙ୍କ ଗଳ୍ପରେ ଜୀବନପ୍ରତି ଏକ ଦାର୍ଶନିକ ଦୃଷ୍ଟିଭଙ୍ଗୀ ପ୍ରକାଶ ପାଇବା ସହିତ ମାନସିକ ଚେତନାର ଚିତ୍ରମୟ ଅନ୍ଧାରିଗୁହାର ଆବିଷ୍କାର ଜଳଜଳ ହୋଇ ଦିଶିଥାଏ। ତାଙ୍କ ଗଳ୍ପରୁ ମୃତ୍ୟୁଚେତନା, ଅନ୍ଧାର ପ୍ରତି ପ୍ରେମ ଏବଂ ମାନବୀୟ ମାନସମନ୍ଥନର ଅପରୂପ ଔଜ୍ଜ୍ୱଲ୍ୟ ବିଚ୍ଛୁରିତ ହୋଇଥାଏ। ତାଙ୍କର କାବ୍ୟିକ ଠାଣି ଓ ଉତ୍କର୍ଷ ଗଳ୍ପର ବର୍ଣ୍ଣନାଭୂମିରେ ଦେଖାଦେଇଥାଏ। ତାଙ୍କ ଗଳ୍ପ ଓ କବିତାର ଆପେକ୍ଷିକ ତୁଳନା ଏକ ଭିନ୍ନ ପ୍ରସଙ୍ଗର ଅପେକ୍ଷା ରଖେ। ମାନବ ବ୍ୟକ୍ତିତ୍ୱର ବିଭିନ୍ନ ସ୍ତରର ଚିତ୍ରମୟ ଅଭିବ୍ୟକ୍ତି, ଅନୁଭୂତିର ବିଶ୍ଳେଷଣାତ୍ମକ ଅଭିବ୍ୟଞ୍ଜନା ତାଙ୍କ ଗଳ୍ପ ଓ କବିତାରେ ସମପରିମାଣରେ ଉପଲବ୍ଧ। ତାଙ୍କର ଗଳ୍ପଗୁଡ଼ିକ କବିତା ପରି ସୁଖପାଠ୍ୟ ଓ ମହନୀୟ ଆବେଗର ସାର୍ଥକ ଚିତ୍ରଲିପି। ଏଠାରେ କେବଳ ତାଙ୍କର ଏହି ଲେଖକ ଦ୍ୱାରା ଆବିଷ୍କୃତ ପ୍ରଥମ ଗଳ୍ପ 'ସିଷ୍ଟର' ସମ୍ପର୍କରେ ସାମାନ୍ୟ ଆଲୋକପାତ କରାଯାଉଛି। 'ସିଷ୍ଟର' ଗଳ୍ପର ନାୟିକା ମେରୀ ଡଗ୍ଲାସ୍ ଡାକ୍ତରଖାନାରେ ନର୍ସ କାମ କରନ୍ତି। ଆହତ ଓ ରୋଗଗ୍ରସ୍ତ ରୋଗୀମାନଙ୍କୁ ଚିକିତ୍ସା କରିବା, ସମବେଦନା ଜଣାଇବା ଏବଂ ମୃତ୍ୟୁମୁଖୀ ରୋଗୀକୁ ଜୀବନର ଅପୂର୍ବ ଆସ୍ୱାଦ ଆଣିଦେବା ମେରୀ ଡଗ୍ଲାସ୍‌ଙ୍କର ପରମ କର୍ତ୍ତବ୍ୟ। ନିଜ ଜଞ୍ଜାଳଗ୍ରସ୍ତ ଜୀବନ ଭିତରେ ଏବଂ ଡାକ୍ତରଖାନାର ତମସାଚ୍ଛନ୍ନ ନିର୍ଜନତା ଭିତରେ ଜଣେ ରୋଗୀ ନିଜର ନବଜାତ ଶିଶୁଟିକୁ ଆଗ୍ରହରେ ଛାତିକୁ କୋଳେଇ ନେଇଛି। ସେହି ଜନନୀ ଓ ଶିଶୁଟିର ଦୃଶ୍ୟ ସିଷ୍ଟରଙ୍କ ମନକୁ ଆନମନା କରିଛି। ତାଙ୍କ ମଧ୍ୟରେ ନାରୀତ୍ୱର ସ୍ୱାଭାବିକ ଶିହରଣ ପ୍ରକାଶ ପାଇଛି। ହୃଦୟର ନିଭୃତତମ ବୁଭୁକ୍ଷା ପ୍ରବଳତମ ହୋଇଛି। ସେ ଡକ୍ଟର ମହେନ୍ଦ୍ରଙ୍କଠାରୁ ଗୋଟିଏ ସନ୍ତାନ ସୃଷ୍ଟି ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି। ଏମିତି ଏକ ରହସ୍ୟମୟ ପୃଷ୍ଠଭୂମିରେ 'ସିଷ୍ଟର' ଗଳ୍ପ ପରିକଳ୍ପିତ ଓ ସିଦ୍ଧିପ୍ରାପ୍ତ। ରମାକାନ୍ତ ରଥଙ୍କର ଅନ୍ୟ କୌଣସି ପ୍ରାରମ୍ଭିକ ଗଳ୍ପ ଆବିଷ୍କାର ନ ହେବା ପର୍ଯ୍ୟନ୍ତ 'ମହିଷାସୁର ବଧ' ନୁହେଁ ବରଂ 'ସିଷ୍ଟର' ଗଳ୍ପକୁ ତାଙ୍କ ପ୍ରଥମ ଗଳ୍ପର ମାନ୍ୟତା ଦିଆଯାଇପାରେ।

ମୋ: ୯୪୩୭୨୫୬୧୭୬

## କବିତା

### ହୁଅନ୍ତା କି

**ଶ୍ରୀଧର ପଟ୍ଟନାୟକ**

ଏମିତି ବି ହୁଅନ୍ତା କି,
ଘଣ୍ଟା କଣ୍ଟା ପଛକୁ ଘୂରନ୍ତା
ପୁଣି ଫେରିଆସନ୍ତା ସେଇ ପିଲାବେଳ
ପ୍ରଜାପତି ଧରି ବୁଲନ୍ତି ବଗିଚାରେ,
ମନ କିନ୍ତୁ ଉଡ଼ିବୁଲନ୍ତା ନୀଳ ଆକାଶରେ!

ଏଇ ରିମ୍‌ଝିମ୍ ବର୍ଷାରେ,
ଓଦା ନ ହେବାର ଫତୱାରେ ବି
ବାପାଙ୍କ ହାତ ତିଆରି କାଗଜଡଙ୍ଗା
ଲଙ୍ଗର ପକାଇ ହାତ ଠାରି ଡାକନ୍ତା
ଗାଁ ଦାଣ୍ଡର ପାଣି ସୁଅରେ!

ସକାଳୁଆ ଚୁଡ଼ା ମୁଢ଼ି,
ଦି' ବେଳା ପାଠପଢ଼ା, ଗପଶୁଣା,
ସଂଧ୍ୟାର ଖେଳକୁଦ, ରବିବାର
ଚନ୍ଦ୍ରକାନ୍ତା,
ରେଡିଓରୁ କୋଠ ଭୋଗଖିଆ
ଶୁଣି ଶୁଣି ସମୟ ବିତିଯାଆନ୍ତା
ଖୁସି ମଉଜରେ!

ଆଉ ବେଳ କାହିଁ ଯେ,
ପରୀ କଥା ଶୁଣି ଶୁଣାଇବାକୁ,
ଘଣ୍ଟା କଣ୍ଟା ଘୂରୁଛି ତୀବ୍ର ବେଗରେ,
ଭଙ୍ଗା ଆଇନାଟା ଦେଖାଇଲା ବୟସ
ହାଉଲେ ହାଉଲେ ଦୁଇ ଦିନ ତଳେ!

ମୁହଁରେ ରଙ୍ଗ ମାଖୁଥିଲି,
ଦୁଇକେରା ଶୁଭ୍ର କେଶ ହସୁଥିଲା ;
ଗଣ୍ଡିହୀନ ବେଲାଲସେନର
ମୁଣ୍ଡ ଉପରେ!

ମୋ: ୮୨୪୯୧୨୧୦୬୦

### ସମ୍ପର୍କ

**ଦୀପ୍ତି ମିଶ୍ର**

ସମ୍ପର୍କ...
କେବେ ସ୍ୱପ୍ନାବିଷ୍ଟ ମଧୁର ରାତ୍ରିରେ
ଚନ୍ଦ୍ରମାର ଶୀତଳତାରେ ଭିଜା
ମୁଠାଏ ଅନୁରାଗର ବର୍ଷା,
କେବେ ପୁଣି ବିନିଦ୍ର
ରଜନୀରେ ଦୁଇ ନୀରବ
ହୃଦୟ ମଧ୍ୟରୁ ଝରି ଆସୁଥିବା
ମୁଗ୍ଧା ଶ୍ରାବଣୀର ଭାଷା...

ସମ୍ପର୍କ...
କେବେ ଭାବାବେଗର
ଶବ୍ଦାବଳୀରେ ଗୁନ୍ଥା
ମୁଳାଏ ବଉଳା ସ୍ନେହ,
କେବେ ପୁଣି ଆତ୍ମୀୟତାର
ନିଭୃତ କୋଣରୁ
ନିଗିଡ଼ି ପଡୁଥିବା ବୁନ୍ଦାଏ ଲୁହ...

ମୋ: ୯୪୩୮୪୦୪୩୦୮

### ମିଛେଇ ପ୍ରେମିକା

**ନରେଶ ମଣ୍ଡଳ**

ସାରା ଆକାଶରେ
ଲୋଟିଛି ଦେଖୁଛ
ମାୟା ମେଘର ଫର୍ଦ୍ଦ

କୁଆଁରୀ ବୋହୂଟା ତରତର ହୁଏ
ମାଡ଼ି ଆସିଲାଣି
ଛାୟା ଆଲୁଅରେ
ନମ୍ର ଗୋଧୂଳି ସଞ୍ଜ

ରାତିର ଗଭାରେ
ବାରି ହୋଇଯାଏ
ଉଛୁଳା ଆବେଗ ଗନ୍ଧ

ସବୁ ସ୍ମୃତି ତା'ର
ମାୟାରେ ବୁଡ଼ିଛି
ଖୋଜୁଛି ସେ ଏଠିସେଠି
ଉଚ୍ଛନ୍ନ ମୁକୁଳା ଛନ୍ଦ।

ମୋ: ୯୪୩୮୩୨୧୪୫୪

**ଗୀତି-କବିତା**

### ପେନ୍ଥାଏ ପ୍ରୀତିଫୁଲ

**ସୁଜିତ୍ କୁମାର ମିଶ୍ର**

ବାସହୀନ ଏଇ ପ୍ରେମିକ ଜୀବନ
ଗିରିଷମ ତାତି ପରି,
ପ୍ରୀତିଫୁଲେ ତମ ସଜାଇଲେ ମୋତେ
ହୁଅନ୍ତି ଶ୍ରାବଣପୁରୀ।

ତମେ ଶ୍ରାବଣରେ ଭିଜା ମନ ମୁଁ ଯେ
ଶିହରିତ ସ୍ୱପ୍ନ ଗୀତି,
ତମ ବିନା ସବୁ ମଧୁର ଆବେଗ
ମିଛିମିଛି ମେଘରାତି।

ଛାତି ତଳେ ତମ ଲୁଚିଛି ଯାହା ବି
ଖାଲି ମେଞ୍ଚା ମେଞ୍ଚା ଲୁହ,
ସେସବୁ ମୋ' ପାଇଁ ନିର୍ମମ ଯାତନା
କେବେ ପୁଣି ମିଠା ମୋହ।

ବାରମ୍ବାର ତମେ ହୁଅ ଯେବେ ଏଠି
ହୃଦେ ବିରହିଣୀ ରାଧା,
ମନ ଯମୁନା ମୋ' ମୌନଗୀତ ସୁରେ
ଉଚ୍ଛୁଳେ ଲଙ୍ଘି ସେ ବାଧା।

କଥାରେ ତମର ମିଠା କଳରବ
ମୋ' ପାଇଁ କାଉଁରୀ ପ୍ରୀତି,
ବୋଧେ ସେଥିପାଇଁ ଚାହୁଁ ଚାହୁଁ ମୁହିଁ
ଛୁଏଁ ତମ ଉପସ୍ଥିତି।

ନଦିଅ ପଛକେ ନୀଳ ଜହ୍ନରାତି
ଅବା ନୀଳ ଶାଢ଼ି ଭାବ,
କିନ୍ତୁ ତମ ଲୁହ ମୋ' ସାଥିରେ ଥିଲେ
ଲକ୍ଷେ ପଦ୍ମ ବଇଭବ।


ଜାଣତରେ ଅବା ଅଜାଣତେ ମୋର
ଏକ ହିଁ ଚାହାଣି ତମେ,
ସେଇଠୁ ଲମ୍ବିଛି ଆମ ଏ କାହାଣୀ
କୋହର କଦମ୍ବ ବନେ।

ମୋ: ୭୬୮୩୮୬୭୭୪୨

## ପୁସ୍ତକ ପରିଚୟ

### ବ୍ରହ୍ମାଙ୍କ ନିଦ୍ରାଭଙ୍ଗ

**ଲେଖକ:** ରମେଶ ପଟ୍ଟନାୟକ
**ପ୍ରକାଶକ:** ଜଗନ୍ନାଥ ରଥ, ବିନୋଦ ବିହାରୀ, କଟକ-୨
**ପ୍ରଥମ ପ୍ରକାଶ:** ୨୦୨୫, **ମୂଲ୍ୟ:** ଟ.୧୨୫/-




ଆଲୋଚ୍ୟ ଗଳ୍ପ ସଂକଳନରେ ମୋଟ ୧୬ଟି ଗଳ୍ପ ସ୍ଥାନିତ। 'ଉପକ୍ରମଣିକା'ରେ ଗାଳ୍ପିକ ଲେଖିଛନ୍ତି: "ଗୀତାନୁସାରେ ବ୍ରହ୍ମାଙ୍କ ଦିନ ଓ ରାତି ମିଶିଲେ ଗୋଟିଏ କଳ୍ପ ସୃଷ୍ଟି ହୁଏ। ବ୍ରହ୍ମାଙ୍କ ଦିନରେ ସୃଷ୍ଟିର ଉନ୍ମେଷ ଓ ଜୀବନ ସଞ୍ଚାର ହୁଏ। ରାତିରେ ଏହି ସୃଷ୍ଟିର ବିଲୟ ବା ବିନାଶ ଘଟିଥାଏ। × × ବ୍ରହ୍ମାଙ୍କ ଚେତନ ଅବସ୍ଥା × × ଦୃଶ୍ୟମାନ ଓ ଅଦୃଶ୍ୟ ବାସ୍ତବତାର ପ୍ରତିଫଳନ। ଏହା ମଣିଷର କ୍ଷଣଭଙ୍ଗୁର ସଂସାରର ଧନ ସମ୍ପତ୍ତି, କ୍ଷମତା ଓ ପଦପଦବୀ ମୋହରୁ ମୁକ୍ତ ହୋଇ ଏକ ଅନ୍ତହୀନ, ନିରନ୍ତର ଜୀବନର ସତ୍ୟ ଦିଗରେ ଅନୁଧାବନ କରାଏ।" ସୁତରାଂ ରମେଶଙ୍କ ଗ୍ରନ୍ଥସ୍ଥ ଗଳ୍ପଗୁଡ଼ିକରେ ଜୀବନର ଏହି ଅଳୀକତାକୁ ଦୃଷ୍ଟିରେ ରଖି ଜୀବନାନୁଭୂତିର ସ୍ୱରୂପ ପ୍ରଦର୍ଶିତ ହୋଇଛି। ବହିରେ ଥିବା 'ସ୍ମୃତିରେଖାର ପେଡ଼ି', 'ଉତ୍ତରାଧିକାରୀ', 'ପଶ୍ଚିମ ଦୁଆର', 'ବ୍ରହ୍ମାଙ୍କ ନିଦ୍ରାଭଙ୍ଗ', 'ସାଆନ୍ତାଣୀଙ୍କ ନିଜଲୋକ', 'ଫାଳେ ନଦୀ, ମୁଳାଏ ମାଟି', 'ଢୋକେ ପିଇ, ଦଣ୍ଡେ ଜିଇଁ', 'ଶ୍ୟାମଳୀର ରାତି', 'ଲକ୍ଷ୍ମୀ-ବିଷ୍ଣୁ ସମ୍ବାଦ' ଓ 'ରେବତୀ ସହ କିଛି ବର୍ଷ' ଆଦି ଗଳ୍ପଗୁଡ଼ିକ ଆକାରରେ ମଧ୍ୟମ ଧରଣର, ଅଥଚ ଆବେଦନରେ ଅନ୍ତଃସ୍ପର୍ଶୀ। 'ବ୍ରହ୍ମାଙ୍କ ନିଦ୍ରାଭଙ୍ଗ' ପୁସ୍ତକର ଶୀର୍ଷକ ଗଳ୍ପଟି ବ୍ୟଙ୍ଗାତ୍ମକ, ଯହିଁରେ ସାମ୍ପ୍ରତିକ ରାଜନୀତି ଓ ଶାସନ ବ୍ୟବସ୍ଥାକୁ ବିଦ୍ରୂପ କରାଯାଇଛି, ତାହା ପୁଣି ଅତି ସଫଳ ଢଙ୍ଗରେ। ଗଳ୍ପର ଆରମ୍ଭ ବାକ୍ୟ 'ସୂର୍ଯ୍ୟୋଦୟର ଦ୍ୱିତୀୟ ପ୍ରହରରେ ନିଦରୁ ଉଠିଲା ରାଜା' ଓ ଶେଷ ବାକ୍ୟ "ବ୍ରହ୍ମା ନିଦରୁ ଉଠିଲେ ଓ ଉଚ୍ଚାରଣ କଲେ: ଦା... ଦତ୍ତା .... ଦୟାଧ୍ୱାମ୍, ଦମ୍ୟତା..."। ଏଇଥିରେ ଅଛି ଗଳ୍ପାଭିବ୍ୟକ୍ତିର ମଞ୍ଜି। ଆଶା ପୁସ୍ତକଟି ପାଠକ ମନ ଓ ଚେତନାକୁ ସାର୍ଥକ କରିବ।

### ଜହ୍ନରାତିର ଛାଇ

**କବି:** ଅରୁଣ କୁମାର ସାହୁ
**ପ୍ରକାଶକ:** ପକ୍ଷୀଘର ପ୍ରକାଶନୀ
**ପ୍ରଥମ ପ୍ରକାଶ:** ୨୦୨୫, **ମୂଲ୍ୟ:** ଟ.୨୫୫/-




'ଉତ୍ସର୍ଗ'ରେ କବି ତାଙ୍କ ସମଗ୍ର କବିତା (ଯାହା ଆଲୋଚ୍ୟ ପୁସ୍ତକରେ ସ୍ଥାନିତ)ର ସାରମର୍ମକୁ ଉଜାଗର କରିଛନ୍ତି ଏହିପରି: "ଅନୁଭବ କରିଥିବା ଅନେକ ପ୍ରେମ, ଯାହା ତମାମ ଜୀବନ କାଳ ଭିତରେ ଅପ୍ରକାଶ ରହିଯାଏ ଓ ପାଇଥିବାର ହିସାବରେ ବି ଆସିପାରେ ନାହିଁ, ସେହିସବୁ ଅମୃତ ମୁହୂର୍ତ୍ତ ଓ ଅମର୍ତ୍ତ୍ୟ ପ୍ରେମିକାଙ୍କର ଚରଣ ବନ୍ଦନାରେ ମୋର ଏ ପ୍ରେମର କବିତା"। 'ମୁଖବନ୍ଧ'ରେ ପୁଣି କହନ୍ତି: "ଏଇ ସବୁ ପ୍ରେମ ବାରମ୍ବାର ଆସିଛନ୍ତି ମୋ' ଦୁଆରକୁ ଓ ଅନେକ ଅନେକ ଅପେକ୍ଷା ପରେ ପୁଣି ଫେରି ଯାଇଛନ୍ତି ସେମାନଙ୍କ ସଂସାରକୁ। ଭୁଲିନାହିଁ ସେମାନଙ୍କୁ ମୁଁ। ସେଦିନ ବି ଆଜି ବି।" ସୁତରାଂ କବି ଓ ପ୍ରେମ ମଧ୍ୟରେ ନିଭୃତ, ଏପରିକି କେବେ କେବେ ପ୍ରକାଶ୍ୟ ସାକ୍ଷାତ୍କାର ଗ୍ରନ୍ଥସ୍ଥ କବିତାଗୁଡ଼ିକର ଉପଜୀବ୍ୟ। ଏଥିରେ ଥିବା 'ବୈଶାଖର ଜହ୍ନରାତି', 'ଶରତର ଜହ୍ନରାତି', 'ବସନ୍ତର ଜହ୍ନରାତି' ଓ 'ଶ୍ରାବଣର ଜହ୍ନରାତି', 'ଅମିଠା ଚାହା', 'ଚତୁର୍ଦ୍ଦଶୀର ଜହ୍ନ', 'ପଚାଶ ଫଗୁଣର ପ୍ରେମିକା', 'ଆସୁନାହଁ ତୁମେ ଜମା କେତେଦିନ ଧରି', 'ଜଙ୍ଗଲରେ ପ୍ରେମ', 'ତାରାଭରା ଆକାଶ ତଳେ ମହୁଲ ଫୁଲର ଖୁସ୍‌ବୁ', 'ବିଗତ ପ୍ରିୟାର ଗାଁ', 'ପୁରୀ ବେଳାଭୂମି', 'ତୁମ ପାଦଚିହ୍ନ ଚିହ୍ନି ଚିହ୍ନି', 'ଧୂପ' ଓ 'ଆମ ଗାଁ ଜହ୍ନରାତି' ଭଳି କବିତା ଅନୁଭବର ଏକ ଏକ ପବିତ୍ର ଦଲିଲ। ଅନେକ କବିତାରେ କବି ଗୀତି-ମାଧୁର୍ଯ୍ୟର ଯେଉଁ ଆବହ ତୋଳିଛନ୍ତି, ତାହା ଚିର ଅଭୁଲା। ଯଥା: "ଦେଇଗଲ ସିନା ପ୍ରୀତିର ବାରତା/ ଆଜି ମୋର ଏହି ମରମେ/ ତା' ନୀଳ ଆଖିର/ ଦରିଆରେ ବୁଡ଼ି/ ମରେ ମୁହିଁ ଆଜି ସରମେ।" (ଶ୍ରାବଣ ଗୋ ତୁମେ ସାକ୍ଷୀ)। ପୁସ୍ତକଟି ପ୍ରେମ ପରି ଶାଶ୍ୱତ, ଜୀବନ ପରି ଅଛିଣ୍ଡା।

## କାଳକାଳକୁ

"ବହି କିଛି କହିବାକୁ ଚାହେଁ।
ତୁମ ପାଖରେ ରହିବାକୁ ଚାହେଁ।
ତୁମେ କ'ଣ ଶୁଣିବ ନାହିଁ ବହିର କଥା?"

-ସଫଦର ହାସମୀ



**ସଫଦର ହାସମୀଙ୍କ** ଜନ୍ମ ୧୨ ଏପ୍ରିଲ୍ ୧୯୫୪ରେ ନୂଆଦିଲ୍ଲୀରେ ଓ ମୃତ୍ୟୁ ୨ ଜାନୁଆରୀ ୧୯୮୯ରେ, ମାତ୍ର ୩୪ ବର୍ଷ ବୟସରେ। ଭାରତର ଏହି ବାମପନ୍ଥୀ ନାଟ୍ୟକାର, ନାଟ୍ୟ ନିର୍ଦ୍ଦେଶକ ପଥପାର୍ଶ୍ୱ ନାଟକ ରଚନା ଓ ଅଭିନୟ ପାଇଁ ଦେଶର କୋଣ ଅନୁକୋଣରେ ବିଖ୍ୟାତ। ସେ ଏକାଧାରରେ ଲେଖକ, ଅଭିନେତା ଓ ନାଟ୍ୟତତ୍ତ୍ୱ ବିଶାରଦ। ଆଜି ବି ତାଙ୍କୁ ଭାରତୀୟ ରାଜନୈତିକ ନାଟ୍ୟଧାରାର ଜଣେ ପ୍ରମୁଖ ସ୍ୱର ଭାବେ ଗଣାଯାଏ। 'ଜନନାଟ୍ୟମଞ୍ଚ'ର ସେ ଥିଲେ ପ୍ରତିଷ୍ଠାତା ସଭ୍ୟ। ୧୯୮୯ରେ ଝଣ୍ଡାପୁରରେ 'ହଲ୍ଲାବୋଲ' ନାଟକର ପଥପ୍ରାନ୍ତ ପରିବେଷଣ କାଳରେ ତାଙ୍କୁ ହତ୍ୟା କରାଯାଏ।

## ଅପରାହ୍ଣର ଅବସୋସ

**ଲଘୁ ଗଳ୍ପ**

**ରାଜେଶ କୁମାର ବାରିକ**

ଅସହ୍ୟ ଗୁଳୁଗୁଳି ସାଙ୍ଗକୁ ବିଜୁଳି ବି କଟିଯାଇଛି। ହାତରେ ହାତପଙ୍ଖାଟିଏ ଧରି ବାରିପଟକୁ ଅମ୍ବିକା ଦେବୀ ଟିକେ ଗଛମୂଳକୁ ଯିବା ସମୟରେ ପଛ ପାଖରୁ ଡାକ ଶୁଭିଲା- ମାଆ! ମାଆ! ଇନ୍‌ଭର୍ଟରଟା ଅନ୍ କରିଦେଇଛି। ଆସନ୍ତୁ ଘର ଭିତରକୁ, ଏସିଟା ବି ଚାଲୁ କରିଦେବି। ତୁମେ ବାରିପଟକୁ ଆସିଥିଲ ବୋଲି ଯଦି ସାନବାବୁ ଜାଣିବେ ମୋର ଚାକିରି ପୂରା ଖାଇଯିବେ।

ଏକଥା ସାନବାବୁ ଜାଣିବେ କିପରି, ସିଏ ତୋତେ କେତେବେଳେ କହିଲା ମୁଁ କାଇଁ ଜାଣିପାରିଲି ନାହିଁ!

ତାଙ୍କୁ କିଏ କହିବ ବା! ଏଇ ଘରର ଚାରି ପାଖରେ କେମେରା ସବୁ ଖଞ୍ଜି ଦେଇଛନ୍ତି। ସେ କ'ଣ କେମେରାରୁ ଦେଖିପାରୁ ନ ଥିବେ। ଗତକାଲି ଫୋନ୍‌ରେ ଭିଡିଓ କରି କଥା ହେଉଥିଲେ। ବୋହୂମା', କୁନିଛୁଆ ସମସ୍ତେ କଥା ହେଉଥିଲେ। ବୋହୂମା' ଆଉ ସାନବାବୁଙ୍କର ସବୁବେଳେ ଖାଲି ଗୋଟିଏ କଥା ମା'ବାପାଙ୍କର ଯେପରି କିଛି ଅସୁବିଧା ନ ହୁଏ, ସବୁବେଳେ ଧ୍ୟାନ ଦେବୁ। ନ ହେଲେ ଜାଣିଥିବୁ ଆଉ...!

ସେମାନେ କେବେ ଆସିବେ କିଛି କହୁଥିଲେ କି? ଉତ୍ତର ମିଳିଲା ନାହିଁ। ଅମ୍ବିକା ଦେବୀ ଆଉ କିଛି କହିବା ପୂର୍ବରୁ ଶୁଣିବା ପାଇଁ କେହି ନ ଥିଲେ। ମନ ଭିତରର ଅସୁମାରି ପ୍ରଶ୍ନ ସବୁ ମନ ଭିତରେ ଖାଲି ଦବି ହୋଇ ରହିଯାଉଥାଏ। ହେଲେ ନିରୁପାୟ ଅମ୍ବିକା ଦେବୀ। କିଛି ଗୋଟିଏ ଶବ୍ଦ ଶୁଣି ହଠାତ୍ ଚମକି ପଡ଼ିଲେ, ଟିଭିର ସୁଇଚ୍‌ଟା ବୋଧେ ବନ୍ଦ ହୋଇ ନ ଥିଲା। ତା' ସାଙ୍ଗକୁ ଏ ପକ୍ଷାଘାତୀ ବୁଢ଼ାଟା ବିଛଣା ଉପରୁ ଆରମ୍ଭ କରିଦେଲା।

କେହି ଟିଭିଟା ବନ୍ଦ କରରେ, ଯେତେବେଳେ ଦେଖିବ ଦିନରାତି ଚବିଶ ଘଣ୍ଟା ଖାଲି ରାଉରାଉ ହେଉଛି।



ତାକୁ ତ ଟିକେ ଫୁର୍‌ସତ୍ ଦିଅ। ହେଇଟି ତୁମକୁ ଶୁଭୁଚି ନା ନାହିଁ। ପ୍ରଥମେ ଟିଭିଟା ବନ୍ଦ କରି ପାଣି ଗିଲାସେ ଆଣିଲ।

ଜୀବନର ଅପରାହ୍ଣରେ ଛିଡ଼ା ହୋଇଥିବା ଅମ୍ବିକା ଦେବୀ କିଛି ବି ଭାବି ପାରୁ ନ ଥିଲେ। ଏଇ ଟିଭି ତ ତାଙ୍କର ଏକମାତ୍ର ବଞ୍ଚିବାର ସାହାରା। ସେତକ ବି... ଛାଡ଼। ଚାଳଛପରରୁ ଶାନ୍ତି ମିଳିଲା ନାହିଁ ବୋଲି ଏସି ରୁମ୍ ତିଆରି କରାଗଲା। ଗାଁ ସ୍କୁଲରେ ଭଲ ପାଠ ପଢ଼ାଯାଉନାହିଁ ଭାବି ବିଦେଶୀ ସ୍କୁଲରେ ପାଠ ପଢ଼ାଗଲା। ଖାସ୍ ସେଇଥିପାଇଁ ତ ପୁଅ ବିଦେଶରେ ଥାଇ ମା'ବାପାଙ୍କର ଯତ୍ନ ନେଉଛି। ତା'ର କୁଆଡ଼େ ସମୟ ନାହିଁ!

ଅମ୍ବିକା ଦେବୀ ସ୍ୱାମୀଙ୍କ ହାତକୁ ପାଣିଗିଲାସ ବଢ଼ାଇ ଦେଇ କହିବାକୁ ଆରମ୍ଭ କରିଦେଲେ। ଜୀବନର ସବୁ ଖୁସିକୁ ଜଳାଞ୍ଜଳି ଦେଇ ପଇସା ରୋଜଗାର କଲ। ଛୁଆଟାକୁ ସମୟ ଦେଇପାରିଲ ନାହିଁ। ଏବେ ଛୁଆଟା ଗୋଟାପଣେ ତୁମରି ଗୁଣକୁ ଦେହରେ ଉତାରି ପକାଇଛି।

ଏସବୁ ତ ଖାଲି ତା'ରି ପାଇଁ ସାଇତି ରଖିଛି, ହେଲେ ସେ ମାନୁଛି କୋଉଠି। ପାକଳ ପତରଟିଏ, ଆଉବା କେତେଦିନ ଗଛଡାଳରେ ଝୁଲି ରହିବୁ। ଖାଲି ଟିକେ ପବନ ଲୋଡ଼ା। ଏଇ ଦେଖିପାରୁଛ, ପଶ୍ଚିମ ଆକାଶର ସୂର୍ଯ୍ୟକୁ, ପୂର୍ବାହ୍ଣର ତେଜ ଆଉ ତା' ଦେହରେ ନାହିଁ ଅପରାହ୍ଣରେ। ସିଏ ତ ପୁଣି କାଲି ସକାଳକୁ ଆସିଯିବ। ହେଲେ ଆମେ...! ଏତେ ପଇସା ଏତେ ସମ୍ମାନ ପାଖରେ ରଖି କରିବୁ କ'ଣ, ଯଦି ମରିବାବେଳକୁ ପୁଅ-ବୋହୂ, ନାତି-ନାତୁଣୀ ପାଖରେ ନ ରହିଲେ!

ଅମ୍ବିକା ଦେବୀ ନିଜ ପଣତରେ ସ୍ୱାମୀଙ୍କ ଲୁହକୁ ପୋଛି ଦେଇ କହିବାକୁ ଲାଗିଲେ- ହଁ, ଜୀବନରେ ଖାଲି ଏତିକି ତ ଅବସୋସ। ସେ କେବେ ପୂରା ହେବ ନାହିଁ।

ମୋ: ୯୯୩୮୬୨୨୩୩୬

ଧରିତ୍ରୀ 51 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଶନିବାର, ଏପ୍ରିଲ ୫/୨୦୨୫ Bhubaneswar, Saturday, April 5/ 2025

# ଲକ୍ଷ୍ନୌର ଦ୍ୱିତୀୟ ବିଜୟ



ଶଟ୍ ଖେଳିବା ଅବସରରେ ମିଚେଲ ମାର୍ଶ।

**ଲକ୍ଷ୍ନୌ,୪।୪**

ଚଳିତ ଆଇପିଏଲ୍‌ରେ ଶୁକ୍ରବାର ଖେଳାଯାଇଥିବା ମ୍ୟାଚରେ ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ (ଏଲ୍‌ଏସ୍‌ଜି) ୧୨ ରନରେ ମୁମ୍ବାଇ ଇଣ୍ଡିଆ (ଏମ୍‌ଆଇ)କୁ ପରାସ୍ତ କରିଛି। ଏହା ଲକ୍ଷ୍ନୌର ଚତୁର୍ଥ ମ୍ୟାଚରେ ଦ୍ୱିତୀୟ ବିଜୟ ହୋଇଥିବା ବେଳେ ମୁମ୍ବାଇ ଲାଗି ଏହା ଚତୁର୍ଥ ମ୍ୟାଚରେ ତୃତୀୟ ପରାଜୟ। ପ୍ରଥମେ ବ୍ୟାଟିଂ କରିଥିବା ଲକ୍ଷ୍ନୌ ୨୦ ଓଭରରେ ୮ ଉଇକେଟ ହରାଇ ୨୦୩ ରନ କରିଥିଲା। ଦଳ ପକ୍ଷରୁ ମାର୍ଶ ୩୧ ବଲରେ ୬୦ (୯ ଚୌକା ଓ ୨ ଛକା), ଏଡେନ ମାର୍କରାମ ୩୮ ବଲରେ ୫୩ (୨ ଚୌକା ଓ ୪ ଛକା), ଆୟୁଷ ବଦୋନୀ ୧୯ ବଲରେ ୩୦ (୪ ଚୌକା) ଓ ଡେଭିଡ ମିଲର ୧୩ ବଲରେ ୨୭ (୩ ଚୌକା ଓ ୧ ଛକା) ରନ କରିଥିଲେ। ମୁମ୍ବାଇ ପକ୍ଷରୁ ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟା ୫ ଉଇକେଟ ସଫଳତା ହାସଲ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଘ୍ନେଶ ପୁଥୁର ଓ ଅଶ୍ୱନୀ କୁମାର ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଜବାବରେ ମୁମ୍ବାଇ ଖୁବ ଶସ୍ତାରେ ଦୁଇ ଓପନରଙ୍କୁ ହରାଇଥିଲା। ନମନ ଧିର ଓ ସୂର୍ଯ୍ୟକୁମାର ଯାଦବ ତୃତୀୟ ଉଇକେଟରେ ୬୯ ରନ ଯୋଡ଼ିଥିଲେ। ବିସ୍ଫୋରକ ବ୍ୟାଟିଂ କରୁଥିବା ନମନ ୨୪ ବଲରେ ୪୬ (୪ ଚୌକା ଓ ୩ ଛକା) ରନ କରି ଆଉଟ ହୋଇଥିଲେ। ଏହାପରେ ତୀଲକ ବର୍ମାଙ୍କ ସହ ମିଶି ସୂର୍ଯ୍ୟକୁମାର ଦଳୀୟ ସ୍କୋରରେ ପଞ୍ଚମ ଉଇକେଟ ପାଇଁ ୬୬ ରନ ଯୋଡ଼ିଥିଲେ। ସୂର୍ଯ୍ୟକୁମାର ୪୩ ବଲରେ ୯ ଚୌକା ଓ ୧ ଛକା ସହିତ ୬୭ ରନ କରି ଆଉଟ ହୋଇଥିବା ବେଳେ ତୀଲକ ବର୍ମା ୨୩ ବଲରେ ୨୫ ରନ କରି ରିଟାୟର୍ଡ ଆଉଟ ହୋଇଥିଲେ। ଶେଷ ଆଡ଼କୁ ହାର୍ଦ୍ଦିକ ୧୬ ବଲରେ ୨ ଚୌକା ଓ ୧ ଛକା ସହିତ ୨୮ ରନ କରିଥିଲେ ମଧ୍ୟ ଦଳକୁ ଜିତାଇ ପାରିନଥିଲେ। ଲକ୍ଷ୍ନୌ ପକ୍ଷରୁ ଦିଗଭେଶ ସିଂ ରାଠୀ, ଆଭେଶ ଖାନ ଓ ଶାର୍ଦ୍ଦୂଳ ଠାକୁର ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ: ୨୦ ଓଭରରେ ୨୦୩/୮ (ମିଚେଲ ମାର୍ଶ-୬୦, ଏଡେନ ମାର୍କରାମ-୫୩, ଆୟୁଷ ବଦୋନୀ-୩୦, ହାର୍ଦ୍ଦିକ ପାଣ୍ଡ୍ୟା-୫/୩୬, ଟ୍ରେଣ୍ଟ ବୋଲ୍ଟ-୧/୨୮, ବିଘ୍ନେଶ ପୁଥୁର-୧/୩୧)। ମୁମ୍ବାଇ ଇଣ୍ଡିଆନ୍ସ: ୨୦ ଓଭରରେ ୧୯୧/୫ (ସୂର୍ଯ୍ୟକୁମାର ଯାଦବ-୬୭, ନମନ ଧିର-୪୬, ହାର୍ଦ୍ଦିକ ପାଣ୍ଡ୍ୟା-୨୮, ଦିଗଭେଶ ସିଂ ରାଠୀ-୧/୨୧, ଆଭେଶ ଖାନ-୧/୪୦, ଶାର୍ଦ୍ଦୂଳ ଠାକୁର-୧/୪୦)।

**ଆଇପିଏଲ୍ କାର୍ଯ୍ୟସୂଚୀ**

(ଆଜିର ମ୍ୟାଚ)

**ଚେନ୍ନାଇ ବନାମ ଦିଲ୍ଲୀ**

ସ୍ଥାନ: ଚେନ୍ନାଇ
ସମୟ: ଅପରାହ୍ଣ ୩.୩୦

**ପଞ୍ଜାବ ବନାମ ରାଜସ୍ଥାନ**

ସ୍ଥାନ: ଚଣ୍ଡିଗଡ଼
ସମୟ: ସନ୍ଧ୍ୟା ୭.୩୦

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ ହାର |
|---|---|---|---|---|---|
| ପଞ୍ଜାବ କିଙ୍ଗ୍ସ | ୨ | ୨ | ୦ | ୪ | +୧.୪୮୫ |
| ଦିଲ୍ଲୀ କ୍ୟାପିଟାଲ୍ସ | ୨ | ୨ | ୦ | ୪ | +୧.୩୨୦ |
| ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ | ୩ | ୨ | ୧ | ୪ | +୧.୧୪୯ |
| ଗୁଜରାଟ ଟାଇଟନ୍ସ | ୩ | ୨ | ୧ | ୪ | +୦.୮୦୭ |
| କୋଲକାତା ନାଇଟ ରାଇଡର୍ସ | ୪ | ୨ | ୨ | ୪ | +୦.୦୭୦ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୪ | ୨ | ୨ | ୪ | +୦.୦୪୮ |
| ମୁମ୍ବାଇ ଇଣ୍ଡିଆନ୍ସ | ୪ | ୧ | ୩ | ୨ | +୦.୧୦୮ |
| ଚେନ୍ନାଇ ସୁପର କିଙ୍ଗ୍ସ | ୩ | ୧ | ୨ | ୨ | -୦.୭୭୧ |
| ରାଜସ୍ଥାନ ରୟାଲ୍ସ | ୩ | ୧ | ୨ | ୨ | -୧.୧୧୨ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୪ | ୧ | ୩ | ୨ | -୧.୬୧୨ |



ପୁରୀରେ ଅନୁଷ୍ଠିତ ଜାତୀୟ ଖୋ ଖୋ ଚାମ୍ପିୟନ୍‌ଶିପ୍‌ରେ ପୁରୁଷ ବିଭାଗ ଚାମ୍ପିୟନ ରେଲ୍‌ୱେ ଦଳର ଖେଳାଳିମାନେ ଅତିଥିଙ୍କ ଗହଣରେ।

## ବିହାରରେ ଇସ୍ପୋର୍ଟ୍ସର ପଦାର୍ପଣ

**ନୂଆଦିଲ୍ଲୀ,୪।୪(ଏପି):** ଆସନ୍ତା ମେ’ ୪ରୁ ୧୫ ତାରିଖ ପର୍ଯ୍ୟନ୍ତ ବିହାରରେ ହେବାକୁ ଥିବା ଖେଲୋ ଇଣ୍ଡିଆ ୟୁଥ ଗେମ୍ସ (କେଆଇୱାଇଜି)ରେ ଇସ୍ପୋର୍ଟ୍ସ ପଦାର୍ପଣ କରିବ। ତେବେ ଏହା ପ୍ରଦର୍ଶନୀ ସ୍ପୋର୍ଟ୍ସ ଭାବେ ସ୍ଥାନ ପାଇବ। ଖେଲୋ ଇଣ୍ଡିଆର ସପ୍ତମ ସଂସ୍କରଣ କେଆଇୱାଇଜି ୨୦୨୫ ବିହାରର ୫ଟି ସହର ପାଟନା, ରାଜଗିର, ଗୟା, ଭାଗଲପୁର ଓ ବେଗୁସରାଇରେ ଅନୁଷ୍ଠିତ ହେବ। ନୂଆଦିଲ୍ଲୀରେ ଶୁଟିଂ, ଜିମ୍ନାଷ୍ଟିକ୍ସ ଓ ସାଇକ୍ଲିଂର ଟ୍ରାକ ଇଭେଣ୍ଟ ହେବ। ‘ବିହାରର ୫ଟି ସହରରେ ହେବାକୁ ଥିବା ଖେଲୋ ଇଣ୍ଡିଆ ୟୁଥ ଗେମ୍ସ ୨୦୨୫ରେ ଇସ୍ପୋର୍ଟ୍ସ ପ୍ରଦର୍ଶନୀ ସ୍ପୋର୍ଟ ଭାବେ ପଦାର୍ପଣ କରିବ। ଏହି ପ୍ରତିଯୋଗିତାରେ ୨୭ ପ୍ରତିଦ୍ୱନ୍ଦ୍ୱିତାମୂଳକ ଓ ଗୋଟିଏ ପ୍ରଦର୍ଶନୀ ସ୍ପୋର୍ଟ ଭାବେ ଇସ୍ପୋର୍ଟ୍ସ ସାମିଲ ରହିଛି ବୋଲି କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ମନସୁଖ ମାଣ୍ଡବ୍ୟ କହିଛନ୍ତି। ଉଲ୍ଲେଖଯୋଗ୍ୟ, ଜାକର୍ତ୍ତା ଓ ପାଲେମ୍ବାଙ୍ଗରେ ଅନୁଷ୍ଠିତ ୨୦୧୮ ଏସିଆନ ଗେମ୍ସରେ ଇସ୍ପୋର୍ଟ୍ସକୁ ଏକ ପ୍ରଦର୍ଶନୀ କ୍ରୀଡ଼ା ଭାବେ ସାମିଲ କରାଯାଇଥିଲା। ୨୦୨୨ ହାଙ୍ଗଝୋ ଏସିଆନ ଗେମ୍ସରେ ଏକ ପଦକ ଇଭେଣ୍ଟ ଭାବେ ପଦାର୍ପଣ କରିଥିଲା।

## ହିତେଶ ଟାଇଟଲ ରାଉଣ୍ଡରେ

**ନୂଆଦିଲ୍ଲୀ, ୪।୪(ପି.ଟି.)**

ଜାତୀୟ ଚାମ୍ପିୟନ ହିତେଶ ଚଳିତ ବିଶ୍ୱ ବକ୍ସିଂ କପ୍ ବ୍ରାଜିଲ-୨୦୨୫ ଫାଇନାଲରେ ପ୍ରବେଶ କରିଛନ୍ତି। ୭୦ କେଜି ଶ୍ରେଣୀ ସେମିଫାଇନାଲ ବାଉଟ୍‌ରେ ସେ ଫ୍ରାନ୍ସର ମାକନ ଟ୍ରେଓରଙ୍କୁ ୫-୦ରେ ପରାସ୍ତ କରିଛନ୍ତି। ଭାରତୀୟ ବକ୍ସର ଆରମ୍ଭରୁ ଅଲିମ୍ପିଆନ୍ ଟ୍ରେଓରଙ୍କ ବିପକ୍ଷରେ ସତର୍କତା ରଣନୀତି ଅବଲମ୍ବନ କରିଥିଲେ। ପ୍ରତିଆକ୍ରମଣ ପାଇଁ ସେ ସୁଯୋଗ ଅପେକ୍ଷାରେ ରହୁଥିଲେ। ଟାଇଟଲ ମୁକାବିଲାରେ ସେ ଇଂଲଣ୍ଡର ଓଡେଲ କାମାରାଙ୍କୁ ଭେଟିବେ। ପ୍ରତିଯୋଗିତାରେ ଭାଗ ନେଇଥିବା ଅନ୍ୟ ଭାରତୀୟ ଯଦୁମଣି ସିଂ ମାନ୍‌ଦେଙ୍ଗବାମ୍ ୨୨ ବର୍ଷରୁ କମ୍ ପୂର୍ବତନ ଏସିଆନ୍ ଚାମ୍ପିୟନ ଉଜ୍‌ବେକିସ୍ତାନର ଏସିଲ୍‌ବେକ୍ ଜଲିଲୋଭଙ୍କୁ ଭେଟିଥିଲେ। ୫୦ କେଜି ଶ୍ରେଣୀର ଏହି ବାଉଟ୍‌ରେ ସେ ୨-୩(ବିଭାଜିତ ରାୟ)ରେ ପରାଜିତ ହୋଇଥିଲେ।

## ଜୟସ୍ୱାଲଙ୍କୁ ରାହାନେ ଦଣ୍ଡିତ କରିବା ଭିଡିଓ ଭାଇରାଲ

**ନୂଆଦିଲ୍ଲୀ,୪।୪**

ସାଉଥ ଜୋନ ବିପକ୍ଷ ୨୦୨୨ ଦୁଲୀପ ଟ୍ରଫି ଫାଇନାଲରେ ଶୃଙ୍ଖଳାଗତ କାରଣରୁ ଯଶସ୍ୱୀ ଜୟସ୍ୱାଲଙ୍କୁ ୱେଷ୍ଟ ଜୋନ ଦଳର ଅଧିନାୟକ ଅଜିଙ୍କ୍ୟ ରାହାନେ ଦଣ୍ଡିତ କରିଥିଲେ। ମୁମ୍ବାଇ ଛାଡ଼ି ଆଗାମୀ ଘରୋଇ ସିଜନରେ ଗୋଆ ପାଇଁ ଖେଳିବାକୁ ନିଷ୍ପତ୍ତି ନେବା ପରେ ଉକ୍ତ ଘଟଣାର ଭିଡିଓ ଭାଇରାଲ ହୋଇଛି। ଭିଡିଓରେ ଦେଖିବାକୁ ମିଳୁଛି ଯେ, ୱେଷ୍ଟ ଜୋନ ପାଇଁ ରାହାନେଙ୍କ ନେତୃତ୍ୱରେ ଖେଳୁଥିବା ବେଳେ ଜୟସ୍ୱାଲ ପ୍ରତିପକ୍ଷ ସାଉଥ ଜୋନ ଦଳର ବ୍ୟାଟର ନିର୍ଦ୍ଦିଷ୍ଟ ଭାବେ ଟି ରବି ତେଜାଙ୍କୁ ଆଗ୍ରେସିଭ ସ୍ଲେଜିଂ କରିଥିଲେ। ଏଥିଯୋଗୁ ଅନ୍ତିମ ଇନିଂସର ୫୦ତମ ଓଭରରେ ଜୟସ୍ୱାଲ ଓ ତେଜାଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ବାଧ ହୋଇ ଫିଲ୍ଡିଂ ଦଳର ଅଧିନାୟକ ରାହାନେ ଓ ଫିଲ୍ଡ ଅମ୍ପାୟରଙ୍କୁ ହସ୍ତକ୍ଷେପ କରିବାକୁ ପଡ଼ିଥିଲା। ରାହାନେ ୨୦ ବର୍ଷୀୟ ଜୟସ୍ୱାଲଙ୍କୁ ଶାନ୍ତ କରିବାକୁ ଉଦ୍ୟମ କରିଥିଲେ। ଏହାସତ୍ତ୍ୱେ ଜୟସ୍ୱାଲ ସ୍ଲେଜିଂ ଜାରି ରଖିଥିଲେ। ଫଳରେ ରାହାନେ ବାଧ ହୋଇ ଜୟସ୍ୱାଲଙ୍କୁ ଗ୍ରାଉଣ୍ଡରୁ ବାହାରକୁ ପଠାଇ ଦେଇଥିଲେ।




4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ